

ମେସିଙ୍କ
ଡବଲ ଗୋଲ୍
▶ ଖେଳ ପୃଷ୍ଠା ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-44 ♦FRIDAY ♦7 AUGUST 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୪୪ ♦ଶୁକ୍ରବାର ♦୭ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ତରୁଣ ତେଜପାଲଙ୍କୁ ୧୦ ବର୍ଷ ଜେଲ୍




■ ପାଣାଜୀ, ୬।୮ (ଏଜେନ୍ସି): ୨୦୧୩ ମସିହାର ବହୁଚର୍ଚ୍ଚିତ ଯୌନ ନିର୍ଯାତନା ମାମଲାରେ 'ତେହେଲକା'ର ପ୍ରତିଷ୍ଠାତା ତରୁଣ ତେଜପାଲଙ୍କୁ ବମ୍ବେ ହାଇକୋର୍ଟ ଆଜି ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷର ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି । ୨୦୨୧ ମସିହାରେ ନିମ୍ନ ଅଦାଲତ ଦେଇଥିବା 'ନିର୍ଦ୍ଦୋଷରେ ଖଲାସ' ରାୟକୁ ରଦ୍ଦ କରି ହାଇକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଶୁଣାଇବା ସହ ତେଜପାଲଙ୍କୁ ଆଗାମୀ ଦୁଇ ସପ୍ତାହ ମଧ୍ୟରେ ଗୋଆ ପୋଲିସ ନିକଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଚାରପତି ଡକ୍ଟର ନୀଲା ଗୋଖଲେ ଏବଂ ଅମିତ ଜାମସନ୍ଦେକରଙ୍କୁ ନେଇ ଗଠିତ ଖଣ୍ଡପୀଠ ତେଜପାଲଙ୍କୁ ଭାରତୀୟ ଦଣ୍ଡ ସଂହିତାର ବିଭିନ୍ନ ଧାରାରେ ଦୋଷୀ ସାବ୍ୟସ୍ତ କରିଛନ୍ତି । କ୍ଷମତା ଓ ବିଶ୍ୱାସର ଅପବ୍ୟବହାର କରି ଦୁଷ୍କର୍ମ କରିବା (ଧାରା ୩୭୬(୨)(ଫ)) ଏବଂ ଅନ୍ୟାନ୍ୟ ଯୌନ ନିର୍ଯାତନା ଧାରାରେ ତାଙ୍କୁ ୧୦ ବର୍ଷର କାରାଦଣ୍ଡ ସହ ୧୦ ଲକ୍ଷ ଟଙ୍କାର ଜରିମାନା ଆଦାୟ ପାଇଁ ଆଦେଶ ଦିଆଯାଇଛି । ସମସ୍ତ ସଜା ଏକ ସମୟରେ ଚାଲିବାକୁ ଥିବାରୁ ତେଜପାଲଙ୍କୁ ମୋଟ ୧୦ ବର୍ଷ ଜେଲରେ ବିତାଇବାକୁ ପଡ଼ିବ ।

ଏହି ମାମଲା ୨୦୧୩ ମସିହା ନଭେମ୍ବର ମାସର । ଗୋଆର ଏକ ପଞ୍ଚତାରକା ହୋଟେଲରେ 'ତେହେଲକା' ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମ ସମୟରେ ତେଜପାଲ ଲିଫ୍ଟ ଭିତରେ ନିଜର ଜଣେ ସହକର୍ମୀ ଯୁବତୀଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା । ▶ପୃଷ୍ଠା-୭

**ଦୁଷ୍କର୍ମ ମାମଲା**

## ଆଶାରାମଙ୍କୁ ଜାମିନ୍ ଦେଲେନି ସୁପ୍ରିମକୋର୍ଟ



■ ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ନାବାଳିକା ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଆଶାରାମଙ୍କ ମଧ୍ୟବର୍ତ୍ତୀକାଳୀନ ଜାମିନ ଆବେଦନକୁ ସୁପ୍ରିମକୋର୍ଟ ଆଜି ଖାରଜ କରିଦେଇଛନ୍ତି । ତେବେ ଡାକ୍ତରୀ ରିପୋର୍ଟ ଆଧାରରେ ଜେଲ୍ ଭିତରେ ତାଙ୍କର ଯତ୍ନ ନେବାପାଇଁ ୨୪ ଘଣ୍ଟିଆ ପ୍ରଶିକ୍ଷିତ କେୟାରଟେକର ରଖିବାକୁ ଅଦାଲତ ଅନୁମତି ଦେଇଛନ୍ତି । ବିଚାରପତି ଏମଏମ ସୁନ୍ଦରେଶ ଏବଂ ବିଚାରପତି ପିବି ଭରାଲେଙ୍କୁ ନେଇ ଗଠିତ ଖଣ୍ଡପୀଠ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ) ର ସ୍ୱାସ୍ଥ୍ୟ ପରୀକ୍ଷା ରିପୋର୍ଟକୁ ଆଧାର କରି ଏହି ଆଦେଶ ଦେଇଛନ୍ତି । ଏମ୍ସ ରିପୋର୍ଟରେ ଦର୍ଶାଯାଇଥିଲା ଯେ ଆଶାରାମଙ୍କୁ ଡାକ୍ତରଖାନାରେ ଭର୍ତ୍ତି ହେବାର ଆବଶ୍ୟକତା ନାହିଁ, ମାତ୍ର ଚିକିତ୍ସା ସହାୟତାର ଆବଶ୍ୟକତା ରହିଛି । ୨୦୧୩ ମସିହାରେ ଯୋଧପୁର ଆଶ୍ରମରେ ଜଣେ ନାବାଳିକାକୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଆଶାରାମଙ୍କୁ ଆଜୀବନ କାରାଦଣ୍ଡାଦେଶ ହୋଇଥିଲା । ରାଜସ୍ଥାନ ହାଇକୋର୍ଟ ଏହି ଦଣ୍ଡାଦେଶକୁ କାୟମ ରଖିବା ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେ ଜାମିନ ମାଗିଥିଲେ । ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଯଦି ଭବିଷ୍ୟତରେ ଆଶାରାମଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିଯାଏ, ତେବେ ସେ ପୁଣି ଥରେ ଜାମିନ ପାଇଁ ଅଦାଲତଙ୍କ ଦ୍ୱାରସ୍ଥ ହୋଇପାରିବେ ।

## ଚାନ୍ଦିପୁରରୁ ଅଗ୍ନି-୪ର ସଫଳ ପରୀକ୍ଷା

■ ବାଲେଶ୍ୱର, ୬।୮ (ସମିସ): ଭାରତ ନିଜର ସାମରିକ କ୍ଷମତାକୁ ଆହୁରି ସୁଦୃଢ଼ କରି ମଧ୍ୟମ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର 'ଅଗ୍ନି-୪'ର ସଫଳ ପରୀକ୍ଷା କରିଛି । ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁରସ୍ଥିତ ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜରୁ ଷ୍ଟ୍ରାଟେଜିକ୍ ଫୋର୍ସେସ୍ କମାଣ୍ଡ

**ଲକ୍ଷ୍ୟଭେଦ କ୍ଷମତା ୩,୦୦୦ କିମିରୁ ଅଧିକ**

ତତ୍ତ୍ୱାବଧାନରେ ଏହି ପରୀକ୍ଷା କରାଯାଇଛି । କ୍ଷେପଣାସ୍ତ୍ରଟି ସମସ୍ତ ପ୍ରମୁଖ ପ୍ରଯୁକ୍ତିଗତ ଓ କାର୍ଯ୍ୟକ୍ଷମତା ମାନଦଣ୍ଡରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିରକ୍ଷା ମନ୍ତ୍ରାଳୟ ସୂଚନା ଜାରି କରିଛି । 'ଅଗ୍ନି-୪' ହେଉଛି ଭାରତର ଏକ ଆଧୁନିକ ମଧ୍ୟମ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଓ ଏହାର ଲକ୍ଷ୍ୟଭେଦ କ୍ଷମତା ୩୦୦୦ କିଲୋମିଟରରୁ ଅଧିକ ।

ପ୍ରତିରକ୍ଷା ମନ୍ତ୍ରଣାଳୟ ସୂତ୍ର ଅନୁସାରେ 'ଅଗ୍ନି-୪'ରେ ପଞ୍ଚମ ପିଢ଼ିର ଅନ୍‌ବୋର୍ଡ କମ୍ପ୍ୟୁଟର, ଅତ୍ୟାଧୁନିକ ଏଭିଓନିକ୍ସ ସିଷ୍ଟମ୍ ଏବଂ ସ୍ୱୟଂଚାଳିତ ଉଡ଼ାଣ ନିୟନ୍ତ୍ରଣ ବ୍ୟବସ୍ଥା ସଂଯୋଜନ କରାଯାଇଛି । ଉଡ଼ାଣ ସମୟରେ କୌଣସି ବାଧା କିମ୍ବା ବିଚ୍ୟୁତି ଦେଖାଦେଲେ କ୍ଷେପଣାସ୍ତ୍ରଟି ନିଜେ ତାହାକୁ ଚିହ୍ନଟ କରି ମାର୍ଗ ସଂଶୋଧନ କରିପାରିବ । ଏହି ବୈଶିଷ୍ଟ୍ୟ ଏହାକୁ




ଭାରତର ସବୁଠାରୁ ବିଶ୍ୱସନୀୟ ରଣନୈତିକ କ୍ଷେପଣାସ୍ତ୍ରମାନଙ୍କ ମଧ୍ୟରେ ସ୍ଥାନ ଦେଇଛି । ଏଥିରେ ରିଙ୍ଗ୍ ଲେଜର ଜାଇରୋ ଆଧାରିତ ଇନର୍ସିଆଲ୍ ନାଭିଗେସନ୍ ସିଷ୍ଟମ୍ ଏବଂ ମାଇକ୍ରୋ ନାଭିଗେସନ୍ ସିଷ୍ଟମ୍ ବ୍ୟବହାର କରାଯାଇଛି । 'ଅଗ୍ନି-୪'ର ଆଉ ଏକ ବିଶେଷ ଦିଗ ହେଉଛି ଏହାର ରି-ଏଣ୍ଟ୍ରି ହିଟ୍ ସିଲ୍ଡ । ଲକ୍ଷ୍ୟ ଅଞ୍ଚଳକୁ ପୁନଃ ପ୍ରବେଶ ସମୟରେ କ୍ଷେପଣାସ୍ତ୍ରର ▶ପୃଷ୍ଠା-୭

**ସୀମା ନିର୍ଦ୍ଧାରଣ ସାଙ୍ଗକୁ ଏଫ୍‌ସିଆର୍‌ଏ ବିଲ୍**

# ଅକଳରେ କେନ୍ଦ୍ର ସରକାର

■ ନୂଆଦିଲ୍ଲୀ, ୬।୮ (ଏଜେନ୍ସି): କକ୍ରୋଚ୍ ଆନ୍ଦୋଳନକାରୀଙ୍କ ଉପରେ ପୁଲିସର ବର୍ବରତା ଏବଂ ରାମ ମନ୍ଦିର ଚାନ୍ଦା ।।ଚୋରି ପ୍ରସଙ୍ଗକୁ ନେଇ ସଂସଦରେ ବିରୋଧୀ ଦଳ ହଙ୍ଗାମା ଅବ୍ୟାହତ ରଖିଥିବା ବେଳେ ସରକାର ।।ପ୍ରଶ୍ନପତ୍ର ଲିକ୍, ବନ୍ଦେ ମାତରମ ଏବଂ ସୁପ୍ରିମ କୋର୍ଟରେ ବିଚାରପତି ସଂଖ୍ୟା ବୃଦ୍ଧି ସଂକ୍ରାନ୍ତ କେତେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାସ୍ କରାଇ ।।ନେଇଛନ୍ତି । ଏହାସହିତ ସରକାର ଆଉ ଦୁଇଟି ବିଲ୍ ପାସ୍ କରାଇବାକୁ ମଧ୍ୟ ଉଦ୍ୟମ ଚଳାଇଛନ୍ତି । ଏହି ଦୁଇଟି ବିଲ ହେଲା ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ ବିଲ-ମହିଳା ଆରକ୍ଷଣ ବିଲ୍ ଏବଂ ବୈଦେଶିକ ଅନୁଦାନ ନିୟନ୍ତ୍ରଣ ସଂଶୋଧନ ବିଲ୍ (ଏଫ୍‌ସିଆରଏ) ୨୦୨୬ । ଯେଉଁ ଦଳ ସୀମା ନିର୍ଦ୍ଧାରଣ-ମହିଳା ଆରକ୍ଷଣ ବିଲ୍ ସପକ୍ଷରେ ଅଛନ୍ତି ସେମାନେ ଏଫ୍‌ସିଆରଏ ବିଲକୁ ଦୃଢ଼ ବିରୋଧ କରୁଛନ୍ତି । ଏପରିକି ବିଜେପିର ଅନେକ ସହଯୋଗୀ ଦଳ ମଧ୍ୟ ଏହାର ଦୃଢ଼ ବିରୋଧ କରୁଛନ୍ତି । ଏହାକୁ ନେଇ କେନ୍ଦ୍ର ସରକାର ଅକଳରେ ପଡ଼ିଯାଇଛନ୍ତି । ଏଥିରୁ ଉଦ୍ଧାର ପାଇବା ଲାଗି ସରକାର ବିରୋଧୀ ଦଳର ନେତାମାନଙ୍କୁ ଭେଟି ବିଚାର ଆଲୋଚନା ଚଳାଇଛନ୍ତି । ସୀମା ନିର୍ଦ୍ଧାରଣ-ମହିଳା ଆରକ୍ଷଣ ସମ୍ବିଧାନ ସଂଶୋଧନ ବିଲ୍ ହୋଇଥିବାରୁ ଏହାକୁ ଅନୁମୋଦନ କରିବାକୁ ହେ ।।ଲେ ଦୁଇ ତୃତୀୟାଂଶ



- ରାହୁଲଙ୍କୁ ପୁଣି ଭେଟିଲେ ରିଜିଜୁ
- ଷ୍ଟାଲିନ, ଶରଦଙ୍କୁ ମନାଇବାକୁ ପ୍ରୟାସ
- ଅସନ୍ତୋଷ ଜଣାଇଲା ଟିଡ଼ିପି

ସାଂସଦଙ୍କ ସମର୍ଥନ ଦରକାର । ସରକାର ପାଖରେ ଏହି ସଂଖ୍ୟା ନଥିବାରୁ ଡିଏମକେ ନେତା ଷ୍ଟାଲିନ ଏବଂ ଏନସିପି-ଶରଦ ମୁଖ୍ୟ ଶରଦ ପାୱାରଙ୍କ ସହ କଥାବାର୍ତ୍ତା ଚଳାଇଛନ୍ତି । କେବଳ ଏତିକି ନୁହେଁ, କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏସଂପର୍କରେ ଗତ ଦୁଇ ଦିନରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କୁ ଦୁଇ ଥର ଭେଟି ଆଲୋଚନା କଲେଣି । କିନ୍ତୁ ସେ ସମର୍ଥନ ଦେବାକୁ ରୋକଠୋକ ଭାବେ ମନା କରିଦେଇଛନ୍ତି । ତେବେ ପରିବର୍ତ୍ତିତ ରାଜନୈତିକ ସମୀକରଣ ପରିପ୍ରେକ୍ଷୀରେ ଡିଏମକେ ଏବଂ ଏନସିପି-ଶରଦର ସାଂସଦଙ୍କ ସମର୍ଥନ ମିଳିଲେ ସରକାର ଏହାର ଅନୁମୋଦନ କରାଇନେବେ । ତେ ।।ବେ ଏଥିରେ ଯେଉଁ ପ୍ରସଙ୍ଗଟି କଣ୍ଟା ସାଜିଛି ତାହାହେଲା ବୈଦେଶିକ ଅନୁଦାନ ନିୟନ୍ତ୍ରଣ ସଂଶୋଧନ ବିଲ୍ । ବିଦେଶୀ ଅନୁଦାନରେ ପରିଚାଳିତ ଖ୍ରୀଷ୍ଟିୟାନ ଏବଂ ଅନ୍ୟ ସଂଖ୍ୟାଲଘୁ ସଂପ୍ରଦାୟର ଅନୁଷ୍ଠାନ ଉପରେ ଅଙ୍କୁଶ ଲଗାଇବା ଲାଗି ଉଦ୍ଦିଷ୍ଟ ଏହି ବିଲରେ ସରକାର ଏଭଳି ବ୍ୟବସ୍ଥା ରଖିଛନ୍ତି, ଯାହାଦ୍ୱାରା ଏହିସବୁ ଅନୁଷ୍ଠାନ ବନ୍ଦ ହୋଇଯିବ । ଏମିତି ହେଲେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଲାଭ ପାଉଥିବା ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହେବେ । ଏହି ବିଲକୁ ନେଇ ବିଭିନ୍ନ ସଂଖ୍ୟାଲଘୁ ଅନୁଷ୍ଠାନ କ୍ଷୁବ୍ଧ ହୋଇଥିବା ବେଳେ ଅନେକ ରାଜନୈତିକ ଦଳ ସେମାନଙ୍କୁ ଅସନ୍ତୁଷ୍ଟ କରିବାକୁ ଚାହାନ୍ତି ନାହିଁ । ତେଣୁ ଏହି ବିଲ୍ ପାଇଁ ସରକାର ଜିଦ୍ ଧରିଲେ ସେମାନେ ସୀମା ନିର୍ଦ୍ଧାରଣ ବିଲକୁ ସମର୍ଥନ କରିବେ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି । କେବଳ ଡିଏମକେ ନୁହେଁ, ଟିଡ଼ିପି ଭଳି ବିଜେପିର ଅନେକ ସହଯୋଗୀ ଦଳ ମଧ୍ୟ ଏହାକୁ ବିରୋଧ କରୁଛନ୍ତି ।

ବୈଦେଶିକ ଅନୁଦାନ ନିୟନ୍ତ୍ରଣ ▶ପୃଷ୍ଠା-୭

## ବିକ୍ରି ହେଲା ଏଲ୍‌ଆଇସି ଅଂଶଧନ

■ ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ବିକ୍ରି ହୋଇଛି ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ଅଂଶଧନ । ଅଫର ଫର୍ ସେଲ୍ (ଓଏଫ୍‌ଏସ୍) ଜରିଆରେ ବୀମା କମ୍ପାନୀର ୬.୫% ଅଂଶଧନ ବିକ୍ରି କରିଛନ୍ତି କେନ୍ଦ୍ର ସରକାର । ସୂଚନାଯୋଗ୍ୟ ଯେ, ଏ ପର୍ଯ୍ୟନ୍ତ ଏଲ୍‌ଆଇସିରେ ସରକାରଙ୍କର ୯୬.୫% ଅଂଶଧନ ରହିଥିଲା, ଯେତେବେଳେ କି ସର୍ବସାଧାରଣଙ୍କର କେବଳ




୩.୫% ଅଂଶଧନ ଥିଲା । ଓଏଫ୍‌ଏସ୍‌ରେ ୩୧,୫୫୨ କୋଟି ଟଙ୍କା ମୂଲ୍ୟର ମୋଟ ୮୨ କୋଟିରୁ ଅଧିକ ସେୟାର ଆବଣ୍ଟିତ କରାଯାଇଥିଲା । ତେବେ ଏଲ୍‌ଆଇସିରେ ଥିବା ସରକାରଙ୍କ ଅଂଶଧନକୁ ବଡ଼ ରିଆତି ମୂଲ୍ୟରେ ବିକ୍ରି କରାଯାଇଥିବା ଜଣାପଡିଛି । ବିକ୍ରି ପାଇଁ ସରକାର ଆଣିଥିବା ଏହି ଅଫର ଫର୍ ସେଲ୍‌କୁ ବମ୍ପର ସବସ୍କ୍ରିପସନ ମିଳିଛି । ହେଲେ ଅଂଶଧନ ବିକ୍ରି ପରେ ଏଲ୍‌ଆଇସିର ସେୟାର ମୂଲ୍ୟରେ ୯% ହ୍ରାସ ଘଟିଛି । ଅଫର ଫର୍ ସେଲ୍‌ରେ ଏଲ୍‌ଆଇସିର ସେୟାର ପିଛା ମୂଲ୍ୟ ୩୮୨ ଟଙ୍କା ଧାର୍ଯ୍ୟ କରାଯାଇଥିଲା, ଯେତେବେଳେ କି ଓଏଫ୍‌ଏସ୍ ଘୋଷଣା ପୂର୍ବରୁ ଏହାର ସେୟାର ପିଛା ମୂଲ୍ୟ ୪୨୮.୫୦ ଟଙ୍କା ରହିଥିଲା । ଏଥିରୁ ସ୍ପଷ୍ଟ ଭାବେ ଜଣାପଡୁଛି ଯେ, ସରକାର

- ୧୦.୯% କମ୍ ମୂଲ୍ୟରେ ବିକ୍ରି
- ସର୍ବସାଧାରଣଙ୍କ ମାଲିକାନା ୧୦%କୁ ବୃଦ୍ଧି
- ଖସିଲା ସେୟାର ମୂଲ୍ୟ

ଏଲ୍‌ଆଇସିର ଅଂଶଧନକୁ ୧୦.୯% କମ୍ ମୂଲ୍ୟରେ ବିକ୍ରି କରିଛନ୍ତି । ଏହି ସେଲ୍ ଜରିଆରେ ସରକାରଙ୍କୁ ୩୧,୫୫୨ କୋଟିରୁ ଅଧିକ ଟଙ୍କାର ରାଜସ୍ୱ ମିଳିଛି । ଏଲ୍‌ଆଇସି ଅଂଶଧନ ବିକ୍ରି ପାଇଁ ପ୍ରସ୍ତାବିତ ଓଏଫ୍‌ଏସ୍ ଦୁଇ ଦିନ ମଧ୍ୟରେ ସମାପ୍ତ ହୋଇଛି । ପ୍ରାରମ୍ଭରେ କମ୍ପାନୀର ୨.୫% ଅଂଶଧନ ବ୍ରିକି ଯୋଜନା ରଖାଯାଇଥିବାବେଳେ ପରେ ଏହାକୁ ୬.୫% ଯାଏ ବୃଦ୍ଧି କରାଯାଇଛି । ସୂଚନାଯୋଗ୍ୟ ଯେ, ଶେଷ ପର୍ଯ୍ୟନ୍ତ ସରକାର ଏଲ୍‌ଆଇସିରୁ କେତେକ ପ୍ରତିଶତ ଅଂଶଧନ ବିକ୍ରି ▶ପୃଷ୍ଠା-୭

## ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟସାରା ବର୍ଷା

■ ଭୁବନେଶ୍ୱର, ୬।୮ (ସମିସ): ଉତ୍ତର ବଙ୍ଗୋପସାଗର ଉପରେ ରହିଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ବୁଧବାର ରାତିଠାରୁ ବର୍ଷାର ପ୍ରଭାବ ଆରମ୍ଭ ହୋଇଥିବା ବେଳେ ଭୁବନେଶ୍ୱରରେ ରାତିସାରା ବର୍ଷା ହୋଇଛି । ଏହା ପ୍ରଭାବରେ ଗୁରୁବାର ଭୁବନେଶ୍ୱରର ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି । ପାଣିପାଗ କେନ୍ଦ୍ରର ତଥ୍ୟ ଅନୁଯାୟୀ ଗତ ୩୬ ଘଣ୍ଟାରେ ଭୁବନେଶ୍ୱରରେ ସର୍ବାଧିକ ୧୧୭ ମିମି ବର୍ଷା ରେକର୍ଡ ହୋଇଛି । ବାଲେଶ୍ୱର ୫୦, କଟକ ୫୪, ଚାନ୍ଦବାଲି ୪୧, ପୁରୀ ୩୦, ଅନୁଗୁଳ ୩୫, ସମ୍ବଲପୁର ୪୬, ସୁନ୍ଦରଗଡ଼ ୨୪, ନୟାଗଡ଼ ୩୬, ଯାଜପୁର ୫୨ କେନ୍ଦ୍ରାପଡ଼ାରେ ୪୨ ଓ ଖୋରଧାରେ ୪୦ ମିମି ବର୍ଷା ରେକର୍ଡ ହୋଇଛି । ଏହି ସ୍ଥିତି ଶୁକ୍ରବାର ମଧ୍ୟ ଜାରି ରହିବ । ମୟୂରଭଞ୍ଜରେ ସବୁଠୁ ଅଧିକ ବର୍ଷା ହେବା ଆଶଙ୍କା ସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଚେତାବନୀ ଜାରି କରିଛି ।

## ୨୦୨୪-୨୫ରେ ଆଞ୍ଚଳିକ ରାଜନୈତିକ ଦଳଙ୍କୁ ମିଳିଛି ୧୦୫୧ କୋଟି ଚାନ୍ଦା

■ ଭୁବନେଶ୍ୱର, ୬।୮ (ସମିସ): ୨୦୨୪-୨୫ରେ ଦେଶର ବିଭିନ୍ନ ଆଞ୍ଚଳିକ ରାଜନୈତିକ ଦଳମାନଙ୍କୁ ମିଳିଛି ୧,୦୫୧.୫୫ କୋଟି ଚାନ୍ଦା । ନିର୍ବାଚନ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ଆସୋସିଏସନ ଫର୍ ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ପକ୍ଷରୁ ୨୦୨୩-୨୦୨୪ରୁ ୨୦୨୪-୨୦୨୫ ଆର୍ଥିକ ବର୍ଷ ପାଇଁ ପ୍ରକାଶିତ ରିପୋର୍ଟରେ ଏନେଇ ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇଛି ।

ପ୍ରକାଶିତ ରିପୋର୍ଟ ଅନୁଯାୟୀ ୪୦ଟି ଆଞ୍ଚଳିକ ଦଳ ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷରେ ୨୦ ହଜାର ଟଙ୍କାରୁ ଅଧିକ ମୂଲ୍ୟର ଯେଉଁ ଦାନ ଘୋଷଣା କରିଛନ୍ତି, ସେଥିରୁ ୮୭୨.୫୩୮ କୋଟି ଟଙ୍କା ଅର୍ଥାତ୍ ୬୨.୩୬ ପ୍ରତିଶତ ଅର୍ଥ କର୍ପୋରେଟ୍ ସଂସ୍ଥାମାନଙ୍କଠାରୁ ଆସିଛି । ସେହିପରି ବ୍ୟକ୍ତିଗତ ଦାତାମାନେ ମାତ୍ର ୧୯୩.୯୪୬ କୋଟି ଟଙ୍କା (୧୩.୮୬ ପ୍ରତିଶତ) ପ୍ରଦାନ କରିଛନ୍ତି ।

ରିପୋର୍ଟରେ ନିର୍ବାଚନ ଆୟୋଗ ନିକଟରେ ଦାଖଲ କରାଯାଇଥିବା ୬୭ଟି ଆଞ୍ଚଳିକ ଦଳ ମଧ୍ୟରୁ ୪୦ଟି ଦଳର ତଥ୍ୟକୁ ବିଶ୍ଳେଷଣ କରାଯାଇଛି । ଏଥିରେ ୨୦ ହଜାର ଟଙ୍କାରୁ ଅଧିକ ଦାନ, ଦାତାଙ୍କ ପ୍ରୋଫାଇଲ୍, କେଉଁ କ୍ଷେତ୍ରରୁ ଅର୍ଥ ଆସିଛି, ଦାନର ପଦ୍ଧତି, ରାଜ୍ୟଭିତ୍ତିକ ବଣ୍ଟନ ଏବଂ ପ୍ୟାନ୍ ନମ୍ବର ଉପଲବ୍ଧତା ଭଳି ବିଭିନ୍ନ ଦିଗକୁ ଖତିଆନ କରାଯାଇଛି ।

Association for Democratic Reforms

**ଡିଏମକେକୁ ସର୍ବାଧିକ ୩୬୫.୭୮ କୋଟି, ତୃଣମୂଳକୁ ୧୮୪ କୋଟି**

୨୦୨୪-୨୫ ଆର୍ଥିକ ବର୍ଷରେ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ୍.କେ ଷ୍ଟାଲିନଙ୍କ ନେତୃତ୍ୱାଧୀନ ଡିଏମ୍‌କେ ସର୍ବାଧିକ ଦାନ ପାଇଥିବା ଆଞ୍ଚଳିକ ଦଳ ହୋଇଛି । ଡିଏମକେ ୪୬୭ଟି ଦାନ ମାଧ୍ୟମରେ ୩୬୫.୭୮୪ କୋଟି ଟଙ୍କା ସଂଗ୍ରହ କରିଛି । ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଏଆଇଟିସି) ୧୮୪.୯୬ କୋଟି ଟଙ୍କା ଦାନ ପାଇଛି । ତୃତୀୟ ସ୍ଥାନରେ ୱାଇଏସ୍‌ଆର୍ କଂଗ୍ରେସ ୧୪୦ କୋଟି ଟଙ୍କା ପାଇଥିବା ବେଳେ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ୮୩ କୋଟି ଟଙ୍କା ସହ ଚତୁର୍ଥ ସ୍ଥାନରେ ରହିଛି । ସେହିପରି ଶୀର୍ଷ ୧୦ଟି ▶ପୃଷ୍ଠା-୭

**ଜନ୍ମମାଟିରେ ସୁଶାନ୍ତ ସିଂହଙ୍କୁ ଶ୍ରଦ୍ଧାଞ୍ଜଳି**

# ସେବା ଓ ପ୍ରତିବଦ୍ଧତା ପାଇଁ ସୁଶାନ୍ତ ସ୍ମରଣୀୟ ହୋଇରହିବେ: ନବୀନ

■ ସୋହେଲା, ୬।୮ (ସମିସ): ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସୁଶାନ୍ତ ସିଂଙ୍କ ଦ୍ୱାଦଶାହ ଅବସରରେ ସୋହେଲା ନିକଟସ୍ଥ ହଳଦିପାଲି ପଡ଼ିଆରେ ଗୁରୁବାର ଏକ ରାଜ୍ୟସ୍ତରୀୟ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି । ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରରୁ ହଜାର ହଜାର ନେତା, କର୍ମୀ ଓ ସୁଶାନ୍ତ ସିଂଙ୍କ ଅନୁଗାମୀ ଯୋଗଦେଇ ତାଙ୍କ ପ୍ରିୟ ନେତାଙ୍କ ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ବରଗଡ଼ ଜିଲ୍ଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ଓ ସୁବ୍ରତ ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତା ପାଠ କରିଛନ୍ତି ।







- ଦଳର ବହୁ ବରିଷ୍ଠ ନେତା ଓ ବିଭିନ୍ନ ଜିଲ୍ଲାରୁ ହଜାର ହଜାର କର୍ମୀଙ୍କ ଯୋଗଦାନ
- ସମ୍ବଲପୁରୀ ଭାଷାରେ ଶ୍ରଦ୍ଧାସୁମନ ଅର୍ପଣ କଲେ ଦଳୀୟ ନେତ୍ରୀ ସୁଜାତା ରାଉତ
- ରକ୍ତଦାନ ଶିବିରରେ ୪୧୪ ୟୁନିଟ୍ ରକ୍ତ ସଂଗ୍ରହ, ସ୍ମୃତି ପୁସ୍ତିକା ଉନ୍ମୋଚିତ

ନବୀନ ପଟ୍ଟନାୟକ ତାଙ୍କ ବାର୍ତ୍ତାରେ କହିଥିଲେ ଯେ, ସାଧାରଣ ଜୀବନ ସର୍ବଦା ଆହ୍ୱାନପୂର୍ଣ୍ଣ ହୋଇଥାଏ । ସମସ୍ତଙ୍କୁ ସାଙ୍ଗରେ ନେଇ କାମ କରିବା ହିଁ ଜଣେ ସଫଳ ଜନପ୍ରତିନିଧିଙ୍କ ପରିଚୟ । ସ୍ୱର୍ଗତ ସୁଶାନ୍ତ ସିଂ ଦୃଢ଼ ନେତୃତ୍ୱ, ସାଂଗଠନିକ ଦକ୍ଷତା, ସରଳ ଜୀବନ, ସମର୍ପିତ ସେବା ଓ ଲୋକଙ୍କ ପ୍ରତି ଅବିଚଳ ପ୍ରତିବଦ୍ଧତା ପାଇଁ ସବୁବେଳେ ସ୍ମରଣୀୟ ରହିବେ । ତୃଣମୂଳ ସ୍ତରରେ ତାଙ୍କର ଦୃଢ଼ ସମ୍ପର୍କ ବିଜୁ ଜନତା ଦଳକୁ ସୁଦୃଢ଼ କରିଥିଲା । ବିଧାୟକ ଓ ମନ୍ତ୍ରୀ ଭାବେ ତାଙ୍କର କାର୍ଯ୍ୟଦକ୍ଷତା ଉଚ୍ଚକୋଟୀର ଥିଲା । ତାଙ୍କର ଅମାୟିକ ବ୍ୟବହାର ଯୋଗୁଁ ସେ ସର୍ବସ୍ତରରେ ଶ୍ରଦ୍ଧାଭାଜନ ହୋଇପାରିଥିଲେ । ତାଙ୍କର ଅକାଳ ବିୟୋଗ ବିଜୁ ଜନତା ଦଳ ତଥା ସମଗ୍ର ରାଜ୍ୟ ପାଇଁ ଅପୂରଣୀୟ କ୍ଷତି ବୋଲି ଉଲ୍ଲେଖ କରି ସୁଶାନ୍ତଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ ନବୀନ ।

ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇ ବିଜେଡି ନେତ୍ରୀ ସୁଜାତା ରାଉତ ସମ୍ବଲପୁରୀ ଭାଷାରେ ସୁଶାନ୍ତଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । କହିଥିଲେ ଯେ ସୁଶାନ୍ତ ସିଂ କେବଳ ଜଣେ ରାଜନେତା ନ ଥିଲେ; ସେ ଏହି ମାଟିର ଗର୍ବ ଏବଂ ସାଧାରଣ ଲୋକଙ୍କର ପ୍ରକୃତ ବନ୍ଧୁ ଥିଲେ । ତାଙ୍କ ଘରର ଦ୍ୱାର ସର୍ବଦା ସାଧାରଣ ଲୋକଙ୍କ ପାଇଁ ଖୋଲା ରହୁଥିଲା । ଦିନ ହେଉ କି ରାତି, ଯେ କେହି ତାଙ୍କ ପାଖକୁ ଆସୁଥିଲେ, ସେ କେବେ ନିରାଶ ହୋଇ ଫେରୁନଥିଲେ । ତାଙ୍କର ଦୂରଦର୍ଶିତା, ପରିଶ୍ରମ ଓ ଲୋକସେବା ମନୋଭାବ ତାଙ୍କୁ ସମସ୍ତଙ୍କ ▶ପୃଷ୍ଠା-୭

## ଦେଶରେ ୩୨ ଜାଲ୍ ବିଶ୍ୱବିଦ୍ୟାଳୟ, କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦ୍ରର ନିର୍ଦ୍ଦେଶ

■ ଭୁବନେଶ୍ୱର ୬/୮ (ସମିସ): ଦେଶର ବିଭିନ୍ନ ରାଜ୍ୟରେ ଚାଲୁଥିବା ୩୨ଟି ଜାଲ ବିଶ୍ୱବିଦ୍ୟାଳୟକୁ ଚିହ୍ନଟ କରିଛି ୟୁଜିସି । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନିୟମ ୧୯୫୬ର ଉଲ୍ଲଂଘନ କରି ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ନିଜକୁ 'ବିଶ୍ୱବିଦ୍ୟାଳୟ' ବୋଲି ପରିଚୟ ଦେଉଥିବା ସହ ଛାତ୍ରଛାତ୍ରୀଙ୍କୁ ଡିଗ୍ରି ପ୍ରଦାନ କରୁଥିବା ଅଭିଯୋଗ ରହିଛି । ଏହି ସଂସ୍ଥାଗୁଡ଼ିକ ଛାତ୍ରଛାତ୍ରୀଙ୍କୁ ଭ୍ରମିତ କରି ଉଚ୍ଚଶିକ୍ଷା ନାମରେ ଠକେଇ କରୁଥିବାରୁ ସେମାନଙ୍କ ବିରୋଧରେ ତୁରନ୍ତ ଏଫ୍‌ଆଇଆର୍ ରୁଜୁ କରିବା ଓ ସଂସ୍ଥା ବନ୍ଦ କରିବା ପାଇଁ ରାଜ୍ୟ ସରକାରଙ୍କୁ ୟୁଜିସି ଅନୁରୋଧ କରିଛି । ବିଡ଼ମ୍ବନା ହେଉଛି ଦେଶର ରାଜଧାନୀ ଦିଲ୍ଲୀରେ ୟୁଜିସିର ମୁଖ୍ୟାଳୟ ଥିବାବେଳେ ସର୍ବାଧିକ ଜାଲ ବିଶ୍ୱ ବିଦ୍ୟାଳୟ ଦିଲ୍ଲୀରୁ ହିଁ ପରିଚାଳିତ ହେଉଛି ।

କେନ୍ଦ୍ର ସରକାର ରାଜ୍ୟଗୁଡ଼ିକର ମୁଖ୍ୟ ଶାସନ ସଚିବ, ଶିକ୍ଷା ସଚିବ ଓ ପ୍ରମୁଖ ସଚିବମାନଙ୍କୁ ପୃଥକ ପତ୍ର ଲେଖି ଏହି ସଂସ୍ଥାଗୁଡ଼ିକ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ, ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ଏବଂ ଭବିଷ୍ୟତରେ ଏଭଳି ଠକେଇକୁ ରୋକିବାକୁ କହିଛନ୍ତି । 'ବିଶ୍ୱବିଦ୍ୟାଳୟ' ଶବ୍ଦର ଦୁରୁପଯୋଗ କରି ଡିଗ୍ରି ପ୍ରଦାନ କରିବା ଆଇନସମ୍ମତ ନୁହେଁ ବୋଲି ମଧ୍ୟ ସରକାର ସ୍ପଷ୍ଟ କରିଛନ୍ତି । ମାତ୍ର କୌତୂହଳର ବିଷୟ ହେଉଛି ୟୁଜିସି ତାଲିକାରେ ନକଲି ଘୋଷିତ ୩୨ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରୁ କେବଳ ଦିଲ୍ଲୀରେ ଅଛି ୧୨ଟି ଶିକ୍ଷାନୁଷ୍ଠାନ । ସେହିପରି ଉତ୍ତର ପ୍ରଦେଶରେ ୪ଟି, କେରଳ, ପଶ୍ଚିମବଙ୍ଗ, ଆନ୍ଧ୍ର ପ୍ରଦେଶ ଓ ପୁଡୁଚେରୀରେ ୨ଟି ଲେଖାଏଁ, ମହାରାଷ୍ଟ୍ର, ହରିୟାଣା, କର୍ଣ୍ଣାଟକ, ରାଜସ୍ଥାନ, ଝାଡ଼ଖଣ୍ଡ ଓ ଅରୁଣାଚଳ ପ୍ରଦେଶରେ ଗୋଟିଏ ଲେଖାଏଁ ନକଲି ବିଶ୍ୱବିଦ୍ୟାଳୟ ରହିଥିବା ୟୁଜିସି ସୂଚନା ଦେଇଛି । ଏହି ନକଲି ସଂସ୍ଥାଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଉଥିବା ଡିଗ୍ରି କିମ୍ବା ▶ପୃଷ୍ଠା-୭

## ଏବର୍ଷ ପ୍ରଧାନମନ୍ତ୍ରୀଙ୍କ ବିଦେଶ ଗସ୍ତ ପାଇଁ ୭୪.୫ କୋଟି ଖର୍ଚ୍ଚ

ନୂଆଦିଲ୍ଲୀ, ୬।୮(ଏଜେନ୍ସି): ଚଳିତ ବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବୈଦେଶିକ ଗସ୍ତ ପାଇଁ ସରକାର ପ୍ରାୟ ୭୪.୫ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ରାଜ୍ୟସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତର



ଦେଇ ଏହି ସୂଚନା ଦିଆଯାଇଛି। ସାଂସଦ ସଞ୍ଜୟ ସିଂହ ଏବଂ ଡକ୍ଟର ଭି ଶିବଦାସନଙ୍କ ପ୍ରଶ୍ନର ଉତ୍ତରରେ ବୈଦେଶିକ ବ୍ୟାପାର କେନ୍ଦ୍ର ପ୍ରତିମନ୍ତ୍ରୀ ପବିତ୍ର ମାର୍ଗେରିଟା ଏହି ତଥ୍ୟ ଉପସ୍ଥାପନ କରିଛନ୍ତି। ଏହାସହ ଏପ୍ରିଲ ୨୦୨୧ ରୁ ଡିସେମ୍ବର ୨୦୨୫ ମଧ୍ୟରେ ଭାରତକୁ ୩୮୧.୮ ବିଲିୟନ୍ ଆମେରିକୀୟ ଡଲାରର ପ୍ରତ୍ୟକ୍ଷ ବିଦେଶୀ ନିବେଶ (ଏଫ୍‌ଡିଆଇ) ଆସିଥିବା ସରକାର ସଂସଦକୁ ଜଣାଇଛନ୍ତି। ତୁଳନାତ୍ମକ ସୂଚନା ଦେଇ ମନ୍ତ୍ରଣାଳୟ ଦର୍ଶାଇଛି ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କ ଶାସନ କାଳରେ ୨୦୧୧ ଆମେରିକା ଗସ୍ତ ପାଇଁ ୧୦.୭୪ କୋଟି ଟଙ୍କା ଏବଂ ୨୦୧୩ ଋଷ ଗସ୍ତ ପାଇଁ ୯.୯୬ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ବୈଦେଶିକ ଗସ୍ତ ଦ୍ୱାରା ଅନ୍ତର୍ଜାତୀୟ ସମ୍ପର୍କ ସୁଦୃଢ଼ ହେବା ସହ ପ୍ରଯୁକ୍ତିବିଦ୍ୟା, ବାଣିଜ୍ୟ, ପ୍ରତିରକ୍ଷା ଓ ଶକ୍ତି କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଛି। ବୈଦେଶିକ ଗସ୍ତଗୁଡ଼ିକ ମାଧ୍ୟମରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତିପତ୍ରଗୁଡ଼ିକ ଦେଶରେ ନିବେଶ ଓ ସାମଗ୍ରିକ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ସରକାର ପ୍ରକାଶ କରିଛନ୍ତି।

## ବାଂଲାଦେଶରେ ଅଗଷ୍ଟ ୨୦ରେ ରାଷ୍ଟ୍ରପତି ନିର୍ବାଚନ

ଢାକା, ୬।୮(ଏଜେନ୍ସି): ବାଂଲାଦେଶରେ ଆସନ୍ତାଅଗଷ୍ଟ ୨୦ ତାରିଖରେ ନୂଆ ରାଷ୍ଟ୍ରପତି ଚୟନ ପାଇଁ ଭୋଟ ହେବ। ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ପଦତ୍ୟାଗ କରିବା ପରେ ନିର୍ବାଚନ ଆୟୋଗ ଏହି ସୂଚୀ ଘୋଷଣା କରିଛି। ନାମାଙ୍କନପତ୍ର ଦାଖଲ ଅଗଷ୍ଟ ୧୩, ଯାଞ୍ଚ ଅଗଷ୍ଟ ୧୬ ଏବଂ ପ୍ରାର୍ଥିତ୍ୱ ପ୍ରତ୍ୟାହାରର ଶେଷ ତାରିଖଅଗଷ୍ଟ ୧୮ ରହିଛି। ସଂସଦ ଭବନରେ ଦିନ୨ଟାରୁ ୫ଟା ପର୍ଯ୍ୟନ୍ତ ଭୋଟଗ୍ରହଣ ହେବ। ଶାହାବୁଦ୍ଦିନ ୨୦୨୩ ଏପ୍ରିଲରେ ପାଞ୍ଚ ବର୍ଷ ପାଇଁ ରାଷ୍ଟ୍ରପତି ହୋଇଥିଲେ। ବର୍ତ୍ତମାନ ସଂସଦ ବାଚସ୍ପତି ହାଫିଜ ଉଦ୍ଦିନ ଆହମେଦ କାର୍ଯ୍ୟନିର୍ବାହୀ ରାଷ୍ଟ୍ରପତି ଭାବେ ଦାୟିତ୍ୱ ସମ୍ଭାଳୁଛନ୍ତି। ଏହି ନିର୍ବାଚନ ସହ ବାଂଲାଦେଶରେ ନୂଆ ରାଷ୍ଟ୍ରପତି ଚୟନର ସାମ୍ବିଧାନିକ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ।

## ଉତ୍ତର କୋରିଆର ପୁଣି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷଣ

ସିଓଲ୍, ୬।୮(ଏଜେନ୍ସି): ଉତ୍ତର କୋରିଆ ଗୁରୁବାର ନିଜର ପୂର୍ବ ଉପକୂଳ ସମୁଦ୍ର ଆଡ଼କୁ ଏକ ଅଳ୍ପ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର (ଶର୍ଟ ରେଞ୍ଜ ବାଲାଷ୍ଟିକ ମିସାଇଲ) ନିକ୍ଷେପ କରିଛି। ଦକ୍ଷିଣ କୋରିଆ ସେନା ପକ୍ଷରୁ ଏହି କ୍ଷେପଣାସ୍ତ୍ର ପରୀକ୍ଷଣ ନେଇ ସୂଚନା ଦିଆଯାଇଛି। ଉତ୍ତର କୋରିଆ ଦ୍ୱାରା ନିରନ୍ତର କରାଯାଉଥିବା ଅସ୍ତ୍ରଶସ୍ତ୍ର ପରୀକ୍ଷଣ ଶୃଙ୍ଖଳାରେ ଏହା ଅନ୍ୟତମ। ଦକ୍ଷିଣ କୋରିଆର ଜଏଣ୍ଟ ଚିଫ୍ସ ଅଫ୍ ଷ୍ଟାଫ୍ ଅନୁସାରେ, ଉତ୍ତର କୋରିଆର ପୂର୍ବ ଉପକୂଳ ସହର ୱନ୍‌ସାନ୍‌ରୁ ଆଜି ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଏହି କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଥିଲା। ଜାପାନର ପ୍ରତିରକ୍ଷା ମନ୍ତ୍ରଣାଳୟ ମଧ୍ୟ ଏହି ପରୀକ୍ଷଣକୁ ନିଶ୍ଚିତ କରିବା ସହ ଜାପାନୀ ସୀମା ଭିତରେ କୌଣସି କ୍ଷତି ହୋଇନଥିବା ପ୍ରକାଶ କରିଛି। ଏହି ଘଟଣା ପରେ ଦକ୍ଷିଣ କୋରିଆ, ଆମେରିକା ଏବଂ ଜାପାନ ମିଳିତ ଭାବେ ନଜର ରଖିଛନ୍ତି। ଉତ୍ତର କୋରିଆର ଶାସକ କିମ୍ ଜୋଙ୍ଗ୍ ଉନ୍ ନିଜର ଆଣବିକ ଓ କ୍ଷେପଣାସ୍ତ୍ର କ୍ଷମତାକୁ ନିରନ୍ତର ବୃଦ୍ଧି କରିବାରେ ଲାଗିଛନ୍ତି। ନିକଟରେ ସେ ନୌସେନା ସାମର୍ଥ୍ୟ ବୃଦ୍ଧି ପାଇଁ ଆଣବିକ ଶକ୍ତିଚାଳିତ ଜାହାଜ ଓ ଜଳପଥରୁ ନିକ୍ଷେପ କରାଯାଇପାରୁଥିବା କ୍ଷେପଣାସ୍ତ୍ରର ପରୀକ୍ଷଣ କରିଥିଲେ। ଏହାସହ ଋଷ-ୟୁକ୍ରେନ ଯୁଦ୍ଧ ମଧ୍ୟରେ ଉତ୍ତର କୋରିଆ ଓ ଋଷ ମଧ୍ୟରେ ସାମରିକ ସମ୍ପର୍କ ମଧ୍ୟ ସୁଦୃଢ଼ ହେବାରେ ଲାଗିଛି। ଏହି ନୂତନ କ୍ଷେପଣାସ୍ତ୍ର ପରୀକ୍ଷଣ ଫଳରେ କୋରିଆ ଦ୍ୱୀପପୁଞ୍ଜ ଅଞ୍ଚଳରେ ପୁଣି ଥରେ ସାମରିକ ଉତ୍ତେଜନା ବୃଦ୍ଧି ପାଇଛି।

## ରୁଷିଆ ତୈଳ ପ୍ରତିଷ୍ଠାନରେ ୟୁକ୍ରେନ୍‌ର ଜୋରଦାର୍ ଆକ୍ରମଣ

କିଭ୍, ୬।୮(ଏଜେନ୍ସି): ୟୁକ୍ରେନ ସେନା ଋଷ ଭିତରେ ପଶି ଦୁଇଟି ଗୁରୁତ୍ୱପୂର୍ଣ୍ଣ ତୈଳ ବିଶୋଧନାଗାର ଉପରେ ଡ୍ରୋନ୍ ଆକ୍ରମଣ କରିଛି। ଋଷର ସାମରିକ ଅର୍ଥନୀତିକୁ ଦୁର୍ବଳ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଥିବା ନେଇ ୟୁକ୍ରେନ୍ ରାଷ୍ଟ୍ରପତି



ଭୋଲୋଡିମିର ଜେଲେନ୍‌ସ୍କି ସୂଚନା ଦେଇଛନ୍ତି। ସୀମାରୁ ପ୍ରାୟ ୧, ୩୦୦ କିଲୋମିଟର ଦୂର ବାଶକୋର୍ଟସ୍ତାନ ଏବଂ ୭୦୦ କିଲୋମିଟର ଦୂର ୟାରୋସ୍ଲାଭଲ୍ ଅଞ୍ଚଳରେ ଥିବା ବିଶୋଧନାଗାରଗୁଡ଼ିକୁ ୟୁକ୍ରେନ ସେନା ସଫଳତାର ସହ ନିଶାଣ କରିଛି। ଏହାସହ କୃଷ୍ଣସାଗରରେ ଋଷର ଦୁଇଟି ନୌସେନା ପାଟ୍ରୋଲ୍ ବୋଟ୍ ଏବଂ ତୈଳ ରପ୍ତାନି ପାଇଁ ବ୍ୟବହୃତ ବୋଟ୍ ଉପରେ ମଧ୍ୟ ଆକ୍ରମଣ କରାଯାଇଛି। ଅନ୍ୟପଟେ ଋଷିଆ ଦାବି କରିଛି ଯେ ସେମାନଙ୍କ ଆକାଶ ସୁରକ୍ଷା ବାହିନୀ ୬୦୫ଟି ୟୁକ୍ରେନ ଡ୍ରୋନ ଖସାଇ ଦେଇଛି। ସେହିପରି ଋଷ ପକ୍ଷରୁ କରାଯାଇଥିବା କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣରେ ୟୁକ୍ରେନର ୩ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବା ବେଳେ ୨୨ ଜଣ ଆହତ ହୋଇଛନ୍ତି। ୟୁକ୍ରେନର ବାୟୁସେନା ସୁରକ୍ଷା ବ୍ୟବସ୍ଥା ଦୁର୍ବଳ ହେଉଥିବାରୁ ଜେଲେନ୍‌ସ୍କି ନାଟୋ ଏବଂ ସହଯୋଗୀ ଦେଶଗୁଡ଼ିକୁ ତୁରନ୍ତ ନୂତନ କ୍ଷେପଣାସ୍ତ୍ର ଯୋଗାଇଦେବାକୁ ନିବେଦନ କରିଛନ୍ତି। ୟୁକ୍ରେନର ଏହି ନିରନ୍ତର ଗଭୀର ଆକ୍ରମଣ ଫଳରେ ଋଷରେ ଇନ୍ଧନ ସଙ୍କଟ ଦେଖାଦେଇଛି। ଉଭୟ ଦେଶ ମଧ୍ୟରେ ଯୁଦ୍ଧ ଅଧିକ ଭୟାନକ ରୂପ ନେଉଥିବାରୁ ଆନ୍ତର୍ଜାତୀୟ ସ୍ତରରେ ଚିନ୍ତା ବୃଦ୍ଧି ପାଇଛି।

## ବ୍ରିଟେନ୍ ସୈନ୍ୟ ତାଲିମ କେନ୍ଦ୍ରରେ ଯୌନ ନିର୍ଯାତନା




ଲଣ୍ଡନ, ୬।୮(ଏଜେନ୍ସି): ବ୍ରିଟେନ୍‌ର ପ୍ରମୁଖ ସୈନ୍ୟ ପ୍ରଶିକ୍ଷଣ କେନ୍ଦ୍ର 'ଆର୍ମି ଫାଉଣ୍ଡେସନ୍ କଲେଜ' (ଏଏଫ୍‌ସି)ରେ ମହିଳା କ୍ୟାଡେଟ୍‌ମାନଙ୍କ ପ୍ରତି ଯୌନ ନିର୍ଯାତନା, ସାମୂହିକ ଦୁଷ୍କର୍ମ ଏବଂ ନିର୍ଯାତନାର ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ୧୭ ବର୍ଷ ବୟସରେ ନାମ ଲେଖାଇଥିବା ଏକାଧିକ ପୂର୍ବତନ ମହିଳା କ୍ୟାଡେଟ୍ ଏହି ସଂସ୍ଥାରେ ମହିଳା ବିରୋଧୀ ମାନସିକତା ଏବଂ ଗୁରୁତର ସୁରକ୍ଷା ତ୍ରୁଟି ନେଇ ଜଣାଶୁଣା ବ୍ରିଟିଶ୍ ଗଣମାଧ୍ୟମ ବିବିସି ଆଗରେ ପ୍ରକାଶ କରିଛନ୍ତି। ନର୍ଥ ୟର୍କସାୟାରସ୍ଥିତ ଏହି ଏକାଡେମୀରେ ପଢୁଥିବା ଅନ୍ତତଃ ୪ ଜଣ ମହିଳା କହିଛନ୍ତି ଯେ, ସେଠାରେ ଥିବା ପୁରୁଷ ସହକର୍ମୀ ଓ କର୍ମଚାରୀମାନେ ତାଙ୍କ ପ୍ରତି ଦୁର୍ବ୍ୟବହାର କରିଥିଲେ। ଜଣେ ପୀଡ଼ିତାଙ୍କ ଅଭିଯୋଗ ଅନୁସାରେ, ତାଙ୍କୁ କେତେକ ପୁରୁଷ ସୈନିକ ବହୁ ଘଣ୍ଟା ଧରି ସାମୂହିକ ଦୁଷ୍କର୍ମ କରିଥିଲେ। ଅନ୍ୟ କ୍ୟାଡେଟ୍‌ମାନେ ଅଶ୍ଳୀଳ ମନ୍ତବ୍ୟ, ରୁମ୍‌ରେ ବନ୍ଦ କରି ଯୌନ ନିର୍ଯାତନା ଏବଂ ପ୍ରଶିକ୍ଷକମାନଙ୍କ ଅସଦାଚରଣର ଶିକାର ହୋଇଥିବା ପ୍ରକାଶ କରିଛନ୍ତି। ତଥ୍ୟ ଅନୁସାରେ, ୨୦୧୮ ରୁ ୨୦୨୫ ମଧ୍ୟରେ ଏହି କଲେଜରେ ୧୭୬ଟି ଯୌନ ଅସଦାଚରଣ ଅଭିଯୋଗ ଦାଖଲ ହୋଇଛି, ଯାହା ମଧ୍ୟରୁ ୩୨ଟି ଅଭିଯୋଗ ସ୍ଥାୟୀ କର୍ମଚାରୀଙ୍କ ବିରୋଧରେ ରହିଛି। ଗତ କିଛି ବର୍ଷ ମଧ୍ୟରେ କେତେକ ପ୍ରଶିକ୍ଷକ ଶାରୀରିକ ଓ ଯୌନ ହିଂସା ମାମଲାରେ ସାମରିକ ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ମଧ୍ୟ ହୋଇଛନ୍ତି। ବ୍ରିଟିଶ୍ ସେନା ପକ୍ଷରୁ ଏହି ଘଟଣାକୁ ଅତ୍ୟନ୍ତ ଚିନ୍ତାଜନକ ଓ ଗମ୍ଭୀର ବୋଲି କୁହାଯାଇଛି। ସେନାରେ ଏପରି ଅପରାଧିକ କାର୍ଯ୍ୟକଳାପକୁ ଆଦୌ ଗ୍ରହଣ କରାଯିବ ନାହିଁ ଏବଂ ପୀଡ଼ିତାମାନଙ୍କୁ ନ୍ୟାୟ ଦେବା ପାଇଁ ସ୍ୱତନ୍ତ୍ର ସୁରକ୍ଷା ଓ ତଦନ୍ତ ସଂସ୍ଥା ଜରିଆରେ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଥିବା ସେନା ପକ୍ଷରୁ ସ୍ପଷ୍ଟ କରାଯାଇଛି।

## କାନାଡ଼ାରେ କାୟା ମେଲାଉଛି ବିଷ୍ଣୋଇ ଗ୍ୟାଙ୍ଗ୍

### ଭାରତୀୟ ଛାତ୍ରଙ୍କୁ ବ୍ୟବହାର କରି ଚାଲିଛି ଅପରାଧ

ନୂଆଦିଲ୍ଲୀ, ୬।୮(ଏଜେନ୍ସି): ଲରେନ୍ସ ବିଷ୍ଣଇ ଗ୍ୟାଙ୍ଗ୍ କାନାଡ଼ାରେ ନିଜର ଅପରାଧିକ ନେଟୱାର୍କ ବିସ୍ତାର କରିବା ପାଇଁ ଭାରତୀୟ ଛାତ୍ର ଭିସା ଏବଂ ୱାର୍କ ପରମିଟ୍‌ର ଅପବ୍ୟବହାର କରୁଥିବା ନେଇ ଏକ ସଂବେଦନଶୀଳ ତଥ୍ୟ ସାମ୍ନାକୁ ଆସିଛି। କାନାଡ଼ା ବୋର୍ଡର ସର୍ଭିସେସ୍ ଏଜେନ୍ସି (ସିବିଏସ୍ଏ) ର ଏକ ଗୁପ୍ତ ସୂଚନା ରିପୋର୍ଟକୁ ଆଧାର କରି ଏହି ବାସ୍ତବତା ପ୍ରକାଶ ପାଇଛି। 'ଦି ବିଷ୍ଣୋଇ ଗ୍ୟାଙ୍ଗ୍: ଆନ୍ ଏମର୍ଜିଂ ଥ୍ରେଟ ଇନ୍ କାନାଡ଼ା' ଶୀର୍ଷକ ଏହି ରିପୋର୍ଟ ଅନୁସାରେ, ଭାରତରୁ ପଢ଼ିବା ପାଇଁ କାନାଡ଼ା ଯାଉଥିବା ଯୁବକମାନଙ୍କୁ ଆର୍ଥିକ ପ୍ରଲୋଭନ ଦେଇ ଗ୍ୟାଙ୍ଗ୍‌ରେ ସାମିଲ କରାଯାଉଛି। ଏହି ଯୁବକମାନଙ୍କୁ ଚାନ୍ଦା ଆଦାୟ, ଗୁଳିକାଣ୍ଡ, ହତ୍ୟା ଏବଂ ସଂଘଠିତ ଅପରାଧ ପରି ବେଆଇନ କାର୍ଯ୍ୟରେ ବ୍ୟବହାର କରାଯାଉଛି। ରିପୋର୍ଟ ଅନୁସାରେ, ୨୦୧୯ ରୁ ୨୦୨୩ ମଧ୍ୟରେ ପ୍ରାୟ ୪, ୦୦୦ ଭାରତୀୟ ଛାତ୍ରଙ୍କ ବିରୋଧରେ ବିଭିନ୍ନ ଅପରାଧିକ ମାମଲା ରୁଜୁ ହୋଇଛି, ଯାହା ମଧ୍ୟରୁ ହିଂସାତ୍ମକ ଅପରାଧର ସଂଖ୍ୟା ଅଧିକ। ଏହି ଗ୍ୟାଙ୍ଗ୍‌ର ମୁଖ୍ୟ ସଦସ୍ୟ ଗୋଲ୍ଡି ବ୍ରାର୍ ୨୦୧୭ରେ ଛାତ୍ର ଭିସାରେ କାନାଡ଼ା ଯାଇ ଏହି ନେଟୱାର୍କ ପ୍ରସ୍ତୁତ କରିଥିଲା। ପ୍ରଥମେ କେବଳ ଖାଲିସ୍ତାନ ସମର୍ଥକ କିମ୍ବା ପଞ୍ଜାବୀ



ବ୍ୟବସାୟୀଙ୍କୁ ଲକ୍ଷ୍ୟ କରାଯାଉଥିବା ବେଳେ, ଏବେ ଅନ୍ୟ ଭାରତୀୟବଂଶୋଦ୍ଭବ ବ୍ୟବସାୟୀଙ୍କଠାରୁ ମଧ୍ୟ ହ୍ୱାଟ୍ସଆପ୍ ମାଧ୍ୟମରେ ଧମକ ଦେଇ ମୋଟା ଅଙ୍କର ଟଙ୍କା ଅସୁଲ କରାଯାଉଛି। ଅର୍ଥାଭାବ ଓ ଅନ୍ୟାନ୍ୟ ପ୍ରଲୋଭନରେ ପଡ଼ି କାନାଡ଼ାରେ ପଢୁଥିବା ଭାରତୀୟ ଛାତ୍ରମାନେ ବିଷ୍ଣୋଇ ଗ୍ୟାଙ୍ଗ୍‌ର ଶିକାର ହେଉଛନ୍ତି। ଏହି ରିପୋର୍ଟ ପରେ କାନାଡ଼ା ସୁରକ୍ଷା ଏଜେନ୍ସି ଏବଂ ସୀମା ଶୁଳ୍କ ଅଧିକାରୀମାନେ ନିଜର ସତର୍କତା ଓ ତଦନ୍ତ ପ୍ରକ୍ରିୟାକୁ ଅଧିକ କଡ଼ାକଡ଼ି କରିଛନ୍ତି।

# ତୀବ୍ର ହେଉଛି ରାଷ୍ଟ୍ରପତି-ମୁଜତବା ମତଭେଦ

ତେହେରାନ, ୬।୮(ଏଜେନ୍ସି): ଇରାନର ଶୀର୍ଷ ନେତୃତ୍ୱ ମଧ୍ୟରେ ମତଭେଦ ଚାଲିଥିବା ଖବର ମଧ୍ୟରେ, ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନ ସମୟରେ ଦେଶର ସର୍ବୋଚ୍ଚ ନେତା ମୋଜତାବା ଖାମେନେଇଙ୍କ ସହ ଯୋଗାଯୋଗ କରିବା 'ଅତ୍ୟନ୍ତ କଠିନ' ହୋଇପଡ଼ିଛି। ଆମେରିକା-ଇସ୍ରାଏଲ ଆକ୍ରମଣରେ ଆହତ ହୋଇଥିବା ୫୬ ବର୍ଷୀୟ ଏହି ଧର୍ମଗୁରୁ, ନିଜ ପିତା ଆୟାତୋଲ୍ଲା ଆଲି ଖାମେନେଇଙ୍କ ମୃତ୍ୟୁ ପରେ ସର୍ବୋଚ୍ଚ ନେତା ପଦ ଗ୍ରହଣ କରିବା ପରଠାରୁ ସାର୍ବଜନୀନ ଭାବେ ସାମ୍ନାକୁ ଆସିନାହାନ୍ତି। ପେଜେସ୍କିଆନ କହିଛନ୍ତି ଯେ, ସର୍ବୋଚ୍ଚ ନେତା ପ୍ରତ୍ୟକ୍ଷ ଭାବେ ସାମ୍ନାକୁ ଆସୁନଥିଲେ ମଧ୍ୟ ଇରାନର ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। 'ବର୍ତ୍ତମାନ ତାଙ୍କ ସହ ଯୋଗାଯୋଗ କରିବା



କଷ୍ଟକର, କିନ୍ତୁ ତାଙ୍କର ଉପସ୍ଥିତି ଆମ ପାଇଁ ଏକ ବଡ଼ ଶକ୍ତି' ବୋଲି ସେ ପ୍ରକାଶ କରିଛନ୍ତି। ଏହାସହ, ସେ ନିଜ ନେତାଙ୍କ ସମର୍ଥନ କରି କହିଛନ୍ତି ଯେ ସେମାନଙ୍କ ମଧ୍ୟରେ ହୋଇଥିବା ବୈଠକଗୁଡ଼ିକ ଅତ୍ୟନ୍ତ ସଫଳ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିଲା। କେତେକ ଦୁଷ୍ଟ ଶକ୍ତି ତାଙ୍କର ଭୁଲ ଚିତ୍ର ପରିପ୍ରକାଶ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଖବର ଅନୁସାରେ, ଖାମେନେଇ ଏବଂ ରାଷ୍ଟ୍ରପତି ପେଜେସ୍କିଆନଙ୍କ ମଧ୍ୟରେ ଗମ୍ଭୀର ମତଭେଦ ଦେଖାଦେଇଛି। ସର୍ବୋଚ୍ଚ ନେତା ଇସଲାମିକ ରିଭୋଲ୍ୟୁସନରୀ ଗାର୍ଡ କୋର୍ (ଆଇଆରଜିସି) କମାଣ୍ଡର ଅହମଦ ବାହିଦୀଙ୍କୁ ସାମରିକ ଓ କୂଟନୈତିକ ନିଷ୍ପତ୍ତିରେ ଅଧିକ ପ୍ରାଧାନ୍ୟ ଦେଉଛନ୍ତି। ଅନ୍ୟପଟେ, ଜାତୀୟ ସୁରକ୍ଷା ଓ ବିଦେଶ ନୀତି ନିଷ୍ପତ୍ତିରୁ ନିଜ ସରକାରଙ୍କୁ ଦୂରେଇ ରଖାଯାଉଥିବାଅଭିଯୋଗକରିରାଷ୍ଟ୍ରପତିପେଜେସ୍କିଆନଗତ ମେ ମାସରେ ଇସ୍ତଫା ଦେବାକୁ ଚେଷ୍ଟା କରିଥିବା ନେଇ ଚର୍ଚ୍ଚା ହେଉଛି। ଆମେରିକା ଓ ଇସ୍ରାଏଲ ସହ ସଂଘର୍ଷ ଚାଲିଥିବା ସମୟରେ ଇରାନର ସର୍ବୋଚ୍ଚ ନେତା ସାର୍ବଜନୀନ ଭାବେ ଅନୁପସ୍ଥିତ ରହିବା ଏବଂ ସେନା ବାହିନୀ ସହ ରାଷ୍ଟ୍ରପତିଙ୍କ ମତଭେଦ ଖବର ସାମ୍ନାକୁ ଆସିବା ଇରାନର ଆଭ୍ୟନ୍ତରୀଣ ଓ ବୈଦେଶିକ ନୀତି ପ୍ରତି ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ନ୍ୟୁୟର୍କରେ ୪ ସନ୍ତାନଙ୍କୁ ହତ୍ୟା ପରେ ମା', ଜେଜେ ମା'ଙ୍କ ଆତ୍ମହତ୍ୟା

ନ୍ୟୁୟର୍କ, ୬।୮(ଏଜେନ୍ସି): ଆମେରିକାର ନ୍ୟୁୟର୍କ ସହରରେ ଏକ ଅତ୍ୟନ୍ତ ଦୁଃଖଦ ଓ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଜଣେ ମହିଳା ନିଜର ମା'ଙ୍କ ସହ ମିଶି ୪ ଜଣ ନିରୀହ ସନ୍ତାନଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି। ଘଟଣା ଘଟାଇବା ପୂର୍ବରୁ ମହିଳା ଜଣକ ନିଜ ପୂର୍ବତନ ସ୍ୱାମୀଙ୍କୁ ପିଲାମାନଙ୍କ ଦେହ ଅସୁସ୍ଥ ଥିବା ନେଇ ମିଥ୍ୟା ସନ୍ଦେଶ ପଠାଇଥିଲେ।



ଆରକ୍ଷୀଙ୍କ ସୂଚନା ଅନୁସାରେ, ସାରା ମାୟର୍ସ ଓ ତାଙ୍କ ମା' ଏମି ଷ୍ଟେଡମ୍ୟାନ କିଛି ଦିନ ପୂର୍ବରୁ ଏହି ହତ୍ୟାକାଣ୍ଡ ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ସେମାନେ ଔଷଧ ସଂଗ୍ରହ କରି ତିନି ଜଣ ପିଲାଙ୍କୁ ବିଷ ଦେଇ ଏବଂ ଜଣଙ୍କୁ ଛୁରୀରେ ଆଘାତ କରି ହତ୍ୟା କରିଥିଲେ। ପୂର୍ବରୁ କୌଣସି ସନ୍ଦେହ ନହେବା ପାଇଁ ପିଲାମାନଙ୍କ ବାପା ବ୍ରାଡି ହାରମୋନଙ୍କୁ ପିଲାଙ୍କର ବାନ୍ତି ହେଉଥିବା ବାହାନା କରି ସନ୍ଦେଶ ପଠାଯାଇଥିଲା। ଏହି ଘଟଣାରେ ୧୩, ୧୧ ଓ ୧୦ ବର୍ଷୀୟ ଜାଆଁଳା ପିଲାଙ୍କ ସମେତ ମୋଟ ୬ ଜଣଙ୍କର ମୃତ୍ୟୁ ଘଟିଛି। ପୂର୍ବପ୍ରସ୍ତୁତ ଯୋଜନା ଅନୁସାରେ ଏହି ହତ୍ୟାକାଣ୍ଡ ଘଟାଯାଇଥିବା ଆରକ୍ଷୀ ତଦନ୍ତରୁ ସ୍ପଷ୍ଟ କରିଛନ୍ତି।

## ହର୍ମୁଜ ପ୍ରଣାଳୀ ପାଇଁ ଇରାନ- ଓମାନ ଚୁକ୍ତି ଅନ୍ତିମ ପର୍ଯ୍ୟାୟରେ

ଦୁବାଇ, ୬।୮(ଏଜେନ୍ସି): ଆଞ୍ଚଳିକ ଯୁଦ୍ଧ ଓ ଉତ୍ତେଜନା ମଧ୍ୟରେ ଇରାନ, ଓମାନ ସହିତ ହର୍ମୁଜ ପ୍ରଣାଳୀ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମାର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବା ଦାବି କରିଛି। ଏହି ପ୍ରଣାଳୀ ବିଶ୍ୱର ବାଣିଜ୍ୟ ଏବଂ ଶକ୍ତି ଯୋଗାଣ (ତୈଳ ଓ ଗ୍ୟାସ୍) ପାଇଁ ଅତ୍ୟନ୍ତ ସଂବେଦନଶୀଳ ଓ ପ୍ରମୁଖ ଜଳପଥ ଅଟେ। ଇରାନ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଏସମାଇଲ୍ ବାଘାଇ କହିଛନ୍ତି ଯେ ଓମାନ ସହ ଏହି ଚୁକ୍ତିନାମାର ଚିଠା ପ୍ରସ୍ତୁତ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଆମେରିକା ପକ୍ଷରୁ କୌଣସି ପ୍ରତିବନ୍ଧକ ନ ଆସିଲେ ଏକ ମିଳିତ ବିବୃତି ଜାରି କରାଯିବ। ଅନ୍ୟପଟେ, ଲେବାନନ୍‌ରେ ଜାରି ରହିଥିବା ସଂଘର୍ଷରେ ଇସ୍ରାଏଲ୍‌ର ଦୁଇଜଣ ସୈନିକ ନିହତ ହୋଇଥିବା ବେଳେ ଯୁଦ୍ଧ ପରିସ୍ଥିତି ଜଟିଳ ହେବାରେ ଲାଗିଛି। ଏହା ବ୍ୟତୀତ ସୁଦାନରେ ଚାଲିଥିବା ଗୃହଯୁଦ୍ଧ ଯୋଗୁଁ ଖାର୍ତ୍ତୁମଠାରୁ ୨୦୦ କିଲୋମିଟର ଦୂରରେ ଥିବା ୟୁନେସ୍କୋ ବିଶ୍ୱ ହେରିଟେଜ୍ ସାଇଟ୍ 'ମେରୋ ପିରାମିଡ୍' ପ୍ରତି ଗୁରୁତର ବିପଦ ସୃଷ୍ଟି ହୋଇଛି। ପ୍ରାଚୀନ କୁଶ୍ ସାମ୍ରାଜ୍ୟର ଏହି ୨୦୦ରୁ ଅଧିକ ପିରାମିଡ୍‌ର ସଂରକ୍ଷଣ କାର୍ଯ୍ୟ ବର୍ତ୍ତମାନ ସମ୍ପୂର୍ଣ୍ଣ ବନ୍ଦ ରହିଥିବାରୁ ଏହା କ୍ଷତିଗ୍ରସ୍ତ ହେବାର ଭୟ ଦେଖାଦେଇଛି। ହର୍ମୁଜ ପ୍ରଣାଳୀ ଚୁକ୍ତିନାମା ଆମେରିକାର ବାଣିଜ୍ୟିକ କଟକଣା କୋହଳ କରିବା ଉପରେ ନିର୍ଭର କରୁଥିବା ବେଳେ, ମଧ୍ୟପ୍ରାଚ୍ୟ ଓ ଆଫ୍ରିକାରେ ଚାଲିଥିବା ଯୁଦ୍ଧ ବିଶ୍ୱ ଶକ୍ତି ଯୋଗାଣ ଏବଂ ଐତିହାସିକ ସମ୍ପଦ ପ୍ରତି ବଡ଼ ଆହ୍ୱାନ ସୃଷ୍ଟି କରିଛି।

## ପାକିସ୍ତାନର ଦୁଇଟି ରାଜ୍ୟରେ ବ୍ୟାପୁଛି ବିଦ୍ରୋହ

ଇସଲାମାବାଦ, ୬।୮(ଏଜେନ୍ସି): ପାକିସ୍ତାନ ନିଜର ୪ଟି ପ୍ରଦେଶ ମଧ୍ୟରୁ ୨ଟି ବଡ଼ ରାଜ୍ୟ ବେଲୁଚିସ୍ତାନ ଏବଂ ଖୈବର ପାଖତୁନଖ୍ୱା (କେପିକେ)ରେ ଗମ୍ଭୀର ଆଭ୍ୟନ୍ତରୀଣ ସୁରକ୍ଷା ସଙ୍କଟର ସାମ୍ନା କରୁଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଏହି ଅଞ୍ଚଳଗୁଡ଼ିକରେ ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ଏବଂ ଇସଲାମୀୟ ଆତଙ୍କବାଦୀ ସଂଗଠନଗୁଡ଼ିକର ସକ୍ରିୟତା ବୃଦ୍ଧି ପାଇଛି, ଯାହା ଦେଶର ଶାସନ ବ୍ୟବସ୍ଥା ପ୍ରତି ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ପାକିସ୍ତାନର ସବୁଠାରୁ ବଡ଼ ଭୂଖଣ୍ଡ (ପ୍ରାୟ ୪୫ ପ୍ରତିଶତ) ଧାରଣ କରିଥିବା ବେଲୁଚିସ୍ତାନରେ ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲ୍ଏ)



ଏବଂ ଅନ୍ୟାନ୍ୟ ସଶସ୍ତ୍ର ଗୋଷ୍ଠୀ ନିଜର ପ୍ରଭାବ ବୃଦ୍ଧି କରିଛନ୍ତି। କ୍ୱେଟା, ଖୁଜଦାର, ଏବଂ ମସ୍ତୁଙ୍ଗ ଭଳି ସହରଗୁଡ଼ିକରେ ପୋଲିସ ଷ୍ଟେସନ ଓ ସରକାରୀ କାର୍ଯ୍ୟାଳୟ ଉପରେ ଆକ୍ରମଣ ହେଉଛି। ଆଞ୍ଚଳିକ ଲୋକଙ୍କ ଅଭିଯୋଗ ଅନୁସାରେ, ଚୀନ୍-ପାକିସ୍ତାନ ଅର୍ଥନୈତିକ କରିଡୋର (ସିପିଇସି) ଏବଂ ଗ୍ୱାଦର ବନ୍ଦର ନିର୍ମାଣ ଯୋଗୁଁ ପ୍ରାକୃତିକ ସମ୍ପଦର ଶୋଷଣ ହେଉଛି। ଆଫଗାନିସ୍ତାନ ସୀମାନ୍ତରେ ଥିବା ଖୈବର ପାଖତୁନଖ୍ୱା ପ୍ରଦେଶରେ ତେହେରିକ-ଇ-ତାଲିବାନ ପାକିସ୍ତାନ (ଟିଟିପି) ଅଧିକ ଶକ୍ତିଶାଳୀ ହୋଇଛି। ଆଫଗାନିସ୍ତାନରେ ତାଲିବାନ ସରକାର ଆସିବା ପରଠାରୁ ଏହି ଅଞ୍ଚଳରେ ଟିଟିପିର ସକ୍ରିୟତା ବଢ଼ିଛି ଓ ସୁରକ୍ଷା ସଙ୍କଟ ସୃଷ୍ଟି ହୋଇଛି। ଚଳିତ ବର୍ଷ ଟିଟିପି ପାକିସ୍ତାନୀ ସୁରକ୍ଷା ବାହିନୀ ଉପରେ ୧୪୫ରୁ ଅଧିକ ଆକ୍ରମଣ କରିସାରିଛି, ଯେଉଁଥିରେ ୪୮ ଜଣ ସୈନିକ ପ୍ରାଣ ହରାଇଛନ୍ତି। ଡୁରାଣ୍ଡ ଲାଇନ (ସୀମାରେଖା) ନିକଟରେ ଥିବା ପ୍ରାୟ ୫୦ଟି ସୈନ୍ୟ ଚୌକିକୁ କ୍ରମାଗତ ଆକ୍ରମଣ ଭୟରେ ଖାଲି କରିବାକୁ ପଡ଼ିଛି। ଆଇଏସକେପି (ଇସଲାମିକ ଷ୍ଟେଟ୍ ଖୋରାସାନ ପ୍ରଦେଶ) ଏବଂ ଟିଟିପି ମଧ୍ୟରେ ବଢୁଥିବା ସହଯୋଗ ପାକିସ୍ତାନ ସେନା ପାଇଁ ପରିସ୍ଥିତିକୁ ଆହୁରି ଜଟିଳ କରିଦେଇଛି। ଅନ୍ୟପଟେ, ପିଓକେରେ ଗଣତାନ୍ତ୍ରିକ ଅଧିକାର ଓ ସୁଶାସନ ଦାବିରେ ପ୍ରାୟ ୪୫ ଲକ୍ଷ ନାଗରିକଙ୍କ ଆନ୍ଦୋଳନ ଜାରି ରହିଛି। ପାକିସ୍ତାନ ସରକାର ପ୍ରାୟ ୧ ଲକ୍ଷ ସୈନ୍ୟ ମୁତୟନ କରିଛ। ବେଲୁଚିସ୍ତାନ ଓ କେପିକେରେ ସଶସ୍ତ୍ର ବିଦ୍ରୋହ ଏବଂ ପିଓକେରେ ଜନଆନ୍ଦୋଳନ ଯୋଗୁଁ ପାକିସ୍ତାନ ସରକାର ଓ ସେନା ଏକ ସମୟରେ ଅନେକ ଆଭ୍ୟନ୍ତରୀଣ ସଙ୍କଟର ସାମ୍ନା କରୁଛନ୍ତି, ଯାହା ଦେଶର ସ୍ଥିରତା ପ୍ରତି ଏକ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ସେପ୍ଟେମ୍ବରରୁ ସିଜେପିର 'କ୍ୟା ବୋଲ୍‌ତି ପବ୍ଲିକ୍' ଅଭିଯାନ

ନୂଆଦିଲ୍ଲୀ, ୬।୮(ଏଜେନ୍ସି): କକ୍ରୋଚ୍ ଜନତା ପାର୍ଟି (ସିଜେପି) ଆସନ୍ତା ସେପ୍ଟେମ୍ବରରୁ ସାରାଦେଶରେ 'କ୍ୟା ବୋଲ୍‌ତି ପବ୍ଲିକ୍' ନାମରେ ଏକ ବ୍ୟାପକ ଅଭିଯାନ ଆରମ୍ଭ କରିବାକୁ ଯାଉଛି। ଦେଶର ଯୁବବର୍ଗଙ୍କୁ ଏହି ଅଭିଯାନରେ



ସାମିଲ ହେବା ପାଇଁ ପାର୍ଟିର ସଂସ୍ଥାପକ ଅଭିଜିତ୍ ଦିପ୍‌କେ ଆହ୍ୱାନ ଦେଇଛନ୍ତି।। ଛତ୍ରପତି ସମ୍ଭାଜୀନଗରରେ ଆୟୋଜିତ ଦୁଇଦିନିଆ କୋର କମିଟି ବୈଠକ ପରେ ଦିପ୍‌କେ ଗଣମାଧ୍ୟମକୁ କହିଛନ୍ତି ଯେ ଦିଲ୍ଲୀର ଜନ୍ତର ମନ୍ତରଠାରେ ହୋଇଥିବା ବିକ୍ଷୋଭରେ କେବଳ ଛାତ୍ରଛାତ୍ରୀ ନୁହନ୍ତି, ବରଂ ବହୁ ସଂଖ୍ୟାରେ ବେକାର ଯୁବକଯୁବତୀ ମଧ୍ୟ ଭାଗ ନେଇଥିଲେ। ଦେଶରେ ବେକାରୀ ସମସ୍ୟା ଆହ୍ୱାନ ପାଲଟିଥିବାରୁ ଏହାକୁ ନେଇ ସାରା ଦେଶରେ ସିଜେପି ସଚେତନତା ଓ ବିକ୍ଷୋଭ ସୃଷ୍ଟି କରିବ। ଦିପ୍‌କେ ସ୍ପଷ୍ଟ କରିଥିଲେ ଯେ ସିଜେପି ପ୍ରତ୍ୟକ୍ଷ ରାଜନୀତି କିମ୍ବା ନିର୍ବାଚନରେ ଭାଗ ନେବ ନାହିଁ। ଭାରତକୁ ଏବେ କୌଣସି ନୂଆ ରାଜନୈତିକ ଦଳ ନୁହେଁ, ବରଂ ଏକ ଶକ୍ତିଶାଳୀ ଚାପ ସୃଷ୍ଟିକାରୀ ଗୋଷ୍ଠୀର ଆବଶ୍ୟକତା ରହିଛି। ସୁପ୍ରିମକୋର୍ଟଙ୍କ ଶୁଣାଣି ସମୟରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଯୁବବର୍ଗଙ୍କୁ 'କାକ୍ରୋଚ୍' (ଅସରପା) ବୋଲି ସମ୍ବୋଧନ କରିବା ପରେ ଆମେରିକାରେ ପଢୁଥିବା ଭାରତୀୟ ଛାତ୍ର ଅଭିଜିତ୍ ଏକ ବ୍ୟଙ୍ଗାତ୍ମକ ଅନଲାଇନ୍ ପ୍ରଚାର ଭାବେ 'କାକ୍ରୋଚ୍ ଜନତା ପାର୍ଟି' ଆରମ୍ଭ କରିଥିଲେ।

## କାର ଦୁର୍ଘଟଣାରେ ଗ୍ୟାଙ୍ଗଷ୍ଟର-ନେତା ଅତୀକଙ୍କ ପୁଅର ମୃତ୍ୟୁ



ଝାନ୍ସୀ, ୬।୮(ଏଜେନ୍ସି): ଉତ୍ତର ପ୍ରଦେଶର ଝାନ୍ସୀ ଜିଲ୍ଲାରେ ଗୁରୁବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ପୂର୍ବତନ ରାଜନେତା ତଥା ଗ୍ୟାଙ୍ଗଷ୍ଟର ଅତୀକ ଅହମ୍ମଦଙ୍କ ସାନ ପୁଅ ଆବାନଙ୍କ ମୃତ୍ୟୁ ଘଟିଛି। ଗାଡ଼ିଟି ଦ୍ରୁତ ଗତିରେ ଯାଉଥିବା ସମୟରେ ନିୟନ୍ତ୍ରଣ ହରାଇ ଏକ ସଡ଼କ ବିଭାଜକ (ଡିଭାଇଡର) ସହ ପିଟି ହୋଇଯିବାରୁ ଏହି ଦୁର୍ଘଟଣା ଘଟିଛି। ପୁଲିସର ସୂଚନା ଅନୁସାରେ, ଏହି ଦୁର୍ଘଟଣାରେ ଆବାନଙ୍କ ସହ ତାଙ୍କ ବନ୍ଧୁ ସୋନୁଙ୍କର ମଧ୍ୟ ପ୍ରାଣହାନି ଘଟିଛି। ଏହି ଗାଡ଼ିରେ ମୋଟ ୫ ଜଣ ଯାତ୍ରୀ ପ୍ରୟାଗରାଜରୁ ଝାନ୍ସୀ ଆଡ଼କୁ ଯାଉଥିଲେ। କାନପୁର-ଝାନ୍ସୀ ରାସ୍ତାର ପୁଞ୍ଛ ଅଞ୍ଚଳରେ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଛନ୍ତି, ଯାହାଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ଝାନ୍ସୀ ଆରକ୍ଷୀ ଅଧୀକ୍ଷକ ବିବିଜିଟିଏସ ମୂର୍ତ୍ତୀ ପ୍ରାଥମିକ ତଦନ୍ତ ଆଧାରରେ ପ୍ରକାଶ କରିଛନ୍ତି ଯେ, ଗାଡ଼ିଟି ଅତ୍ୟନ୍ତ ତୀବ୍ର ଗତିରେ ଥିବାରୁ ଏହା ଅନିୟନ୍ତ୍ରିତ ହୋଇ ଡିଭାଇଡରରେ ପିଟି ହୋଇଯାଇଥିଲା। ମୃତ ଆବାନ ହେଉଛନ୍ତି ଅତୀକ ଅହମ୍ମଦଙ୍କ ୫ ଜଣ ପୁଅଙ୍କ ମଧ୍ୟରୁ ସବୁଠାରୁ ସାନ। ପୂର୍ବରୁ ଅତୀକ ଅହମ୍ମଦଙ୍କ ଅନ୍ୟ ଜଣେ ପୁଅ ଅସଦ ଏନକାଉଣ୍ଟରରେ ମୃତ୍ୟୁବରଣ କରିଥିବା ବେଳେ, ଅତୀକ ଓ ତାଙ୍କ ଭାଇଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ବର୍ତ୍ତମାନ ଏହି ନୂତନ ଦୁର୍ଘଟଣା ସହ ଅତୀକ ଅହମ୍ମଦଙ୍କ ପରିବାରର ଆଉ ଜଣେ ସଦସ୍ୟଙ୍କ ମୃତ୍ୟୁ ଘଟିଛି।

## ଟ୍ରମ୍ପଙ୍କ ହେଲିକପ୍ଟର ନିକଟତର ହେଲା ଯାତ୍ରୀ ବିମାନ

ନୂଆଦିଲ୍ଲୀ, ୬।୮(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସରକାରୀ ହେଲିକପ୍ଟର 'ମେରିନ୍ ୱାନ୍' ନିକଟ ଦେଇ ଏକ ଯାତ୍ରୀବାହୀ ବିମାନ ଉଡ଼ାଣ ଭରିବା ପରେ ଏକ ବଡ଼ ସୁରକ୍ଷା ତ୍ରୁଟି ସାମ୍ନାକୁ ଆସିଛି। ଏହି ଘଟଣାକୁ ଗମ୍ଭୀରତାର ସହ ନେଇ ଆମେରିକାର ସଂଘୀୟ ବିମାନ ଚଳାଚଳ ପ୍ରାଧିକରଣ (ଏଫ୍ଏଏ) ଏକ ତଦନ୍ତ ନିର୍ଦ୍ଦେଶ ଦେଇଛି। ମଙ୍ଗଳବାର ଅପରାହ୍ନ ପ୍ରାୟ ୨:୩୦ ସମୟରେ ରାଷ୍ଟ୍ରପତି ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରୁ 'ମେରିନ୍ ୱାନ୍' ଯୋଗେ ଯାଉଥିବା ବେଳେ, ନିକଟସ୍ଥ ରୋନାଲ୍ଡ ରେଗାନ୍ ୱାଶିଂଟନ୍ ଜାତୀୟ ବିମାନବନ୍ଦରରୁ ଏକ ଯାତ୍ରୀବାହୀ ବିମାନ ଉଡ଼ାଣ ଭରିଥିଲା। ଉଭୟ ଆକାଶମାର୍ଗରେ ମାତ୍ର ୧.୩ କିଲୋମିଟର ପରସ୍ପରର ନିକଟତର ହୋଇଯାଇଥିଲେ। ପ୍ରାଥମିକ ତଦନ୍ତ ଅନୁସାରେ, ରାଷ୍ଟ୍ରପତି କୌଣସି ପ୍ରତ୍ୟକ୍ଷ ବିପଦରେ ନଥିଲେ ମଧ୍ୟ ସୁରକ୍ଷା ନିୟମାବଳୀର ଉଲ୍ଲଂଘନ ହୋଇଛି। ସାଧାରଣତଃ 'ମେରିନ୍ ୱାନ୍' ଉଡ଼ାଣ ଭରିବା ସମୟରେ ସମ୍ପୃକ୍ତ ବିମାନବନ୍ଦରରୁ ଅନ୍ୟ ସାଧାରଣ ବିମାନର ସେବା କିଛି ସମୟ ପାଇଁ ବନ୍ଦ ରଖାଯାଇଥାଏ। ମାତ୍ର ଏୟାର ଟ୍ରାଫିକ୍ କଣ୍ଟ୍ରୋଲ୍ (ଏସିଟି)ର ତ୍ରୁଟି ହେତୁ ଏହି ନିୟମ ପାଳନ କରାଯାଇନଥିଲା। ହେଲିକପ୍ଟରର ଚାଳକ କଣ୍ଟ୍ରୋଲ ଟାୱାରକୁ ପୂର୍ବରୁ ସୂଚନା ଦେଇଥିଲେ ମଧ୍ୟ ସଠିକ୍ ଯୋଗାଯୋଗ ହୋଇପାରିନଥିଲା। ୨୦୨୫ ଜାନୁଆରୀ ୨୯ରେ ବିମାନ ଏବଂ ହେଲିକପ୍ଟର ମଧ୍ୟରେ ଧକ୍କା ହୋଇ ୬୭ ଜଣଙ୍କ ମୃତ୍ୟୁ ଘଟିବା ପରେ ସୁରକ୍ଷା ନିୟମକୁ ଅଧିକ କଡ଼ାକଡ଼ି କରାଯାଇଥିଲା। ଏହି ନୂତନ ସୁରକ୍ଷା ତ୍ରୁଟି ପରେ କଣ୍ଟ୍ରୋଲ ଟାୱାରର ଅବହେଳାକୁ ନେଇ ପ୍ରାଧିକରଣ ତଦନ୍ତ ପ୍ରକ୍ରିୟା ଜୋରଦାର କରିଛି।



## ଚାଷ କ୍ଷେତରେ ଭାଇଭଉଣୀଙ୍କୁ ମାରିଲା ଭାଲୁ, ଜଣେ ଗୁରୁତର

■ ଦୁଇ ମୃତଦେହକୁ ଜଗି ରହିଲା
■ ଅଚେତ କରି ଭାଲୁକୁ ଧରିଲା ବନ ବିଭାଗ

ନବରଙ୍ଗପୁର,୬।୮(ସମିସ): ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ରାଇଘର ବ୍ଲକ୍ ସୀମାନ୍ତ ଛତିଶଗଡ଼ ଅନ୍ତର୍ଗତ କାଂକେର ଜିଲ୍ଲା ମୁଖ୍ୟାଳୟରୁ ମାତ୍ର ୧୫ କିଲୋମିଟର ଦୂର ମାର୍କାଟୋଲା ଗାଁରେ ଏକ ମାଇଭାଲୁ ଆକ୍ରମଣରେ ଭାଇଭଉଣୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଭଉଣୀ ଗୁରୁତର ହୋଇଛି। ଗୁରୁତର ଭଉଣୀକୁ ଚିକିତ୍ସା ପାଇଁ ରାୟପୁରସ୍ଥିତ ଏକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଭାଲୁଟି ଜଙ୍ଗଲରେ ଏକ ଛୁଆ ଭାଲୁକୁ ମାରି ଦେଇଥିଲା। ଉକ୍ତ ଘଟଣା ସମ୍ପର୍କରେ ସ୍ଥାନୀୟ ବନ ବିଭାଗ ସୂଚନା ପାଇବା ପରେ ଏକ ଟିମ୍ ଛୁଆ ଭାଲୁର ମୃତଦେହକୁ ଜବତ କରିଥିଲେ। ତା ପରଦିନ ଅର୍ଥାତ ବୁଧବାର ସକାଳୁ ମାର୍କାଟୋଲା ଗାଁର ହଲାଲଖୋର ଜୁରି ଜଙ୍ଗଲ ନିକଟରେ ଥିବା ଏକ କ୍ଷେତରେ କାମ କରୁଥିବା ବେଳେ ଉକ୍ତ ମାଇ ଭାଲୁ ହଠାତ୍ ତାଙ୍କୁ ଆକ୍ରମଣ କରିଥିଲା। ଏହି ସମୟରେ ତାଙ୍କ ଭଉଣୀ ଭାଇକୁ ବଞ୍ଚାଇବାକୁ ଉଦ୍ୟମ କରିଥିଲେ। ହେଲେ ଭାଲୁଟି ତାଙ୍କୁ ଆକ୍ରମଣ କରିଥିଲା। ଦୁଇ ଭାଇଭଉଣୀଙ୍କୁ ଭାଲୁଟି ରକ୍ତାକ୍ତ କରି ଝୁଣି ଦେଇଥିଲା। ଭାଇଭଉଣୀଙ୍କ ଚିତ୍କାର ଶୁଣି ନିକଟ କ୍ଷେତରେ କାମ କରୁଥିବା ଅନ୍ୟ ଜଣେ ଭଉଣୀ ମଧ୍ୟ ସେଠାରେ ପହଞ୍ଚି ଉଭୟଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିଥିଲେ। ଭାଲୁ ତାଙ୍କୁ ମଧ୍ୟ ପାଲଟା ଆକ୍ରମଣ କରିଥିଲା। ଫଳରେ ସେ ମଧ୍ୟ ଗୁରୁତର ଆହତ ହୋଇଥିଲେ। ତିନି ଭାଇଭଉଣୀଙ୍କ ଚିତ୍କାର ଶୁଣି ପାଖ କ୍ଷେତରେ କାମ କରୁଥିବା ଲୋକେ ଘଟଣାସ୍ଥଳରେ ରୁଣ୍ଡ ହୋଇ ଯାଇଥିଲେ। ସ୍ଥାନୀୟ ଲୋକେ, ଗ୍ରାମବାସୀ ସ୍ଥାନୀୟ ବନ ବିଭାଗକୁ ଖବର ଦେବା ପରେ ବନ କର୍ମଚାରୀ ମଧ୍ୟ ପହଞ୍ଚିଥିଲେ। ବନ କର୍ମଚାରୀ ଏବଂ ଗ୍ରାମବାସୀ କୌଣସି ପ୍ରକାରେ ଆହତ ଭଉଣୀଙ୍କୁ ଉଦ୍ଧାର କରି କାଙ୍କେର ମେଡିକାଲ କଲେଜକୁ ପଠାଇଥିଲେ। ଏହା ଭିତରେ ଦୁଇ ଭାଇଭଉଣୀଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇ ସାରିଥିଲା। ଭାଲୁଟି ଦୁଇ ମୃତ ଶରୀରକୁ ଜମି ରହିଥିଲା। ଲୋକେ ମୃତଦେହ ପାଖରେ ପହଞ୍ଚିବା ମାତ୍ରେ ଭାଲୁଟି ଲୋକଙ୍କୁ ଗୋଡ଼ାଉ ଥିଲା। ପ୍ରାୟ ଚାରି ଘଣ୍ଟା ପରେ ରାୟପୁରରୁ ବିଶେଷଜ୍ଞ ଟିମ୍ ପହଞ୍ଚି ଟ୍ରାଙ୍କୁଲାଇଜର ସାହାଯ୍ୟରେ ଭାଲୁକୁ ଅଚେତ କରି ନିୟନ୍ତ୍ରଣ କରିଥିଲେ। ଭାଲୁକୁ ନେଇଯିବା ପରେ ଉଭୟ ଭାଇଭଉଣୀଙ୍କ ମୃତଦେହ ଜବତ ହୋଇଥିଲା। ଭାଲୁଟି ଗୋଟିଏ ପରିବାର ତିନି ଭାଇଭଉଣୀଙ୍କୁ ଆକ୍ରମଣ କରିବା ଘଟଣା ସମଗ୍ର ଗ୍ରାମରେ ଶୋକର ଛାୟା ଖେଳାଇ ଦେଇଛି।

## ୩ ବ୍ଲକ୍‌ର ୩୦ ସ୍କୁଲ୍‌ରେ ଲହଡ଼ି ଭାଙ୍ଗୁଛି ବନ୍ୟାଜଳ

### ଦଶଦିନ ହେଲା ୩୦ଟି ସ୍କୁଲ ଛୁଟି; ପାଠପଢ଼ା ଠପ୍





ଭଦ୍ରକ,୬।୮(ସମିସ): ଭଦ୍ରକ ଜିଲ୍ଲାରେ ବନ୍ୟା ସ୍ଥିତି ହ୍ରାସ ପାଇଥିଲେ ହେଁ ଏବେ ବି ୩ଟି ବ୍ଲକ୍‌ର ୩୦ ସ୍କୁଲ (ପ୍ରାଇମେରୀ, ଅପର ପ୍ରାଇମେରୀ ଓ ହାଇସ୍କୁଲ)ରେ ଲହଡ଼ି ଭାଙ୍ଗୁଛି ବନ୍ୟାଜଳ। ଫଳରେ ଗତ ୨୮ ତାରିଖଠାରୁ ଏହି ୩୦ଟି ସ୍କୁଲକୁ ଛୁଟି ଘୋଷଣା କରାଯାଇଛି। ଯାହାକି ପିଲାଙ୍କ ପାଠପଢ଼ାରେ ବାଧା ସୃଷ୍ଟି ହୋଇଛି।

ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଗତ ମାସ ୨୮ ତାରିଖରେ ଲଗାଣ ବର୍ଷା ଯୋଗୁଁ ଜିଲ୍ଲାର ସମସ୍ତ ସରକାରୀ, ବେସରକାରୀ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଛୁଟି ଘୋଷଣା କରାଯାଇଥିଲା। ପରେ ଏହି ଛୁଟି ବଳବତ୍ତର ରହିଥିଲା। ତେବେ ବନ୍ୟା ସ୍ଥିତିରେ ସୁଧାର ହେବା ପରେ ସ୍କୁଲଗୁଡ଼ିକୁ ଖୋଲାଯାଇଥିଲା। ଏବେ ବି ଜିଲ୍ଲାର ତିହିଡ଼ି, ଚାନ୍ଦବାଲି ଓ ବାସୁଦେବପୁର ବ୍ଲକ୍‌ର ୩୦ଟି ସ୍କୁଲକୁ ବନ୍ୟା ଜଳବନ୍ଦି କରି ରଖିଛି। ତେଣୁ ଉକ୍ତ ୩୦ଟି ସ୍କୁଲରେ ପାଠପଢ଼ା ଠପ୍ ହୋଇଯାଇଛି। ଏହି ବ୍ଲକ୍‌ଗୁଡ଼ିକ ହେଲା- ତିହିଡ଼ି, ଚାନ୍ଦବାଲି ଓ ବାସୁଦେବପୁର ବ୍ଲକ୍। ତିହିଡ଼ି ବ୍ଲକ୍‌ର ୩ଟି ପଞ୍ଚାୟତ ଶ୍ୟାମସୁନ୍ଦରପୁର, ବାରସର ଓ କାଁପଡା ପଞ୍ଚାୟତରେ ସର୍ବାଧିକ ୧୨ଟି ସ୍କୁଲ ଏବେ ବନ୍ୟା ପାଣି ଘେରରେ ରହିଛି। ସ୍କୁଲର ବାହାରେ ଓ ଭିତରେ ବନ୍ୟା ପାଣିର ସୁଅ ଛୁଟିଛି। ଏହି ସ୍କୁଲଗୁଡ଼ିକ ମଧ୍ୟରେ ଶ୍ୟାମସୁନ୍ଦରପୁର ପଞ୍ଚାୟତର ବାଲିଘାଇ ପ୍ରାଇମେରୀ ସ୍କୁଲ, ଇଶାଣପୁର ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ, ଗୋପାଳପୁର ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ, ନୂଆସାହି ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ ଓ ବାଲିସାହି ପ୍ରାଇମେରୀ ସ୍କୁଲ। ସେହିଭଳି ଏହି ବ୍ଲକ୍‌ର ବନ୍ୟାପ୍ଲାବିତ ବାରସର ପଞ୍ଚାୟତ ଅଧୀନ ତିଆଡ଼ିସାହି ପ୍ରାଇମେରୀ ସ୍କୁଲ, ନୂଆବନ୍ଧ ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ, କାଞ୍ଚିଆପଟା ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ, କେଳାସାହି ପ୍ରାଇମେରୀ ସ୍କୁଲ, ଚକରାସାହି ପ୍ରାଇମେରୀ ସ୍କୁଲ ଓ ଭଉଁରିବାଙ୍କ ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ। ତିହିଡ଼ି ବ୍ଲକ୍ କାଁପଡ଼ା ପଞ୍ଚାୟତ ଅଧୀନରେ ଥିବା ବରଣାକୂଳ ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ ମଧ୍ୟ ବନ୍ୟାଘେରରେ ରହିଛି। ବନ୍ୟା ଯୋଗୁଁ ଚାନ୍ଦବାଲି ବ୍ଲକ୍ ଆରଡ଼ି ପଞ୍ଚାୟତ ଅଧୀନ ମୁଆଁ ଅପର ପ୍ରାଇମେରୀ ସ୍କୁଲ ଓ ସନ୍ତରା ପ୍ରାଇମେରୀ ସ୍କୁଲ, ନାନ୍ଦପୁର ପଞ୍ଚାୟତ ଅଧୀନ ବାଙ୍କମୁହାଁ ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ, ଘଟପୁର ପଞ୍ଚାୟତ ମାଝୀସାହି ପ୍ରୋଜେକ୍ଟ ସ୍କୁଲ, ମାଧପୁର ପଞ୍ଚାୟତ ଅଧୀନ କୃଷ୍ଣପୁରପଡ଼ା ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ, ଖେରଙ୍ଗ କାନ୍ଥିସାହି ପ୍ରାଇମେରୀ ସ୍କୁଲ ସହ ଅନ୍ୟ ସ୍କୁଲଗୁଡ଼ିକୁ ମିଶାଇ ମୋଟ୍ ୧୦ଟି ସ୍କୁଲ ଜଳବନ୍ଦି ହୋଇ ରହିଛି। ଅନୁରୂପଭାବେ ବାସୁଦେବପୁର ବ୍ଲକ୍‌ର ୨ଟି ପଞ୍ଚାୟତ ଲୁଙ୍ଗା ଓ ଦଧିବାମନପୁର ପଞ୍ଚାୟତର ୮ଟି ସ୍କୁଲ ବନ୍ୟା ପାଣି ଘେରରେ ରହିଛି। ୩ଟି ବ୍ଲକ୍‌ର ଏହି ୩୦ଟି ସ୍କୁଲ ବନ୍ୟାଘେରରେ ଥିବାରୁ ଏହାକୁ ଛୁଟି କରାଯାଇଛି। ସ୍ୱାଭାବିକ ହେବାକୁ ପ୍ରାୟ ଆଉ ୧ ସପ୍ତାହ ଅଧିକ ସମୟ ଲାଗିବ ବୋଲି ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବନ୍ୟା ଯୋଗୁଁ ସମ୍ପୃକ୍ତ ୩୦ଟି ସ୍କୁଲ ବନ୍ଦ ରହିଥିବାରୁ ସେ ଅଞ୍ଚଳର ପିଲାମାନଙ୍କର ପାଠପଢ଼ା ମଧ୍ୟ ବ୍ୟାହତ ହୋଇଥିବା ପରିଲକ୍ଷିତ ହୋଇଛି।

### ସାନଟେମରା ସରକାରୀ ବିଦ୍ୟାଳୟରେ ଅବ୍ୟବସ୍ଥା

## ହଷ୍ଟେଲ ଛାଡ଼ି ପଳାଇଲେ ଶତାଧିକ ଛାତ୍ର

■ ୩ ଶ୍ରେଣୀ ଗୃହରେ ରହୁଛନ୍ତି ୧୪୦ ଅନ୍ତେବାସୀ
■ ଶୌଚ ପାଇଁ ୧କିମି ଦୂର ନାଳ ଉପରେ ଭରସା
■ ମିଳୁଛି ନିମ୍ନମାନର ଖାଦ୍ୟ



ନବରଙ୍ଗପୁର/ଝରିଗାଁ,୬।୮(ସମିସ): ସରକାର କେଜିରୁ ପିଜି ପର୍ଯ୍ୟନ୍ତ ପିଲାଙ୍କୁ ମାଗଣା ଶିକ୍ଷା ପ୍ରଦାନ ପାଇଁ ଗୁରୁତ୍ୱ ଦେଉଥିବା ବେଳେ ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ସାନଟେମରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଛି। ଭିତ୍ତିଭୂମି ଅଭାବ ସହ ଛାତ୍ରଙ୍କୁ ନିମ୍ନମାନର ଖାଦ୍ୟ ଦିଆ ଯାଉଥିବା ଯୋଗୁଁ ବିଦ୍ୟାଳୟ ଛାତ୍ରାବାସରେ ରହୁଥିବା ପ୍ରାୟ୧୪୦ ଛାତ୍ର ଅସନ୍ତୁଷ୍ଟ ହୋଇ ହଷ୍ଟେଲ ଛାଡ଼ି ପଳାଇଥିଲେ। ବିଦ୍ୟାଳୟକୁ ଶିକ୍ଷକ ଆସିବା ପୂର୍ବରୁ ସକାଳ ପ୍ରାୟ ୯ ଟାରୁ ହାତରେ ବ୍ୟାଗ୍ ଧରି ଘର ମୁହାଁ ହୋଇଥିଲେ। ଖବର ପାଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାରଣା, ଏବିଇଓ ଦଶରଥ ଗଣ୍ଡ, ସିଆର୍‌ସିସି ପଦାରବିନ୍ଦ ମହଲିକ, ଡବ୍ଲୁଇଓ ଅମିତ୍ କୁମାର ନାୟକ ପ୍ରମୁଖ ଛାତ୍ରାବାସରୁ ବାହାରିଥିବା ଛାତ୍ରମାନଙ୍କୁ ଅଧରାସ୍ତାରେ ବୁଝାସୁଝା କରିଥିଲେ। ବିଦ୍ୟାଳୟ ଠାରୁ ପ୍ରାୟ ୧୦ କିମି ଦୂର ଦୁକାଲୁପଡା ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ସେମାନଙ୍କୁ ସମସ୍ତ ଶିକ୍ଷକଙ୍କ ସହଯୋଗରେ ଅଟକ ରଖାଯାଇ ଭାତ ଡାଲମା ଖାଇବାକୁ ଦିଆଯାଇଥିଲା।

ସୂଚନାଯୋଗ୍ୟ, ସାନଟେମରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଥମରୁ ଦଶମ ଶ୍ରେଣୀରେ ୩ ଶହ ୬୧ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ୨୦୧୭ ମସିହାରେ ଶ୍ରେଣୀ ଗୃହରେ ଏକ ଛାତ୍ରାବାସ ଖୋଲାଯାଇଥିଲା। ୨ଶହ ବିଶିଷ୍ଟ ଏହି ଛାତ୍ରାବାସରେ ଜିଲ୍ଲାର ଝରିଗାଁ, ଉମରକୋଟ, ରାଇଘର, ପାପଡାହାଣ୍ଡି ଆଦି ବ୍ଲକରୁ ପ୍ରାୟ ୧୪୦ ଛାତ୍ର ବହୁ ଅସୁବିଧାରେ ରହୁଛନ୍ତି। ନିମ୍ନମାନର ଖାଦ୍ୟ ଦିଆଯାଉଥିବା ନେଇ ଅନ୍ତେବାସୀ ଅଭିଯୋଗ କରିଛନ୍ତି। ଭଙ୍ଗା ପାଇଖାନା ଗୃହ ସହ ଶୌଚାଳୟର ଅଭାବ ରହିଥିବାରୁ ସେମାନେ ଶୌଚ ପାଇଁ ବିଦ୍ୟାଳୟ ଠାରୁ ପ୍ରାୟ ୧ କିମି ଦୂରରେ ରହିଥିବା ଏକ ନାଳ ଉପରେ ଭରସା କରୁଛନ୍ତି। ପିଲାଙ୍କ ପାଇଁ ଯେଉଁ ସବୁ ଖେଳଣା ଯଥା ଫୁଟବଲ ଓ ଅନ୍ୟ ଜିନିଷପତ୍ର ରହିଛିତାକୁ ପ୍ରଧାନ ଶିକ୍ଷୟିତ୍ରୀ ଛୁଇଁବାକୁ ଦେଉ ନଥିବା ଅଭିଯୋଗ ହେଉଛି। ତେବେ ପ୍ରଧାନ ଶିକ୍ଷୟିତ୍ରୀ ଏହାକୁ ଅସ୍ୱୀକାର କରିବା ସହ ଏ ନେଇ ତଦନ୍ତ କରାଯିବ ବୋଲି କହିଛନ୍ତି। ବ୍ଲକ୍ ପ୍ରଶାସନ ତଥା ଜିଲ୍ଲା ପ୍ରଶାସନ ସାନଟେମରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଭିତ୍ତିଭୂମିର ସମସ୍ୟା ନେଇ ଜାଣିଥିଲେ ମଧ୍ୟ ଆନ୍ତରିକତା ଅଭାବ ଯୋଗୁଁ ଏଭଳି ଘଟଣା ଘଟିଥିବା କୁହାଯାଉଛି।

## ବଡ଼ସିମୁଳିଆ ଏସ୍‌ଏସ୍‌ଡି ବାଳିକା ବିଦ୍ୟାଳୟ ହଷ୍ଟେଲରେ ଝାଡ଼ାବାନ୍ତି

କପ୍ତିପଦା, ୬।୮ (ସମିସ): କପ୍ତିପଦା ବ୍ଲକ ବଡ଼ସିମୁଳିଆ ଏସ୍‌ଏସ୍‌ଡି ବାଳିକା ଉଚ୍ଚବିଦ୍ୟାଳୟ ହଷ୍ଟେଲରେ ଝାଡ଼ବାନ୍ତି ବ୍ୟାପିଛି। ଉକ୍ତ ହଷ୍ଟେଲର ୧୯ ଜଣ ଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଗତକାଲି ରାତିରେ ୨୭୫ ଶଯ୍ୟା ବିଶିଷ୍ଟ

### ୧୯ ଜଣ ଛାତ୍ରୀ ମେଡିକାଲରେ ଭର୍ତ୍ତି



ଏସଏସଡି ହଷ୍ଟେଲରେ ଛାତ୍ରୀଙ୍କୁ ମାଛ ଓ ଭାତ ଖାଇବାକୁ ଦିଆଯାଇଥିଲା। ତେବେ ପିଲାଙ୍କ ପେଟରେ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ଆଜି ସେମାନଙ୍କର ବାନ୍ତି ହେବା ସହିତ ଝାଡ଼ା ହୋଇଥିଲା। ଯଦ୍ୱାରା ଛାତ୍ରୀମାନେ ଗୁରୁତର ହୋଇପଡ଼ିଥିଲେ। ଗୁରୁତର ଛାତ୍ରୀଙ୍କୁ ଚିକିତ୍ସା ନିମନ୍ତେ କପ୍ତିପଦା ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ଏବେ ୧୯ରୁ ଅଧିକ ଅନ୍ତେବାସୀ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। କପ୍ତିପଦାରୁ ଏକ ମେଡିକାଲ ଟିମ୍ ବିଦ୍ୟାଳୟରେ ପହଞ୍ଚି ସମସ୍ତ ଅନ୍ତେବାସିନୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରୁଛନ୍ତି। ତେବେ କେଉଁ କାରଣରୁ ଝାଡ଼ାବାନ୍ତି ବ୍ୟାପିଲା, ତାହାର କାରଣ ଖୋଜାଯାଉଛି। ଖାଦ୍ୟରେ ଅନିୟମିତତା ନା ଅନ୍ୟ କ'ଣ କାରଣ ରହିଛି, ତାହାର ଯାଞ୍ଚ କରାଯାଉଛି।

### ୨୦୨୧ରୁ ୨୦୨୩ ମଧ୍ୟରେ ଜଙ୍ଗଲ ବଢ଼ିଛି ୧୫୨ ବର୍ଗ କିଲୋମିଟର

## ଗତ ୫ ବର୍ଷରେ କେନ୍ଦ୍ର ଦେଇଛି ମାତ୍ର ୧୧୩ କୋଟି ଆର୍ଥିକ ସହାୟତା

ନୂଆଦିଲ୍ଲୀ/ଭୁବନେଶ୍ୱର (ସମିସ): ଗତ ୨୦୨୧ରୁ ୨୦୨୩ ମସିହା ମଧ୍ୟରେ ଓଡ଼ିଶାରେ ପ୍ରାୟ୧୫୨ ବର୍ଗ କିଲୋମିଟର ଜଙ୍ଗଲ ବୃଦ୍ଧି ପାଇଛି। ରାଜ୍ୟସଭାରେ ବିଜେଡି ସାଂସଦ ମାନସ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ ଏହି ସୂଚନା ଦେଇଛନ୍ତି। ତେବେ ବିଡ଼ମ୍ବନା ହେଉଛି ଗତ ୫ ବର୍ଷ ମଧ୍ୟରେ ଓଡ଼ିଶାକୁ ଜଙ୍ଗଲ ବୃଦ୍ଧି ନିମନ୍ତେ ମାତ୍ର ୧୧୩ କୋଟି ଟଙ୍କା ଆର୍ଥିକ ଅନୁଦାନ ପ୍ରଦାନ କରିଥିବା ମନ୍ତ୍ରୀ ମଧ୍ୟ ଏହି ଅବସରରେ ସ୍ୱୀକାର କରିଛନ୍ତି । ଅର୍ଥାତ୍ ଜଙ୍ଗଲ ବୃଦ୍ଧି ନିମନ୍ତେ ଗତ ୫ ବର୍ଷରେ ଓଡ଼ିଶା ବାର୍ଷିକ ହାରାହାରି ୨୨.୬ କୋଟି ଟଙ୍କା ଆର୍ଥିକ ସହାୟତା ପାଇଛି ।

ମନ୍ତ୍ରୀ କହିଛନ୍ତି ଯେ ଇଣ୍ଡିଆ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ୨୦୨୩ ଅନୁସାରେ ଓଡ଼ିଶାରେ ମୋଟ ଜଙ୍ଗଲ ଆବରଣ ୫୨,୪୩୩.୫୬ ବର୍ଗ କିଲୋମିଟରରେ ପହଞ୍ଚିଛି। ୨୦୨୧ ରିପୋର୍ଟ ତୁଳନାରେ ରାଜ୍ୟର ଜଙ୍ଗଲ ପରିମାଣ ୧୫୧.୮୯ ବର୍ଗ କିଲୋମିଟର ବୃଦ୍ଧି ପାଇଛି। ଡେ଼ରାଡୁନସ୍ଥିତ ବନ ସର୍ବେକ୍ଷଣ ସଂସ୍ଥା (ଏଫ୍‌ଏସ୍‌ଆଇ) ପ୍ରତି ଦୁଇ ବର୍ଷରେ ଉପଗ୍ରହ ଚିତ୍ର, ଜାତୀୟ ବନ ତାଲିକା ଆଧାରରେ ଦେଶର ଜଙ୍ଗଲ ଆବରଣର ଆକଳନ କରିଥାଏ। ସେହି ଆକଳନ ଅନୁଯାୟୀ ଓଡ଼ିଶା ଦେଶର ଅନ୍ୟତମ ବୃହତ୍ ବନାଞ୍ଚଳ ରାଜ୍ୟ ଭାବେ ନିଜ ସ୍ଥାନ ବଜାୟ ରଖିଛି। ଗତ ପାଞ୍ଚ ଆର୍ଥିକ ବର୍ଷ ମଧ୍ୟରେ ଓଡ଼ିଶାରେ ବନୀକରଣ ଓ ବନ ସଂରକ୍ଷଣ ପାଇଁ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ଅଧୀନରେ ୧୧୩.୨୬ କୋଟି ଟଙ୍କାରୁ ଅଧିକ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏଥିରେ ଗ୍ରୀନ୍ ଇଣ୍ଡିଆ ମିଶନ ଅଧୀନରେ ୩୮.୮୧ କୋଟି ଟଙ୍କା, ବନ୍ୟପ୍ରାଣୀ ବାସସ୍ଥଳୀ ବିକାଶ ଯୋଜନା ପାଇଁ ୩୮.୬୬ କୋଟି ଟଙ୍କା, ଫରେଷ୍ଟ ଫାୟାର ପ୍ରିଭେନ୍ସନ୍ ଆଣ୍ଡ ମ୍ୟାନେଜମେଣ୍ଟ ଯୋଜନାରେ ୧୬.୩୮ କୋଟି ଟଙ୍କା, ମିଷ୍ଟି ଯୋଜନାରେ ୭୦ ଲକ୍ଷ ଟଙ୍କା ଏବଂ ନଗର ବନ ଯୋଜନା ପାଇଁ ୧୮.୭୧ କୋଟି ଟଙ୍କା ସାମିଲ ରହିଛି।

ଏହି ଯୋଜନାଗୁଡ଼ିକ ଅଧୀନରେ ବ୍ୟାପକ ବୃକ୍ଷରୋପଣ, ବନ୍ୟପ୍ରାଣୀ ବାସସ୍ଥଳୀର ଉନ୍ନତି, ଜଙ୍ଗଲରେ ଅଗ୍ନିକାଣ୍ଡ ରୋକିବା ଓ ପରିଚାଳନା, ଉପକୂଳ ଅଞ୍ଚଳରେ ମ୍ୟାଙ୍ଗ୍ରୋଭ୍ ବୃକ୍ଷରୋପଣ, ସହରାଞ୍ଚଳରେ ନଗର ବନର ବିକାଶ, ମୃତ୍ତିକା ଓ ଆର୍ଦ୍ରତା ସଂରକ୍ଷଣ ସହ ଇକୋ-ଡେଭେଲପମେଣ୍ଟ ଭଳି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

## କାଠ ଫାଳିଆରେ ପିଟି ପୁଅକୁ ହତ୍ୟାକଲା ବାପା



କଲମପୁର,୬।୮(ସମିସ): କଳାହାଣ୍ଡି ଜିଲ୍ଲା କଲମପୁର ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ପାରିବାରିକ କଳହରୁ ବାପାର କାଠ ପାଳିଆରେ ପୁଅର ମୃତ୍ୟୁ ଘଟିଛି। ସୂଚନା ଅନୁସାରେ, କଲମପୁର ଥାନା ଅଧୀନ ନୁଆଗୁଡ଼ା ଗ୍ରାମର ମାନସିଂ ଗହିର ଓ ପୁଅ ଆଲୋକ ରଞ୍ଜନ ଗହିରଙ୍କ ମଧ୍ୟରେ ବୁଧବାର ରାତିରେ କୌଣସି କାରଣବଶତଃ ବଚସା ହୋଇଥିଲା। ଏଥିରେ ରାଗିଯାଇ ବାପା ମାନସିଂ ଏକ କାଠ ଫାଳିଆରେ ପୁଅ ଆଲୋକକୁ ଆକ୍ରମଣ କରିଥିଲା। ଫଳରେ ଆଲୋକ ସେହିଠାରେ ଟଳିପଡ଼ିଥିଲା। ଗୁରୁତର ଅବସ୍ଥାରେ ଆଲୋକଙ୍କୁ ବଡ଼ଭାଇ ଦୀପକ ଗହିର ପଡ଼ୋଶୀ ମିଶି କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଆଶୁତୋଷ ପରିଡ଼ା ଆଲୋକକୁ ମୃତ ଘୋଷଣା କରିଥିଲେ। ସୂଚନାପାଇ କଲମପୁର ପୁଲିସ ପହଞ୍ଚି ଶବ ଜବତ କରିବା ସହିତ ଅଭିଯୁକ୍ତ ମାନସିଂଙ୍କୁ ଅଟକ ରଖି ତଦନ୍ତ ଚଳାଇଥିଲା। ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ ସହିତ ଆଲୋକ ରଞ୍ଜନ ପଡିଯାଇଥିବା ସ୍ଥାନର ରକ୍ତଛିଟା ସଂଗ୍ରହ କରିଥିଲା। ମାମଲା ରୁଜୁ ହେବାପରେ ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲା। ଆଜି ଅପରାହ୍ଣରେ ଅଭିଯୁକ୍ତ ମାନସିଂଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି। କଲମପୁର ଥାନା ଅଧିକାରୀ ସୁନିଲୋ କଣ୍ଡାଗୋରି ତଦନ୍ତ କରୁଛନ୍ତି।

### ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬

## ୫୮.୩୬ ଲକ୍ଷ ଲୋକଙ୍କୁ ନୋଟିସ

■ ୩୦.୧୧ ଲକ୍ଷଙ୍କର ସରିଲାଣି ଶୁଣାଣି
■ ଆସନ୍ତା ୧୯ ଯାଏଁ କରିହେବ ଆବେଦନ

ଭୁବନେଶ୍ୱର,୬।୮(ସମିସ): ରାଜ୍ୟରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର)-୨୦୨୬ ପ୍ରକ୍ରିୟା ବର୍ତ୍ତମାନ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ରାଜ୍ୟବ୍ୟାପୀ ଲୋକଙ୍କଠାରୁ ଦାବି, ଆପତ୍ତି ଓ ଶୁଣାଣି ପ୍ରକ୍ରିୟା ଜୋରଦାର ଜାରି ରହିଥିବା ବେଳେ ଆସନ୍ତା ଅଗଷ୍ଟ ୧୯ ତାରିଖ ଯାଏଁ ଜାରି ରହିବ। ଗୁରୁବାର ସୁଦ୍ଧା ମୋଟ ୫୮ ଲକ୍ଷ ୩୬ ହଜାର ୪୩୦ ଜଣ ଭୋଟରଙ୍କ ନାମରେ ନୋଟିସ ଜାରି କରାଯାଇଛି। ସେଥିମଧ୍ୟରୁ ୫୭ ଲକ୍ଷ ୭୭ହଜାର ୫୬୫ଜଣ ଭୋଟରଙ୍କୁ ସଫଳତାର ସହ ନୋଟିସ ପ୍ରଦାନ କରାଯାଇଛି। ଅନ୍ୟପଟେ ନୋଟିସ ପାଇଥିବା ଭୋଟରଙ୍କ ମଧ୍ୟରୁ ୩୦ଲକ୍ଷ ୧୧ ହଜାର ୫୮୭ ଜଣଙ୍କର ଶୁଣାଣି କାର୍ଯ୍ୟ ଶେଷ ହୋଇଛି। ଏବେ ସୁଦ୍ଧା ନୋଟିସ ପ୍ରଦାନ କରାଯାଇଥିବା ଭୋଟରମାନଙ୍କ ଆବଶ୍ୟକୀୟ ତଥ୍ୟ ଅଭାବରୁ ୧୨ ହଜାର ୫୭୨ ଜଣ ଭୋଟରଙ୍କୁ ଚୂଡ଼ାନ୍ତ ତାଲିକାରେ ସାମିଲ ପାଇଁ ଅଯୋଗ୍ୟ ଘୋଷଣା କରାଯାଇଛି। ସେହିପରି ନୂତନ ନାମ ପଞ୍ଜିକରଣ ପାଇଁ ଫର୍ମ-୬ ଜରିଆରେ ୧,୮୧,୭୭୦ ଜଣ ଆବେଦନ କରିଛନ୍ତି। ଭୋଟର ତାଲିକାରୁ ଗୋଟିଏ ସ୍ଥାନରେ ନାମ ରଖି ଅନ୍ୟ ସ୍ଥାନରେ ନାମ ହଟାଇବା ପାଇଁ ଫର୍ମ-୭ରେ ୩୭,୨୬୫ଟି ଆବେଦନ ଦାଖଲ ହୋଇଛି। ଭୋଟରଙ୍କ ନାମ, ଠିକଣା କିମ୍ବା ଅନ୍ୟାନ୍ୟ ସଂଶୋଧନ ଓ ପରିବାରର ସଦସ୍ୟଙ୍କ ନାମ ଏକତ୍ର ଗୋଟିଏ ସ୍ଥାନରେ ରଖିବା ପାଇଁ ଫର୍ମ-୮ରେ ୧,୬୩,୪୨୪ ଜଣ ଭୋଟର ଆବେଦନ କରିଛନ୍ତି। ସେହିପରି ରାଜ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାର ପାଟକୁରା ନିର୍ବାଚନମଣ୍ଡଳୀ ଓ ଅନୁଗୋଳ ଜିଲ୍ଲାର ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ଶତପ୍ରତିଶତ ନୋଟିସ ପ୍ରଦାନ କରି ତାହାର ଶତପ୍ରତିଶତ ଶୁଣାଣି ଶେଷକରି ସର୍ବାଗ୍ରେ ରହିଛନ୍ତି। ସମସ୍ତ ଯୋଗ୍ୟ ନାଗରିକମାନଙ୍କୁ ଅଗଷ୍ଟ ୧୯ ମଧ୍ୟରେ ନିଜର ଦାବି କିମ୍ବା ଆପତ୍ତି ଆବେଦନ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପାଳନ ନିବେଦନ କରିଛନ୍ତି।

### ବହି ତ୍ରୁଟିକୁ ନେଇ ତେଜୁଛି ରାଜନୀତ: ଆଜି ଗାନ୍ଧୀମାର୍ଗରେ 'ଶିକ୍ଷା ବଞ୍ଚାଓ' ଆନ୍ଦୋଳନ

## ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ତୀବ୍ର

ଭୁବନେଶ୍ୱର, ୫।୮ (ସମିସ): ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ନେଇ ବିବାଦ ଦିନକୁ ଦିନ ଉଗ୍ର ହେବାରେ ଲାଗିଛି। ପ୍ରଶ୍ନପତ୍ର ଲିକ୍, ପରୀକ୍ଷା ପରିଚାଳନାରେ ଅବ୍ୟବସ୍ଥା, ପାଠ୍ୟପୁସ୍ତକରେ ହଜାର ହଜାର ତ୍ରୁଟି ଏବଂ ସଂଶୋଧିତ ପୁସ୍ତକରେ ମଧ୍ୟ ଭୁଲ ରହିଥିବା ଅଭିଯୋଗକୁ କେନ୍ଦ୍ର କରି ରାଜ୍ୟରେ ଅସନ୍ତୋଷ ବଢ଼ିଛି। ଏହାର ପ୍ରତିବାଦରେ ଶୁକ୍ରବାର ଭୁବନେଶ୍ୱରର ଗାନ୍ଧୀମାର୍ଗରେ ବିଶାଳ ଶିକ୍ଷା ବଞ୍ଚାଓ ଆନ୍ଦୋଳନ ଡ଼ାକରା ଦିଆଯାଇଛି ଏବଂ ଏଥିରେ ଶିକ୍ଷକ ସଂଗଠନ, ଅଭିଭାବକ ସଂଘ, ଛାତ୍ର ସଂଗଠନ ଓ ବିଭିନ୍ନ ସାମାଜିକ ସଂଗଠନ ଯୋଗଦେବେ। ଜାତୀୟ ଶିକ୍ଷା ନୀତି ୨୦୨୦ ପ୍ରତ୍ୟାହାର, ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ବଦଳରେ ପୁରୁଣା ପୁସ୍ତକ ପୁନଃ ପ୍ରଚଳନ, ଖାଲି ପଡ଼ିଥିବା ଶିକ୍ଷକ ପଦ ପୂରଣ, ପୁରୁଣା ପେନସନ ବ୍ୟବସ୍ଥା ଫେରାଇବା ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ନେଇ ଆନ୍ଦୋଳନ ହେବ ବୋଲି ସୂଚନା ମିଳିଛି ।

ରାଜ୍ୟରେ ସ୍କୁଲ ପାଠ୍ୟପୁସ୍ତକରେ ହଜାର ହଜାର ତ୍ରୁଟି ବାହାରିବା ପରେ ସରକାର ସଂଶୋଧିତ ପୁସ୍ତକ ପ୍ରଦାନ ପାଇଁ ଘୋଷଣା କରିଥିଲେ । କିନ୍ତୁ ସେି ସଂଶୋଧିତ ସଂସ୍କରଣରେ ମଧ୍ୟ ଅନେକ ଭୁଲ ରହିଥିବାରୁ ଏହାକୁ ତୁରନ୍ତ ପ୍ରତ୍ୟାହାର କରି ପୂର୍ବରୁ ପ୍ରଚଳିତ ପୁସ୍ତକକୁ ଫେରାଇ ଆଣିବା ପାଇଁ ଶିକ୍ଷାବିତ୍ ଓ ଅଭିଭାବକମାନେ ଦାବି କରିଛନ୍ତି । ଜାତୀୟ ଫେଡେରେସନ୍ ଅଫ୍ ମୁଭମେଣ୍ଟ ଫର୍ ଏଡୁକେସନ୍‌ର ଜାତୀୟ ଆବାହକ ଅମିୟ ମହାନ୍ତି କହିଛନ୍ତି ଏହା କେବଳ ଓଡ଼ିଶାର ପ୍ରସଙ୍ଗ ନୁହେଁ, ବରଂ ସାରା ଦେଶରେ ଶିକ୍ଷା ବ୍ୟବସ୍ଥାକୁ ସୁରକ୍ଷା ଦେବା ପାଇଁ ଏହି ଆନ୍ଦୋଳନ ହେଉଛି। ଭାରତୀୟ ଅଭିଭାବକ ସଂଘର ଓଡ଼ିଶା ସଭାପତି ପ୍ରଦୀପ ନାୟକ କହିଛନ୍ତି ଯେ ପିଲାମାନଙ୍କ ଭବିଷ୍ୟତ ସହ ଖେଳ କରାଯାଉଛି ଏବଂ ସରକାର ଏହାର ଜବାବ ଦେବାକୁ ବାଧ୍ୟ।

ଏହି ଆନ୍ଦୋଳନରେ ବିଭିନ୍ନ ରାଜନୈତିକ ଦଳର ଛାତ୍ର ସଂଗଠନଙ୍କୁ ମଧ୍ୟ ସାମିଲ ହେବାକୁ ଆହ୍ୱାନ କରାଯାଇଛି। ଏଆଇଏସଏଫ୍‌ର ରାଜ୍ୟ ସଭାପତି ସଂଘମିତ୍ରା ଜେନା କହିଛନ୍ତି ଯେ ପାଠ୍ୟପୁସ୍ତକରେ ଏତେ ପରିମାଣର ତ୍ରୁଟି ଥିବା ସତ୍ତ୍ୱେ ସରକାରଙ୍କ ନୀରବତା ଅତ୍ୟନ୍ତ ଦୁଃଖଦ। ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ସରକାର ସ୍ପଷ୍ଟ ନୀତି ଓ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବାକୁ ସେ ଦାବି କରିଛନ୍ତି। ଏହି ପ୍ରସଙ୍ଗରେ କଂଗ୍ରେସ ରାଜ୍ୟ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛି। ଡବଲ୍ ଇଞ୍ଜିନ୍ ସରକାର ଓଡ଼ିଶାର ଭବିଷ୍ୟତ ପିଢ଼ିକୁ ଅନ୍ଧକାର ଆଡ଼କୁ ଠେଲି ଦେଇଛି। ଦଳର ଅଭିଯୋଗ ଅନୁସାରେ ଏପର୍ଯ୍ୟନ୍ତ ଅନେକ ଛାତ୍ରଛାତ୍ରୀଙ୍କ ହାତରେ ପାଠ୍ୟପୁସ୍ତକ ପହଞ୍ଚିନାହିଁ। ଏଭଳି ସ୍ଥିତିରେ ଶିକ୍ଷାବର୍ଷର ବଡ଼ ଅଂଶ ନଷ୍ଟ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ତୁରନ୍ତ ପିଲାମାନଙ୍କୁ ପାଠ୍ୟପୁସ୍ତକ ବଣ୍ଟନର ନିର୍ଦ୍ଦିଷ୍ଟ ସମୟସୀମା ଘୋଷଣା କରନ୍ତୁ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ପଦରୁ ହଟାନ୍ତୁ। ନଚେତ୍ ଦଳ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନକୁ ଆହୁରି ଜୋରଦାର କରିବ ବୋଲି କଂଗ୍ରେସ ଚେତାବନୀ ଦେଇଛି। ଭୁବନେଶ୍ୱରର ଆନ୍ଦୋଳନ ପରେ ପରବର୍ତ୍ତୀ ପର୍ଯ୍ୟାୟରେ ନୂଆଦିଲ୍ଲୀର ଯନ୍ତରମନ୍ତରରେ ମଧ୍ୟ ବିକ୍ଷୋଭ କରିବାକୁ ମଧ୍ୟ ଯୋଜନା ରହିଛି ବୋଲି ସେମାନେ କହିଛନ୍ତି ।

### ମୟୂରଭଞ୍ଜ ସେଣ୍ଟ୍ରାଲ କୋଅପରେଟିଭ୍ ବ୍ୟାଙ୍କରେ ୬୪.୪୨ ଲକ୍ଷ ଟଙ୍କା ହେରଫେର

## ବହଳଦା ଶାଖାର ୨ ପ୍ରାକ୍ତନ କର୍ମଚାରୀଙ୍କୁ ଗିରଫ କଲା ଭିଜିଲାନ୍ସ



ବାରିପଦା, ୬।୮(ସମିସ):ମୟୂରଭଞ୍ଜ ସେଣ୍ଟ୍ରାଲ କୋଅପରେଟିଭ୍ (ଏମସିସି) ବ୍ୟାଙ୍କ ଲିମିଟେଡ୍‌ର ବହଳଦା ଶାଖାରେ ହୋଇଥିବା ପ୍ରାୟ ୬୪.୪୨ ଲକ୍ଷ ଟଙ୍କାର ଆର୍ଥିକ ହେରଫେର ଓ ସରକାରୀ ଅର୍ଥ ଆତ୍ମସାତ୍ ମାମଲାରେ ଓଡ଼ିଶା ଭିଜିଲାନ୍ସ ବିଭାଗ ଗୁରୁବାର ଦୁଇଜଣ ପ୍ରାକ୍ତନ ବ୍ୟାଙ୍କ କର୍ମଚାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବହଳଦା ଶାଖାର ପ୍ରାକ୍ତନ ମ୍ୟାନେଜର ଦିବେନ୍ କୁମାର ମିଶ୍ର ଓ ପ୍ରାକ୍ତନ କର୍ମଚାରୀ ମଳୟ କୁମାର ଦତ୍ତ। ଓଡ଼ିଶା ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଛି ଯେ, ୨୦୧୯ରୁ ୨୦୨୪ ମଧ୍ୟରେ ଅଭିଯୁକ୍ତମାନେ ବ୍ୟାଙ୍କର ଅନ୍ୟ ୩ ଜଣ ସହଯୋଗୀ କର୍ମଚାରୀଙ୍କ ସହ ମିଶି ଜାଲିଆତି କରିଥିଲେ। ଗ୍ରାହକଙ୍କ ଅଜାଣତରେ ଓ ବିନା ସମ୍ମତିରେ ସେମାନଙ୍କର ୨୪ଟି ଅସଲି ଫିକ୍ସଡ୍ ଡିପୋଜିଟ୍ (ଏଫ୍‌ଡି) ବିପରୀତରେ କାଗଜପତ୍ର ଜାଲିଆତି କରି ନକଲି 'ଲୋନ୍ ଏଗେନଷ୍ଟ ଟର୍ମ ଡିପୋଜିଟ୍' ଆକାଉଣ୍ଟ ଖୋଲାଯାଇଥିଲା। ଏହି ଚକ୍ରାନ୍ତ ମାଧ୍ୟମରେ ଅଭିଯୁକ୍ତମାନେ ସମୁଦାୟ ୬୪,୪୨,୦୭୪ ଟଙ୍କା ହଡ଼ପ କରି ନିଜସ୍ୱ କାର୍ଯ୍ୟରେ ବିନିଯୋଗ କରିଥିଲେ। ଏହି ଘଟଣାରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ୫।୮।୨୦୨୬ ତାରିଖରେ ମାମଲା ନଂ-୧୪ ରୁଜୁ କରାଯାଇଛି। ଦୁର୍ନୀତି ନିବାରଣ (ସଂଶୋଧିତ) ଆଇନ୍, ୨୦୧୮ର ଧାରା ୧୩(୨) ଆର/ଡବ୍ଲ୍ୟୁ ୧୩(୧)(ଏ) ଓ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି)ର ୪୦୯/୧୨୦-ବି ଦଫାରେ ଏହି କେସ୍ ଦାୟର ହୋଇଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ ଆଜି ବାରିପଦାସ୍ଥ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଅଦାଲତକୁ ଚାଲାଣ କରାଯାଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

### ଯାଜପୁର ଗସ୍ତରେ ସ୍ୱାସ୍ଥ୍ୟମନ୍ତ୍ରୀ

# ବିରୋଧ ଭୟ; ବନ୍ୟାଞ୍ଚଳ ନଯାଇ ଜିଲ୍ଲାପାଳଙ୍କ ଅଫିସରେ ସମୀକ୍ଷା

ଯାଜପୁର,୬।୮ (ସମିସ)



ଯାଜପୁର ଜିଲ୍ଲାରେ ଆସିଥିବା ବନ୍ୟା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି। କିନ୍ତୁ ବନ୍ୟାଞ୍ଚଳରେ ବିପନ୍ନମାନଙ୍କ ନିକଟରେ ଆବଶ୍ୟକ ପରିମାଣର ସରକାରୀ ରିଲିଫ ସାମଗ୍ରୀ ମିଳିନଥିବା ନେଇ ଅସନ୍ତୋଷ ରହିଛି। ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦଶରଥପୁର ଏବଂ ବଡ଼ଚଣା ଅଞ୍ଚଳର ବନ୍ୟାସ୍ଥିତି ପରିଦର୍ଶନ କରୁଥିବାବେଳେ ବିପନ୍ନଙ୍କ ବିରୋଧର ସମ୍ମୁଖୀନ ହୋଇଥିଲେ। ଯାହା ସରକାରଙ୍କ ବନ୍ୟା ପରିଚାଳନା ଦକ୍ଷତାରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଜି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ବିଭିନ୍ନ ବନ୍ୟାଞ୍ଚଳ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ଥିଲା। ଏହା ପରେ ଜିଲ୍ଲାପାଳ ଅଫିସରେ ସମୀକ୍ଷା କାର୍ଯ୍ୟକ୍ରମ ରହିଥିଲା। ତେବେ ମନ୍ତ୍ରୀ ବନ୍ୟାଞ୍ଚଳକୁ ନଯାଇ କେବଳ ଜିଲ୍ଲାପାଳ ଅଫିସରେ ସମୀକ୍ଷା କରି ଫେରି ଯାଇଥିବା ଜଣାପଡ଼ିଛି। ବନ୍ୟା ବିପନ୍ନଙ୍କ ପକ୍ଷରୁ ମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରାଯିବା ସମ୍ପର୍କରେ ସୂଚନା ପାଇ ମନ୍ତ୍ରୀ ଏଭଳି ଗସ୍ତ କାର୍ଯ୍ୟକ୍ରମକୁ ବାତିଲ କରିଥିବା ଚର୍ଚ୍ଚା ହେଉଛି। ଗସ୍ତ ଅବସରରେ ମନ୍ତ୍ରୀ ଡ. ମହାଲିଙ୍ଗ ପ୍ରଥମେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ମା' ଶିଶୁ ୱାର୍ଡ ଏବଂ ଅନ୍ୟାନ୍ୟ ବିଭାଗ ବୁଲି ଦେଖିଥିଲେ। ସେଠାରେ ବନ୍ୟା ସମୟରେ ଉଦ୍ଧାର କରାଯାଇଥିବା ଗର୍ଭବତୀ ମା'ମାନଙ୍କ ସମେତ ଚିକିତ୍ସାଧୀନ ଅନ୍ୟ ରୋଗୀଙ୍କ ସହ ସ୍ୱାସ୍ଥ୍ୟସେବାର ଗୁଣବତ୍ତା ସମ୍ପର୍କରେ ସିଧାସଳଖ ପଚାରି ବୁଝିଥିଲେ। ଏହାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇ ଜିଲ୍ଲାର ସ୍ୱାସ୍ଥ୍ୟସେବା, ରୋଗ ନିୟନ୍ତ୍ରଣ ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଅନୁଧ୍ୟାନ କରିଥିଲେ। ସମୀକ୍ଷା ବୈଠକରେ ମନ୍ତ୍ରୀ କହିଥିଲେ ଯେ ବନ୍ୟା ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ବନ୍ୟା ଜଳ ଅପସାରଣ ପରେ ଝାଡ଼ାବାନ୍ତି (ଡାଇରିଆ), କଲେରା, ମ୍ୟାଲେରିଆ ଓ ଡେଙ୍ଗୁ ଭଳି ଜଳ ଓ ବାହକବାହିତ ରୋଗ ବ୍ୟାପିବାର ସମ୍ଭାବନା ଅଧିକ ଥାଏ। ଏହି ସମ୍ଭାବ୍ୟ ସଂକ୍ରମଣକୁ ରୋକିବା ପାଇଁ ସ୍ୱାସ୍ଥ୍ୟ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ମିଳିତ ଭାବେ 'ଆଗୁଆ ଯୋଜନା' ଏବଂ 'ବିସ୍ତୃତ ଯୋଜନା' ଆଧାରରେ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ଉଦ୍ୟମକୁ ପ୍ରଶଂସା କରି କହିଥିଲେ ଯେ ବନ୍ୟା ସମୟରେ ୬୦ ଜଣ ଆସନ୍ନ ପ୍ରସବା ମହିଳାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୪୭ ଜଣ ସୁସ୍ଥ ମାତୃତ୍ୱ ଲାଭ କରିସାରିଥିବା ବେଳେ ୪୦ ଜଣ ହସ୍ପିଟାଲରୁ ଡିସଚାର୍ଜ ହୋଇସାରିଛନ୍ତି। ଏହାସହିତ ବନ୍ୟା ସମୟରେ ସର୍ପାଘାତ ରୋଗୀଙ୍କ ଚିକିତ୍ସା ପାଇଁ ସରକାରଙ୍କ ନିର୍ଦ୍ଦେଶକ୍ରମେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ତର ପର୍ଯ୍ୟନ୍ତ ଆଣ୍ଟି-ସ୍ନେକ୍ ଭେନମ୍ ଇଞ୍ଜେକସନ ଯୋଗାଇ ଦିଆଯାଇଛି।

ବର୍ଷା ଛାଡ଼ିବା ପରେ ସଂକ୍ରାମକ ରୋଗ ନିୟନ୍ତ୍ରଣ ପାଇଁ କମ୍ୟୁନିଟି ମେଡିସିନ ବିଭାଗ ଓ ଏପିଡେମିଓଲୋଜିଷ୍ଟମାନେ ସକ୍ରିୟ ଭାବେ କ୍ଷେତ୍ରସ୍ତରରେ କାର୍ଯ୍ୟ କରିବେ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ପ୍ରଭାବିତ ଅଞ୍ଚଳରେ ଷ୍ଟପ ଡାଇରିଆ ଅଭିଯାନ ସକ୍ରିୟ ଭାବେ କାର୍ଯ୍ୟ କରିବା ଆଶା, ଅଙ୍ଗନବାଡି ଓ ସ୍ୱାସ୍ଥ୍ୟକର୍ମୀଙ୍କ ମାଧ୍ୟମରେ ଘରେ ଘରେ ସଚେତନତା ସୃଷ୍ଟି ପାନୀୟ ଜଳ ଫୁଟାଇ ପିଇବା, ଜଳଉତ୍ସଗୁଡ଼ିକର ନିୟମିତ ବିଶୋଧନ, ଆବଶ୍ୟକୀୟ ଔଷଧର ପର୍ଯ୍ୟାପ୍ତ ମହଜୁଦ ସୁନିଶ୍ଚିତ କରିବା ସହ ମେଡିକାଲ ଟିମ୍‌କୁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପାନୀୟ ଜଳର ଗୁଣବତ୍ତା କ୍ରମାଗତ ଭାବେ ଯାଞ୍ଚ କରିବା, ୩ହଜାରରୁ ଅଧିକ ନଳକୂପ ଓ ଜଳ ଉତ୍ସଗୁଡ଼ିକର ନିୟମିତ ବିଶୋଧନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜନଜୀବନର ସୁରକ୍ଷା ଏବଂ ସମ୍ମାନର ସହିତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଅମ୍ବର କୁମାର କର ବନ୍ୟା ପ୍ରଭାବିତ ଅଞ୍ଚଳରେ ଚାଲିଥିବା ରିଲିଫ୍, ଉଦ୍ଧାର କାର୍ଯ୍ୟ, ମେଡିକାଲ୍ ଟିମ୍ ନିୟୋଜନ, ହାଲୋଜେନ ବଟିକା, ଓଆରଏସ ବଣ୍ଟନ ଏବଂ ଜନସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ମନ୍ତ୍ରୀଙ୍କୁ ବିସ୍ତୃତ ସୂଚନା ଦେଇଥିଲେ। ବୈଠକରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ରବୀନ୍ଦ୍ର ନାଥ ମିଶ୍ର, ସ୍ୱତନ୍ତ୍ର ସଚିବ, ଜନସ୍ୱାସ୍ଥ୍ୟ ଡଃ ବିଜୟ କୁମାର ମିଶ୍ର, ଯୁଗ୍ମ ନିର୍ଦ୍ଦେଶକ, ଡ. ସୁବାଶିଷ ମହାନ୍ତି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନଗେନ୍ଦ୍ର ନାଥ ମହାପାତ୍ର, ଏଡିଏମ୍‌ଓ ଡା. ରମେଶ ଚନ୍ଦ୍ର ମଲ୍ଲିକ, ବିଡିଓ, ତହସିଲଦାର ଏବଂ ଅନ୍ୟାନ୍ୟ ବରିଷ୍ଠ ପ୍ରଶାସନିକ ଓ ସ୍ୱାସ୍ଥ୍ୟ ଅଧିକାରୀ କ୍ଷେତ୍ରୀୟ ଅଧିକାରୀ ଏବଂ ଡାକ୍ତରମାନେ ଉପସ୍ଥିତ ଥିଲେ। ପରିଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରାହ୍ମଣୀରେ ନିଖୋଜ ଯୁବକଙ୍କ ମୃତଦେହ ଖରସ୍ରୋତାରୁ ଉଦ୍ଧାର



**ଯାଜପୁର,୬।୮ (ସମିସ):** ଯାଜପୁର ବ୍ଲକ୍ ସଦର ଥାନା ଅନ୍ତର୍ଗତ ଖରସ୍ରୋତା ନଦୀରେ ଗତ ୪ ତାରିଖରେ ଏକ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଆଜି ମୃତଦେହକୁ ଚିହ୍ନଟ କରିଛନ୍ତି ପରିବାର ଲୋକେ। ମୃତ ଯୁବକ ଜଣକ ହେଲେ ଅଂଶୁମାନ ଗଡ଼ନାୟକ(୨୧)। ଘର ଅନୁଗୋଳ

**ରୁଦ୍ରାକ୍ଷ ଓ ହନୁମାନ ଲକେଟରୁ ପୁଅକୁ ଚିହ୍ନିଲେ ପରିବାର ଲୋକେ**

ଜିଲ୍ଲା ବଁରପାଳ ଥାନା ବଉଳଗଡ଼ ଅଞ୍ଚଳରେ। ସେ ତାଳଚେରଠାରେ ମାମୁଙ୍କ ଘରକୁ ବାହୁଡ଼ା ଯାତ୍ରା ବୁଲିବାକୁ ଯାଇଥିଲେ। ଗତ ୨ ତାରିଖରେ ବ୍ରାହ୍ମଣୀ ନଦୀରେ ସାଥୀ ଦୁଇଜଣଙ୍କ ସହ ଦିନ ୧୨ଟା ସମୟରେ ଗାଧୋଇବା ବେଳେ ଗୋଡ଼ ଖସିଯାଇଥିଲା। ୨ଜଣ ନଦୀର ପ୍ରଖର ସୁଅରେ ଭାସିଯାଇଥିଲେ। ଜଣେ ନଦୀ ଜଳ ସହ ବହୁ ସଂଘର୍ଷ କରୁଥିବା ଦେଖି ଜଣେ ସିକ୍ୟୁରିଟି ଗାର୍ଡ ତାଙ୍କୁ ଉଦ୍ଧାର କରିଥିଲେ। କିନ୍ତୁ ଅଂଶୁମାନଙ୍କର କୌଣସି ପତ୍ତା ମିଳି ନ ଥିଲା। ଅଗ୍ନିଶମ ବାହିନୀ ମଧ୍ୟ ୪ ଦିନ ଧରି ଖୋଜି ଖୋଜି ନାକେଦମ ହୋଇଥିଲା। ନିଖୋଜ ହେବାର ୪ ଦିନ ପରେ ଯାଜପୁର ଖରସ୍ରୋତା ନଦୀରୁ ତାଙ୍କର ମୃତଦେହ ଉଦ୍ଧାର ହୋଇଥିଲା।

ମୃତଦେହ ଉଦ୍ଧାର ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପରିବାର ଲୋକେ ଦେଖି ସଂଗେ ସଂଗେ ସଦର ଥାନା ସହ ଯୋଗାଯୋଗ କରିଥିଲେ। ଆଜି ପରିବାର ଲୋକଙ୍କ ମଧ୍ୟରୁ ଅଂଶୁମାନଙ୍କର ବଡ଼ବୋଉ ସସ୍ମିତା ଗଡ଼ନାୟକ ଓ ଦାଦା ଶିବରାମ ଗଡ଼ନାୟକଙ୍କ ସହ ସମ୍ପର୍କୀୟମାନେ ସଦର ଥାନାରେ ପହଞ୍ଚି ଅଂଶୁମାନଙ୍କର ଅଣ୍ଟାରେ ବନ୍ଧାଯାଇଥିବା ରୁଦ୍ରାକ୍ଷ, ବେକରେ ଝୁଲୁଥିବା ହନୁମାନ ଲକେଟ୍‌କୁ ଚିହ୍ନିଥିଲେ। ଆଜି ଯାଜପୁର ସଦର ଥାନାର ପୁଲିସଙ୍କ ଉପସ୍ଥିତିରେ ମୃତଦେହକୁ ପରିବାର ଲୋକେ ସଂସ୍କାର କରିଛନ୍ତି।

## ଭୁଶୁଡ଼ିଲା ବିଦ୍ୟାଳୟ ପାଚେରି



**ବରୀ,୬।୮ (ସମିସ):** ଲଗାଣ ବର୍ଷା ଓ ବନ୍ୟା ପ୍ରଭାବରେ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେବା ସହ ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ଦେଖିବାକୁ ମିଳିଛି। ଏହି ବନ୍ୟା ପ୍ରଭାବ ଓ ଜଳବନ୍ଦୀ ସମସ୍ୟା କାରଣରୁ ବାଲିବିଲ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁରକ୍ଷା ପାଚେରୀ ଭୁଶୁ? ପଡିଛି। ପାଚେରିଟି ଦୁର୍ବଳ ହୋଇ ଭାଙ୍ଗିଯିବା ଫଳରେ ଏବେ ବିଦ୍ୟାଳୟର ଭିତ୍ତିଭୂମି ଓ ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପନ୍ନ ହୋଇପଡ଼ିଛି। ପ୍ରକାଶ ଥାଉ କି ବିଗତ ଦିନରେ ବିଦ୍ୟାଳୟରେ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥାର ଅଭାବ କାରଣରୁ ବିଗତ ଦିନରେ ଏଠାରୁ ଏକ ପାଣି ମୋଟର ମଧ୍ୟ ଚୋରି ହୋଇଥିଲା। ପୂର୍ବରୁ ଚୋରି ହୋଇଥିବା ବେଳେ ବର୍ତ୍ତମାନ ପାଚେରୀ ଭୁଶୁଡି ପଡିବା ଫଳରେ ସ୍କୁଲ ପରିସର ଆହୁରି ଅସୁରକ୍ଷିତ ହୋଇପଡ଼ିଛି। ଏହାର ସୁଯୋଗ ନେଇ ଅସାମାଜିକ ବ୍ୟକ୍ତିମାନେ ଆଗକୁ ମଧ୍ୟ ବିଦ୍ୟାଳୟର ଅନ୍ୟାନ୍ୟ ମୂଲ୍ୟବାନ ଆସବାବପତ୍ର ଓ ସାମଗ୍ରୀ ଚୋରି କରିବାର ଆଶଙ୍କା ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ଛାତ୍ରଛାତ୍ରୀ ତଥା ସ୍କୁଲ୍ ସମ୍ପତ୍ତିର ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ଓ ଶିକ୍ଷା ବିଭାଗ ତୁରନ୍ତ ହସ୍ତକ୍ଷେପ କରିବା ଆବଶ୍ୟକ ଓ ଯଥାଶୀଘ୍ର ଭାଙ୍ଗି ପଡିଥିବା ସ୍କୁଲ ପାଚେରୀର ନୂତନ ନିର୍ମାଣ କରିବା ସହିତ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଗ୍ରାମବାସୀ ଏବଂ ଅଭିଭାବକମାନଙ୍କ ପକ୍ଷରୁ ଦୃଢ଼ ଦାବି କରାଯାଇଛି।

## କାମ କରୁନି ମୋବାଇଲ ନେଟ୍‌ୱର୍କ, ଉପଭୋକ୍ତା ହୀନସ୍ତା

**ଧର୍ମଶାଳା,୬।୮ (ସମିସ):** ଧର୍ମଶାଳା ଅଞ୍ଚଳରେ ଗତକାଲିଠାରୁ କୌଣସି କମ୍ପାନୀର ନେଟ୍‌ୱର୍କ ଆସୁନଥିବାରୁ ଫୋନ୍‌ରେ କଥା ହେବାବେଳେ ଅନେକ ସମୟରେ ଉଭୟ ପାଶ୍ୱର୍ରେ କଥା କିଛି ଶୁଭୁନାହିଁ। ଏପରିକି ଅନେକ ସମୟରେ ଫୋନ୍ ଲାଗୁ ନାହିଁ। ଫଳରେ ଅନେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହୁଛି। ବର୍ତ୍ତମାନ ସମୟରେ ମୋବାଇଲ ଫୋନ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଏଥିରେ କଥା ନହୋଇପାରିବା ସମସ୍ତ ଗ୍ରାହକଙ୍କୁ ଚିନ୍ତାରେ ପକାଇଛି। ଏଥିପ୍ରତି ସମ୍ପୃକ୍ତ କମ୍ପାନୀମାନେ ଅବଗତ ହୋଇ ନେଟ୍‌ୱର୍କକୁ ଠିକ କରିବାକୁ ଗ୍ରାହକମାନେ ଦାବି କରିଛନ୍ତି।

## ନିରାମୟରେ ମିଳୁନି ଔଷଧ; ହନ୍ତସନ୍ତ ରୋଗୀ



**ଯାଜପୁର,୬।୮ (ସମିସ):** ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ୍ ଗୋଡ଼ିପାଟିଆ ଗ୍ରାମର ଲକ୍ଷ୍ମଣ ପ୍ରଧାନ ଜଣେ ନିହାତି ଗରିବ ତଥା ଭିନ୍ନକ୍ଷମ ଯୁବକ। ତାଙ୍କର ବିଭିନ୍ନ ସମୟରେ ବାତ ରୋଗ ବାହାରି ଥାଏ। ଏହି ବାତ ରୋଗ ବାହାରିବା ସମୟରେ ତାଙ୍କର ଦେହରେ ଖୁବ ଜୋରରେ କମ୍ପନ ହେବା ସହ ସେ ଥରି ଉଠି ଛଟପଟ ହୋଇଥାନ୍ତି। ଏହି ସମୟରେ ଯନ୍ତ୍ରଣା ଏବଂ ଦୃଶ୍ୟ ଅତ୍ୟନ୍ତ ହୃଦୟ ବିଦାରକ। ପୂର୍ବରୁ ଲକ୍ଷ୍ମଣଙ୍କୁ ଆବଶ୍ୟକ ଚିକିତ୍ସା ସେବା ଏସ୍‌ସିବିରେ ମିଳିପାରୁ ନଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପରେ ଏଥିନେଇ ଏସ୍‌ସିବି ମେଡିକାଲ ତରଫରୁ ଏକ ତଦନ୍ତ ହୋଇ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ଏଥିନେଇ ଏସସିବିର ତତ୍କାଳୀନ ସ୍ନାୟୁ ବିଭାଗର ମୁଖ୍ୟ ଡ. ଅଶୋକ ମଲିକ ପତ୍ର ନଂ-୩୬୮ ତା୨୨.୦୭.୨୫ ରେ ଏକ ରିପୋର୍ଟ ଅଧୀକ୍ଷକଙ୍କୁ ପ୍ରଦାନ କରିଥିଲେ। ଏହାପରେ ଲକ୍ଷ୍ମଣଙ୍କୁ ଏସ୍‌ସିବିରେ ଆବଶ୍ୟକ ଚିକିତ୍ସାସେବା ମିଳିଥିଲେ ମଧ୍ୟ ପରେ ତାଙ୍କୁ ନିରାମୟରୁ ଆବଶ୍ୟକ ଔଷଧ ମିଳି ପାରୁନାହିଁ। ଯେଉଁ ରୋଗୀଙ୍କ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ ପରେ ତଦନ୍ତ ହୋଇ ଆବଶ୍ୟକ ଚିକିତ୍ସା ସେବା ମିଳିଲା, ସେହି ରୋଗୀଙ୍କୁ ନିରାମୟ ଔଷଧ ନମିଳିବା ରାଜ୍ୟରେ ଚାଲିଥିବା ସ୍ୱାସ୍ଥ୍ୟସେବାର ନମୁନା ହୋଇଛି। ତାଙ୍କୁ କଟକ ଏସ୍‌ସିବିରୁ ପ୍ରଦାନ କରାଯାଇ ଥିବା ଔଷଧ ଚିଠା ଅନୁସାରେ ସୋଡିୟମ ଭାଲପ୍ରୋଏଟ ଏବଂ ଭାଲପ୍ରୋକ ଏସିଡ୍ କଂଟ୍ରୋଲଡ୍ ରିଲିଜ ଟାବଲେଟ ଦୁଇଟି ପ୍ରଦାନ କରାଯାଉ ନାହିଁ। ଫଳରେ ଏହି ଦୁଇଟି ଟାବଲେଟ ପାଇଁ ମାସକୁ ଲକ୍ଷ୍ମଣ ପ୍ରଧାନଙ୍କ ପରି ଗରିବ ଭିନ୍ନକ୍ଷମଙ୍କୁ ମାସକୁ ଦୁଇ ହଜାର ଟଙ୍କା ବ୍ୟୟ କରିବା କାଠିକର ପାଠ ହେଉଛି। ଲକ୍ଷ୍ମଣ ପ୍ରଧାନ ଏ କ୍ଷେତ୍ରରେ ଏକ ଦୃଷ୍ଟାନ୍ତ ମାତ୍ର। ବହୁ ଗରିବ ଲୋକ ଏହିଭଳି ନିରାମୟରୁ ଔଷଧ ନପାଇ ନିରାଶ ହୋଇ ଫେରୁଛନ୍ତି। ଏସ୍‌ସିବିରେ ରୋଗୀଟିଏ ଲମ୍ବା ଧାଡ଼ିରେ ଠିଆ ହୋଇ ଡାକ୍ତରଙ୍କୁ ରୋଗ ଦେଖାଇ ଔଷଧ ଚିଠା ଧରି ଆସିଥାଏ। ଏହାପରେ ଲମ୍ବା ଧାଡ଼ିରେ ଦୀର୍ଘ ସମୟ ଠିଆ ହୋଇ ନିରାମୟରେ ନିଜର ଚିଠା ପ୍ରଦାନ ପରେ ଏହି ଔଷଧ ନଥିବାର କୁହାଯାଇ ଥାଏ। ଏହି ଯନ୍ତ୍ରଣା ରୋଗୀର ରୋଗକୁ ଅଧିକ ବଢ଼ାଇ ଦେଇଥାଏ। ସମସ୍ତ ଔଷଧ ନିରାମୟରେ ଉପଲବ୍ଧ ବୋଲି ପ୍ରଚାର କରାଯାଉ ଥିବା ବେଳେ ବାସ୍ତବରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳୁଛି। ଏଭଳି ଗୁରୁତର ଜନସ୍ୱାର୍ଥ ପ୍ରସଙ୍ଗରେ ଯୁବନେତା ସତୀଶ ବିଶ୍ୱାଳ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ତୁରନ୍ତ ସମସ୍ୟାର ସମାଧାନ ପାଇଁ ନିବେଦନ କରିଛନ୍ତି। ନଚେତ ଜନସ୍ୱାର୍ଥ ପାଇଁ ସେ ଏସ୍‌ସିବିରେ ଏଥିନେଇ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

### ଯାଜପୁର ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ

## ଦାବି, ଆପତ୍ତି ଦାଖଲ ଅବଧି ୧୯ ଯାଏଁ ବୃଦ୍ଧି

ଯାଜପୁର,୬।୮ (ସମିସ): ଓଡ଼ିଶାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ କାର୍ଯ୍ୟକ୍ରମ ଅଧୀନରେ ଚିଠା ଭୋଟର ତାଲିକା ଉପରେ ଦାବି ଓ ଆପତ୍ତି ଦାଖଲ ପାଇଁ ସମୟସୀମାକୁ ଭାରତ ନିର୍ବାଚନ ଆୟୋଗ ୧୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏ ସମ୍ପର୍କିତ ବିଜ୍ଞପ୍ତି ଗୃହ (ନିର୍ବାଚନ) ବିଭାଗ ପକ୍ଷରୁ ଓଡ଼ିଶା ଗେଜେଟ୍‌ରେ ପ୍ରକାଶ ପାଇଛି। ୧ ଜୁଲାଇ ୨୦୨୬କୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରି ଚାଲିଥିବା ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପାଇଁ ଭାରତ ନିର୍ବାଚନ ଆୟୋଗ ସଂଶୋଧିତ କାର୍ଯ୍ୟସୂଚୀ ଜାରି କରିଛନ୍ତି। ଜିଲ୍ଲାରେ ଅଧିକରୁ ଅଧିକ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା, ଯୋଗ୍ୟ ଭୋଟରଙ୍କୁ ପର୍ଯ୍ୟାପ୍ତ ସମୟ ଦେବା ଏବଂ ଦାବି ଓ ଆପତ୍ତି ପ୍ରକ୍ରିୟାକୁ ଅଧିକ ସୁବ୍ୟବସ୍ଥିତ ଓ ଅନ୍ତର୍ଭୁକ୍ତିମୂଳକ କରିବା ଉଦ୍ଦେଶ୍ୟରେ ଏହି ସମୟ ବୃଦ୍ଧି କରାଯାଇଛି। ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ଚିଠା ଭୋଟର ତାଲିକାରେ ସାମିଲ ହୋଇନାହିଁ କିମ୍ବା ଭୋଟର ତାଲିକାରେ ଥିବା ତଥ୍ୟରେ କୌଣସି ତ୍ରୁଟି ରହିଛି, ସେମାନେ ୧୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରିପାରିବେ। ଏହି ଅବଧି ମଧ୍ୟରେ ଫର୍ମ-୬ ମାଧ୍ୟମରେ ନୂତନ ଭୋଟର ଭାବେ ପଞ୍ଜୀକରଣ, ଫର୍ମ-୭ ମାଧ୍ୟମରେ ନାମ ବିଲୋପ ପାଇଁ ଆବେଦନ ଏବଂ ଫର୍ମ-୮ ମାଧ୍ୟମରେ ଭୋଟର ତାଲିକାରେ ଥିବା ତଥ୍ୟର ସଂଶୋଧନ ପାଇଁ ଆବେଦନ କରାଯାଇପାରିବ। ୦୧ ଜୁଲାଇ ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଥିବା ସମସ୍ତ ଯୋଗ୍ୟ ନାଗରିକ ଏହି ସୁଯୋଗର ସଦ୍‌ବ୍ୟବହାର କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଉଛି।

ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ନୋଟିସ ପ୍ରଦାନ, ଶୁଣାଣି ଓ ଦାବି-ଆପତ୍ତିର ନିଷ୍ପତ୍ତି ପ୍ରକ୍ରିୟା ୧୭ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଚାଲିବ। ଏହା ପରେ ୨୧ ସେପ୍ଟେମ୍ବର ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ଡେପୁଟି କଲେକ୍ଟର ନିର୍ବାଚନ ସୂଚନା ଦେଇଛନ୍ତି।

## ଭାଙ୍ଗିଲା କୁଚିଲା ଖାଇ ବନ୍ଧ; ୫୦ ଏକର ଚାଷଜମି ଜଳମଗ୍ନ



**ସୁକିନ୍ଦା,୬।୮ (ସମିସ):** ସୁକିନ୍ଦା ବ୍ଲକ୍ ପିମ୍ପୁଡ଼ିଆ ଓ ବନ୍ଧଗାଁ ପଞ୍ଚାୟତ ସୀମାବର୍ତ୍ତୀ ନାଲୁଆ ବେଣା ଗ୍ରାମ ନିକଟ ମହାଗିରି ପାହାଡ଼ ତଳେ ଥିବା କୁଚିଲା ଖାଇ କ୍ଷୁଦ୍ର ଜଳ ପ୍ରକଳ୍ପର ବନ୍ଧହୁଡ଼ା ଭାଙ୍ଗିଯିବାରୁ ୫୦ ଏକରରୁ ଊର୍ଦ୍ଧ୍ୱ ଚାଷଜମି ସମ୍ପୂର୍ଣ୍ଣ ଜଳମଗ୍ନ ହୋଇପଡ଼ିଛି। ଫଳରେ ରୁଆ ଧାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବନ୍ଧହୁଡ଼ାରେ ପୂର୍ବରୁ ମୂଷା ଓ ଶିଆଳ ଗାତ ସୃଷ୍ଟି କରିଥିଲେ। କିନ୍ତୁ ସ୍ଥାୟୀ ମରାମତି କରାଯିବା ପରିବର୍ତ୍ତେ କେବଳ ମାଟି ପକାଇ ଉପରିଭାଗକୁ ସମତଳ କରି ଦିଆ ଯାଇଥିଲା। ନିକଟରେ ଲଘୁଚାପଜନିତ ଲଗାଣ ବର୍ଷାରେ ଜଳଭଣ୍ଡାର ପୂର୍ଣ୍ଣ ହେବା ପରେ ବନ୍ଧରୁ ପାଣି ଲିକ୍ ହେବା ଆରମ୍ଭ ହୋଇଥିଲା। ଗୁରୁବାର ଏହା ବଡ଼ ଘାଇରେ ପରିଣତ ହୋଇ ବନ୍ଧହୁଡ଼ା ଭାଙ୍ଗିଯାଇଥିଲା। ବନ୍ଧ ଭାଙ୍ଗିବା ପରେ ଜଳପ୍ରବାହରେ ୫୦ ଏକରରୁ ଅଧିକ ଚାଷଜମି ଜଳମଗ୍ନ ହେବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ବର୍ଷକର ପରିଶ୍ରମ ଓ ଆଶା ଏହି କୃତ୍ରିମ ବନ୍ୟାରେ ଉଜୁଡ଼ି ଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ବନ୍ଧର ରକ୍ଷଣାବେକ୍ଷଣରେ ଅବହେଳାରୁ ଏହା ଘଟିଥିବାରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ କେବେ କ୍ଷତିପୂରଣ ମିଳିବ, ସେନେଇ ପ୍ରଶ୍ନ ଉଠିଛି। ଏହି ସମ୍ପର୍କରେ ସୁକିନ୍ଦା ବ୍ଲକ ପ୍ରଶାସନ ଓ ତହସିଲ ପ୍ରଶାସନ ଘଟଣାର ତଦନ୍ତ କରି ଚାଷୀ ମାନଙ୍କୁ ଆବଶ୍ୟକୀୟ କ୍ଷତି ପୂରଣ ପ୍ରଦାନ କରିବାକୁ ଦାବି ହେଉଛି।


## ପିଏମ୍‌ଶ୍ରୀ ବିରଜା ଉଚ୍ଚ ବିଦ୍ୟାଳୟରେ ଚାରା ରୋପଣ



**ଯାଜପୁର,୬।୮ (ସମିସ):** ପରିବେଶ ସୁରକ୍ଷା ଓ ସବୁଜ ପରିବେଶ ସୃଷ୍ଟିର ବାର୍ତ୍ତାକୁ ନେଇ ପ୍ରକୃତି ମିତ୍ର ପିଏମ୍‌ଶ୍ରୀ ବିରଜା ଉଚ୍ଚ ବିଦ୍ୟାଳୟରେ ଗୁରୁବାର ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରିବେଶପ୍ରେମୀ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ଆୟୋଜିତ ଏୟଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଆଲୋକ କୁମାର ବନ୍ଧ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦେବାଶିଷ ମହାନ୍ତି, କମିଟିର ସଦସ୍ୟବୃନ୍ଦ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସମସ୍ତଙ୍କ ମିଳିତ ପ୍ରୟାସରେ ବଉଳ, ପଣସ, ପିଜୁଳି, ଚମ୍ପା, ନଡ଼ିଆ, ମାଲବେରୀ ଓ ଅଁଳା ସମେତ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇଥିଲା। ପରେ ଶ୍ରୀ ସ୍ୱାଇଁ ବିଦ୍ୟାଳୟ ପରିଦର୍ଶନ କରି ନବମ ଓ ଦଶମ ଶ୍ରେଣୀର ଶ୍ରେଣୀଗୃହକୁ ଯାଇ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକ, ଇକୋ କ୍ଲବ୍ ଇନ୍‌ଚାର୍ଜ ଅମୀୟ କୁମାର ସ୍ୱାଇଁ, ଜମିଲୁର ରସିଦ୍ ଖାଁ, କାହ୍ନୁ ଚରଣ ନାୟକ, ଦିଲ୍ଲୀପ କୁମାର ପ୍ରଧାନ, ପ୍ରଶାନ୍ତ ହଟେଇ, ଗୌତମ ବେହେରା, ଅନ୍ନପୂର୍ଣ୍ଣା ମହାନ୍ତି, ଲକ୍ଷ୍ମୀପ୍ରିୟା ରାଉତରାୟ, ରେଖାରାଣୀ ମଲ୍ଲିକ, ସୁପ୍ରଭା ସାହୁ, ମାନସ୍ମିତା ଭଦ୍ର, ସୁଷମା ପଲେଇ, ମନ୍ଦାକିନୀ ବେହେରା, ଶୁଭଶ୍ରୀ ପରିଡ଼ା, ମୀନାକ୍ଷୀ ଜେନା ଓ ସସ୍ମିତା ସେଠୀ ଉପସ୍ଥିତ ଥିଲେ।

# ରେଙ୍ଗାଲି ବାମପାର୍ଶ୍ୱ କେନାଲ ବନ୍ଧ ଧସିଲା

ଯାଜପୁର,୬।୮ (ସମିସ)



**ନିମ୍ନମାନର କାର୍ଯ୍ୟ ଅଭିଯୋଗ**

ରେଙ୍ଗାଲି ବାମପାଶ୍ୱର୍ କେନାଲ ସୁକିନ୍ଦା ଅଞ୍ଚଳର ହଜାର ହଜାର ଚାଷୀଙ୍କ ଜୀବନ ଓ ଜୀବିକା ସହ ସିଧାସଳଖ ଭାବେ ଜଡ଼ିତ। ଏହି କେନାଲ ମାଧ୍ୟମରେ ବ୍ୟାପକ ଚାଷଜମିକୁ ଜଳସେଚନ ସୁବିଧା ମିଳୁଥିବା ବେଳେ ବର୍ତ୍ତମାନ ଲଗାଣ ବର୍ଷାରେ କେନାଲ ନିର୍ମାଣ କାର୍ଯ୍ୟର ମାନକୁ ନେଇ ଗୁରୁତର ପ୍ରଶ୍ନ ଉଠିଛି। ସୁକିନ୍ଦା ବ୍ଲକ ଅନ୍ତର୍ଗତ ବନ୍ଧଗାଁ ପଞ୍ଚାୟତର କଣ୍ଟାପାଳ ଦେହୁରୀ ସାହି ନିକଟରେ କେନାଲର ପ୍ରାୟ ୩୦ ମିଟର ଲମ୍ବର ଗାର୍ଡ ୱାଲ ଧସି ଝୁଲି ରହିଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ପଥର ଖାଞ୍ଜିଆ ନାଳ ଉପର ଦେଇ ରେଙ୍ଗାଲି କେନାଲ ପ୍ରବାହିତ ହେଉଥିବା ବେଳେ ନାଳର ପାଣି ଅଣ୍ଡରଗ୍ରାଉଣ୍ଡ ସୁଡ଼ଙ୍ଗ ମାଧ୍ୟମରେ ସ୍ୱାଭାବିକ ଭାବେ ଗତି କରିଥାଏ। ଏହି ସ୍ଥାନରେ ନିର୍ମିତ ଗାର୍ଡୱାଲ ବର୍ତ୍ତମାନ ଧସି ଝୁଲି ରହିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ନିର୍ମାଣ ସମୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଥିଲା। ନିର୍ଦ୍ଧାରିତ ମୋଟାରେ ଢଳେଇ କରାଯାଇ ନ ଥିବାବେଳେ ସରୁ ରଡ୍ ବ୍ୟବହାର କରାଯାଇଥିବାରୁ ଅଳ୍ପ ବର୍ଷାରେ ମଧ୍ୟ ଗାର୍ଡ ୱାଲର ଅବସ୍ଥା ଏପରି ହୋଇଛି ବୋଲି ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, କାର୍ଯ୍ୟ ଚାଲିଥିବା ସମୟରୁ ହିଁ ଏହାର ଗୁଣବତ୍ତାକୁ ନେଇ ପ୍ରଶ୍ନ ଉଠିଥିଲା। ଠିକାଦାରଙ୍କ ମନମୁଖୀ କାର୍ଯ୍ୟଶୈଳୀ ବିରୋଧରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ସମ୍ପୃକ୍ତ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇ ନ ଥିଲେ। ଏହାର ପରିଣାମ ଆଜି ସାମ୍ନାକୁ ଆସିଛି ବୋଲି ସେମାନେ କହିଛନ୍ତି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ହୋଇଥିବା କାର୍ଯ୍ୟର ସ୍ଥାୟୀତ୍ୱକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ, ଝୁଲି ରହିଥିବା ଗାର୍ଡ ୱାଲଟି ଯଦି ସମ୍ପୂର୍ଣ୍ଣ ଭାବେ ଭାଙ୍ଗିପଡ଼େ, ତେବେ ନାଳ ମୁହଁରେ କବାଟ ଭଳି ବାଧା ସୃଷ୍ଟି ହୋଇ ପାଣିର ପ୍ରବାହ ବାଧାପ୍ରାପ୍ତ ହେବ। ଫଳରେ କଣ୍ଟାପାଳ ସମେତ ଆଖପାଖ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସହ ବ୍ୟାପକ ଧାନଚାଷ ଜଳମଗ୍ନ ହେବାର ଆଶଙ୍କା ରହିଛି। ଏପରିକି ଗ୍ରାମବାସୀଙ୍କ ଘରଦ୍ୱାର ମଧ୍ୟ ବିପଦରେ ପଡ଼ିପାରେ ବୋଲି ସ୍ଥାନୀୟ ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି। ବର୍ତ୍ତମାନ ଧସିଥିବା ଅଂଶ ନିକଟରେ ଫାଟ ସୃଷ୍ଟି ହୋଇଥିବାରୁ ଯେ କୌଣସି ସମୟରେ ଅବଶିଷ୍ଟ ଅଂଶ ମଧ୍ୟ ଭାଙ୍ଗିପଡ଼ିବାର ସମ୍ଭାବନା ରହିଛି। ତଥାପି ସମ୍ପୃକ୍ତ ବିଭାଗ ପକ୍ଷରୁ ଜରୁରିକାଳୀନ ସୁରକ୍ଷା ବ୍ୟବସ୍ଥା କିମ୍ବା ସତର୍କତାମୂଳକ ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହେଉଛି। ଫଳରେ ସ୍ଥାନୀୟ ବାସିନ୍ଦା ଓ ଚାଷୀମାନେ ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି। ଏହି ଘଟଣାକୁ ନେଇ ଅଞ୍ଚଳବାସୀ ଉଚ୍ଚସ୍ତରୀୟ ବୈଷୟିକ ତଦନ୍ତ କରି ପ୍ରକୃତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ କ୍ଷତିଗ୍ରସ୍ତ ଗାର୍ଡ ୱାଲର ସ୍ଥାୟୀ ମରାମତି କରିବାକୁ ଦାବି କରିଛନ୍ତି। ବର୍ଷା ଋତୁକୁ ଦୃଷ୍ଟିରେ ରଖି ତୁରନ୍ତ ପଦକ୍ଷେପ ନ ନିଆଗଲେ ଆଗାମୀ ଦିନରେ ଏକ ବଡ଼ ଅଘଟଣ ଘଟିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇପାରିବ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

# ବୀର ଯବାନଙ୍କ ଶେଷକୃତ୍ୟ ସମ୍ପନ୍ନ

ବ୍ୟାସନଗର,୬।୮(ସମିସ): ଦେଶ ମାତୃକାର ସେବା କରୁଥିବାବେଳେ ଚିରନିଦ୍ରାରେ ଶୋଇଯାଇଛନ୍ତି ଜଣେ ବୀର ଯବାନ। କାର୍ଯ୍ୟରତ ସମୟରେ ଅସୁସ୍ଥତା କାରଣରୁ ବିଏସ୍‌ଏଫ୍ ଯବାନ ଦିଲୀପ ମହାନ୍ତିଙ୍କ ଦେହାନ୍ତ ଘଟିଛି। ଜନ୍ମମାଟିକୁ ଫେରିଥିବା ବୀର ସନ୍ତାନଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ହଜାର ହଜାର ଲୋକ। ଯାଜପୁର ଜିଲ୍ଲା ବ୍ୟାସନଗର ପୌରାଞ୍ଚଳର ରମ୍ପାସ ଗ୍ରାମର ବାସିନ୍ଦା ତଥା ବିଏସ୍‌ଏଫ୍ ଯବାନ



ଭବପ୍ରସାଦ ଦାସ, କୋରେଇ ବିଧାୟକ ଆକାଶ ଦାସ ନାୟକ, ବ୍ୟାସନଗର ଅଞ୍ଚଳର ବହୁ ବୁଦ୍ଧିଜୀବୀ, ବ୍ୟାସନଗର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, କାଉନସିଲର ବିଜୟ କୁମାର ଜେନା, ମୋନାଲିସା ସାହୁ, ବିଧାୟକଙ୍କ ପ୍ରତିନିଧି ଶିଶିର କୁମାର ରାଉତ, ସମାଜସେବୀ ଏବଂ ଶତାଧିକ ଜନସାଧାରଣ ଉପସ୍ଥିତ ରହି ଯବାନଙ୍କୁ ଶେଷ ଦର୍ଶନ କରିବା ସହିତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଦିଲୀପ ମହାନ୍ତିଙ୍କ




ଦିଲୀପ ମହାନ୍ତି ଭାରତ-ବାଂଲାଦେଶ ସୀମା ପଶ୍ଚିମବଙ୍ଗସ୍ଥିତ ମାଲଦା କ୍ୟାମ୍ପରେ କାର୍ଯ୍ୟରତ ଥିବାବେଳେ ଅସୁସ୍ଥ ହୋଇପଡ଼ିଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ଘଟିଥିଲା। ତାଙ୍କ ପାର୍ଥିବ ଶରୀର ଜନ୍ମମାଟି ରମ୍ପାସ ଗ୍ରାମକୁ ପହଞ୍ଚିବା ପରେ ସମଗ୍ର ଅଞ୍ଚଳ ଶୋକାକୁଳ ହୋଇଉଠିଥିଲା। ଘର ନିକଟରେ ବିଏସ୍‌ଏଫ୍ ପକ୍ଷରୁ ବୀର ଯବାନଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଏହି ସମୟରେ ବିଏସ୍‌ଏଫ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଶେଷ ସମ୍ମାନ ଜଣାଇଥିଲେ। ଏହି ଖବରପାଇ ବରିଷ୍ଠ ବିଜେଡି ନେତା ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁଯାୟୀ ବୀର ଯବାନ ଦିଲ୍ଲୀପ ମହାନ୍ତି ଭାରତ -ବାଂଲାଦେଶ ସୀମା ପଶ୍ଚିମବଙ୍ଗ ସ୍ଥିତ ମାଲଦା ବିଏସଏଫ୍ କ୍ୟାମ୍ପରେ ରହି କନେଷ୍ଟବଳ ଭାବେ କାର୍ଯ୍ୟ କରୁଥିଲେ। ଗତ ୧୦ ଦିନ ହେବ ତାଙ୍କ ଦେହ ଖରାପ ରହିଥିଲା। ତେବେ ଗତ ୪ ତାରିଖ ଦିନ ତାଙ୍କ ଦେହ ଅଧିକ ଖରାପ ହେବା ସହିତ ମୃତ୍ୟୁ ବରଣ କରିଥିଲେ। ତାଙ୍କ ପାର୍ଥିବ ମର ଶରୀରକୁ ଯାଜପୁର ଟାଉନ ବାରୁଣୀ ଘାଟରେ ମହା ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଦିଲ୍ଲୀପଙ୍କର ଏକମାତ୍ର ପୁତ୍ର ଶୁଭମ୍ ମୁଖାଗ୍ନି ଦେଇଥିଲେ।

## ବିଇଓ କାର୍ଯ୍ୟାଳୟରେ ମିଳୁନି ମାଣ୍ଡିଆ ଲଡୁ

ମଙ୍ଗଳପୁର,୬।୮ (ସମିସ): ପିଏମ୍ ପୋଷଣ ଯୋଜନା ଅଧୀନରେ ଦଶରଥପୁର ବ୍ଲକର ସମସ୍ତ ସରକାରୀ ଓ ସରକାରୀ ସହାୟତାପ୍ରାପ୍ତ ବିଦ୍ୟାଳୟରେ ବଣ୍ଟନ ହେଉଥିବା ମାଣ୍ଡିଆ (ରାଗି) ଲଡୁ ସମ୍ପର୍କରେ ସୂଚନା ଅଧିକାର ଆଇନ ଆର୍ଟିଆଇ ଜରିଆରେ ବିଭିନ୍ନ ତଥ୍ୟ ମଗାଯାଇଥିଲା। ଏଥିରେ ଯୋଗାଣ ସଂସ୍ଥା, ବିଲ୍, ଭାଉଚର, ସପ୍ଲାଇ ଚାଲାଣ, ଷ୍ଟକ୍ ରେଜିଷ୍ଟର, ବଣ୍ଟନ ରେଜିଷ୍ଟର ଏବଂ ଅନ୍ୟାନ୍ୟ ସରକାରୀ ଅଭିଲେଖର ପ୍ରମାଣିତ ନକଲ ମାଗିଥିଲେ।କିନ୍ତୁ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ଉତ୍ତରରେ କେତେକ ପ୍ରଶ୍ନର ଉତ୍ତର ନିଲ ବା ଏହି ଉତ୍ତର ଆମ ପାଖରେ ନାହିଁ ବୋଲି ସୂଚନା ଦେବା ସହ ଏହି ଦସ୍ତାବିଜ ବିଦ୍ୟାଳୟ ଗୁଡିକରେ ମିଳିବ ବୋଲି ସୂଚନା ଅଧିକାର କର୍ମୀଙ୍କୁ ଲିଖିତ ଭାବେ ଜଣା ଯାଇଥିବା ବେଳେ ମାଗିଥିବା ବିଲ୍, ଭାଉଚର, ପେମେଣ୍ଟ ଓ ବଣ୍ଟନ ସମ୍ପର୍କିତ ରେକର୍ଡ ପ୍ରଦାନ କରାଯାଇନଥିବା ଜଣାପଡ଼ିଛି। ଏହାପରେ ସମଗ୍ର ଯୋଜନାର ସ୍ୱଚ୍ଛତା ଓ ରେକର୍ଡ ସଂରକ୍ଷଣକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ବ୍ଲକ ସ୍ତରରେ ଯଦି ଏଭଳି ତଥ୍ୟ ଉପଲବ୍ଧ ନାହିଁ, ତେବେ ଯୋଜନାର ଆର୍ଥିକ କାରବାର ଏବଂ ବଣ୍ଟନ ପ୍ରକ୍ରିୟାର ତଦାରଖ କିପରି କରାଯାଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସରକାରୀ ଅର୍ଥରେ ପରିଚାଳିତ ଯୋଜନାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଏବଂ ସମସ୍ତ ରେକର୍ଡ ସାର୍ବଜନୀନ ହେବା ଉଚିତ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ନିମ୍ନମାନର କାମ ଅଭିଯୋଗ

# କଂକ୍ରିଟ କେନାଲରେ ଘଳିଆ; ଘରେ ପଶିଲା ପାଣି

ଯାଜପୁର,୬।୮(ସମିସ)

ଯାଜପୁର ଜଳସେଚନ ବିଭାଗର ଅବହେଳା ଯୋଗୁଁ ନାନା ହଇରାଣ ହରକତ ହେଉଛନ୍ତି ସ୍ଥାନୀୟ ବାସୁଦେବପୁର ପଞ୍ଚାୟତ ଜାଲପୁର ଗାଁର କେତେକ ପରିବାର। ଗତକାଲି ବିଳମ୍ବିତ ରାତିରେ ନିକଟରେ ଥିବା କଂକ୍ରିଟ୍ କେନାଲରେ ଘଳିଆ ପଡ଼ି ଶ୍ରୀକାନ୍ତ ପତି(୪୪), ଜୟନ୍ତ କୁମାର ପତି(୪୬) ଓ ପ୍ରଶାନ୍ତ ପତି(୩୨ବର୍ଷ)ଙ୍କ ଘରେ ପାଣି ପଶିଯାଇଛି। ନିମ୍ନମାନର କେନାଲ କାମ ଯୋଗୁଁ ଏଭଳି ସମସ୍ୟା ହେଉଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ଶ୍ରୀକାନ୍ତଙ୍କ କହିବା ଅନୁସାରେ ବୁଢ଼ାନଦୀ ବନ୍ଧ ପାର୍ଶ୍ୱବର୍ତ୍ତି କେନାଲର ଉଭୟ ପାର୍ଶ୍ୱକୁ ୨୦୨୨/୨୩ ମସିହାରେ କଂକ୍ରିଟ କରାଯାଇଥିଲା। ସିମେଣ୍ଟ, ଗୋଡ଼ି ଓ ବାଲିର ଭାଗମାପକୁ ବିନା ଯାଞ୍ଚରେ ତଥା ଭାରପ୍ରାପ୍ତ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ନିମ୍ନମାନର କାର୍ଯ୍ୟ କରାଯାଇଥିଲା। ଯାହାଦ୍ୱାରା ଆଜି ଚାଷୀମାନଙ୍କ ଉଦ୍ଦେଶ୍ୟରେ ଜଳସେଚନ ବିଭାଗ ଛାଡ଼ିଥିବା କେନାଲ ଜଳ ଉକ୍ତ କଂକ୍ରିଟ ଡଳେଇ କାନ୍ଥକୁ ଭେଦି ଘଳିଆ ସୃଷ୍ଟି କରିଛି। ଅନ୍ୟପଟେ ଚଳିତବର୍ଷ କେନାଲରେ ପାଣି ଛାଡ଼ିବା ପୂର୍ବରୁ




ଯେଉଁ ସଫେଇ ପ୍ରକ୍ରିୟା କରାଯିବା କଥା, ତାହାକୁ ତରବରିଆ ଭାବରେ ଠାଏ ଠାଏ ଜେସିବି ମାଧ୍ୟମରେ ସଫେଇ କରାଯାଇ ପାଣି ଛାଡ଼ି ଦିଆଯାଇଥିଲା। ଜେସିବିର ପ୍ରବେଶ ଓ ପ୍ରସ୍ଥାନ ପଥଟି ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିଲେ ହେଁ, ତାର ପୁନଃରୁଦ୍ଧାର କରାଯାଇ ନ ଥିଲା। ଜୟନ୍ତଙ୍କ କହିବା କଥା ଏହି ତିନି ପରିବାର ଭଙ୍ଗା କଡ଼ି-ବରଗା ଛାତଘରେ ଜୀବନ ବିତାଇ ଆସୁଛନ୍ତି। ପ୍ରଶାନ୍ତ କହିଛନ୍ତି ଯେ ରୋଷେଇ ଘର ଠାରୁ ଆରମ୍ଭ କରି ସବୁ ବଖରାରେ ୨ଫୁଟର ପାଣି ଲହଡ଼ି ଭାଙ୍ଗୁଛି। ଚୁଲିରେ ପାଣି ପଶି ଯାଇଛି। ପଡ଼ିଶା ଘରୁ ମାଗି ଆଣି ଶୁଖିଲା ଖାଦ୍ୟରେ ଜୀବନ ବଞ୍ଚିଛି। ତେଣୁ ତିନି ପରିବାର ଲୋକ ଏହି ଦୁର୍ଦ୍ଦଶା ପାଇଁ ଜଳସେଚନ ବିଭାଗକୁ ଦାୟୀ କରି ଆବାସ ଖଣ୍ଡିଏ ଖଣ୍ଡିଏ ଯୋଗାଇ କେନାଲର ସ୍ଥିତି ଅନୁଧ୍ୟାନ ପୂର୍ବକ ତୁରନ୍ତ ମରାମତି କରିବାକୁ ଗୁହାରି କରିଛନ୍ତି। ସେପଟେ ଜଳସେଚନ ବିଭାଗୀୟ ଅଧିକାରୀ ଏହି ଘଟଣା ଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# କୁଆଖିଆ ବଜାରରେ ସିରିଜ ଦୁର୍ଘଟଣା, ୭ ଗୁରୁତର

କୁଆଖିଆ, ୬।୮(ସମିସ): କୁଆଖିଆ ବଜାରରେ ସିରିଜ ଦୁର୍ଘଟଣା ଘଟିଛି। ଦ୍ରୁତଗାମୀ କାର୍ ଧକ୍କାରେ ୭ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ମୁତାବକ ବରୀ ଅଞ୍ଚଳର ଏକ କାର୍ ଦ୍ରୁତ ଗତିରେ ଆସି କୁଆଖିଆ ବଜାରରେ ୨ଟି ବାଇକ୍ ଓ ଏକ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ଏହି ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ସହ ସେଠାରେ ଥିବା ମୋଟ ୭ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଖବର ପାଇ କୁଆଖିଆ ପୋଲିସ ଆମ୍ବୁଲାନ୍ସ ଯୋଗେ ଗୁରୁତର ଆହତଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟ ଓ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏଥିସହ ଦୁର୍ଘଟଣା ଘଟାଇଥିବା କାର୍ ଚାଳକଙ୍କୁ ଅଟକ ରଖି ପୁଲିସ ତଦନ୍ତ ଜାରି ରଖିଛି।







# ବାଲେଶ୍ୱର ଆଲଏଜ୍ ଖଣିରେ ମାଟି ଧସିଲା

ଯାଜପୁର,୬।୮(ସମିସ): କାଳିଆପାଣି ଅଞ୍ଚଳର ବାଲେଶ୍ୱର ଆଲଏଜ୍‌ର କ୍ରୋମାଇଟ୍ ଖଣିରେ ଏକ ବୃହତ୍ ମାଟି ଡମ୍ପର ଅଂଶ ଧସିପଡ଼ିଛି। ଏଥିସହ ଖଣି ପରିସରର ବିଭିନ୍ନ ସ୍ଥାନରେ ମାଟି ଧସିବା ଓ ସ୍ଲାଇଡିଂ ହୋଇଥିବା ନେଇ ସୂଚନା ମିଳିଛି। ଘଟଣାକୁ ନେଇ ଖଣିରେ କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି। ସ୍ଥାନୀୟ ସୂତ୍ର ଓ ଖଣିରେ କାର୍ଯ୍ୟରତ କର୍ମଚାରୀଙ୍କ ଅଭିଯୋଗ ଅନୁଯାୟୀ, ଖଣିରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଓ ନିର୍ଦ୍ଧାରିତ ମାନଦଣ୍ଡକୁ ନେଇ ପ୍ରଶ୍ନ ଉଠୁଛି। ବିଶେଷକରି ଖଣିର ବେଞ୍ଚର ଆବଶ୍ୟକ ମାପ ଓ ଢାଲ ଠିକ୍ ଭାବେ ରଖାଯାଉନଥିବାରୁ ଭାରୀ ଯନ୍ତ୍ରପାତି ଓ ଟିପ୍ପର ଚଳାଚଳରେ ସମସ୍ୟା ସୃଷ୍ଟି ହେଉଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଖଣିରେ କାର୍ଯ୍ୟ କରୁଥିବା କେତେକ କର୍ମଚାରୀଙ୍କ କହିବାନୁଯାୟୀ, ରାସ୍ତା ଓ କାର୍ଯ୍ୟକ୍ଷେତ୍ରର ପର୍ଯ୍ୟାପ୍ତ ପ୍ରସ୍ଥ ନଥିବାରୁ ଭାରି ଯାନବାହନ ଏକାସାଙ୍ଗରେ ଯାତାୟାତ କରିବା କଷ୍ଟକର ହେଉଛି। ଫଳରେ ଅନେକ ସମୟରେ ଯାନବାହନକୁ ପଛକୁ ନେଇ ଖଣି ଭିତରକୁ ଯିବାକୁ ପଡୁଥିବା ଅଭିଯୋଗ ହୋଇଛି। ଏପରି ପରିସ୍ଥିତିରେ ଯେ କୌଣସି ସମୟରେ ବଡ଼ ଧରଣର ଅଘଟଣ ଘଟିବାର ଆଶଙ୍କାକୁ ଏଡ଼ାଇ ହେବ ନାହିଁ ବୋଲି ଶ୍ରମିକମାନେ ମତ ଦେଇଛନ୍ତି। ଅନ୍ୟପକ୍ଷରେ, ଖଣିରେ ଉଚ୍ଚମାନର କ୍ରୋମାଇଟ୍ ଗଚ୍ଛିତ ଥିବାରୁ ଅଧିକ ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ଖଣି ସୁରକ୍ଷା ପ୍ରତି ଆବଶ୍ୟକ ଧ୍ୟାନ ଦିଆଯାଉଛି କି ନାହିଁ, ତାହା ନେଇ ପ୍ରଶ୍ନ ଉଠିଛି। ଖଣିର ବର୍ତ୍ତମାନର ଭୌଗୋଳିକ ଅବସ୍ଥା ଓ ମାଟି ଧସିବା ଘଟଣାକୁ ଦୃଷ୍ଟିରେ ରଖି ତୁରନ୍ତ ବୈଷୟିକ ଯାଞ୍ଚ କରାଯିବା ଆବଶ୍ୟକ ବୋଲି ଦାବି ହେଉଛି। ଏପରିକି ଖଣି ସୁରକ୍ଷା ନିର୍ଦ୍ଦେଶାଳୟ, ଭାରତୀୟ ଖଣି ବ୍ୟୁରୋ (ଆଇବିଏମ୍)ର ସମ୍ପୃକ୍ତ ଅଧିକାରୀ ଏବଂ ଖଣି ପରିଚାଳନା ଦାୟିତ୍ୱରେ ଥିବା ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିୟମିତ ଯାଞ୍ଚ ଓ ନିରୀକ୍ଷଣ ଉପରେ ମଧ୍ୟ ପ୍ରଶ୍ନ ଉଠିଛି। ଯଦି ନିୟମିତ ଯାଞ୍ଚ ହେଉଛି, ତେବେ ଏଭଳି ସୁରକ୍ଷା ସମସ୍ୟା କାହିଁକି ନଜରକୁ ଆସୁନାହିଁ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ ମାଟି ଡମ୍ପ ଧସିବା ଘଟଣା ପରେ ଖଣିରେ କେତେ ପରିମାଣର କ୍ଷୟକ୍ଷତି ହୋଇଛି, କୌଣସି ଯନ୍ତ୍ରପାତି କ୍ଷତିଗ୍ରସ୍ତ ହୋଇଛି କି ନାହିଁ ଏବଂ ଶ୍ରମିକ ଓ କର୍ମଚାରୀଙ୍କ ସୁରକ୍ଷା ବ୍ୟବସ୍ଥା କେତେ ସୁନିଶ୍ଚିତ ତାହାର ନିରପେକ୍ଷ ତଦନ୍ତ ଦାବି ହୋଇଛି। ଏହି ଘଟଣାକୁ ନେଇ ପ୍ରଶାସନ ଓ ସମ୍ପୃକ୍ତ ଖଣି ଅଧିକାରୀମାନେ କେବେ ଘଟଣାସ୍ଥଳ ପରିଦର୍ଶନ କରିବେ ଏବଂ ଖଣିର ସୁରକ୍ଷା ବ୍ୟବସ୍ଥା ନେଇ କି ପଦକ୍ଷେପ ନେବେ, ତାହା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ବଡ଼ଧରଣର ଅଘଟଣ ଘଟିବା ପୂର୍ବରୁ ଖଣିର ସୁରକ୍ଷା ବ୍ୟବସ୍ଥାର ଉଚ୍ଚସ୍ତରୀୟ ଯାଞ୍ଚ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବାକୁ ଦାବି ହେଉଛି। ଏ ନେଇ କମ୍ପାନି କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରାଯାଇଥିଲେ ହେଁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ପ୍ରବଳ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ

ଧର୍ମଶାଳା,୬।୮(ସମିସ): ଧର୍ମଶାଳା ବ୍ଲକ୍ ଅଞ୍ଚଳରେ ଗତକାଲି ରାତିରେ ଭୀଷଣ ବର୍ଷା ହୋଇଥିବା ପରଲକ୍ଷିତ ହୋଇଛି। ଗତକାଲି ଦିନବେଳ ପାଗଳ ଭଲ ରହିଥିବାବେଳେ ରାତି ୧୨ ଟା ପରେ ଭୀଷଣ ବର୍ଷା ହୋଇଥିଲା। ଏହି ବର୍ଷାରେ ପୋଖରୀ, ନାଳ ଓ ଗାଡ଼ିଆ ପାଣିରେ ଭର୍ତ୍ତି ହୋଇପଡ଼ିଛି। ଅନେକ ସ୍ଥାନରେ ଛପର ଘରୁ ପାଣି ବୋହିବା ଫଳରେ ଲୋକେ ରାତିତମାମ ଅନିଦ୍ରା ରହିଛନ୍ତି। ତେଣେ କାନ୍ଥ ମାଟିକାନ୍ଥ ଭାଙ୍ଗିଯିବା ଭୟରେ ଲୋକେ ରାତିରେ ଶୋଇପାରି ନାହାନ୍ତି। ସରକାରୀ ରିପୋର୍ଟ ଅନୁଯାୟୀ ଧର୍ମଶାଳା ବ୍ଲକରେ ଗତକାଲି ୪୫ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି. ଯାଜପୁର ଜିଲ୍ଲାର ରସୁଲପୁର ବ୍ଲକରେ ସର୍ବାଧିକ ୭୮ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏଭଳି ବର୍ଷା ଲାଗିରହିଲେ ନଦୀଗୁଡ଼ିକରେ ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ଘଟାଇବା ନେଇ ଅନୁମାନ କରାଯାଉଥିବା ବେଳେ ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକମାଙ୍କ ଘରେ ପାଣି ପଶିଯିବ ନେଇ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। କଥାରେ ଅଛି ଜଳ ବିହୁନେ ସୃଷ୍ଟି ନାଶ ଜଳ ଗହଳେ ସୃଷ୍ଟି ନାଶ। ଏହା ଚଳିତ ବର୍ଷର ବର୍ଷା ଏହା ପ୍ରମାଣିତ କରିଛି। ତେବେ ବ୍ରାହ୍ମଣୀ ନଦୀର ରେଙ୍ଗାଲୀ ଡ୍ୟାମରେ ଆଜି ସକାଳ ୯ଟା ସୁଦ୍ଧା ଜଳପତନ ୧୨୦. ୯୩ ରହିଥିବା ବେଳେ ଗୋଟିଏ ଗେଟଦେଇ ବନ୍ୟାଜଳ ଛଡ଼ାଯାଉଥିବା ସରକାରୀ ୱେବ ସାଇଟ୍‌ରୁ ଜଣାପଡ଼ିଛି। ତେବେ ଆଗକୁ ଅଧିକ ବର୍ଷା ହେଲେ ଅବସ୍ଥା ଅସମ୍ଭାଳ ହେବ ନେଇ ଆଶଙ୍କା କରାଯାଇଛି।

## ଅଧିକ ଗୋଖାଦ୍ୟ ଯୋଗାଇବାକୁ ଦାବି

ବରୀ,୬।୮(ସମିସ) : ବରୀ ଅଞ୍ଚଳରେ ଅନେକ ପଞ୍ଚାୟତ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ମାତ୍ର ବନ୍ୟା ୫ ଦିନରୁ ଊର୍ଦ୍ଧ୍ୱ ସମୟ ଧରି ଛାଡି ଚାଷଜମି ଓ ଗୋଚରରେ ଭରି ରହିଥିବାରୁ ଗୃହପାଳିତ ପ୍ରାଣୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ମୁତାବକ ସରକାରୀ ତାଲିକା ଅନୁଯାୟୀ ୨୭,୮୯୦ ଗୃହପାଳିତ ପ୍ରାଣୀ ପ୍ରଭାବିତ ହୋଇଥିବା ବ୍ଲକ୍ ପଶୁ ଚିକିତ୍ସା ଅଧିକାରୀ ସୂଚନା ଦେଇଛନ୍ତି। ମାତ୍ର ବାସ୍ତବ ପକ୍ଷେ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ପ୍ରାଣୀଙ୍କ ସଂଖ୍ୟା ଅଧିକା ରହିବା ଓ ବନ୍ୟାଜଳ ନ କମିବା ଯୋଗୁଁ ଗୃହପାଳିତ ପ୍ରାଣୀମାନେ ଘରେ ବନ୍ଧା ହୋଇ ରହିଥିବାରୁ ସେମାନଙ୍କ ପାଇଁ ଅଧିକ ଖାଦ୍ୟ ସାମଗ୍ରୀର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ଅଞ୍ଚଳର ଲୋକମାନେ ଦାବି କରୁଛନ୍ତି। ବିଶେଷକରି ବରୀର ବନ୍ୟାଜଳ ନିଷ୍କାସନ ପ୍ରକ୍ରିୟା ମନ୍ଥର ହେଉଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏ ବିଷୟରେ ବରୀ ପ୍ରାଣୀଧନ ଚିକିତ୍ସକ ଭକ୍ତ ଚରଣ ସେଠୀ କହିଛନ୍ତି ବରୀ ବ୍ଲକକୁ ୫୫ ମେଟ୍ରିକ ଟନ୍ ଗୋ ଖାଦ୍ୟ ଆସିଥିଲା ଯାହାକି ବିଭାଗର କର୍ମଚାରୀମାନଙ୍କ ସହାୟତାରେ ସୁଚାରୁ ରୁପେ ବଣ୍ଟନ କରାଯାଇଛି। ଆବଶ୍ୟକତାକୁ ଆଖି ଆଗରେ ରଖି ଅଧିକ ପରିମାଣର ଗୋଖାଦ୍ୟ ଯୋଗାଇ ଦେବାକୁ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

## ମଣ୍ଡଳସ୍ତରୀୟ କନିଷ୍ଠ ରେଡକ୍ରସ ପରାମର୍ଶଦାତା ତାଲିମ ଶିବିର




ଯାଜପୁର,୬।୮(ସମିସ): ମଣ୍ଡଳସ୍ତରୀୟ ଏକ ଦିବସୀୟ ପରାମର୍ଶଦାତା ତାଲିମ ଶିବିର ଗୁରୁବାର ପିଏମ୍‌ଶ୍ରୀ ଯାଜପୁର ଜିଲ୍ଲା ସ୍କୁଲ୍‌ରେ ରାଜ୍ୟ କନିଷ୍ଠ ରେଡ୍‌କ୍ରସ୍ ସଂଗଠନ, ଓଡ଼ିଶା ଓ ଯାଜପୁର ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ, ଜିଲ୍ଲା କନିଷ୍ଠ ରେଡ୍‌କ୍ରସ ସଂଗଠନ, ଯାଜପୁର ଆନୁକୂଲ୍ୟରେ ଉଦ୍‌ଘାଟିତ ହୋଇଯାଇଛି। ଶିବିରକୁ ମୁଖ୍ୟ ଅତିଥି ସବିତା ନାୟକ, ସମ୍ପାଦକ ଜିଲ୍ଲା କନିଷ୍ଠ ରେଡ୍‌କ୍ରସ ସୋସାଇଟି, ଯାଜପୁର ତଥା ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ, ଯାଜପୁରଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଥିଲା। ମୁଖ୍ୟ ଅତିଥି ଶ୍ରୀମତୀ ନାୟକ ଶିବିରରେ ଯୋଗଦେଇ ନିଜର ମତ ରଖିଥିଲେ। ଜୁନିଅର ରେଡକ୍ରସ ଅଫିସର ଶଙ୍କର୍ଷଣ ବେହେରା ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାସୁଦେବ ସେନାପତି ସମ୍ମାନିତ ଅତିଥିଭାବେ ଯୋଗ ଦେଇ କହିଥିଲେ ଯେ ମଣ୍ଡଳସ୍ତରୀୟ ଶିବିରଟିର ମୁଖ୍ୟ ଉଦ୍ଦେଶ୍ୟ ପ୍ରାଥମିକ ଚିକିତ୍ସା, ରୋଡ ସେଫ୍ଟି ବିଷୟ ଜଣାଇ ଥିଲେ। ଏହି ଏକ ଦିବସୀୟ ତାଲିମ ଶିବିରରେ ଯାଜପୁର ମଣ୍ଡଳରୁ ୩୦ ଜଣ ପରାମର୍ଶଦାତା ଯୋଗଦାନ କରି ଥିଲେ। ଏହି ଶିବିରରେ ଜନକ କୁମାର ସାହୁ ସାଧନ କର୍ମୀ ଭାବେ ଯୋଗଦେଇଥିଲେ।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବନ୍ୟାଞ୍ଚଳ ଗସ୍ତ ବାତିଲ ଯୋଗୁଁ ଅସନ୍ତୋଷ

ଦଶରଥପୁର,୬।୮(ସମିସ) : ଶାସକ ଦଳର ନେତାଙ୍କୁ ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକରେ ବନ୍ୟା ବିପନ୍ନମାନେ ନିଜର ଅସନ୍ତୋଷ ଜଣାଇ ପ୍ରତିବାଦ କରୁଥିବା ଦେଖିବାକୁ ମିଳିଛି। ତେଣୁ ବିରୋଧକୁ ଭୟ କରି ଆଜି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଗସ୍ତ ବାତିଲ କରିଥିବା ଜଣାପଡ଼ିଛି। ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ବନ୍ୟା ସମ୍ପର୍କିତ ସମୀକ୍ଷା ପାଇଁ ଚିଠି ସଂଖ୍ୟା ୧୮୮୫ରେ ସୂଚନା ଦିଆଯାଇଥିଲା। ତେବେ ଆଜି ଦିନ ୧୧ ଟାରେ ଥିବା କାର୍ଯ୍ୟକ୍ରମକୁ ପ୍ରଶାସନ ବାତିଲ କରିଛନ୍ତି। ଏହାକୁ ବାତିଲ କରାଯାଇ ମାତ୍ର ୩୦ ମିନିଟରେ ଯାଜପୁର ମୁଖ୍ୟ ଚିକିତ୍ସାଳୟ ବୁଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମୀକ୍ଷା କରି ଭଦ୍ରକ ଫେରିଯାଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଯୁବ କଂଗ୍ରେସ, ବିଜେଡି, ପାଲଟପୁର ପଞ୍ଚାୟତ ଏବଂ ବନ୍ୟା ବିପନ୍ନମାନେ ଭିନ୍ନ ଭିନ୍ନ ସମସ୍ୟା ନେଇ ମନ୍ତ୍ରୀଙ୍କୁ ଘେରିବାକୁ ଯୋଜନା କରାଯାଇଥିଲା। ଏହି ଖବର ପ୍ରଶାସନ ଏବଂ ଶାସକ ଦଳ ନିକଟରେ ପହଞ୍ଚିଥିଲା। କୌଣସି ଆଇନଶୃଙ୍ଖଳା ପରିସ୍ଥିତି କିମ୍ବା ସରକାରଙ୍କ ଭାବମୂର୍ତ୍ତି ନଷ୍ଟ ନହେଉ ବୋଲି ଭାବି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗସ୍ତରେ ଥିବା ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଏହି କାର୍ଯ୍ୟ ବାତିଲ କରାଯାଇଛି। ପାଲଟପୁର ପଞ୍ଚାୟତର କ୍ୟାନ୍ସର ଏବଂ କିଡ୍‌ନୀ ରୋଗ ବ୍ୟାପକ ଭାବେ ବଢ଼ିବା ସମସ୍ୟାର ସମାଧାନ ପାଇଁ ଦାବିପତ୍ର ଦିଆଯିବାକୁ ସରପଞ୍ଚ ଲିପିକା ମଲିକ କିଛି ଲୋକଙ୍କ ସହ ଉପସ୍ଥିତ ଥିଲେ। ସେହିପରି ମଙ୍ଗଳପୁର ଏବଂ ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଧାରୁ ଅଧିକ ପଦବୀ ଫାଙ୍କା ପଡ଼ିଥିବା, ସୁରକ୍ଷା ପାଚେରି, ଦୀର୍ଘଦିନ ହେବ ମେଡିକାଲ ବିଲଡିଂ କାର୍ଯ୍ୟ ଶେଷ ନହେବା ସହ ବିଭିନ୍ନ ଦାବିରେ ଯୁବ କଂଗ୍ରେସ ପକ୍ଷରୁ ପ୍ରତିବାଦ କରିବାର କାର୍ଯ୍ୟକ୍ରମ ଥିଲା। ଅନ୍ୟପକ୍ଷରେ ମଙ୍ଗଳପୁର ବଜାର କମିଟି, ବିଜେଡି ଦଳ,ମଙ୍ଗଳପୁର ଏବଂ ଥାଲକୁଡି ପଞ୍ଚାୟତଙ୍କ ପକ୍ଷରୁ ମେଡିକାଲର ବିଭିନ୍ନ ସମସ୍ୟା ସହ ବନ୍ୟା ବିପନ୍ନମାନେ ୮ ଦିନ ପରେ ମଧ୍ୟ ଏଯାବତ ନଳକୂପ ବ୍ଲିଚିଙ୍ଗ ନହେବା, ସ୍କୁଲ ପରିସରରେ ବ୍ଲିଚିଙ୍ଗ ନହେବା, ଗାଁ ରେ ହଲୋଜିନ ବଟିକା ପ୍ରଦାନ କରାନଯିବା ଭଳି ବିଭିନ୍ନ ସମସ୍ୟାରେ ମନ୍ତ୍ରୀଙ୍କୁ ଘେରିବାକୁ ଯୋଜନା କରାଯାଇଥିଲା। ମନ୍ତ୍ରୀ ନଆସିବାରୁ ଏହା ଫସର ଫାଟିଥିଲା।

ସୂଚନାଥାଉକି ଦଶରଥପୁର ବ୍ଲକରେ ବୈତରଣୀ ଏବଂ ଶାଖା କାଣୀ ନଦୀରେ ୪ ଟି ଘାଇ ହେବା ଫଳରେ ବ୍ଲକର ମୋଟ ୩୫ ପଞ୍ଚାୟତରୁ ୧୯ ପଞ୍ଚାୟତର ୫୯ ଟି ରାଜସ୍ୱ ଗ୍ରାମର ବନ୍ୟାରେ ପ୍ରଭାବିତ ହୋଇଥିଲେ। ସ୍ୱାସ୍ଥ୍ୟ ଏବଂ ପାନୀୟଜଳ ଜଳ ସମସ୍ୟାକୁ ଠିକ ଭାବେ ପରିଚାଳନା କରାନଯିବା ବିପନ୍ନମାନଙ୍କ କ୍ଷୋଭର ଶିକାର ସରକାର ଦଳ ହେବାକୁ ପଡୁଛି। ସୂଚନାଥାଉକି ଗତ ଜୁଲାଇ ୩୦ ତାରିଖରେ ସମବାୟ ମନ୍ତ୍ରୀ ଦଶରଥପୁର ବ୍ଲକ କୟାଁ ପଞ୍ଚାୟତକୁ ବନ୍ୟା ପରିଦର୍ଶନ କରିବାକୁ ଯାଇଥିବାବେଳେ ସ୍ଥାନୀୟ ଲୋକେ ବନ୍ୟାରେ ଲୋକଙ୍କ ପାଇଁ କଣ କରିଛ ବୋଲି ପ୍ରଶ୍ନ କରିବା ସହ କିଛି ବିଜେଡି ନେତା ଓ କର୍ମୀ ଘେରି ବିଭିନ୍ନ ପ୍ରଶ୍ନ କରିଥିଲେ। ଏଣୁ ମନ୍ତ୍ରୀ କୌଣସି ଉତ୍ତର ନଦେଇ ଫେରିଥିଲେ। ସେହିପରି ଗତ ୧ ଅଗଷ୍ଟରେ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା କସପା ପଞ୍ଚାୟତ ଯାଇଥିବାବେଳେ ବିପନ୍ନମାନଙ୍କ ପାଇଁ କୌଣସି ରିଲିଫ ନେଇନଥିବାରୁ ଲୋକେ ପ୍ରଶ୍ନ କରିଥିଲେ। ଗତ ୪ ତାରିଖରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଗ୍ରସ୍ତ ରହିଥିବାବେଳେ ସେ ନିର୍ଦ୍ଧାରିତ ସମୟ ଠାରୁ ବହୁ ବିଳମ୍ବ ହୋଇଥିଲା। ଘାଇ ସ୍ଥାନକୁ ନିଜେ ଉପ ମୁଖ୍ୟମନ୍ତ୍ରୀ ଟର୍ଚ୍ଚ ମାରି ଦେଖି ବିପନ୍ନମାନଙ୍କୁ ନଭେଟି ଫେରିଯାଉଥିଲେ। ଏଣୁ ବନ୍ଧ ଉପରେ ରହିଥିବା ଶତାଧିକ ବିପନ୍ନ ମହିଳାମାନେ ଉପ ମୁଖ୍ୟମନ୍ତ୍ରୀଙ୍କ ଗାଡିକୁ ଅଟକାଇ ଥିଲେ। ବିପନ୍ନ ମହିଳାମାନେ ସରକାର କଣ ଲୋକ ମାରିବା ପରେ ସାହାଯ୍ୟ କରିବ ବୋଲି ପ୍ରଶ୍ନ କରିବା ସହିତ ପାଲ, ରିଲିଫ ପ୍ରଦାନରେ ବ୍ୟାପକ ଅବହେଳା କରାଯାଇଥିଲା ଅସନ୍ତୋଷ ଜଣାଇଥିଲେ। ଏଣୁ ଏହି ଭୟରେ ଆଜି ଦଶରଥପୁର ବ୍ଲକ ଗ୍ରସ୍ତ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ବାତିଲ କରାଯାଇଥିବା ଜଣାପଡିଛି।

# ବନ୍ୟା ପ୍ରଭାବିତଙ୍କ ପାଇଁ ୫୦ ଲକ୍ଷ ଟଙ୍କାର ସହାୟତା ଦେଲା ଜିନ୍ଦଲ

ଯାଜପୁର,୬।୮(ସମିସ): ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଯାଜପୁର ଜିଲ୍ଲାବାସୀଙ୍କ ସହିତ ଠିଆହୋଇଛି ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍। ଯାଜପୁର ଜିଲ୍ଲାର ବନ୍ୟା ପ୍ରଭାବିତ ପରିବାରଙ୍କ ବନ୍ୟା ପରବର୍ତ୍ତୀ ସହାୟତା ପାଇଁ ଜିଲ୍ଲା ପ୍ରଶାସନଙ୍କୁ ପ୍ରାୟ ୫୦ ଲକ୍ଷ ଟଙ୍କା ମୂଲ୍ୟର ମୋଟ ୨ହଜାର ରିଲିଫ ପ୍ୟାକେଟ୍ ହସ୍ତାନ୍ତର କରିଛି। କର୍ପୋରେଟ୍ ସାମାଜିକ ଦାୟିତ୍ୱ ଏବଂ ସମୁଦାୟର କଲ୍ୟାଣ ପ୍ରତି ନିଜର ଅବ୍ୟାହତ ପ୍ରତିବଦ୍ଧତାର ଅଂଶ ସ୍ୱରୂପ, ଜିନ୍ଦଲ ଷ୍ଟେନଲେସ୍ ସ୍ଥାନୀୟ ପ୍ରଶାସନ ସହ ସହଯୋଗ କରି ବନ୍ୟା ଦ୍ୱାରା ପ୍ରଭାବିତ ଅସୁରକ୍ଷିତ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ପଦକ୍ଷେପ ନେଇଛି। ପ୍ରତ୍ୟେକ ରିଲିଫ ପ୍ୟାକେଟ୍‌ରେ ତୁରନ୍ତ ରିଲିଫ ଏବଂ ପୁନର୍ବାସ ପାଇଁ ଆବଶ୍ୟକୀୟ ସାମଗ୍ରୀ ସାମିଲ ରହିଛି। ଏଥିରେ ତାରପୋଲିନ୍ ସିଟ୍, ମଶାରୀ, ଟର୍ଚ୍ଚ ଲାଇଟ୍, ଗାଧୁଆ ତଉଲିଆ, ବିସ୍କୁଟ୍ ଏବଂ କ୍ଷୀର ଗୁଣ୍ଡ ରହିଛି। ବନ୍ୟା ଯୋଗୁଁ ଦୈନନ୍ଦିନ ଜୀବନ ବ୍ୟାହତ ହୋଇଥିବା ପ୍ରଭାବିତ ପରିବାରମାନଙ୍କର ମୌଳିକ ଆବଶ୍ୟକତା ପୂରଣ ପାଇଁ ଏହି ସାମଗ୍ରୀ ଯୋଗାଇ ଦିଆଯାଇଛି। ରିଲିଫ ପ୍ୟାକେଟ୍‌ଗୁଡ଼ିକୁ ଜିଲ୍ଲା ପ୍ରଶାସନଙ୍କୁ ଔପଚାରିକ ଭାବେ ହସ୍ତାନ୍ତର କରାଯାଇଛି। ପ୍ରଶାସନ ଏହାକୁ ଦଶରଥପୁର୍ ଓ ବିଞ୍ଝାରପୁର ବ୍ଲକ ଅଧୀନସ୍ଥ ବନ୍ୟା ପ୍ରଭାବିତ ଏବଂ ସମ୍ବେଦନଶୀଳ ପଞ୍ଚାୟତଗୁଡ଼ିକର ବାସିନ୍ଦାମାନଙ୍କ ମଧ୍ୟରେ ବିତରଣ କରିବ।ଏଠାରେ ପ୍ରକାଶ ଥାଉକି ବନ୍ୟା ସମୟରେ ଜିଲ୍ଲପାଳଙ୍କ ଆହ୍ୱାନ କ୍ରମେ କମ୍ପାନୀ ତରଫରୁ ୨୦୦୦ ପ୍ୟାକେଟ ଶୁଖିଲା ଖାଦ୍ୟ ସାମଗ୍ରୀର ରିଲିଫ୍ ବଣ୍ଟନ କରାଯାଉଥିଲା। କମ୍ପାନୀ ତରଫରୁ ବାହ୍ୟ ସମ୍ପର୍କ ବିଭାଗର ମୁଖ୍ୟ ସୁଧୀ ରଞ୍ଜନ ମିଶ୍ର, ଅନ୍ୟ କର୍ମଚାରୀଙ୍କ ସହିତ ଜିଲ୍ଲପାଳ କାର୍ଯ୍ୟାଳୟ ଠାରେ ହସ୍ତାନ୍ତର କରିଥିଲେ।



ସକାଳ
THE SAKALA

# ସମ୍ପାଦକୀୟ



ସୂର୍ଯ୍ୟ ଓ ସତ୍ୟକୁ ଅଧିକ ଦିନ ପର୍ଯ୍ୟନ୍ତ ଲୁଚାଇ ରଖିହେବ ନାହିଁ।
-ଗୌତମ ବୁଦ୍ଧ

## ମନି ବିଲ୍ ବିବାଦ

ଦେଶର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ସଂଖ୍ୟା ୩୪ ରୁ ୩୮ ବୃଦ୍ଧି ପ୍ରସ୍ତାବକୁ ବୈଧାନିକ ସ୍ୱୀକୃତି ଦେବା ପାଇଁ କେନ୍ଦ୍ର ସରକାର 'ମନି ବିଲ୍' ବ୍ୟବସ୍ଥା ଉପଯୋଗ କରିଥିବାରୁ ବିତର୍କ ସୃଷ୍ଟି ହୋଇଛି। ୨୦୧୯ରେ ମଧ୍ୟ ସମାନ ଢଙ୍ଗରେ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ସଂଖ୍ୟା ବୃଦ୍ଧି ପ୍ରସ୍ତାବକୁ ଅନୁମୋଦନ ମିଳିଥିଲା। ସାଧାରଣତଃ କନ୍‌ସୋଲିଡେଟେଡ୍ ଫଣ୍ଡ, କଣ୍ଟିଜେନ୍ସି ଫଣ୍ଡ, ବଜେଟ୍ ପ୍ରସ୍ତାବ, ଟିକସ ପ୍ରସ୍ତାବ ଆଦି ଅର୍ଥସଂକ୍ରାନ୍ତ ବିଧେୟକଗୁଡ଼ିକୁ ସଂସଦରେ ପାରିତ କରିବା ପାଇଁ 'ମନି ବିଲ୍' ବ୍ୟବସ୍ଥା ସମ୍ବିଧାନର ୧୧୦ ଧାରାରେ ଉଲ୍ଲେଖ ରହିଛି। ସମ୍ପ୍ରତି ସର୍ବୋଚ୍ଚ ନ୍ୟାୟାଳୟର ଅତିରିକ୍ତ ଚାରି ବିଚାରପତି ପଦ ସୃଷ୍ଟି ପାଇଁ ଦରମା, ଭତ୍ତା, ଆବାସିକ ଖର୍ଚ୍ଚ, ସୁରକ୍ଷା ଖର୍ଚ୍ଚ, ଆନୁସଙ୍ଗିକ ଖର୍ଚ୍ଚ, କର୍ମଚାରୀଙ୍କ ଦରମା ଆଦିକୁ ମିଶାଇ ସାମଗ୍ରିକ ଭାବେ ୧୪ କୋଟି ୪ ଲକ୍ଷ ୧୭ ହଜାର ୬୪୮ ଟଙ୍କାର ଅତିରିକ୍ତ ଆର୍ଥିକ ଭାର ରାଜକୋଷ ଉପରେ ପଡ଼ିବ। ତେଣୁ ସୁପ୍ରିମକୋର୍ଟ(ବିଚାରପତି ସଂଖ୍ୟା) ସଂଶୋଧନ ବିଧେୟକ-୨୦୨୬କୁ 'ମନି ବିଲ୍' ଭାବରେ ଲୋକସଭାରେ ପାରିତ କରାଗଲା ବୋଲି କେନ୍ଦ୍ର ସରକାର ଯୁକ୍ତି ଦର୍ଶାଇଛନ୍ତି।

ଅପରପକ୍ଷରେ ଯେତେବେଳେ ରାଜ୍ୟ ସଭାରେ କ୍ଷମତାସୀନ ଶାସକ ଦଳର ବହୁମତ ନ ଥାଏ ସେତେବେଳେ କୌଣସି ବିଧେୟକ ପାରିତ କରି ଆଇନରେ ପରିଣତ କରିବା ପାଇଁ 'ମନି ବିଲ୍'ଉପଯୋଗ କରାଯାଇଥିବାର ଉଦାହରଣ ରହିଛି। ଏନ୍‌ଡିଏ ସରକାର ପୂର୍ବ ପାଳିରେ 'ପ୍ରିଭେନ୍‌ସନ୍ ଅଫ୍ ମନି ଲର୍ଡରିଂ ଆକ୍ଟ', 'ଆଧାର ଆଇନ୍' ଓ 'ଟ୍ରିବ୍ୟୁନାଲ୍ ନିଯୁକ୍ତି ସେବା ଆଇନ୍'କୁ 'ମନି ବିଲ୍' ଜରିଆରେ ପାରିତ କରାଯିବା ପରେ ଏହାର ସାମ୍ବିଧାନିକ ବୈଧତା ନେଇ ସର୍ବୋଚ୍ଚ ନ୍ୟାୟାଳୟରେ ମାମଲା ଦାୟର ହୋଇଥିଲା। ଏଥିମଧ୍ୟରୁ 'ଆଧାର ଆଇନ' ପାରିତ ପ୍ରକ୍ରିୟାକୁ ସର୍ବୋଚ୍ଚ ନ୍ୟାୟାଳୟ ସାମ୍ବିଧାନିକ ସଙ୍ଗତ ବୋଲି ରାୟ ଦେଇଥିବା ବେଳେ 'ଟ୍ରିବ୍ୟୁନାଲ୍ ଆଇନ୍' ପ୍ରକ୍ରିୟାକୁ ଅସାମ୍ବିଧାନିକ ଦର୍ଶାଇ ଖାରଜ କରିଦେଇଥିଲେ। ସେହିପରି 'ପ୍ରିଭେନ୍‌ସନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ'ର ସାମ୍ବିଧାନିକ ବୈଧତା ସର୍ବୋଚ୍ଚ ନ୍ୟାୟାଳୟର ବୃହତ୍ତର ସମ୍ବିଧାନ ଖଣ୍ଡପୀଠରେ ବିଚାରାଧୀନ ରହିଛି। ୨୦୧୮ ରେ ତତ୍କାଳୀନ ବିଚାରପତି ଡି ୱାଇ ଚନ୍ଦ୍ରଚୂଡ଼ 'ଆଧାର ଆଇନ' ସମ୍ପର୍କିତ ମାମଲା ଶୁଣାଣି ବେଳେ ପ୍ରତ୍ୟକ୍ଷ ଆର୍ଥିକ ସମ୍ପର୍କ ନଥିବା ବିଧେୟକଗୁଡ଼ିକୁ ମନି ବିଲ୍ ଜରିଆରେ ପାରିତ କରାଇ ନେବାର ଉଦ୍ୟମକୁ 'ଗଳା ବାଟ' ବା 'ଠକେଇ' ଭାବେ ଅଭିହିତ କରିଥିଲେ।

ତେଣୁ ମାମଲା ବିଚାରାଧୀନ ଥିବା ସତ୍ତ୍ୱେ 'ମନି ବିଲ୍' ସାହାରା ନେବା ସମ୍ବିଧାନର ଦୁରୁପଯୋଗ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। କିନ୍ତୁ ଏବେ ସଂସଦରେ ବିଭିନ୍ନ ପ୍ରସଙ୍ଗରେ ହଟ୍ଟଗୋଳ ଜାରି ରହିଥିବାରୁ କେନ୍ଦ୍ର ସରକାର 'ମନି ବିଲ୍' ଜରିଆରେ ଅତ୍ୟାବଶ୍ୟକ ଅତିରିକ୍ତ ବିଚାରପତି ନିଯୁକ୍ତି ବିଧେୟକକୁ ପାରିତ କରାଇ ନେବାକୁ ଉଚିତ ମଣିଛନ୍ତି। ଏହାଦ୍ୱାରା ଲକ୍ଷ ଲକ୍ଷ ବିଚାରାଧୀନ ମାମଲାର ବିଚାର ପ୍ରକ୍ରିୟା ଓ ଫଇସଲା ତ୍ୱରାନ୍ୱିତ ହୋଇପାରିବ ବୋଲି ଆଶା ସଞ୍ଚାର ହୋଇଛି।

## ସ୍ୱାଗତଯୋଗ୍ୟ ରାୟ

ସଡ଼କ ପଥରେ ପରିବହନ, ଗମନାଗମନ, ଯାନବାହନ ସଂଖ୍ୟା ବୃଦ୍ଧି ସହିତ ଦୁର୍ଘଟଣା ପରିସଂଖ୍ୟାନ ମଧ୍ୟ ବଢ଼ି ଚାଲିଛି। ଦୁର୍ଘଟଣାରେ ମୃତ, ଆହତ ଓ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦେବା ପାଇଁ ଆଇନରେ ବ୍ୟବସ୍ଥା ରହିଛି। ମୋଟର ଯାନ ଆଇନ ୧୯୮୮ ଧାରା ୧୪୬ ଅନୁଯାୟୀ ଗାଡ଼ିଚାଳକ/ଗାଡ଼ି ମାଲିକଙ୍କ ପାଇଁ ତୃତୀୟପକ୍ଷ ବୀମା ବାଧ୍ୟତାମୂଳକ କରାଯାଇଛି। ଏହା ସତ୍ତ୍ୱେ ଅନେକ ଗାଡ଼ିଚାଳକ ବୀମାଧାରୀ ଭାବେ ପଞ୍ଜିକୃତ ହେଉ ନାହାନ୍ତି କିମ୍ବା ବୀମାର ନବୀକରଣ କରୁନାହାନ୍ତି। ଫଳରେ ଦୁର୍ଘଟଣାଗ୍ରସ୍ତ ପୀଡ଼ିତଙ୍କୁ କ୍ଷତିପୂରଣ ମିଳିପାରୁନାହିଁ। ଏଥିରେ ଉଦ୍‌ବେଗ ପ୍ରକାଶ କରି ଦେଶର ସର୍ବୋଚ୍ଚ ନ୍ୟାୟାଳୟ ନିକଟରେ ଏକ ସ୍ୱାଗତଯୋଗ୍ୟ ବାଟ ବାହାର କରିଛନ୍ତି। ଯେଉଁମାନଙ୍କର ବୀମା ନବୀକରଣ ହୋଇନାହିଁ ବା ଆଦୌ ବୀମା ନାହିଁ ସେମାନଙ୍କୁ ପେଟ୍ରୋଲ୍/ଡିଜେଲ୍ ନ ଦେବା ଏବଂ କୌଣସି ବାହନଚାଳକ ବୀମାଧାରୀ କି ନୁହନ୍ତି ତାହା ସାଧାରଣ ନାଗରିକ ଜାଣିପାରିବା ଭଳି ବ୍ୟବସ୍ଥା ବିକାଶ ଦିଗରେ ଦୃଷ୍ଟି ଦେବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ଶୁଣାଣି ବେଳେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ୨୦୨୪ ଡିସେମ୍ବର ମାସରେ ସଂସଦର ଅର୍ଥ ମନ୍ତ୍ରଣାଳୟର ସ୍ଥାୟୀ କମିଟି ପ୍ରଦତ୍ତ ଏକ ରିପୋର୍ଟକୁ ଉଦ୍ଧାର କରିଛନ୍ତି। ସେଥିରେ ଦର୍ଶାଯାଇଛି ଯେ ଦେଶରେ ସେହି ସମୟରେ ମୋଟ ୧୬ କୋଟି ୫୪ ଲକ୍ଷ ଯାନ ପଞ୍ଜିକୃତ ହୋଇଥିବା ବେଳେ ମାତ୍ର ୪୪ ପ୍ରତିଶତ ଗାଡ଼ିମାଲିକଙ୍କ ନାମରେ ବୀମା ରହିଥିଲା। ଦେଶରେ ବର୍ଷକୁ ହାରାହାରି ୪ ଲକ୍ଷ ସଡ଼କ ଦୁର୍ଘଟଣା ଘଟୁଥିବା ବେଳେ ଦୁର୍ଘଟଣା ଘଟାଇଥିବା ଗାଡ଼ିମଧ୍ୟରୁ ମାତ୍ର ୨୨% ବୀମାଭୁକ୍ତ। ଗାଡ଼ି ଚାଳକମାନଙ୍କର ଏଭଳି ମାନସିକତାକୁ ପ୍ରତିହତ କରିବା ପାଇଁ 'ବାହନ ପୋର୍ଟାଲ୍' ସହିତ ବୀମା ସୂଚନା ବ୍ୟୁରୋକୁ ସଂଲଗ୍ନ କରିପାରିବା ଭଳି ବ୍ୟବସ୍ଥା ବିକଶିତ କରିବା ଉପରେ ଖଣ୍ଡପୀଠ ଗୁରୁତ୍ୱ ଆରୋପ କରିଛନ୍ତି। ଏଥିସହିତ ପ୍ରତି ଗାଡ଼ିର ବୀମା ଯାଞ୍ଚ କରିବା ଲାଗି ପୁଲିସ୍‌କୁ ଅଧିକୃତ କରିବା, ଜାତୀୟ ରାଜପଥମାନଙ୍କରେ 'ଅଟୋମେଟିକ୍ ନମ୍ବର ପ୍ଲେଟ୍ ଚିହ୍ନଟ' ଓ 'ଇଚାଲାଣ' ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ମଧ୍ୟ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ତୃତୀୟ ପକ୍ଷ ବୀମା ଅବଧିକୁ ଦୁଇଚକିଆ ଯାନ ପାଇଁ ୬ ବର୍ଷ ଓ ଚାରିଚକିଆ ଯାନ ପାଇଁ ୪ ବର୍ଷକୁ ବୃଦ୍ଧି କରି ଏହାକୁ ତତ୍କାଳ ଲାଗୁ କରିବାକୁ ଖଣ୍ଡପୀଠ ବୀମା ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ କହିଛନ୍ତି। ୨୦୧୮ ରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟରେ ଏହି ଅବଧି ଦୁଇଚକିଆ ଓ ଚାରିଚକିଆ ଯାନ ପାଇଁ ଯଥାକ୍ରମେ ୫ ବର୍ଷ ଓ ୩ ବର୍ଷ ରହିଥିଲା। ଏଥିସହିତ ବୀମା କମ୍ପାନୀମାନେ ଉପଭୋକ୍ତା ଅନୁକୂଳ ହେବାକୁ ରାୟରେ ପରାମର୍ଶ ଦିଆଯାଇଛଇ। ୨୦୨୨ ମାର୍ଚ୍ଚ ମାସରୁ ଯେଉଁ ମାମଲାଗୁଡ଼ିକ ବିଚାରାଧୀନ ରହିଛି ତାହା ତ୍ୱରାନ୍ୱିତ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିବାରୁ ପୀଡ଼ିତମାନେ ଉପକୃତ ହେବେ। ସର୍ବାଦୌ ଏଭଳି ରାୟ ସମୟୋପଯୋଗୀ ଓ ସ୍ୱାଗତଯୋଗ୍ୟ।

# ସ୍ୱଚ୍ଛ ଇନ୍ଧନ ବନାମ ଗ୍ରାହକଙ୍କ ସ୍ୱାର୍ଥ

**ବରୁଣ କୁମାର ମହାପାତ୍ର**

ଭାରତରେ 'ଇ୨୦' ଇନ୍ଧନର ପ୍ରଚଳନ ସମ୍ପ୍ରତି ଏକ ଜାତୀୟ ବିତର୍କ ପାଲଟିଛି। ସରକାର ଏହାକୁ ଦେଶର ଶକ୍ତି ସୁରକ୍ଷା ଓ ସ୍ୱଚ୍ଛ ପରିବେଶ ପାଇଁ ଏକ ବୈପ୍ଳବିକ ପଦକ୍ଷେପ ବୋଲି କହୁଛନ୍ତି। ଚଳିତ ବର୍ଷ ଏପ୍ରିଲ ପହିଲାରୁ ଦେଶବ୍ୟାପୀ ଏହାର ବ୍ୟବହାର ବାଧ୍ୟତାମୂଳକ କରାଯାଇଥିବା ବେଳେ ସାଧାରଣ ଗ୍ରାହକ ଏବଂ ଗାଡ଼ି ମାଲିକଙ୍କ ମନରେ କିନ୍ତୁ ଏହି ମିଶ୍ରଇନ୍ଧନକୁ ନେଇ ଅନେକ ପ୍ରଶ୍ନ ଓ ଆଶଙ୍କା ସୃଷ୍ଟି ହୋଇଛି।

'ଇ୨୦' ହେଉଛି ୨୦ ପ୍ରତିଶତ ଇଥାନଲ ମିଶ୍ରିତ ପେଟ୍ରୋଲ। ଇଥାନଲ ଏକପ୍ରକାର ଜୈବ ଇନ୍ଧନ, ଯାହା ମୁଖ୍ୟତଃ ଆଖୁ, ମକା, ବାର୍ଲି ଆଦି କୃଷିଜାତ ଦ୍ରବ୍ୟରୁ ପ୍ରସ୍ତୁତ କରାଯାଏ। 'ଇଥାନଲ ବ୍ଲେଣ୍ଡେଡ୍ ପେଟ୍ରୋଲ' (ଇବିପି) କାର୍ଯ୍ୟକ୍ରମ ଅଧୀନରେ ସରକାର ଏହି ଇନ୍ଧନ ବ୍ୟବହାରକୁ ପ୍ରୋତ୍ସାହିତ କରୁଛନ୍ତି। ୨୦୧୩-୧୪ରେ ଇଥାନଲ ମିଶ୍ରଣ ହାର ୧.୫ ପ୍ରତିଶତରୁ କମ୍ ଥିଲା ବେଳେ ସମ୍ପ୍ରତି ସରକାର ଏହାକୁ ୨୦ ପ୍ରତିଶତକୁ ବୃଦ୍ଧି କରିଛନ୍ତି। 'ଇ୨୦' ଲକ୍ଷ୍ୟ ହାସଲ ପାଇଁ ୨୦୩୦ ଥିଲା ସମୟସୀମା। ଭାରତ କିନ୍ତୁ ଧାର୍ଯ୍ୟ ସମୟସୀମାର ପାଞ୍ଚ ବର୍ଷ ପୂର୍ବରୁ ଏହି ଲକ୍ଷ୍ୟ ହାସଲ କରିପାରିଛି।

ଭାରତ ନିଜ ଆବଶ୍ୟକତାର ପ୍ରାୟ ୮୫ ପ୍ରତିଶତ ଅଶୋଧିତ ତୈଳ ବିଦେଶରୁ ଆମଦାନୀ କରିଥାଏ। ଏଥିପାଇଁ ପ୍ରତିବର୍ଷ ପାଖାପାଖି ୧୫୦ ବିଲିଅନ ଡଲାର ଖର୍ଚ୍ଚ କରିଥାଏ। ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ବଢ଼ିଲେ ଦେଶର ଅର୍ଥନୀତି ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼େ, ଯାହା ସମ୍ପ୍ରତି ମଧ୍ୟପ୍ରାଚ୍ୟ ସଂକଟରୁ ଅନୁମେୟ। ତେଣୁ ଅଶୋଧିତ ତୈଳ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ସବୁଜଗୃହ ବାଷ୍ପ ନିର୍ଗମନ କମାଇବା ଉଦ୍ଦେଶ୍ୟରେ ଭାରତ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ଦିଗରେ ପଦକ୍ଷେପ ନେଇଛି। ଏହାଦ୍ୱାରା ବିଦେଶୀ ମୁଦ୍ରାଭଣ୍ଡାର ଉପରେ ଚାପ କମିବ ଏବଂ କୃଷିଭିତ୍ତିକ ଶିଳ୍ପକୁ ବି ବଜାର ମିଳିବ ବୋଲି ଭାରତ ସରକାର ଯୁକ୍ତି ବାଢ଼ିଛନ୍ତି। ଇଥାନଲ ଏକ ନବୀକରଣଯୋଗ୍ୟ ଜୈବ ଇନ୍ଧନ ହୋଇଥିବାରୁ ଏହାର ବ୍ୟବହାର ପେଟ୍ରୋଲ, ଡିଜେଲ୍ ଭଳି ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରିବ। ଏହାଛଡ଼ା 'ଇ୨୦' ଦ୍ୱାରା ବାୟୁମଣ୍ଡଳକୁ କ୍ଷତିକାରକ ଗ୍ୟାସର ନିର୍ଗମନ କମିବ। ଯାହା ବାୟୁ ପ୍ରଦୂଷଣ ହ୍ରାସ କରିବାରେ ସହାୟକ ହେବ।




ଇଥାନଲ ମିଶ୍ରିତ ଇନ୍ଧନ ଆଧୁନିକ ଯାନବାହନ ପାଇଁ ଅନୁକୂଳ ବୋଲି ସରକାର ଦାବି କରୁଛନ୍ତି। କିନ୍ତୁ 'ଇ୨୦'କୁ ନେଇ ଗାଡ଼ିଚାଳକ ବିଶେଷକରି ୨୦୨୩ ପୂର୍ବରୁ ନିର୍ମିତ ଗାଡ଼ି ମାଲିକମାନଙ୍କ ସନ୍ଦେହ ଦୂରୀଭୂତ ହେଉନାହିଁ। ସେମାନଙ୍କ ଅଭିଯୋଗ ଯେ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ଯୋଗୁଁ ସେମାନଙ୍କ ଗାଡ଼ିର ମାଇଲେଜ୍ କମି ଯାଉଛି। ଇଞ୍ଜିନ ଖରାପ ହେଉଛି। ଏହି ଇନ୍ଧନର ବ୍ୟବହାର ଯୋଗୁଁ ଦୀର୍ଘକାଳୀନ ପ୍ରତିକୂଳ ପ୍ରଭାବ ନେଇ ଗାଡ଼ି ମାଲିକଙ୍କ ଆଶଙ୍କା ଅମୂଳକ ନୁହେଁ ବୋଲି ମଧ୍ୟ ବିଶେଷଜ୍ଞମାନେ କହିଛନ୍ତି। ସେମାନଙ୍କ ମତରେ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ଦ୍ୱାରା ପୁରୁଣା ଗାଡ଼ିଗୁଡ଼ିକର ରକ୍ଷଣାବେକ୍ଷଣ ଖର୍ଚ୍ଚ ବଢ଼ିପାରେ। ୨୦୨୩ ପରେ ନିର୍ମିତ କିଛି ଇଥାନଲ ଅନୁକୂଳ ଯାନ ଏହି ମିଶ୍ରପେଟ୍ରୋଲ ଦ୍ୱାରା ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି। ଏହାଛଡ଼ା ଏ ବାବଦରେ ସ୍ପଷ୍ଟ ମାର୍ଗଦର୍ଶିକାର ଅଭାବ ସହ ୱାରେଣ୍ଟି ସମ୍ବନ୍ଧୀୟ ପ୍ରଶ୍ନ ମଧ୍ୟ ଉଠିଛି। ଇଥାନଲ ମିଶ୍ରିତ ପେଟ୍ରୋଲ ପାଇଁ କୌଣସି ସମସ୍ୟା ଉପୁଜିଲେ ତାହାକୁ ଗାଡ଼ି ନିର୍ମାତାମାନେ ୱାରେଣ୍ଟି ଅନ୍ତର୍ଭୁକ୍ତ କରୁନାହାନ୍ତି ବୋଲି ଅଭିଯୋଗ ହେଉଛି। ତେବେ କେନ୍ଦ୍ର ସରକାର ଉପରୋକ୍ତ ଅଭିଯୋଗଗୁଡ଼ିକୁ ଖଣ୍ଡନ କରିଥିଲେ ମଧ୍ୟ ଗ୍ରାହକଙ୍କ ସନ୍ଦେହ ଓ ଦ୍ୱନ୍ଦ୍ୱ ଦୂର କରିବା ପାଇଁ କୌଣସି ସ୍ପଷ୍ଟ ଉତ୍ତର ରଖି ନାହାନ୍ତି। ଅବଶ୍ୟ କିଛି ପୁରୁଣା ଯାନରେ ସମସ୍ୟା କଥାକୁ କିଛି ଗାଡ଼ି ନିର୍ମାତା ମାନିଛନ୍ତି। 'ଇ୨୦' ବ୍ୟବହାର ଦ୍ୱାରା କେତେକ ଗାଡ଼ିରେ ୩ରୁ ୫ ପ୍ରତିଶତ ପର୍ଯ୍ୟନ୍ତ ମାଇଲେଜ୍ କମିପାରେ ବୋଲି ତୈଳ ମନ୍ତ୍ରାଳୟ ସ୍ୱୀକାର କରିଛି। ସେପଟେ ବିରୋଧୀ ଦଳଙ୍କ ଅଭିଯୋଗ ହେଉଛି ଯେ ଇଥାନଲ ଉତ୍ପାଦନରେ ଜଣେ କେନ୍ଦ୍ରମନ୍ତ୍ରୀଙ୍କ ପରିବାରର ବ୍ୟବସାୟିକ ସ୍ୱାର୍ଥ ଜଡ଼ିତ ଥିବାରୁ ଏହି ମିଶ୍ରଇନ୍ଧନ ନୀତିକୁ କାର୍ଯ୍ୟକାରୀ କରାଯାଉଛି। ଏ ସବୁ ଆପତ୍ତି ଓ ଅଭିଯୋଗ ସତ୍ତ୍ୱେ 'ଇଥାନଲ ବ୍ଲେଣ୍ଡେଡ୍ ପେଟ୍ରୋଲ' (ଇବିପି) କାର୍ଯ୍ୟକ୍ରମକୁ ବନ୍ଦ କରିବାର ପ୍ରଶ୍ନ ଉଠୁନାହିଁ ବୋଲି ସ୍ପଷ୍ଟ କରିସାରିଛନ୍ତି ସରକାର।

ଗାଡ଼ି ଗ୍ରାହକଙ୍କ ବ୍ୟତୀତ 'ଇ୨୦' ନେଇ ପରିବେଶବିତ୍‌ମାନଙ୍କର ମଧ୍ୟ କିଛି ଆପତ୍ତି ରହିଛି। ଇଥାନଲଯୁକ୍ତ ଇନ୍ଧନ ଯୋଗୁଁ ଖାଦ୍ୟ ସୁରକ୍ଷା ଉପରେ ପ୍ରଭାବ ପଡ଼ିପାରେ ବୋଲି ସେମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଆଖୁ ଭଳି ଫସଲ ପାଇଁ ପ୍ରଚୁର ପରିମାଣରେ ଜଳ ଆବଶ୍ୟକ। ଯଦି ଇଥାନଲ ଉତ୍ପାଦନ ପାଇଁ ଆଖୁ ଅଧିକମାତ୍ରାରେ ବ୍ୟବହୃତ ହୁଏ, ତେବେ ଜଳସଙ୍କଟ ଆହୁରି ଉତ୍କଟ ହୋଇପାରେ। ଏହାଛଡ଼ା ଜମି କିସମର ପରିବର୍ତ୍ତନ ସହ ଖାଦ୍ୟ ସୁରକ୍ଷା ଉପରେ ଚାପ ବଢ଼ିବା ଆଶଙ୍କା ରହିଛି। ଖାଦ୍ୟଚକ୍ର ଆଧାରିତ ଅଙ୍ଗାରକ ନିର୍ଗମନ ଦିଗକୁ ମଧ୍ୟ ସମାନ ଗୁରୁତ୍ୱ ଦେବାକୁ ପରିବେଶବିତ୍ ସରକାରଙ୍କୁ ପରାମର୍ଶ ଦେଇଛନ୍ତି।

ଭାରତ ଇଥାନଲ ପ୍ରସଙ୍ଗରେ ବ୍ରାଜିଲ ମଡେଲକୁ ଅନୁସରଣ କରୁଛି। ଇଥାନଲ ମିଶ୍ରଣ କ୍ଷେତ୍ରରେ ବ୍ରାଜିଲ ହେଉଛି ବିଶ୍ୱର ଅଗ୍ରଣୀ ଦେଶ। ୧୯୭୦ ଦଶକର ତୈଳ ସଙ୍କଟ ପରଠୁ ଏହି ଦକ୍ଷିଣ ଆମେରିକୀୟ ଦେଶରେ ୨୦ ରୁ ୮୫ ପ୍ରତିଶତ ଯାଏଁ ଇଥାନଲ ମିଶ୍ରଇନ୍ଧନ ବ୍ୟବହାର ହେଉଛି। ଏଥିପାଇଁ ସେଠାରେ ଫ୍ଲେକ୍ସ-ଫ୍ୟୁଏଲ ଯାନ ବ୍ୟବସ୍ଥା ରହିଛି, ଯାହା ଶତ ପ୍ରତିଶତ ଇଥାନଲରେ ଚାଲେ। ଭାରତ ପାଇଁ ଆହ୍ୱାନ ହେଉଛି ବ୍ରାଜିଲ ଭଳି ପର୍ଯ୍ୟାୟକ୍ରମେ ବିକଶିତ ହୋଇଥିବା ଫ୍ଲେକ୍ସ-ଫ୍ୟୁଏଲ ଯାନ ବ୍ୟବସ୍ଥା ଏଠାରେ ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇ ପାରିନାହିଁ। ଭବିଷ୍ୟତରେ ୮୫ ପ୍ରତିଶତ ଇଥାନଲ ମିଶ୍ରିତ(ଇ୮୫) ଇନ୍ଧନର ବ୍ୟବହାର ନେଇ ସରକାର ସଙ୍କେତ ଦେଇଥିବା ବେଳେ ଫ୍ଲେକ୍ସ-ଫ୍ୟୁଏଲ ଯାନର ଆବଶ୍ୟକତା ରହିଛି। ସରକାର ଏ ଦିଗ ପ୍ରତି ମଧ୍ୟ ଗୁରୁତ୍ୱ ଦେବାକୁ ପଡ଼ିବ।

'ଇ୨୦' ନେଇ ବିବାଦର ମୂଳ କାରଣ ବିଶ୍ୱାସ ଓ ସ୍ପଷ୍ଟ ସୂଚନାର ଅଭାବ। ଶକ୍ତି ସୁରକ୍ଷା, କୃଷକଙ୍କ ଆୟ ବୃଦ୍ଧି ଓ ଅଙ୍ଗାରକ ନିର୍ଗମନ ହ୍ରାସ ପାଇଁ ଇଥାନଲ ମିଶ୍ରିତ ଇନ୍ଧନ ଏକ ଦୂରଦର୍ଶୀ ପଦକ୍ଷେପ ହୋଇପାରେ। କିନ୍ତୁ ଏହାକୁ ସଫଳ କରିବା ଲାଗି କେବଳ ନୀତି ଘୋଷଣା କରିଦେଲେ ହେବ ନାହିଁ। ସରକାରଙ୍କୁ ଉଭୟ ପୁରୁଣା ଓ ନୂଆ ଯାନବାହନ ପାଇଁ ସ୍ପଷ୍ଟ ପ୍ରାୟୋଗିକ ମାର୍ଗଦର୍ଶିକା ଜାରି କରିବାକୁ ହେବ। ଏଥିସହ ସ୍ୱାଧୀନ ତଥା ନିରପେକ୍ଷ ବୈଜ୍ଞାନିକ ଅଧ୍ୟୟନର ଫଳାଫଳ ସାର୍ବଜନୀନ କରି ଗ୍ରାହକଙ୍କ ସନ୍ଦେହ ଦୂର କରିବାକୁ ପଡ଼ିବ। ଫ୍ଲେକ୍ସ-ଫ୍ୟୁଏଲ ଯାନକୁ ପ୍ରୋତ୍ସାହନ ଓ ଇଥାନଲ ଉତ୍ପାଦନରେ ଜଳ ଓ ଖାଦ୍ୟ ସୁରକ୍ଷାର ସନ୍ତୁଳନ ରକ୍ଷା କରିବା ବି ଜରୁରୀ। ଅନୁରୂପ ଭାବେ ଗାଡ଼ି କମ୍ପାନିମାନଙ୍କୁ ମଧ୍ୟ ପୁରୁଣା ଓ ନୂଆ ଯାନମାଲିକଙ୍କ ପାଇଁ ସ୍ପଷ୍ଟ ସୂଚନା ଦେବା ଉଚିତ। ସବୁଜ ତଥା ସ୍ୱଚ୍ଛ ଇନ୍ଧନ ଆଡ଼କୁ ଭାରତର ଯାତ୍ରା ଅପରିହାର୍ଯ୍ୟ। ତେବେ ବିଜ୍ଞାନ ଓ ପାରଦର୍ଶିତା, ଗ୍ରାହକଙ୍କ ସ୍ୱାର୍ଥ ଓ ପରିବେଶ ମଧ୍ୟରେ ସଠିକ୍ ସନ୍ତୁଳନ ରକ୍ଷା ହୋଇପାରିଲେ ହିଁ ଏହି ଯାତ୍ରା ସଫଳ ହୋଇପାରିବ।

ବ୍ରହ୍ମପୁର, ମୋ: ୭୦୦୮୦୭୮୩୯୬

# ଯେଉଁଠି ଆତଙ୍କବାଦୀଙ୍କୁ ମହାପୁରୁଷ ଆଖ୍ୟା ଦିଆଯାଇଛି

**ପଞ୍ଚାନନ ଅଗ୍ରୱାଲା**

କମ୍ୟୁନିଷ୍ଟ ଶାସକ ଲେନିନ କହୁଥିଲେ, 'ମୋତେ ପିଲାମାନଙ୍କୁ ଶିଖାଇବାକୁ ଚାରିବର୍ଷ ଦିଆଯାଉ, ମୁଁ ଯେଉଁ ମଞ୍ଜି ପୋତିବି, ତା'କୁ କେହି ଉଖାଡ଼ି ପାରିବେ ନାହିଁ।' ଏବେ ଶିକ୍ଷା ମାଧ୍ୟମରେ ଏପରି କାହାଣୀମାନ ଗଢ଼ିବାକୁ ଉଦ୍ୟମ ହେଉଛି, ଯାହା ଦେଶ ସମାଜକୁ ବିଧ୍ୱଂସ ଆଡ଼କୁ ନେଇଯିବା ଥୟ। ଜାମ୍ମୁକାଶ୍ମୀରରେ କେନ୍ଦ୍ର ସରକାରଙ୍କ ପ୍ରୟୋଜିତ 'ସର୍ବଶିକ୍ଷା ଯୋଜନା' ସହିତ ଜଡ଼ିତ ବିଦ୍ୟାଳୟର ପାଠାଗାର ପାଇଁ ପୁସ୍ତକ ଚୟନରେ ପ୍ରତିଫଳିତ ମାନସିକତା ଆଧାରରେ ଏଭଳି ଆଶଙ୍କା ପ୍ରକାଶ ପାଉଛି। ସେହି ପୁସ୍ତକଗୁଡ଼ିକରେ ବିଚ୍ଛିନ୍ନତାବାଦ, ଆତଙ୍କବାଦ, ଭାରତ ବିରୋଧୀ ମାନସିକତା ପ୍ରତିଫଳିତ ହୋଇଛି। ବିବାଦର କେନ୍ଦ୍ରରେ ରହିଛି 'ପରସନାଲିଟିଜ୍ ଆଣ୍ଡ ଲିଜେଣ୍ଡସ ଅଫ୍ ଜାମ୍ମୁକାଶ୍ମୀର' ଏବଂ 'ଗ୍ରେଟ ପରସନାଲିଟିଜ୍ ଅଫ୍ ଜାମ୍ମୁ ଆଣ୍ଡ କାଶ୍ମୀର' ନାମକ ଦୁଇଟି ପୁସ୍ତକ।

ଉକ୍ତ ପୁସ୍ତକମାନଙ୍କରେ ଆତଙ୍କବାଦୀ ମକବୁଲ ଭଟ୍ଟ, ବିଚ୍ଛିନ୍ନତାବାଦୀ ସୟଦ ଅଲ୍ଲୀ ଶାହ ଗିଲାନୀ, ସବିର ଅହମ୍ମଦ ଶାହ, ମସରତ ଆଲମ, ମୀରଜାଇଜ ଉମର ଫାରୁକ, ମୌଲବୀ ଫାରୁକ ଭଳି ଦେଶବିରୋଧୀ ତତ୍ତ୍ୱମାନଙ୍କୁ ଜାମ୍ମୁକାଶ୍ମୀରର ମହାପୁରୁଷ ରୂପରେ ଏବଂ ଭାରତକୁ ନକାରାତ୍ମକ ରୂପେ ଚିତ୍ରିତ କରାଯାଇଛି। କୁଖ୍ୟାତ ଆତଙ୍କବାଦୀ ମକବୁଲ ଭଟ୍ଟଙ୍କୁ ମହାନ କ୍ରାନ୍ତିକାରୀ କୁହାଯାଇଛି ଏବଂ ଜାମ୍ମୁକାଶ୍ମୀରକୁ ପାକିସ୍ତାନରେ ବିଲୟ ହୋଇଯିବାର ଯୁକ୍ତି ଦର୍ଶାଯାଇଛି। ଦୁର୍ଦ୍ଦାନ୍ତ ଅନ୍ତଃରାଷ୍ଟ୍ରୀୟ ଆତଙ୍କବାଦୀ ହାଫିଜ ସୟଦର ପ୍ରଶଂସାଗାନ କରାଯାଇଛି। ଭାରତକୁ ଜବରଦଖଲକାରୀ ଦମନକାରୀ ରାଜ୍ୟ ରୂପେ ବର୍ଣ୍ଣନା କରାଯାଇଛି।



ବିବାଦ ସାମ୍ନାକୁ ଆସିବା ପରେ ଜାମ୍ମୁକାଶ୍ମୀର ସରକାର ଦୁଇଟି ପୁସ୍ତକ ଉପରେ କଟକଣା ଜାରି କରି ଫେରାଇ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଠ ଜଣ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ଦୁଇ ପୁସ୍ତକର ଲେଖକ ଆଉ ପ୍ରକାଶକମାନଙ୍କୁ କଳା ତାଲିକାଭୁକ୍ତ କରିଦିଆଯାଇଛି। ମାମଲାର ଯାଞ୍ଚ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏଠାରେ ପ୍ରଶ୍ନ ଉଠୁଛି ବିଶେଷଜ୍ଞ ସମିତିରେ କେଉଁ ସଦସ୍ୟ ଅଛନ୍ତି ଯେ ଏଭଳି ପୁସ୍ତକଗୁଡ଼ିକୁ କିଣିବା ପାଇଁ ସୁପାରିସ କରିଥିଲେ? ପୁସ୍ତକଗୁଡ଼ିକର ସ୍ୱୀକୃତି ପାଇଁ ବିଶେଷଜ୍ଞମାନଙ୍କ ସମିତି ଗଠନ କିଏ କରିଥିଲେ? ଆଉ କେଉଁ ଆଧାରରେ କରିଥିଲେ? ଏସବୁ ବିଷୟରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଦରକାର।

ସୁନିୟୋଜିତ ଢଙ୍ଗରେ ଉପରିସ୍ଥ ଅଧିକାରୀମାନଙ୍କ ମାଧ୍ୟମରେ ପୁସ୍ତକ କିଣାଯାଇଥିବା ଅଭିଯୋଗ ହେଉଛି। ଏହା କିନ୍ତୁ ଚିନ୍ତା କରିବା କଥା ଭାରତ ସରକାରଙ୍କ ଶିକ୍ଷା ଯୋଜନାରେ ଜାମ୍ମୁକାଶ୍ମୀର ସରକାରଙ୍କ ନିର୍ଦ୍ଦେଶରେ ଏହି ପୁସ୍ତକକୁ ପଠନ ଉପଯୋଗୀ କରାଯାଉଛି। ଯାହା ଗୋଟିଏ ଦିଗରେ ଆତଙ୍କବାଦୀ ଆଉ ବିଚ୍ଛିନ୍ନତାବାଦୀମାନଙ୍କୁ ମହିମାମଣ୍ଡନ କରୁଛି। ଅନ୍ୟପକ୍ଷରେ ଭାରତର ଶାସନ କ୍ଷମତାକୁ ନକାରାତ୍ମକ ରୂପେ ଚିତ୍ରଣ କରି ଆମର ସର୍ବଭୌମତ୍ୱ ଆଉ ଅଖଣ୍ଡତାକୁ ବିପଦରେ ପକାଇବା କାମ କରାଯାଉଛି। ଏହି ମାମଲାରେ ପୁସ୍ତକର ଲେଖକ ଓ ପ୍ରକାଶକମାନଙ୍କୁ କେବଳ କଳା ତାଲିକାଭୁକ୍ତ କରିଦେବା ଯଥେଷ୍ଟ ନୁହେଁ। ସେମାନଙ୍କ ବିରୋଧରେ ରାଷ୍ଟ୍ର ବିରୋଧୀ ଲେଖା ପ୍ରଚାର କରିବା ମାମଲା ଅଭିଯୋଗ ଫର୍ଦ୍ଦ ଦାଖଲ କରିବାକୁ ହେବ। ଭାରତର ସର୍ବଭୌମତ୍ୱ, ଅଖଣ୍ଡତା, ଦେଶଦ୍ରୋହ, ଆତଙ୍କବାଦ ଆଦି ପାଇଁ ଆଇନ ଓ ଦଣ୍ଡ ବିଧାନ ବ୍ୟବସ୍ଥା ରହିଛି। ଭାରତୀୟ ନ୍ୟାୟ ସଂହିତା ୨୦୨୩ର ଧାରା ୧୫୨ ଏବଂ ୧୯୭ ସହିତ ବେଆଇନ ଗତିବିଧି ନିୟନ୍ତ୍ରଣ ଅଧିନିୟମ ୧୯୬୭ର ଧାରା ୨(୧) ଭଳି ନିୟମର ଉଲଙ୍ଘନ କରାଯାଇଛି। ଜାମ୍ମୁକାଶ୍ମୀର ପିପୁଲ୍ସ ଫୋରମ ଭଳି ସଂଗଠନମାନ ଏହାର ନିନ୍ଦା କରି ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

ସମୟ ଥିଲା ପୁସ୍ତକମାନଙ୍କରେ ଏଭଳି ଭ୍ରମାତ୍ମକ ତଥ୍ୟ ବିଷୟ ରହୁଥିଲା। ସେଥିରେ ଆଉରଙ୍ଗଜେବକୁ ମହିମା ମଣ୍ଡନ କରାଯାଉଥିଲା। ଭଗତସିଂହ, ଚନ୍ଦ୍ରଶେଖର ଆଜାଦଙ୍କ ଭଳି କ୍ରାନ୍ତିକାରୀମାନଙ୍କୁ ଆତଙ୍କବାଦୀ ରୂପେ ଦର୍ଶାଯାଉ ଥିଲା। ରକ୍ତର ନଦୀ ବୁହାଉଥିବା ସିକନ୍ଦରକୁ ମହାନ ଭାବେ ଉଲ୍ଲେଖ କରାଯାଉଥିଲା। ପ୍ରଶାସନ ସୁଧାର ଆଉ ଜନକଲ୍ୟାଣ ପାଇଁ ବିଖ୍ୟାତ ଛତ୍ରପତି ଶିବାଜୀଙ୍କୁ ଲୁଣ୍ଠନକାରୀ ଭାବେ ଚିତ୍ରଣ କରାଯାଉଥିଲା। ସ୍କୁଲ ହେଉ ବା ଶିକ୍ଷା, ରାଷ୍ଟ୍ର ଓ ସମାଜ ନିର୍ମାଣ ପାଇଁ ରହିଛି, ଆତଙ୍କବାଦ, ବିଚ୍ଛିନ୍ନତାବାଦ ଓ ଦେଶ ବିରୋଧୀ ପ୍ରଚାର ପାଇଁ ନୁହେଁ। ଏହି ପ୍ରସଙ୍ଗରେ ସମଗ୍ର ଶିକ୍ଷା ଯୋଜନାର ଅନୁମୋଦିତ ଅନ୍ୟପୁସ୍ତକଗୁଡ଼ିକର ମଧ୍ୟ ସମୀକ୍ଷା ହେବା ଜରୁରୀ।

ଆମ ଶିକ୍ଷା ସାମ୍ୟବାଦର ପୁରୋଧା ଲେନିନ ଓ ଷ୍ଟାଲିନ ଅନୁଗାମୀ ନ ହୋଇ ଭାରତୀୟ ସମ୍ବିଧାନ ଏବଂ ଭାରତୀୟ ଚିନ୍ତନ ପରମ୍ପରା ଅନୁରୂପ ଚାଲିବା ଉଚିତ ଏବଂ ନକାରାତ୍ମକ ଚିନ୍ତନ କରୁଥିବା ଲୋକ ସାବଧାନ ହେବା ଉଚିତ।

ଭୁବନେଶ୍ୱର, ମୋ: ୯୭୭୭୭୪୦୭୧

# ନ୍ୟାୟ ଦେବତା ଭାବେ ପୂଜା ପାଆନ୍ତି ବ୍ରହ୍ମରାକ୍ଷସ

**ବିଚିତ୍ର ବିଶ୍ୱାସ**

**ଓଜସ୍ୱିନୀ**

ହିନ୍ଦୁଧର୍ମର ଶାସ୍ତ୍ରପୁରାଣରେ ୩୩କୋଟି ଦେବଦେବୀଙ୍କ ସହିତ ବ୍ରହ୍ମରାକ୍ଷସଙ୍କ ବର୍ଣ୍ଣନା ରହିଛି। ପୌରାଣିକ ମତବାଦ ଅନୁସାରେ ବ୍ରହ୍ମରାକ୍ଷସ ହେଉଛନ୍ତି ସେହି ବ୍ରାହ୍ମଣମାନେ, ଯେଉଁମାନେ ନିଜ ଜ୍ଞାନ, ବିବେକ, ଧର୍ମ ଓ ପଦମର୍ଯ୍ୟାଦାର ଦୁରୁପଯୋଗ କରି ଅନ୍ୟମାନଙ୍କ ପ୍ରତି ମାନସିକ ଓ କାୟିକ ଅତ୍ୟାଚାର କରିଥା'ନ୍ତି। ସେହିଭଳି ବ୍ରାହ୍ମଣମାନେ ଅଭିଶପ୍ତ ହୋଇ ପରବର୍ତ୍ତି ଜନ୍ମରେ ବ୍ରହ୍ମରାକ୍ଷସ ରୂପରେ ଜନ୍ମ ହୋଇଥା'ନ୍ତି। ସ୍କନ୍ଦପୁରାଣ ଓ ଗରୁଡ଼ ପୁରାଣରେ ବର୍ଣ୍ଣନା ସମେତ କାଶୀ ଓ ଗ୍ୱାଲିୟର୍‌ର ଲୋକକଥାଗୁଡ଼ିକରେ ମଧ୍ୟ ବ୍ରହ୍ମରାକ୍ଷସ ସମ୍ପର୍କିତ ବିଭିନ୍ନ କଥା ଶୁଣିବାକୁ ମିଳେ। କିନ୍ତୁ ବ୍ରହ୍ମରାକ୍ଷସ ଅସୀମ ବଳଶାଳୀ, ଅପାର ଜ୍ଞାନ ଓ ତନ୍ତ୍ରମନ୍ତ୍ରର ଜ୍ଞାତା ହୋଇଥା'ନ୍ତି। ତେଣୁ ଭାରତର ଅନେକ ମନ୍ଦିରରେ ବ୍ରହ୍ମରାକ୍ଷସଙ୍କୁ ପୂଜାର୍ଚ୍ଚନା କରାଯାଉଛି। କଥିତ ଅଛି ଯେ, ବ୍ରହ୍ମରାକ୍ଷସଙ୍କୁ ସନ୍ତୁଷ୍ଟ କରିବା ବହୁତ କଷ୍ଟସାଧ୍ୟ। ବ୍ରହ୍ମରାକ୍ଷସ ସନ୍ତୁଷ୍ଟ ହେଲେ ଲୋକଙ୍କର ମଙ୍ଗଳ ହୋଇଥାଏ ଏବଂ କ୍ରୋଧ କଲେ ପ୍ରାକୃତିକ ଧ୍ୱଂସଲୀଳା ହୋଇଥାଏ।

ଦକ୍ଷିଣ ଭାରତରେ ବ୍ରହ୍ମରାକ୍ଷସଙ୍କୁ ଅର୍ଦ୍ଧଦେବତା ଓ ନ୍ୟାୟଦାତା ଭାବେ ପୂଜା କରାଯାଉଛି ଏବଂ ଏହାଦ୍ୱାରା ସମସ୍ତ ନକାରାତ୍ମକ ଶକ୍ତି ଦୂର ହୁଏ ବୋଲି ବିଶ୍ୱାସ ରହିଛି। ଭାରତର ଆଉ କେତେକ ସ୍ଥାନରେ ବ୍ରହ୍ମରାକ୍ଷସଙ୍କୁ ଅତ୍ୟନ୍ତ ଶକ୍ତିଶାଳୀ ରକ୍ଷକଦେବତା ଭାବେ ପୂଜା କରାଯାଉଛି। ବିବାହ, ବ୍ରତ ଭଳି ସାମାଜିକ ଓ ବୈଦିକ ଅନୁଷ୍ଠାନ କିମ୍ବା କୌଣସି ନୂତନ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ବ୍ରହ୍ମରାକ୍ଷସଙ୍କୁ ପ୍ରସନ୍ନ କରିବା ପାଇଁ ପୂଜାନୁଷ୍ଠାନର ଆୟୋଜନ କରି ପ୍ରାର୍ଥନା କରାଯାଉଛି। ବିଶେଷକରି କେରଳ ଓ କର୍ଣ୍ଣାଟକରେ ବ୍ରହ୍ମରାକ୍ଷସଙ୍କ ଅନେକ ମନ୍ଦିର ରହିଛି।

କର୍ଣ୍ଣାଟକର ମଦିକେରି(କୁର୍ଗ) ସ୍ଥିତ ଓଁକାରେଶ୍ୱର ଶିବ ମନ୍ଦିରରେ ବ୍ରହ୍ମରାକ୍ଷସଙ୍କ ପୂଜା କରାଯାଉଛି। ସ୍ଥାନୀୟ ଲୋକକଥା ଅନୁସାରେ ଏକଦା ଏହି ଅଞ୍ଚଳରେ ଜଣେ ବ୍ରହ୍ମରାକ୍ଷସଙ୍କ କୁପ୍ରଭାବକୁ ଦୂର କରିବା ପାଇଁ ସେହି ସମୟର ରାଜାଙ୍କ ଦ୍ୱାରା ଓଁକାରେଶ୍ୱର ମନ୍ଦିର ନିର୍ମାଣ କରାଯାଇଥିଲା। ଏହି ମନ୍ଦିର ପରିସରରେ ବ୍ରହ୍ମରାକ୍ଷସ ମନ୍ଦିର ମଧ୍ୟ ଅଛି। ମନ୍ଦିରର କାନ୍ଥଗୁଡ଼ିକରେ ବ୍ରହ୍ମରାକ୍ଷସ ମୂର୍ତ୍ତି ଖୋଦିତ ହୋଇଛି। ବ୍ରହ୍ମରାକ୍ଷସଙ୍କ ମୂର୍ତ୍ତି ସାମନାରେ ସର୍ବଦା ଗୋଟିଏ ତେଲ ଦୀପ ପ୍ରଜ୍ୱଳନ କରି ରଖାଯାଉଛି ଏବଂ ପ୍ରତିଦିନ ବିଧିବିଧାନର ସହିତ ପୂଜାର୍ଚ୍ଚନା କରାଯାଇ ପାୟସମ୍(ମିଠା ଖିରି) ନୈବେଦ୍ୟ ରୂପେ ଅର୍ପଣ କରାଯାଉଛି। ଭକ୍ତମାନେ ସେମାନଙ୍କ ପରିବାରକୁ ନକାରାତ୍ମକ ଶକ୍ତିଠାରୁ ସୁରକ୍ଷିତ ରଖିବା ପାଇଁ ବ୍ରହ୍ମରାକ୍ଷସଙ୍କୁ ପ୍ରାର୍ଥନା କରିବାକୁ ଆସି ପାୟସମ୍‌କୁ ପ୍ରସାଦ ବା ଭୋଗ ଭାବେ ଭକ୍ତି ଓ ଶ୍ରଦ୍ଧାର ସହ ଗ୍ରହଣ କରିଥା'ନ୍ତି।

କେରଳର ପଥାନାମଥିଟ୍ଟା ଜିଲ୍ଲାସ୍ଥିତ ମଲୟାଲପୁଝାରେ ପ୍ରାୟ ୧୦୦୦ ବର୍ଷ ପୁରୁଣା ପ୍ରାଚୀନ ମନ୍ଦିରରେ ବ୍ରହ୍ମରାକ୍ଷସଙ୍କ ପୂଜା କରାଯାଉଛି। ଏହି ମନ୍ଦିରର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା'ଭଦ୍ରକାଳୀ। ସ୍ଥାନର ନାମାନୁସାରେ ମା'ଙ୍କ ନାମ 'ମଲୟାଲପୁଝା ଆମ୍ମା' ରଖାଯାଇଛି। ଏଠାରେ ମା'ଙ୍କର ଉଗ୍ର ରୂପର ପୂଜା କରାଯାଏ। ଶତ୍ରୁଙ୍କଠାରୁ ସୁରକ୍ଷା, ଉତ୍ତମ ଚାକିରି, ବ୍ୟବସାୟରେ ଉନ୍ନତି ଓ ହଜି ଯାଇଥିବା ଦ୍ରବ୍ୟ ପାଇବା ପାଇଁ ଭକ୍ତମାନେ ମା'ଙ୍କ ପୂଜାର୍ଚ୍ଚନା କରିଥା'ନ୍ତି। ବିଶ୍ୱାସ ରହିଛି ଯେ, ମା'ଙ୍କ ଦୟାରୁ ଆଜିପର୍ଯ୍ୟନ୍ତ କୌଣସି ଭକ୍ତ ଏହି ମନ୍ଦିରରୁ ନିରାଶ ହୋଇ ଫେରିନାହାନ୍ତି। ଏହି ମନ୍ଦିରର ପୂର୍ବ ଭାଗରେ ଗୋଟିଏ ବ୍ରହ୍ମରାକ୍ଷସ ମନ୍ଦିର ଅଛି। ଏଠାରେ ଭକ୍ତମାନେ ବ୍ରହ୍ମରାକ୍ଷସଙ୍କୁ ନ୍ୟାୟର ଦେବତା ଭାବେ ପୂଜାର୍ଚ୍ଚନା କରିଥା'ନ୍ତି। ଏଥିସହିତ ମନସ୍କାମନା ପୂରଣ ସହିତ ଗୁଣିଗାରେଡ଼ି, ଭୂତପ୍ରେତ ବାଧା ଓ ଅନ୍ୟ ନକାରାତ୍ମକ ଶକ୍ତିର ପ୍ରଭାବକୁ ପ୍ରତିହତ କରିବା ପାଇଁ ମଧ୍ୟ ଭକ୍ତମାନେ ସେଠାରେ ବ୍ରହ୍ମରାକ୍ଷସଙ୍କୁ ପୂଜାର୍ଚ୍ଚନା କରନ୍ତି।

କେରଳର ଏର୍ଣ୍ଣାକୁଲମ ଜିଲ୍ଲାସ୍ଥିତ ନଜାରକ୍କଲର ନାମକ ଗାଁରେ ମା' ଭଗବତୀଙ୍କୁ ସମର୍ପିତ ୮୦୦ ବର୍ଷ ପୁରୁଣା ମନ୍ଦିରରେ ବ୍ରହ୍ମରାକ୍ଷସଙ୍କ ଗୋଟିଏ ଉପମନ୍ଦିର ଅଛି, ଯେଉଁଠି ପ୍ରତିଦିନ ବିଧିବିଧାନର ସହ ପୂଜାର୍ଚ୍ଚନା କରାଯାଏ। କେରଳର ତିରୁଅନନ୍ତପୁରମ୍‌ସ୍ଥିତ ମୁକ୍କୋଲକ୍କଲ ଭଗବତୀ ମନ୍ଦିରରେ ମଧ୍ୟ ଏକ ବ୍ରହ୍ମରାକ୍ଷସଙ୍କ ମନ୍ଦିର ଅଛି। ଏହିସବୁ ମନ୍ଦିର ବ୍ୟତୀତ ଦକ୍ଷିଣ ଭାରତର ଅନ୍ୟକେତେକ ରାଜ୍ୟରେ ପୌରାଣିକ ମତବାଦ ଓ ଲୋକକଥା ଅନୁସରଣରେ ବ୍ରହ୍ମରାକ୍ଷସଙ୍କ ମନ୍ଦିର ନିର୍ମାଣ କରି ପୂଜାର୍ଚ୍ଚନା କରାଯାଉଛି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ରେଭେନ୍ସା ପ୍ରସଙ୍ଗରେ ବଢୁଛି କଟକ ସଦର ବିଧାୟକଙ୍କ ଅଡୁଆ

## ବିଶ୍ୱବିଦ୍ୟାଳୟରେ ରାଜନୈତିକ ହସ୍ତକ୍ଷେପକୁ ବନ୍ଦ କରାଯାଉ: ବିଜେଡି

ଭୁବନେଶ୍ୱର,୬।୮ (ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟ ଇଷ୍ଟ ହଷ୍ଟେଲ ବିବାଦ ଜଟିଳ ରୂପ ଧାରଣ କରିଛି । ଏହି ବିବାଦ ଏବେ ଛାତ୍ରଙ୍କ ଆନ୍ଦୋଳନ ସମେତ ଶିକ୍ଷକମାନେ ଆନ୍ଦୋଳନ ଜାରି ରଖିଛନ୍ତି । ବିଶ୍ୱବିଦ୍ୟାଳୟ ଶିକ୍ଷକମାନେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ କାର୍ଯ୍ୟକଳାପକୁ ବିରୋଧ କରି ଆନ୍ଦୋଳନ ଜାରି ରଖିଥିବା ବେଳେ ରାଜ୍ୟ ସରକାର ଚୁପ ହୋଇ ବସିଛନ୍ତି । ଯାହାକୁ କଡ଼ା ସମାଲୋଚନା କରିଛି ବିଜେଡି ।

ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡ଼. ଲେନିନ୍ ମହାନ୍ତି କହିଛନ୍ତି ଯେ ଇଷ୍ଟ ହଷ୍ଟେଲରେ ବାରମ୍ବାର ବିଭିନ୍ନ ସମସ୍ୟା ହେଉଥିବା ବେଳେ ଏହାର ସମାଧାନ କରିବା ପ୍ରତିବଦଳରେ ଡେପୁଟି ୱାର୍ଡେନ ରବିଉଲ ଅନସାରୀଙ୍କ କାର୍ଯ୍ୟକଳାପ ନେଇ ଛାତ୍ର ମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହାର ସମାଧାନ କରିବା ନେଇ ଆଲୋଚନା ବେଳେ ବିଧାୟକ ଶ୍ରୀ ସେଠୀ ପ୍ରବେଶ କରିଥିଲେ । ଇଷ୍ଟ ହଷ୍ଟେଲ ବିବାଦର ସମାଧାନ ପାଇଁ ବସିଥିବା ବୈଠକରେ ବିଧାୟକ ଶ୍ରୀ ସେଠୀ ଚିଫ୍ ୱାର୍ଡେନଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା । ତେବେ ବିବାଦ ମୁଣ୍ଡ ଟେକିବା ପରେ ଛାତ୍ର ଓ ଶିକ୍ଷକମାନଙ୍କ ସହ ଆଲୋଚନା କରି ସମାଧାନ କରିବା ବଦଳରେ ବିଶ୍ୱବିଦ୍ୟାଳୟ କୁଳପତି ଚୁପ୍ ହୋଇ ବସିଛନ୍ତି । ସେ ଦିନ ଆଲୋଚନା ବେଳେ କଣ ଘଟଣା ଘଟିଲା ତାହାକୁ କୁଳପତି ସର୍ବସମ୍ମୁଖରେ କହିବାର ସାହାସ ନାହିଁ । ବିଶ୍ୱବିଦ୍ୟାଳୟ କୁଳସଚିବ ମଧ୍ୟ ନିଜ ପଦବୀ ବଞ୍ଚାଇବା ପାଇଁ ଚୁପ୍ ହୋଇ ବସିଛନ୍ତି । ଛାତ୍ରଛାତ୍ରୀମାନେ ତାଙ୍କର ଯୁକ୍ତି ସଙ୍ଗତ ଦାବି ଉପସ୍ଥାପନ କରିଛନ୍ତି । ତେବେ ତାହାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଛାତ୍ରଛାତ୍ରୀମାନେ ଆଲୋଚନା କରି ସମାଧାନ କରିବା ଆବଶ୍ୟକତା ଥିଲା । ମାତ୍ର କେଉଁ ପରିସ୍ଥିତିରେ ବିଧାୟକ ବିଶ୍ୱବିଦ୍ୟାଳୟକୁ ଯାଇ ବିବାଦ ସୃଷ୍ଟି କଲେ ତାହା ଏଯାଏ ରହସ୍ୟାବୃତ୍ତ । ଅଧ୍ୟାପକମାନଙ୍କୁ ବିଧାୟକ ଦୁର୍ବ୍ୟବହାର କରିଥିବାର ଅଭିଯୋଗ ହୋଇଥିବାବେଳେ ବିଧାୟକ ମଧ୍ୟ ଚିଫ୍ ୱାର୍ଡେନଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ ଆଣି ବାଚସ୍ପତିଙ୍କୁ ଚିଠି ଲେଖିଛନ୍ତି । ରାଜ୍ୟ ସରକାର ମଧ୍ୟ ପଦକ୍ଷେପ ଗ୍ରହଣ କରିବା ବଦଳରେ ନିରବ ରହିବା ସମସ୍ତଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କୁଳପତି ମଧ୍ୟ ବିଧାୟକଙ୍କ ସମ୍ମୁଖରେ ଅସହାୟ ହୋଇଛନ୍ତି । ବିଜେପି ସରକାରରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଉନ୍ନତି ଘଟିବା ବଦଳରେ ଅବନତି ଘଟିବାରେ ଲାଗିଛି । ଓଡ଼ିଶାରୁ ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଥିବା ସହ ରାଜ୍ୟର ଶିକ୍ଷାମନ୍ତ୍ରୀ ମଧ୍ୟ କେବଳ ବଡ ବଡ କଥା କହିଲେ । କିନ୍ତୁ ଉନ୍ନତି ନେଇ

### ତେଜୁଛି ଆନ୍ଦୋଳନ; ସରକାରଙ୍କ ନିରବତାକୁ ନେଇ ଉଠିଲା ପ୍ରଶ୍ନ

କୌଣସି ପଦକ୍ଷେପ ଗ୍ରହଣ କରିଲେ ନାହିଁ । ଯାହାଫଳରେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଲାଗି ରହି ଆନ୍ଦୋଳନ ମୁଣ୍ଡ ଟେକୁଛି । ବିଧାୟକ ଓ ଶିକ୍ଷକମାନଙ୍କ ବିବାଦ ନେଇ ଅଭିଯୋଗ ସତ୍ତ୍ୱେ ରାଜ୍ୟ ସରକାର ଏକ କମିଟି କରି ଘଟଣାର ତଦନ୍ତ କାହିଁକି କରୁନାହାନ୍ତି । ରେଭେନ୍ସା ବିଶ୍ୱବିଦ୍ୟାଳୟ ପରି ଓଡ଼ିଶାର ଐତିହ୍ୟ ସମ୍ପନ୍ନ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବା ନିହାତି ଆବଶ୍ୟକ । ଏଥିରେ କୁଳପତିଙ୍କ ପ୍ରମୁଖ ଭୂମିକା ରହିଛି । ଯଦି କୁଳପତି ମୁହଁ ଖୋଲି ପାରୁନାହାନ୍ତି ତେବେ ତୁରନ୍ତ ପଦବୀରୁ ଅବ୍ୟାହତି ନେଇ ଯିବାର ଆବଶ୍ୟକ ରହିଛି । ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ସୃଷ୍ଟି କରିବାକୁ ରାଜନୈତିକ ହସ୍ତକ୍ଷେପକୁ ବନ୍ଦ କରାଯାଉ । ବିଶ୍ୱବିଦ୍ୟାଳୟର ସମ୍ମାନ ଅକ୍ଷୁର୍ଣ୍ଣ ରଖିବାକୁ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ସେ କହିଛନ୍ତି ।

## ବେଆଇନ ହାଇୱା ଜବତ

କଟକ,୬।୮ (ସମିସ): ରାଜ୍ୟରେ ସଡ଼କ ଦୁର୍ଘଟଣା ହ୍ରାସ କରିବା ଏବଂ ସଡ଼କ ସୁରକ୍ଷା ନିୟମର କଡ଼ା ଅନୁପାଳନ ନିଶ୍ଚିତ କରିବା ଲକ୍ଷ୍ୟରେ ସାରା ରାଜ୍ୟରେ ଏନଫୋର୍ସମେଣ୍ଟ ଚାଲିଛି । ଏହିକ୍ରମରେ ସମ୍ବଲପୁର, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଅଞ୍ଚଳରେ ପରିବହନ ବିଭାଗ ଓ ପୁଲିସ ଦ୍ୱାରା ଯାଞ୍ଚ କରାଯାଉଛି । ସମସ୍ତ ଗାଡ଼ି ଚାଳକ ଓ ମାଲିକଙ୍କୁ ସଡ଼କ ସୁରକ୍ଷା ନିୟମକୁ ସମ୍ପୂର୍ଣ୍ଣ ରୂପେ ପାଳନ କରିବା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି । ଏହି ଅଭିଯାନ ଅଧୀନରେ, ସୁନ୍ଦରଗଡ଼ର ସର୍ଗିପାଲି ଅଞ୍ଚଳରେ ଯାଞ୍ଚ ସମୟରେ ସଡ଼କ ସୁରକ୍ଷା ନିୟମର ଖୋଲାଖୋଲି ଉଲ୍ଲଙ୍ଘନ କରୁଥିବା ଏକ ହାଇୱାକୁ ଜବତ କରାଯାଇଛି । ଗାଡ଼ିଟି ଧାର୍ଯ୍ୟ ସୀମାଠାରୁ ଅଧିକ ସାମଗ୍ରୀ ବହନ କରିବା ସହ ବୈଧ ଫିଟନେସ୍ ପ୍ରମାଣପତ୍ର, ରୋଡ୍ ପରମିଟ୍, ଓଡ଼ିଶା ମୋଟର ଯାନ ଟିକସ ଏବଂ ପ୍ରଦୂଷଣ ପ୍ରମାଣପତ୍ର ନଥାଇ ଚାଲୁଥିଲା । ଏହି ଅନିୟମିତତା ପାଇଁ ମୋଟର ଯାନ ଆଇନ ଅନୁଯାୟୀ ଇ-ଚାଲାଣ ଜାରି ହୋଇଛି । ବର୍ତ୍ତମାନ ଜବତ ହାଇୱାକୁ ଅଟକ ରଖାଯାଇ ପରବର୍ତ୍ତୀ ଆଇନଗତ ପ୍ରକ୍ରିୟା ଜାରି ରହିଛି ।

### ଓଡ଼ିଶାରେ ଇପିଏଫ୍ଓ ଅଧୀନରେ ୧୩.୮୮ ଲକ୍ଷ କର୍ମଚାରୀ ପଞ୍ଜୀକୃତ

## ଖୋର୍ଦ୍ଧାରେ ସର୍ବାଧିକ କର୍ମଚାରୀ, ଦ୍ୱିତୀୟରେ ସୁନ୍ଦରଗଡ଼

ନୂଆଦିଲ୍ଲୀ/ଭୁବନେଶ୍ୱର: ଓଡ଼ିଶାରେ କର୍ମଚାରୀ ଭବିଷ୍ୟନିଧି ସଂଗଠନ ଅଧୀନରେ ବର୍ତ୍ତମାନ ୨୨,୮୯୫ଟି ପ୍ରତିଷ୍ଠାନ ଏବଂ ୧୩,୮୮,୦୦୧ ଜଣ କର୍ମଚାରୀ ପଞ୍ଜୀକୃତ ହୋଇଛନ୍ତି । ରାଜ୍ୟସଭାରେ ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ରମନ୍ତ୍ରୀ ଏହି ତଥ୍ୟ ପ୍ରଦାନ କରିଛନ୍ତି । ମନ୍ତ୍ରୀଙ୍କ ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲା ରାଜ୍ୟରେ ସର୍ବାଧିକ ୫,୧୪୪ଟି ପ୍ରତିଷ୍ଠାନ ପଞ୍ଜିକୃତ ହୋଇଛି ଏବଂ ଏଠାରେ ୪,୪୧,୨୬୬ ଜଣ କର୍ମଚାରୀ ଇପିଏଫ୍ଓ ସହ ଜଡ଼ିତ ଅଛନ୍ତି । ସୁନ୍ଦରଗଡ଼ରେ ୨,୦୦୫ଟି ପ୍ରତିଷ୍ଠାନ ଓ ୧,୪୪,୯୨୧ ଜଣ କର୍ମଚାରୀ, କଟକରେ ୧,୯୮୧ଟି ପ୍ରତିଷ୍ଠାନ ଓ ୧,୦୯,୯୭୨ ଜଣ କର୍ମଚାରୀ ରହିଛନ୍ତି । ଶିଳ୍ପାଞ୍ଚଳ ଭାବେ ପରିଚିତ କେନ୍ଦୁଝରରେ ୭୯,୭୮୪, ଯାଜପୁରରେ ୭୫,୨୭୪, ଅନୁଗୁଳରେ ୭୪,୯୯୪, ସମ୍ବଲପୁରରେ ୭୪,୦୮୦ ଏବଂ ଝାରସୁଗୁଡ଼ାରେ ୭୨,୨୫୩ ଜଣ କର୍ମଚାରୀ ଇପିଏଫ୍ଓରେ ସାମିଲ ହୋଇଛନ୍ତି । ସେହିପରି ଦେବଗଡ଼ (୧,୮୫୯), ଗଜପତି (୨,୦୨୩), ମାଲକାନଗିରି (୨,୦୪୭), ବୌଦ୍ଧ (୨,୩୨୫), ସୁବର୍ଣ୍ଣପୁର (୨,୮୮୬) ପରି ଜିଲ୍ଲାରେ ଇପିଏଫ୍ଓ କର୍ମଚାରୀ ପଞ୍ଜୀକୃତ ହୋଇଛନ୍ତି । ସେହିପରି ରାଜ୍ୟରେ ନୂଆ ଇପିଏଫ୍ଓ କାର୍ଯ୍ୟାଳୟ ଖୋଲିବା ପ୍ରସଙ୍ଗରେ ସରକାର କହିଛନ୍ତି ଯେ, ବର୍ତ୍ତମାନ ଓଡ଼ିଶାରେ ଭୁବନେଶ୍ୱରରେ ଗୋଟିଏ ଜୋନାଲ୍ ଅଫିସ୍, ଭୁବନେଶ୍ୱର, କଟକ ଓ ରାଉରକେଲାରେ ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ବାଲେଶ୍ୱର, ସମ୍ବଲପୁର, ବ୍ରହ୍ମପୁର, ରାୟଗଡ଼ା, କେନ୍ଦୁଝର ଓ ବଡ଼ବିଲରେ ଜିଲ୍ଲା କାର୍ଯ୍ୟାଳୟ କାର୍ଯ୍ୟ କରୁଛି । ତେବେ ଏବେ ନୂଆ କାର୍ଯ୍ୟାଳୟ ଖୋଲିବା ନେଇ କୌଣସି ପ୍ରସ୍ତାବ ନଥିବା ସରକାର ସ୍ପଷ୍ଟ କରିଛନ୍ତି ।

## ପଟ୍ଟନାୟକ ବନ୍ଧ ଦୁର୍ନୀତିରେ ଗିରଫ ଦୁଇଯନ୍ତ୍ରୀ ଓ ଠିକାଦାରଙ୍କୁ କୋର୍ଟ ଚାଲାଣ

ପାରଳାଖେମୁଣ୍ଡି/ବ୍ରହ୍ମପୁର,୬।୮ (ସମିସ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ପୌର ପରିଷଦ ଅନ୍ତର୍ଗତ ସହରର ବହୁ ଚର୍ଚ୍ଚିତ ପଟ୍ଟନାୟକ ବନ୍ଧ ଉନ୍ନୟନ କାମରେ ହୋଇଥିବା ଦୁର୍ନୀତି ଅଭିଯୋଗରେ ତତ୍କାଳୀନ କନିଷ୍ଠଯନ୍ତ୍ରୀ ତଥା ବର୍ତ୍ତମାନ ଗୁଣପୁର ପୌରପରିଷଦର ସହକାରୀ ଯନ୍ତ୍ରୀ ଡି.ଯୁଧିଷ୍ଠିର, ପାରଳାଖେମୁଣ୍ଡି ପୌରପରିଷଦର ସହକାରୀ ଯନ୍ତ୍ରୀ ସଞ୍ଜୀବ ଚମ୍ପତି ଏବଂ ଠିକାଦାର ସୁରେନ୍ଦ୍ର ପାଣିଗ୍ରାହୀଙ୍କୁ ଗିରଫ କରିଛି ବ୍ରହ୍ମପୁର ଭିଜିଲାନ୍ସ ବିଭାଗ । ୩ଜଣଙ୍କୁ ଗିରଫ କରି ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ଆଜି ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରିଛି । ସେମାନଙ୍କର ଜାମୀନ ଆବେଦନ ଖାରଜ ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି । ଅଭିଯୋଗ ପ୍ରକାରେ ପଟ୍ଟନାୟକ ବନ୍ଧର ପୁନରୁଦ୍ଧାର ନିମନ୍ତେ ୨୦୧୯ ମସିହାରୁ ୨୦୨୨ମଧ୍ୟରେ ଏହି ବନ୍ଧର ପୁନଃରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ଯୋଜନାରେ ୧କୋଟି ୨୨ଲକ୍ଷ ୪୦ହଜାର ଟଙ୍କା ରାଜକୋଷରୁ ଖର୍ଚ୍ଚ ହୋଇଥିବା ବେଳେ ଏଥିରେ ଦୁର୍ନୀତି ଅଭିଯୋଗ ହୋଇଥିଲା । ବାରମ୍ବାର ପିଟିସନ ପଡିବା ପରେ ଭିଜିଲାନ୍ସ ବିଭାଗ ଏହାର ତଦନ୍ତ କରିଥିଲା । ତଦନ୍ତ ବେଳେ ପ୍ରକୃତରେ ଏହି କାମରେ ୫୫ଲକ୍ଷ ୬୯ ହଜାର ଟଙ୍କାର ଜାଲିଆତି ବିଲ୍ କରି ହରିଲୁଟ ହୋଇଥିବା ଜଣାପଡିଥିଲା ।







ପ୍ରାଥମିକ ପର୍ଯ୍ୟାୟରେ ୩ଜଣଙ୍କୁ ଗିରଫ କରାଯାଇଥିଲେ ହେଁ ଅନେକଙ୍କର ସମ୍ପୃକ୍ତି ଥିବା ବିଭାଗ ସନ୍ଦେହ କରୁଥିବା ବ୍ରହ୍ମପୁର ଭିଜିଲାନ୍ସ ଏସପି ପ୍ରଦୀପ କୁମାର ପ୍ରଧାନ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଅଭିଯୋଗ ପ୍ରକାରେ ପଟ୍ଟନାୟକ ବନ୍ଧର ପୁନଃରୁଦ୍ଧାର ନିମନ୍ତେ ରାଜ୍ୟ ସରକାର ୨୦୦୯ ମସିହାରୁ ଅଦ୍ୟାବଧି ବିଭିନ୍ନ ଯୋଜନାରେ ମୋଟ ୨କୋଟି ୧୧ଲକ୍ଷ ୫ହଜାର ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି । ଏହି ଟଙ୍କାରେ ବନ୍ଧର ପୁନରୁଦ୍ଧାର, ଗାଧୁଆ ତୁଠ, ପଙ୍କଉଦ୍ଧାର, ରିଟର୍ଣ୍ଣିଂ ୱାଲ୍ ଓ କଂକ୍ରିଟ୍ ବ୍ଲକ ପିଚିଂ ସମେତ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ବ୍ୟୟବରାଦ ହୋଇଥିଲା । ପୁନଃରୁଦ୍ଧାର ନାମରେ କାର୍ଯ୍ୟ ଆରମ୍ଭ ଠାରୁ ଏଥିରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ପର୍ଯ୍ୟାୟ କ୍ରମେ ପ୍ରକଳ୍ପ ପାଇଁ ସରକାର ଅର୍ଥ ମଞ୍ଜୁର କରି ଚାଲିଥିଲେ ହେଁ ଠିକାଦାର ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମଧୁଚନ୍ଦ୍ରିକାରେ ଆଜି ପର୍ଯ୍ୟନ୍ତ ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ହୋଇପାରିନାହିଁ ।

### ପୁଲିସକୁ ଚିତ୍ରକୋଣ୍ଡା ଜଙ୍ଗଲରେ ଆକ୍ରମଣ ମାମଲା

## ୫ ଅଭିଯୁକ୍ତଙ୍କ ଜାମିନ ମଞ୍ଜୁର

କଟକ,୬।୮ (ସମିସ): ଗଞ୍ଜେଇ ଜବତ ପାଇଁ ଚିତ୍ରକୋଣ୍ଡା ଜଙ୍ଗଲକୁ ଯାଇଥିବା ପୁଲିସ ଅଧିକାରୀଙ୍କୁ ମାରଣାସ୍ତ୍ର ଧରି ଆକ୍ରମଣ କରିବା ଘଟଣାରେ ୫ ଜଣ ଅଭିଯୁକ୍ତଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଛନ୍ତି । ୫୦ ହଜାର ଟଙ୍କାର ଜଣେ ଜାମିନଦାରଙ୍କ ବଦଳରେ ଆବେଦନକାରୀଙ୍କୁ ଜାମିନରେ ଛାଡିବା ପାଇଁ ମାଲକାନଗିରି ସ୍ୱତନ୍ତ୍ର ଅଦାଲତଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କେ ନାଗେଶ୍ୱର ରାଓ, ବିଶ୍ୱନାଥ ହନ୍ତାଳ, ଦାମୁ ମୁଦୁଲି, ଡମ୍ବରୁ ଖିଲ୍ଲ, ସୋନୁ ପାଙ୍ଗିଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ ଜଙ୍ଗଲ ଭିତରେ ବିପୁଳ ପରିମାଣର ଗଞ୍ଜେଇ ଥିବା ଖବର ପାଇ ପୁଲିସ ଚଢଉ କରିବା ବେଳେ ପ୍ରାୟ ଶତାଧିକ ଲୋକ ହାତରେ ମାରଣାସ୍ତ୍ର ଧରି ପ୍ରତିରୋଧ କରିଥିଲେ । ଏହି ଘଟଣାକୁ ନେଇ ଚିତ୍ରକୋଣ୍ଡା ଥାନାରେ ଆଇପିସିର ଦଫା ୧୪୭, ୧୪୮, ୩୪୧, ୨୯୪, ୧୮୩, ୧୮୬, ୩୫୩, ୫୦୬, ୧୪୯, ଏନଡିପିଏସ ଆଇନର ଧାରା ୨୦ ଓ ୨୯ରେ ପୁଲିସ ମାମଲା ରୁଜୁ କରିଥିଲା । ଏହି ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ପୁଲିସ । ଏତଲାରେ ଅନ୍ୟ କେତେକ ଅଭିଯୁକ୍ତଙ୍କ ନାମ ଉଲ୍ଲେଖ ଥିବା ବେଳେ ଆବେଦନକାରୀଙ୍କ ନାମ ନଥିଲା ଓ ସେମାନଙ୍କ ନିକଟରୁ କୌଣସି ଆପତ୍ତିଜନକ ସାମଗ୍ରୀ ଜବତ ହୋଇ ନ ଥିଲା ବୋଲି ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା ।


### ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. SDCM-KUR-UTS-PRS-2026

**କାର୍ଯ୍ୟର ନାମ :** ଦୁଇ (02) ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଯାତ୍ରୀ ସଂରକ୍ଷଣ ପ୍ରଣାଳୀ (PRS), ଅଣସଂରକ୍ଷିତ ଟିକେଟିଂ ପ୍ରଣାଳୀ (UTS), ଜାତୀୟ ଟ୍ରେନ୍ ଅନୁସନ୍ଧାନ ପ୍ରଣାଳୀ (NTES), TTE ଲବି ଅଧିନସ୍ଥ କମ୍ପ୍ୟୁଟର ସମ୍ବନ୍ଧୀୟ ଉପକରଣ (System Peripheral)ର ବାର୍ଷିକ ରକ୍ଷଣାବେକ୍ଷଣ ସେବା ଚୁକ୍ତି ।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** ₹ 21,44,461.32, EMD (ଟଙ୍କାରେ) : ₹ 42,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): ₹ 3,540/-, ଶେଷ ହେବା ଅବଧି : 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : 07.08.2026, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.21.08.2026 ରିଖ 1100 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ଼

PR-343/R/26-27


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସେବା ଓ ପ୍ରତିବଦ୍ଧତା ପାଇଁ...

ପ୍ରିୟପାତ୍ର କରିଥିଲା । ତାଙ୍କର ବିୟୋଗ କେବଳ ଏହି ଅଞ୍ଚଳ ନୁହେଁ, ସମଗ୍ର ଓଡ଼ିଶା ପାଇଁ ଏକ ବିରାଟ କ୍ଷତି ବୋଲି ସେ କହିଥିଲେ । ତାଙ୍କ ଆଦର୍ଶକୁ ଅନୁସରଣ କରି ଲୋକସେବା କରିବା ହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି ସେ କହିଥିଲେ ।

ଶ୍ରଦ୍ଧାଞ୍ଜଳି ସଭାରେ ବିରୋଧୀ ଦଳ ଉପନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ଦେବୀ ପ୍ରସାଦ ମିଶ୍ର, ପ୍ରଣବ ପ୍ରକାଶ ଦାସ, ପିସିସି ସଭାପତି ଭକ୍ତ ଚରଣ ଦାସ, ସ୍ନେହାଙ୍ଗିନୀ ଛୁରିଆ, ନିରଞ୍ଜନ ପୂଜାରୀ, ଦେବେଶ ଆଚାର୍ଯ୍ୟ, ପ୍ରୀତିରଞ୍ଜନ ଘଡ଼ାଇ, ପ୍ରଦୀପ ଅମାତ, ଦିବ୍ୟଶଙ୍କର ମିଶ୍ର, ପଦ୍ମଶ୍ରୀ ହଲଧର ନାଗ, କଳିକେଶ ସିଂ ଦେଓ, ଟୁକୁନି ସାହୁ, ସୁରେଶ ରାଉତରାୟ, ସୁବ୍ରତ ତରାଇ, ପୁଷ୍ପେନ୍ଦ୍ର ସିଂହଦେଓ, ରାଜଶ୍ରୀ ମଲ୍ଲିକ, ଅଧିରାଜ ପାଣିଗ୍ରାହୀ, ଦେବେନ୍ଦ୍ର ସାହୁ, ଆକାଶ ପଣ୍ଡା, ଗୋପାଳ ଚନ୍ଦ୍ର ଅଗ୍ରୱାଲ, କୀର୍ତ୍ତିଚନ୍ଦ୍ର ଦୂଆନ୍, ରାଜେନ୍ଦ୍ର ପ୍ରସାଦ ହୋତା, ସୁରେନ୍ଦ୍ର ନାଏକଙ୍କ ସମେତ ବହୁ ବିଧାୟକ, ପୂର୍ବତନ ବିଧାୟକ, ଜନପ୍ରତିନିଧି ଓ ବିଭିନ୍ନ ଦଳର ନେତାମାନେ ଉପସ୍ଥିତ ରହି ସ୍ୱର୍ଗତ ସୁଶାନ୍ତ ସିଂଙ୍କ ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଏଥିରେ ମୋଟ ୪୧୪ ଜଣ ରକ୍ତଦାନ କରିଥିଲେ । ସେହିପରି ସ୍ୱର୍ଗତ ସୁଶାନ୍ତ ସିଂଙ୍କ ସ୍ମୃତିରେ 'ସ୍ମୃତିରେ ସୁଶାନ୍ତ' ଶୀର୍ଷକ ଏକ ସ୍ମାରକ ପୁସ୍ତିକା ଉନ୍ମୋଚନ କରାଯାଇଥିଲା ।

### ଦେଶରେ ୩୨...

ସାର୍ଟିଫିକେଟ୍‌ର କୌଣସି ଆଇନଗତ ବୈଧତା ନାହିଁ । ଏଭଳି ଡିଗ୍ରି ନେଇ ଚାକିରି କିମ୍ବା ଉଚ୍ଚ ଶିକ୍ଷା ପାଇଁ ଆବେଦନ କଲେ ଛାତ୍ରଛାତ୍ରୀମାନେ ଅସୁବିଧାରେ ପଡ଼ିପାରନ୍ତି । ସେଥିପାଇଁ କୌଣସି ଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ପୂର୍ବରୁ ୟୁଜିସିର ସ୍ୱୀକୃତି ଯାଞ୍ଚ କରିବାକୁ ଆୟୋଗ ପରାମର୍ଶ ଦେଇଛି ।

### ଅକଳରେ...

ସଂଶୋଧନ ବିଲ୍ ଅନୁମୋଦନ ପାଇଁ ସଂଖ୍ୟା ସରକାର ପାଖରେ ରହିଛି । ଏହାକୁ ସରକାର ଚାହିଁଲେ ପାସ୍ କରାଇପାରିବେ । କିନ୍ତୁ ଏହି ବିଲ୍ ପାସ୍ ହେଲେ ସୀମା ନିର୍ଦ୍ଧାରଣ-ମହିଳା ଆରକ୍ଷଣ ବିଲ୍ ପାଇଁ ସମର୍ଥନ ହରାଇବେ । ଉଭୟ ବିଲ୍ ପାଇଁ ସରକାର ଜିଦ୍ ଧରିଥିବା ବେଳେ ବିରୋଧୀ ଓ ଅନେକ ସହଯୋଗୀ ଏହାକୁ ବିରୋଧ କରୁଛନ୍ତି । ସୀମା ନିର୍ଦ୍ଧାରଣ ବିଲ୍‌କୁ ସମର୍ଥନ କରିବାକୁ ଇଚ୍ଛୁକ ଥିବା କେତେକ ଦକ୍ଷିଣ ଭାରତୀୟ ଓ ଆଞ୍ଚଳିକ ଦଳ ଏଫ୍‌ସିଆର୍‌ଏ ବିଲ୍‌ର ବର୍ତ୍ତମାନର ସ୍ୱରୂପକୁ ପ୍ରବଳ ବିରୋଧ କରୁଛନ୍ତି । ଡିଏମ୍‌କେ, ଏନ୍‌ସିପି-ଏସ୍‌ପି ଏବଂ ୱାଇଏସ୍‌ଆର୍‌ସିପି ଭଳି ଦଳଗୁଡ଼ିକ ଏଫ୍‌ସିଆର୍‌ଏ ବିଲ୍‌କୁ ନେଇ ଗୁରୁତର ଆପତ୍ତି ଉଠାଇଛନ୍ତି । ଏହି ବିଲ୍ ଦ୍ୱାରା ଅଳ୍ପସଂଖ୍ୟକ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ସଂସ୍ଥା ଏବଂ ସ୍ୱେଚ୍ଛାସେବୀ ସଂଗଠନ (ଏନ୍‌ଜିଓ) ଗୁଡ଼ିକ ଉପରେ କଟକଣା ବୃଦ୍ଧି ପାଇବା ସହ ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତ ହେବାର ଆଶଙ୍କା ରହିଛି । ଏହା ସେମାନଙ୍କର ମୂଳ ଭୋଟ ବ୍ୟାଙ୍କ୍‌କୁ ପ୍ରଭାବିତ କରିବ ବୋଲି ଆଞ୍ଚଳିକ ଦଳଗୁଡ଼ିକ ଚିନ୍ତାପ୍ରକଟ କରିଛନ୍ତି । ଏହି ସଂଶୋଧନ ବିଲ୍‌କୁ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ପଠାଇବା ପାଇଁ ବିରୋଧୀ ଦଳଗୁଡ଼ିକ ଦାବି କରୁଛନ୍ତି ।

### ବିକ୍ରି ହେଲା...

କରିବେ ତାହାକୁ ସାର୍ବଜନୀନ କରି ନ ଥିଲେ । ଶେଷରେ ଏହି ସେଲ୍‌କୁ ନିବେଶକମାନଙ୍କଠାରୁ ବେଶ ଭଲ ପ୍ରତିକ୍ରିୟା ମିଳିଛି । ଅଫର ଫର୍ ସେଲ୍ (ଓଏଫ୍‌ଏସ୍) ମାଧ୍ୟମରେ ଏଲ୍‌ଆଇସିର ସେୟାର କମ୍ ମୂଲ୍ୟରେ ଉପଲବ୍ଧ ହେବା ଜଣାପଡିବା ପରେ, ଖୋଲା ବଜାରରେ କ୍ରୟ ମନ୍ଥର ହୋଇଯାଇଥିଲା, ଯାହା ଫଳରେ ସେୟାର ମୂଲ୍ୟ ଓଏଫ୍‌ଏସ୍ ମୂଲ୍ୟର ନିକଟତର ହୋଇଥିଲା । ଏଲ୍‌ଆଇସିର ଏହି ଅଫର ଫର୍ ସେଲ୍‌ରେ ସରକାର 'ଗ୍ରୀନ୍ ସୁ ଅପ୍‌ସନ୍' ବ୍ୟବହାର କରିଛନ୍ତି ।

### ୨୦୨୪-୨୫ରେ ଆଞ୍ଚଳିକ...

ଆଞ୍ଚଳିକ ଦଳ ମଧ୍ୟରେ ଏଆଇଏଡିଏମ୍‌କେକୁ ୬୬ କୋଟି, ବିଜୁ ଜନତା ଦଳ (ବିଜେଡି)କୁ ୬୦ କୋଟି, ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମଏମ)କୁ ୩୩ କୋଟି, ଜନସେନାକୁ ୨୫ କୋଟି, ଜେଡି(ୟୁ)କୁ ୧୮ କୋଟି ଏବଂ ଇଣ୍ଡିଆନ୍ ୟୁନିୟନ୍ ମୁସଲିମ୍ ଲିଗ୍‌କୁ ୧୫ କୋଟି ଟଙ୍କା ଦାନ ସୂତ୍ରରେ ମିଳିଛି । ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ ଡିଏମ୍‌କେ, ତୃଣମୂଳ କଂଗ୍ରେସ, ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା, ଏଆଇଏଡିଏମ୍‌କେ, ଲୋକ ଜନଶକ୍ତି ପାର୍ଟି (ରାମ ବିଲାସ), ଜେଡି(ୟୁ) ଓ ବିଜେଡି ଭଳି ଦଳଗୁଡ଼ିକର ଦାନର ପରିମାଣ ୨୦୨୩-୨୪ ତୁଳନାରେ ୨୦୨୪-୨୫ରେ ବୃଦ୍ଧି ପାଇଛି । ଅନ୍ୟପଟେ ବିଆର୍‌ଏସ୍, ଟିଡିପି, ଜନସେନା, ସିପିଆଇ, ଜନନାୟକ ପାର୍ଟି, ଜେଡି(ଏସ୍) ଓ ଏମ୍‌ଏନ୍‌ଏସ୍ ଭଳି ଦଳଗୁଡ଼ିକର ଦାନ ପରିମାଣ କମିଛି ।

ଇଲେକ୍ଟୋରାଲ ବଣ୍ଡରେ ତୃଣମୂଳ କଂଗ୍ରେସ ସର୍ବାଧିକ ୬୧୨ କୋଟି ଟଙ୍କା ପାଇଥିବା ବେଳେ ବିଆରଏସକୁ ୪୯୫.୫୨ କୋଟି ମିଳିଛି । ୱାଇଏସଆର କଂଗ୍ରେସକୁ ୧୨୧.୫୦ କୋଟି, ଟିଡିପିକୁ ୧୭୪ କୋଟି, ବିଜେଡିକୁ ୨୪୫.୫୦ କୋଟି ଟଙ୍କା ବଣ୍ଡ ମାଧ୍ୟମରେ ପ୍ରାପ୍ତ ହୋଇଛି ।

### ତରୁଣ ତେଜପାଲଙ୍କୁ...

୨୦୧୩ ନଭେମ୍ବର ୩୦ରେ ତେଜପାଲ ଗିରଫ ହୋଇଥିଲେ ଓ ପରେ ଜାମିନ ପାଇଥିଲେ । ୨୦୨୧ ମସିହାରେ ଗୋଆର ନିମ୍ନ ଅଦାଲତ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ, ଯାହାକୁ ଗୋଆ ସରକାର ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ । ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ହାଜର ହୋଇଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ ଯେ, ପୀଡ଼ିତା ତେଜପାଲଙ୍କ ଝିଅ ବୟସର ଥିଲେ ଏବଂ ତେଜପାଲ ଜଣେ ପିତୃତୁଲ୍ୟ ବ୍ୟକ୍ତି ଥିଲେ । ସମାଜକୁ ଏକ ସ୍ପଷ୍ଟ ସନ୍ଦେଶ ଦେବା ପାଇଁ କଠୋର ଦଣ୍ଡାଦେଶ ଆବଶ୍ୟକ । ଅନ୍ୟପଟେ, ୬୨ ବର୍ଷୀୟ ତେଜପାଲ ଓ ତାଙ୍କ ଓକିଲ ବୟସ ଏବଂ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ କୋହଳ ମନୋଭାବ ପୋଷଣ କରିବାକୁ ନିବେଦନ କରିଥିଲେ । ହାଇକୋର୍ଟଙ୍କ ଏହି ନିଷ୍ପତ୍ତି ପରେ ତେଜପାଲ ସର୍ବୋଚ୍ଚ ଅଦାଲତ (ସୁପ୍ରିମକୋର୍ଟ)ର ଦ୍ୱାରସ୍ଥ ହୋଇଛନ୍ତି । କୋର୍ଟ ତାଙ୍କୁ ଆତ୍ମସମର୍ପଣ ପାଇଁ ଦୁଇ ସପ୍ତାହ ସମୟ ଦେଇଥିବାରୁ, ଏହି ସମୟ ମଧ୍ୟରେ ସେ ସୁପ୍ରିମକୋର୍ଟରେ ନିଜର ଆବେଦନ ଦାଖଲ କରିବାକୁ ଯୋଜନା କରୁଛନ୍ତି ।

### ଚାନ୍ଦିପୁରରୁ...

ବାହ୍ୟ ଅଂଶର ତାପମାତ୍ରା ପ୍ରାୟ ୪,୦୦୦ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ପହଞ୍ଚିଥିଲେ ମଧ୍ୟ ଏହି ହିଟ୍ ସିଲ୍ଡ ସଫଳତାର ସହ ତାହାକୁ ସହ୍ୟ କରିଥାଏ । ଏପରିକି କ୍ଷେପଣାସ୍ତ୍ର ଭିତରେ ଥିବା ସମ୍ବେଦନଶୀଳ ଯନ୍ତ୍ରପାତିର ତାପମାତ୍ରା ୫୦ ଡିଗ୍ରୀ ସେଲସିୟସ୍‌ରୁ କମ୍ ରହିଥାଏ । ଭାରତ ନିକଟରେ ପୂର୍ବରୁ ଅଗ୍ନି-୧, ଅଗ୍ନି-୨, ଅଗ୍ନି-୩, ଅଗ୍ନି-୫ ଏବଂ ପୃଥ୍ୱୀ ଶ୍ରେଣୀର କ୍ଷେପଣାସ୍ତ୍ର ରହିଛି ।'


### Notice (for Minor)

By virtue of an affidavit sworn before Notary Public, BHUBANESWAR, dated 06-08-2026 I, SANTOSH KUMAR SAHU Address Shanti Nagar, Chikiti, At- Chikitibit-2, Po- Chikitipento,Dist-Ganjam, Pin-761010, Odisha declare that I have changed the name of my son from SAHINATH SAHU to SAINATH SAHU. Henceforth, he shall be known as **SAINATH SAHU** for all purposes.

**(Santosh Kumar Sahu)**

### AFFIDAVIT

By virtue of an affidavit No-10188 sworn before The Executive Magistrate, Jajpur on dtd- 20/07/2026. I **Pritish Kumar Sethy,** aged 19 years, permanent resident of Vill/PO: Biripata, PS: Mangalpur, Dist: Jajpur, Odisha declare that I have changed my name from **Priya Ranjan Sethy** (old name) to **Pritish Kumar Sethy** (new name). Henceforth I shall be known as **Pritish Kumar Sethy** for all future purposes.

**Pritish Kumar Sethy**

### AFFIDAVIT

I, CHAITANYA CHARAN JAENA, S/O DWARIKA NATH JENA resident of At - Hospital Road, Nua Bazar, PO / PS - Jaleswar, Dist - Balasore - 756032, Odisha declare by this Affidavit No. 3113, Dated - 17/07/2026, that now onwards I shall be known as **CHAITANYA KUMAR JENA** for all future purpose.

### AFFIDAVIT

I, G SUCHITRA, W/O KILLAMSETTY AJAY SANKAR resident of At - Sarada Vihar, PO/PS -Jeypore, Dt - Koraput -764001, Odisha declare by this Affidavit No.3198, Dated - 06/08/2026, that now onwards I shall be known as **KILLAMSETTY SUCHITRA** for all future purposes.

### AFFIDAVIT

By virtue of an affidavit SL No.3683, dtd- 12/06/2026 sworn before The Executive Magistrate, Vyasanagar, Jajpur. I, **Somanath Behera** (applicant name), S/o- Kangali Behera, permanent resident of Vill: Mirjapur, PO: Hatasahi, PS: Panikoili, Dist: Jajpur, PIN: 755043, State: Odisha declare that I have changed my minor daughter's name from **Riya Behera** (old name) to **Sriya Behera** (new name). Henceforth, she shall be known as **Sriya Behera** (new name) for all purposes.

**Somanath Behera**

### AFFIDAVIT

By virtue of an affidavit SL No.3684, dtd- 12/06/2026 sworn before The Executive Magistrate, Vyasanagar, Jajpur. I, **Somanath Behera** (applicant name), S/o Kangali Behera, permanent resident of Vill: Mirjapur, PO: Hatasahi, PS: Panikoili, Dist: Jajpur, PIN: 755043, State: Odisha declare that I have changed my minor daughter's name from **Sriya Behera** (old name) to **Riya Behera** (new name). Henceforth, she shall be known as **Riya Behera** (new name) for all purposes.

**Somanath Behera**

### AFFIDAVIT

By the virtue of an affidavit sworn before the Executive Magistrate Daringbadi, Dated 17.07.2026 . I Linky Pradhan , D/o : Nainga Pradhan , vill : Kueranga, Po: Siangabali, Ps: Daringbadi, Dist: Kandhamal, State: Odisha-762104 declare that I have changed my name from LINKI PRADHAN to LINKY PRADHAN. Henceforth, I shall be known as **LINKY PRADHAN** for all purposes.

### AFFIDAVIT

By virtue of an affidavit sworn before Executive Magistrate, Soro, Balasore, Odisha vide Sl. no. 2017 dt.07.07.2026 I, Mamata Malik, W/o. Sanjay Malik, At./P.O. Tentei, P.S. Anantapur, Dist. Balasore, Odisha, declare that my name wrongly mentioned as Parvati Malik in LIC policy Bond and Bank Account. That both Mamata Malik and Pravati Malik are one and the same person. Henceforth, I shall be known as **Mamata Malik** for all purposes.

### AFFIDAVIT

I, **Y Asha Kumari**, wife of Mr. Nakkina Nanda Kumar, residing at 2/3, Block-6, Kalyan Plaza-II, Kantilo, Sunderpada, Bhubaneswar - 751002, Odisha, declare by this Affidavit No CF. 142, dated 05.06.2026 have changed my name to **Nakkina Asha Kumari** after my marriage. Henceforth, I shall be known as **Nakkina Asha Kumari** for all future purposes.

### AFFIDAVIT

By virtue of an affidavit sworn before Notary Public, Soro, Balasore, Odisha vide Sl. no. 1958 dt.5.8.2026 I, Mamta Devi Mahawar, W/o. Dinesh Kumar Mahawar, At. Pathanmohalla, P.O./P.S. Soro, Dist. Balasore, Odisha–756045, declare that my previous name was Mamata Devi Mahawar. That I have changed my name to Mamta Devi Mahawar. That both the names refer to one and the same person. Henceforth, I shall be known as **Mamta Devi Mahawar** for all purposes.

### OFFICE OF THE SUPERINTENDING ENGINEER RURAL WATER SUPPLY AND SANITATION DIVISION, BHUBANESWAR.

25001/892/2627

Plot no.-1214(Part), Tapovan, Khandagiri, Bhubaneswar-30.
E-Mail: eebbsrrwss@gmail.com

**QUOTATION CALL NOTICE No. 11 of 2026-27**

Superintending Engineer, RWS&S Division, Bhubaneswar on behalf of the Governor of Odisha invites sealed quotations from interested reputed Travel Agencies / Tour Operators / Individuals for providing One No. of Vehicle (Scorpio/Creta/Mahindra Marazzo Equivalent Mileage etc.) having seating capacity 7 Nos. including Driver which shall confirm to the Terms and Conditions (Appendix-A) for official use in office of the Additional Chief Engineer, RWS&S (C), Bhubaneswar on monthly rent basis as per the following details.

| Sl. No. | Nature of work | Hiring of vehicle official use in office of the Additional Chief Engineer, RWS&S (C), Bhubaneswar |
|---|---|---|
| 1. | No. of works: | 01 (One) |
| 2. | Time for Deployment | Three (3) Years |
| 3. | Class of Contractors eligible | Reputed Travel Agencies / Tour Operators / Private individuals |
| 4. | Availability of bids in the office Superintending Engineer, RWS&S Division, Bhubaneswar | From dt.10.08.2026 (11.00 AM) to dt.21.08.2026 (1.00 PM) |
| 5. | Last date and time for submission of Quotation papers in the Quotation box kept in the Office of the Superintending Engineer, RWS&S Division, Bhubaneswar | Dt.21.08.2026 (4.00 PM) |
| 6. | Date & Time of opening of bids | On dt.24.08.2026 (11.00 AM) in the Office of the Superintending Engineer, RWS&S Division, BBSR |

Subsequent corrigendum if any shall display in the Office Notice Board.

Superintending Engineer,
RWS&S Division, Bhubaneswar

OIPR-25001/25003/1/26-27/0012

25001/882/2627 e-mail ID: rw_rayagada@yahoo.co.in

### GOVERNMENT OF ODISHA OFFICE OF THE EXECUTIVE ENGINEER RURAL WORKS DIVISION: RAYAGADA

Letter No. **2730** Date: **01.08.2026**

**1st Corrigendum**

In continuation to this office Bid identification No. EERWRGD-Online-07/2026-27 this office letter No. 2423 dated 10.07.2026 partial modification of TCN has been made as follows.

| Sl No. | Item | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1 | Availability of tender online for bidding | 22.07.2026 at 11.00 AM to 03.08.2026 upto 5.00 PM | Extended from 03.08.2026 at 5.00 PM to 19.08.2026 up to 5.00 PM |
| 2 | Date & time of seeking tender clarification if any | 01.08.2026 up to 5.00 PM | 18.08.2026 up to 5.00 PM |
| 3 | Date & Time of Opening Tender (Technical bid) | 04.08.2026 at 11.00 AM | 20.08.2026 at 11.00 AM |
| 4 | Date & Time of Opening Tender (Price bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions remain unchanged.

Executive Engineer
Rural Works Division
Rayagada

OIPR-25001/25072/1/26-27/0010

### OFFICE OF THE MUNICIPAL COUNCIL, BHAWANIPATNA

No. **2944** /BPM Date **05/08/2026**

13001/1439/2627

**EXPRESSION OF INTEREST**

Sealed applications in the prescribed format are invited from interested persons residing within the jurisdiction of Kalahandi District who have attained the age of 21 years as on 01.01.2026, for participation in the allotment of shops No- 6, 7,8,9,12,14 & 15 in the **NEWLY CONSTRUCTED FOOD COURT LOCATED NEAR BAYANIKA.**

The application shall be accompanied by a non-refundable application fee of Rs. 1,000/- (Rupees One Thousand only) and an Earnest Money Deposit (EMD) of Rs. 5,000/- (Rupees Five Thousand only) to be submitted in the shape of Demand Draft issued by any Nationalized Bank, in favour of Executive Officer, Bhawanipatna Municipality, payable at Bhawanipatna The application must be submitted through Registered Post / Speed Post only and must reach the undersigned on or before **19/08/2026 upto 5.00 PM.** Applications submitted through any other mode shall not be considered. Applications received beyond the stipulated date shall be rejected summarily without any further correspondence. The EOI will be opened on **20.08.2026 at 11:00 AM** by the ULB Level Shop Allotment Committee in the presence of the applicants or their authorized representative who are present.

The detailed Terms & Conditions and other particulars of this notice are available on the official website of Kalahandi District Administration (https://kalahandi.odisha.gov.in) from **05/08/2026 to 19/08/2026.**

The sealed envelope containing the application and required documents must be superscribed at the top as:

**"APPLICATION FOR ALLOTMENT OF SHOPS (FOOD COURT) LOCATED NEAR BANAYANIKA."**

The complete application along with required documents in a closed and sealed envelope must be addressed to Executive Officer Bhawanipatna Municipality, 766001.

The authority reserves the right to cancel or reject the all tender at any stage without assigning any reason thereof.

Executive Officer,
Bhawanipatna municipality

OIPR-13001/13100/1/26-27/0011

# ବନ୍ୟା ଗିଳିଦେଲା ପରିବା ଫସଲ

## ଗାଁ ବଜାରରେ ପନିପରିବା ଦର ଆକାଶଛୁଆଁ

ବାରିକପୁର,୬।୮ (ସମିସ)



ଚଳିତ ବର୍ଷ ବୈତରଣୀ ନଦୀରେ ଦେଖାଦେଇଥିବା ଭୟଙ୍କରୀ ବନ୍ୟା ଯୋଗୁଁ ଭଣ୍ଡାରିପୋଖରୀ ବ୍ଲକ୍‌ରେ ନାହିଁ ନ ଥିବା କ୍ଷତି ହୋଇଛି । ଏଥିରେ ଖରିଫ୍ ଧାନ ଚଳି ଓ ବର୍ଷାଦିନିଆ ପନିପରିବା ଚାଷ ବିଶେଷ ଭାବେ ନଷ୍ଟ ହୋଇଛି । ଗାଁ ଗହଳି ପାଳଭାଡ଼ିରେ ଚାଷ ହୋଇଥିବା ଜହ୍ନି, କାକୁଡ଼ି, କଞ୍ଚା ଲଙ୍କା ଭେଣ୍ଡି, ବାଇଗଣ, କଖାରୁ, ଛଚିଂଗା, ପୋଇ, ଝୁଡ଼ୁଙ୍ଗ ଆଦି ପନିପରିବା ଗଛକୁ ବନ୍ୟାଜଳ ଗିଳିଦେଇଛି । ପାଳରେ ଫଳ ବିହୀନ ଗଛ ଦଣ୍ଡାୟମାନ ହୋଇଛି । ହଜାର ହଜାର ଟଙ୍କା ପାଣିରେ ଭାସିଯାଇଥିବା ବେଳେ ଚାଷୀ ମୁଣ୍ଡରେ ଏବେ ଚଡ଼କ ପଡ଼ିଛି । ପାଣିରେ ପାଳ ବଗିଚା ଉଜୁଡ଼ି ଯାଇଥିବାବେଳେ ଗ୍ରାମ୍ୟ ବଜାରରେ ପରିବାଦର ମଧ୍ୟ ଆକାଶଛୁଆଁ ହୋଇଛି । ଦେଶି ପରିବା ଯାହା କିଣିଲେ କେଜି ପ୍ରତି ୫୦ ଟଙ୍କା ରହିଛି । ସେସବୁ ସରକାରୀ ଭାବେ ଅନେକ କ୍ଷତି ହୋଇଥିଲେ ସୁଦ୍ଧା ସରକାରୀ ହିସାବ ଅନୁଯାୟୀ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ପ୍ରାୟ ୪୦ ହେକ୍ଟର ପରିବା ଚାଷ ବନ୍ୟା ପାଣି ଦ୍ୱାରା ପ୍ରଭାବିତ ହୋଇଛି । ସୂଚନା ମୁତାବକ, ମାଳଦାଠାରେ ୧୧ ହେକ୍ଟର ପରିବା ଚାଷ ହୋଇଥିବାବେଳେ ଖୋଳମପୁରଠାରେ ୧୨ ହେକ୍ଟର, ଝୁଟାଗାରେ ୧୩ ହେକ୍ଟର, ଚରଚଳ ମଡ଼ିଆଳୀଠାରେ ୧ ହେକ୍ଟର, ରହଣିଆଠାରେ ୧ ହେକ୍ଟର ଓ ବାଲିପୋଖରୀ ପଞ୍ଚାୟତଠାରେ ୨ ହେକ୍ଟର ଜମିରେ ପରିବା ଚାଷ ହୋଇଥିଲା । ତନ୍ମଧ୍ୟରୁ ପ୍ରାୟ ୨୮ ହେକ୍ଟର ଚାଷଜମି ବନ୍ୟାଜଳ ଦ୍ୱାରା ସମ୍ପୂର୍ଣ୍ଣ ନଷ୍ଟ ହୋଇଛି । କିଛି ଚାଷୀଙ୍କଠାରୁ କ୍ଷୟକ୍ଷତି ତଥ୍ୟ ସଂଗ୍ରହ ହୋଇଥିଲାବେଳେ କେବେ ସେମାନଙ୍କୁ କ୍ଷତିପୂରଣ ମିଳିବ ସେନେଇ ଏଯାଏଁ କିଛି ସୂଚନା ମିଳିନାହିଁ ।

### ସେମାନଙ୍କ ମତରେ...



ପାଖାପାଖି ୧ ଏକର ଜମିରେ ବର୍ଷାଦିନିଆ ପନିପରିବା ଚାଷ କରିଥିଲି । ମଞ୍ଜି ଓ ରାସାୟନିକ ସାର ବାବଦରେ ୫୦ରୁ ୬୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା । ଗଛରେ ଗାଡ଼ିମିତ ଫଳ ଆସୁଥିବାବେଳେ କଣ୍ଠି ଏସ୍କେପରେ ପାଣି ସବୁ ପୋଛି ନେଇଛି । ସରକାରୀ ସହାୟତା ଶେଷ ଭରସା ପାଲଟିଛି ।
ଅଦ୍ୱୈତ ପରିଡ଼ା, ଚାଷୀ, ଚତୁର୍ଭୁଜପୁର



ବୈତରଣୀ ବନ୍ୟାରେ ସବୁ ବର୍ଷ ଗାଣ୍ଡି ହେଉଛୁ । ଚଳିତ ବନ୍ୟା ଦ୍ୱାରା ବାସ ସହିତ ଚାଷ ପ୍ରଭାବିତ ହୋଇଛି । ୩ ଏକର ଜମି ପାଇଁ ପଡ଼ିଥିବା ଚଳି ନଷ୍ଟ ହୋଇଯାଇଛି । ଏହାସହିତ ଆମ ଗାଁରେ ଅନେକ ପନିପରିବା ଚାଷ ମଧ୍ୟ ପାଣିରେ ଭାସିଯାଇଛି ।
କାର୍ତ୍ତିକ ଚନ୍ଦ୍ର ଭୋଇ, ଚାଷୀ, ଡିଖିଲିଆ



ଲକ୍ଷେ ଟଙ୍କା ଖର୍ଚ୍ଚ କରି ୨ ଏକର ଜମିରେ ପନିପରିବା ଚାଷ ହୋଇଥିଲା । ବୈତରଣୀ ବନ୍ୟା ବଉଳା ସାଜିଲା । ଅଳ୍ପ କିଛି ବିକ୍ରିବଟା ହୋଇଥିବାବେଳେ ସବୁ ପନିପରିବା ପାଣିରେ ନଷ୍ଟ ହୋଇଛି । କେବଳ ଧୁଆଁ ଗଛ ପାଳରେ ଛିଡ଼ା ହୋଇଛି ।
କାହ୍ନୁଚରଣ ଛାଟୋଇ, ଚାଷୀ, ମଣୀନାଥପୁର

## ଯୁବଶକ୍ତି ଟ୍ରଷ୍ଟ ପକ୍ଷରୁ ବନ୍ୟାବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

# ୨୦୦ରୁ ଊର୍ଦ୍ଧ୍ୱ ପରିବାର ଉପକୃତ



ଅସୁରାଳି,୬।୮ (ସମିସ): ଧୂଷୁରୀ ଅଞ୍ଚଳରେ ବନ୍ୟା ପରିସ୍ଥିତି କଟିକ ହୋଇପଡ଼ିଥିବା ବେଳେ ବନ୍ୟାବିପନ୍ନଙ୍କ ସହାୟତା ପାଇଁ ଆଗେଇଆସିଛି ଯୁବଶକ୍ତି ଟ୍ରଷ୍ଟ । ଟ୍ରଷ୍ଟ ତରଫରୁ ଧୂଷୁରୀ ଅଞ୍ଚଳର ଓଲଙ୍ଗପୁର, ସେଠୀସାହି, ପତ୍ରିସାହିର ମାଝୀସାହି ଓ ଶବର ସାହିର ୨୦୦ରୁ ଊର୍ଦ୍ଧ୍ୱ ବନ୍ୟା ପ୍ରଭାବିତ ପରିବାରଙ୍କୁ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି । ଟ୍ରଷ୍ଟର ପ୍ରତିଷ୍ଠାତା ଅଜିତ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ସାମ୍ବାଦିକ ତଥା ଟ୍ରଷ୍ଟର ସଦସ୍ୟ ସନ୍ତୋଷ ଦାସ, ସଦସ୍ୟ ରତିକାନ୍ତ ନାୟକ, ଲକ୍ଷ୍ମୀନାରାୟଣ ମିଶ୍ର, ଅନନ୍ତ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦିତ ହୋଇଥିଲା । ଏହି ବନ୍ୟା ପାଣି ଯୋଗୁଁ ଧୂଷୁରୀ ଅଞ୍ଚଳର ବିଭିନ୍ନ ଗ୍ରାମ ଜଳବନ୍ଦି ହୋଇ ରହିଥିବା ବେଳେ ଲୋକଙ୍କ ନିକଟରେ ରନ୍ଧା ଖାଦ୍ୟ ଓ ପାନୀୟ ଜଳର ସମସ୍ୟା ଦେଖାଦେଇଛି । ଏହି ସମୟରେ ଯୁବଶକ୍ତି ଟ୍ରଷ୍ଟର ଏପରି ସେବା ଓ ସାମାଜିକ ଦାୟିତ୍ୱବୋଧକୁ ସ୍ଥାନୀୟ ଗ୍ରାମବାସୀ ତଥା ବୁଦ୍ଧିଜୀବୀମାନେ ଭୂୟସୀ ପ୍ରଶଂସା କରିଛନ୍ତି । ଆଗାମୀ ଦିନରେ ମଧ୍ୟ ଅନ୍ୟାନ୍ୟ ପ୍ରଭାବିତ ଅଞ୍ଚଳରେ ଏହିପରି ସହାୟତା ଜାରି ରହିବ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି ।

## ବନ୍ୟାବିପନ୍ନଙ୍କୁ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସହାୟତା

ଦୋଳସାହି,୬।୮ (ସମିସ): ତିହିଡ଼ି ବ୍ଲକ୍‌ରେ ବନ୍ୟାରେ ବିଭିନ୍ନ ପଞ୍ଚାୟତ ଜଳବନ୍ଦି ସମସ୍ୟାରେ ରହିଛି । ବନ୍ୟାବିପନ୍ନମାନଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯାଇ ସେମାନଙ୍କୁ ସରକାରଙ୍କ ତରଫରୁ ମିଳୁଥିବା ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ବହୁ ପରିଶ୍ରମ କରି ବନ୍ୟାଜଳକୁ ଖାତିର୍ ନ କରି ଯୋଗାଇଦେବାରେ ପଞ୍ଚାୟତ ଅଧିକାରୀମାନେ ପଞ୍ଚାୟତ ସଦର ମହକୁମାରେ ଉପସ୍ଥିତ ରହି ସମସ୍ତ ପ୍ରକାର



ସୁବିଧା ଯୋଗାଇ ଦେବା ସହ ବନ୍ୟାବିପନ୍ନମାନଙ୍କ ସମସ୍ୟା ବୁଝୁଛନ୍ତି । ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ୍ ବନ୍ୟାପ୍ରବଣ ଶ୍ୟାମସୁନ୍ଦର ପଞ୍ଚାୟତ ବନ୍ୟାଘେରରେ ଥିବାବେଳେ ବନ୍ୟାସ୍ରୋତକୁ ଖାତିର୍ ନ କରି ଏହି ପଞ୍ଚାୟତ ନିର୍ବାହୀ ଅଧିକାରୀ ମନୋରଞ୍ଜନ ଦଳାଇ ବନ୍ୟାବିପନ୍ନମାନଙ୍କୁ ରିଲିଫ୍ ସାମଗ୍ରୀ ଯୋଗାଇ ଦେଉଥିବା ନେଇ ସାଧାରଣରେ ତାଙ୍କ କାର୍ଯ୍ୟକୁ ପ୍ରଶଂସା କରାଯାଇଛି । ସେହିପରି ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ରିଲିଫ୍ ସାମଗ୍ରୀ ସମୁଦ୍ରକୁ ଶଙ୍ଖେ ପରି ଅଭିଯୋଗ ହେଉଥିଲାବେଳେ ଏହି ରିଲିଫ୍ ସାମଗ୍ରୀ ବାଟମାରଣା ହେଉଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି ।

## ସଠିକ୍ ଢଙ୍ଗରେ ବନ୍ୟା ସୁପରିଚାଳନା ହୋଇଛି !

ଭଣ୍ଡାରିପୋଖରୀ/ବାରିକପୁର,୬।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ଚଳିତ ବର୍ଷ ବୈତରଣୀ ବନ୍ୟାର ବିଭୀଷିକା ଦେଖାଯାଇଛି । ରାସ୍ତାଘାଟଠାରୁ ଚାଷଜମି ଯାଏଁ ସବୁକିଛି ବନ୍ୟାରେ କ୍ଷୟକ୍ଷତି ହୋଇଛି । ବ୍ଲକ୍ ପ୍ରଶାସନ ପକ୍ଷରୁ ବନ୍ୟାକୁ ସଠିକ୍ ଢଙ୍ଗରେ ସୁପରିଚାଳନା କରାଯାଇଥିବା ନେଇ ଗୁରୁବାର ବ୍ଲକ୍ ଅଧ୍ୟକ୍ଷା ଓ ବିଜେପି ନେତୃବୃନ୍ଦମାନେ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ, ଉପାଧ୍ୟକ୍ଷ ପ୍ରଣିତିକାନ୍ତ ସାମଲ, ବନ୍ତ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ପୂର୍ବତନ ବିଜେପି ଜିଲ୍ଲା ସଭାପତି ଅକ୍ଷୟ ସାହୁ, ବିଜେପି ନେତା ଶ୍ରୀଧର ସ୍ୱାଇଁ, ମଣ୍ଡଳ ସଭାପତି ତରଣୀସେନ୍ ଜେନା, ପ୍ରଣବ ରାଉତ, ରଞ୍ଜନ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ବନ୍ୟା ସମୟରେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସୁଚାରୁ ରୂପେ ହୋଇଥିବା କହିଥିଲେ । ଏହାଛଡ଼ା ରାସ୍ତାଘାଟ ମରାମତି ସହିତ ବନ୍ୟା ପ୍ରଭାବିତମାନଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଥିଲେ ।

## ଧସିଗଲା ୩ ନମ୍ବର କେନାଲ ରାସ୍ତା

ବାରିକପୁର,୬।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ତାଳପଦାଠାରୁ କଣ୍ଟି ମଣିମାଝୀ ଯାଏଁ କିଛି ମାସ ପୂର୍ବରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ହୋଇଥିଲା । ୩ ନମ୍ବର କେନାଲ ବନ୍ଧ ଉପରେ ଏହି ରାସ୍ତା ନିର୍ମାଣ ହୋଇଥିବାବେଳେ କିଛି ସ୍ଥାନରେ ପଥଟି ନଷ୍ଟ ହେବାକୁ ବସିଛି । ବିଶେଷକରି ତାଳପଦା ଗାଁ ନିକଟରେ ରାସ୍ତାର ଚାରି ପାଞ୍ଚଟି ସ୍ଥାନ ଧସିଯାଇଛି । ରାସ୍ତା ନିର୍ମାଣରେ ବ୍ୟବହୃତ ପିଚୁ, ମେଣ୍ଟାଲ ସହିତ ବଡ଼ବଡ଼ ମାଟି ଅତଡ଼ା କେନାଲ ମଧ୍ୟକୁ ଖସିଯାଇଛି । ପାଖାପାଖି ମାସେ ହେବ ରାସ୍ତା ଧସୁଥିବାବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହା ଉପରେ



ଏଯାଏଁ ଦୃଷ୍ଟି ଦେଉନାହିଁ । ଏପଟେ ଦୈନିକ ଏହି ରାସ୍ତାରେ ୧୦/୧୫ ଖଣ୍ଡ ଗାଁର ଲୋକେ ଯାତାୟାତ କରୁଥିବାବେଳେ କେତେବେଳେ ଯେ କିଏ ଦୁର୍ଘଟଣାର ଶିକାର ହେବ କହିହେଉନାହିଁ । କାମ ଆରମ୍ଭ ସ୍ଥାନରୁ କଂକ୍ରିଟ୍ ୱାଲ୍ ନିର୍ମାଣ ହୋଇ ନ ଥିବା କାରଣରୁ ବର୍ଷା ହେଲେ ଗଭୀର କେନାଲକୁ ରାସ୍ତା ଖସି ଯାଉଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି । ଧସିଥିବା ସ୍ଥାନଗୁଡ଼ିକୁ ମରାମତି ନ କଲେ ଧୀରେ ଧୀରେ ରାସ୍ତା ନଷ୍ଟ ହୋଇଯିବ ଏଥିରେ ସନ୍ଦେହ ନାହିଁ । କେନାଲ ବନ୍ଧକୁ ଚାରଣ ପାଇଁ ଯାଉଥିବା ଗାଈଗୋରୁ ଓ ଛେଳିମେଣ୍ଢା ରାସ୍ତାର ସଙ୍କଟାପନ୍ନ ସ୍ଥାନରେ ପଡ଼ି ଆହତ ହେଉଥିବା ମଧ୍ୟ ଜଣାଯାଇଛି । ତେଣୁ ରାସ୍ତା ସୁରକ୍ଷା ସମେତ ବଡ଼ଧରଣର କିଛି ଦୁର୍ଘଟଣା ଘଟିବା ପୂର୍ବରୁ ଏହା ଉପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ଉଜୁଡ଼ିଗଲା ଲକ୍ଷ ଲକ୍ଷ ଟଙ୍କାର ସୁନାର ଫସଲ



ବାସୁଦେବପୁର,୬।୮ (ସମିସ): ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ବାସୁଦେବପୁର ବ୍ଲକ୍‌ରେ ଦୁଇ ଦୁଇ ଥର ବନ୍ୟା ଦେଖାଦେଇଛି । ବନ୍ୟା ପାଣି ଏକ ସପ୍ତାହ ଧରି ଜମିରେ ଜଳମଗ୍ନ ହେବାରେ ଲକ୍ଷ ଲକ୍ଷ ଟଙ୍କାର ସୁନାର ସଫଲ ନଷ୍ଟ ହୋଇଯାଇଛି । ଫଳରେ ବଜାରରେ ପରିବା ମୂଲ୍ୟ ଆକାଶଛୁଆଁ ହୋଇପଡ଼ିଛି । ସିଧାସଳଖ ହାଣ୍ଡିଶାଳରେ ଏହାର ପ୍ରଭାବ ପଡ଼ିଛି । ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଚାଷୀର ମେରୁଦଣ୍ଡ ଦୋହଲାଇ ଦେଉଛି । କେତେବେଳେ ଧାନ ତ ପୁଣି କେତେବେଳେ ପନିପରିବା । ଚଳିତ ବର୍ଷ ଲଘୁଚାପ ଜନିତ ଲଗାଣ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି । ବନ୍ୟାଜଳ ଚାଷ ଜମିରେ ୮/୧୦ ଫୁଟ୍ ଉଚ୍ଚରେ ଲହଡ଼ି ଖେଳିଲା । ଜମିରେ ତଳି ପଚିଗଲା ।

ବାସୁଦେବପୁର ଅଞ୍ଚଳର ପନିପରିବା ଉତ୍ପାଦନର ପେଣ୍ଠସ୍ଥଳୀ ସୁଦର୍ଶନପୁର ପଞ୍ଚାୟତର ମିରିଗା । କେବଳ ବାସୁଦେବପୁର ଅଞ୍ଚଳର ନୁହେଁ, ଆଖପାଖ ଜିଲ୍ଲା ସହିତ କଟକ, ଭୁବନେଶ୍ୱର ପନିପରିବା ନେବାକୁ ଗାଡ଼ି ଲାଗିଥାଏ । ଅରଣ୍ଡୁଆ, ଦେଉଳି, ବ୍ରାହ୍ମଣଗାଁ, କିଆପଡ଼ା, ବାଲିମୁଣ୍ଡା, ବିଦେଇପୁର ଆଦି ଅଞ୍ଚଳର ପରିବା ମାର୍କେଟ୍‌କୁ ଯୋଗାଇଥାଏ । ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ଜମି ଜଳମଗ୍ନ ହେବାରୁ ଏକର ଏକର ବାଇଗଣ, ଭେଣ୍ଡି, କଲରା, ଝୁଡ଼ଙ୍ଗ, ପୋଇ, କାକୁଡ଼ି, ଜହ୍ନି ଆଦି ପରିବା ନଷ୍ଟ ହୋଇଯାଇଛି । ଲକ୍ଷ ଲକ୍ଷ ଟଙ୍କା ଋଣ କରି ଚାଷୀ ଚାଷ କରିଥିଲା । ବନ୍ୟାଜଳ ସୁନାର ଫସଲ ଉଜାଡ଼ିଦେଲା । ସରକାରୀ ସହାୟତା ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି ।

# ଅଡୁଆଁ ମୋହନପୁର ଲୁଣାବନ୍ଧରେ ୪୦ ଫୁଟ୍ ଘାଇ

ବାସୁଦେବପୁର,୬।୮ (ସମିସ): ବାସୁଦେବପୁର ବ୍ଲକ୍‌ର ଅଡୁଆଁ-ମୋହନପୁର ଲୁଣାବନ୍ଧର ନନ୍ଦପୁର ଠାରେ ବନ୍ୟାଜଳ ନିଷ୍କାସନ ପାଇଁ ୪୦ ଫୁଟ୍‌ର ଘାଇ ସୃଷ୍ଟି ହୋଇଛି । ଲଘୁଚାପଜନିତ ଲଗାଣ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ଅଡୁଆଁ, ନନ୍ଦପୁର, ଚୂଡ଼ାମଣୀ, ଓଲଗଡ଼ା ଆଦି ଗ୍ରାମ ଜଳମଗ୍ନ ହୋଇ ପଡ଼ିଲା । ବନ୍ୟା ପାଣି ଘର ମଧ୍ୟରେ ପଶିଲା । ଶହଶହ ଏକର ଚାଷଜମି ଜଳମଗ୍ନ ହୋଇ ପଡ଼ିଥିଲା । ଆଖପାଖ ଅଞ୍ଚଳର ଲୋକମାନେ ମିଳିତ ଭାବେ ଲୁଣାବନ୍ଧ କାଟିଲେ । ଜଳ ନିଷ୍କାସନ ସ୍ରୋତ ଏତେ ପ୍ରଖର ଥିଲା ଯେ ପାଖାପାଖି ୪୦ ଫୁଟ୍ ଲମ୍ବର ଘାଇ ସୃଷ୍ଟି ହୋଇଛି । ଫଳରେ ଏହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଜଳସେଚନ ବିଭାଗ ପକ୍ଷରୁ ଗୁରୁବାର ବାଲିବସ୍ତା ପକାଇ ସାମୂହିକ ଭାବେ ପାଦଚଲା ରାସ୍ତାନିର୍ମାଣ କରାଯାଇଛି ।



ସୃଷ୍ଟି ହୋଇଥିବା ଘାଇ ନିକଟରେ ପ୍ରୋଟେକ୍ସନ ୱାଲ୍ ନିର୍ମାଣ କାର୍ଯ୍ୟ ହୋଇଥିଲା । ଜଳ ନିଷ୍କାସନ ବେଳେ ପ୍ରୋଟେକ୍ସନ ୱାଲ୍‌ରେ କୌଣସି ନଷ୍ଟ ହୋଇ ନାହିଁ । ଅଡୁଆଁ-ମୋହନପୁର ଲୁଣାବନ୍ଧକୁ ଲାଗି ଗାଁଗୁଡ଼ିକ ରହିଛି । ବାସୁଦେବପୁର ବ୍ଲକ୍‌ର ଉପକୂଳ ଅଞ୍ଚଳର ଏହି ଲୁଣାବନ୍ଧ ଆଖପାଖରେ ବହୁ ଗ୍ରାମ ରହିଛି । ହଜାର ହଜାର ଲୋକ ବସବାସ କରୁଛନ୍ତି । କେତେବେଳେ ବାତ୍ୟା ତ ପୁଣି କେତେବେଳେ ବନ୍ୟାର ଭୟ ରହିଛି । ଆଉ କେତେବେଳେ ସୁନାମିକୁ ଭୟ ରହିଛି । ଜନବସତିକୁ ଲକ୍ଷ୍ୟ କରି ବନ୍ୟାଜଳକୁ ନିଷ୍କାସନ କରିବାକୁ ଆବଶ୍ୟକ ସ୍ଥଳେ ପୋଲ ନିର୍ମାଣ କରାଗଲେ ସହଜରେ ଜଳନିଷ୍କାସନ ହୋଇପାରିବ । ଜଳସେଚନ ବିଭାଗ ବରିଷ୍ଠ ଅଧିକାରୀ କ୍ଷେତ୍ର ପରିଦର୍ଶନ କରି ଦୀର୍ଘ ସୂତ୍ରୀ ଯୋଜନାରେ ଅନ୍ତର୍ଭୁକ୍ତ କରି ଏକାଧିକ ପୋଲ ନିର୍ମାଣ କରାଗଲେ ଶୀଘ୍ର ନିଷ୍କାସନ ହୋଇପାରନ୍ତା ।

## ବୟାଙ୍ଗ ଅଞ୍ଚଳରେ ବନ୍ୟାବିପନ୍ନଙ୍କୁ ପ୍ରଶାସନର ସହଯୋଗ ସମୁଦ୍ରକୁ ଶଙ୍ଖେ

# ଏବେ ବି ଛାତିଏ ପାଣିରେ ବିପନ୍ନ; ଉପାସରେ ଗୃହପାଳିତ ପଶୁ

ତିହିଡ଼ି,୬।୮ (ସମିସ): ତିହିଡ଼ି ବ୍ଲକ୍‌ରେ ଆଜି ବି ବନ୍ୟା ପରିସ୍ଥିତି ଗମ୍ଭୀର । ବୟାଙ୍ଗ ଅଞ୍ଚଳ ଯଥା- ବାରସର ଓ ଗୋବିନ୍ଦପୁର ପଞ୍ଚାୟତର ଅଧିକାଂଶ ଗାଁରେ ବନ୍ୟାଜଳ ଲହଡ଼ି ମାରୁଛି । ଚାଷ ଜମିରେ ପ୍ରାୟ ୭/୮ ଫୁଟ୍ ପାଣି ଜମି ରହିଥିବାବେଳେ ଗାଁ ମୁଣ୍ଡରେ ଛାତିଏ ପାଣି । ଘରୁ ବାହାରିବା ମୁସ୍କିଲ୍ ହୋଇପଡ଼ିଛି । ରୋଷେଇ ପାଣି ସାଇତା ଥିବା ଜଳ ଓ ଗୃହପାଳିତ ପଶୁଙ୍କ ପାଇଁ ଛଣ ଓ କୁଟା ବନ୍ୟାପାଣିରେ ବୁଡ଼ି



ରହିଛି । ସପ୍ତାହେ ଧରି ବନ୍ୟାର ପ୍ରକୋପ ଜାରି ରହିଥିବାବେଳେ ବ୍ଲକ୍ ପ୍ରଶାସନ ତରଫରୁ ମୁଣ୍ଡ ପିଛା ୨୦୦ ଗ୍ରାମ୍ ଚୁଡ଼ା, ୧୦ ଗ୍ରାମ୍ ଗୁଡ଼ ପ୍ରଦାନ କରାଯାଇଛି । ରବିବାରଠାରୁ ରନ୍ଧା ଖାଦ୍ୟ ଦିଆ ଯାଉଥିବା ବିପନ୍ନମାନେ କହିଛନ୍ତି । ମାତ୍ର ବିଗତ ୩ ଦିନ ହେଲା ବନ୍ୟାର ସ୍ଥିତି ସୁଧୁରୁଛି ବୋଲି ପ୍ରଶାସନ ସଫେଇ ଦେଇ ଆସୁଥିବାବେଳେ ଗୁରୁବାର ଦିନର ପରିସ୍ଥିତି କହିବା ବାହୁଲ୍ୟ । ଗୋବିନ୍ଦପୁର ପଞ୍ଚାୟତର ଓରାଳିବିନ୍ଧା, ସାଲପୁର, ପଇଡିପୁର, ବାଗସାହିପାଳ ଓ କୃତିବାସପୁର ବିପନ୍ନମାନଙ୍କର ସ୍ଥିତି ସଙ୍ଗୀନ ଥିବା ଜଣାପଡ଼ିଛି ।

ପୂର୍ବରୁ ବ୍ଲକ୍ ପ୍ରଶାସନ କିଛି ବୁଝୁ ନ ଥିଲା । ମାତ୍ର ରବିବାର ଜିଲ୍ଲାପାଳ ଉକ୍ତ ଅଞ୍ଚଳ ବୁଲି ଆସିବା ପରେ ବ୍ଲକ୍ ପ୍ରଶାସନ କିଛିଟା ଚଳଚଞ୍ଚଳ ହୋଇଥିବା ବିପନ୍ନଙ୍କ ମୁହଁରୁ ଶୁଣିବାକୁ ମିଳିଛି । ପଇଡିପୁର ଗାଁର ଏଯାବତ୍ ରନ୍ଧା ଖାଦ୍ୟ ଦିଆଯାଉ ନ ଥିବା ବିପନ୍ନମାନେ ଅଭିଯୋଗ କରୁଥିବାବେଳେ ୱାର୍ଡ ସଭ୍ୟ ଏହାକୁ ଢାଙ୍କିଢୁଙ୍କି ଦେଉଥିବା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବନ୍ୟାଜଳରେ ବିଭିନ୍ନ ଗାଁର ୨୦ରୁ ଊର୍ଦ୍ଧ୍ୱ ଗୃହପାଳିତ ପଶୁଙ୍କ ମୃତଦେହ ଦେଖିବାକୁ ମିଳିଛି । ଏଭଳି ସ୍ଥିତିର ସାମୟିକ ମୁକାବିଲା କରିବା ଲାଗି ସମାଜସେବୀ ତଥା କଂଗ୍ରେସ ନେତା ସତ୍ୟାନନ୍ଦ ରାଉତ ବିପନ୍ନମାନଙ୍କୁ ଭେଟି ସମବେଦନା ଜ୍ଞାପନ କରିବା ସହ ଅଟା, ବିସ୍କୁଟ ଓ ବୋତଲ ପାଣି ପ୍ରଦାନ କରିଛନ୍ତି । ବ୍ଲକ୍ ପ୍ରଶାସନର ଏତାଦୃଶ ଅବହେଳା ସମ୍ପର୍କରେ ସେ ଜିଲ୍ଲାପାଳଙ୍କୁ ଅବଗତ କରିବା ସହ ବିପନ୍ନମାନଙ୍କୁ ତୁରନ୍ତ ଆବଶ୍ୟକୀୟ ସହାୟତା ପ୍ରଦାନ କରିବାକୁ ଦୃଢ଼ ଦାବି କରିଛନ୍ତି । ଶ୍ରୀ ରାଉତଙ୍କ ସହ ଗୋବିନ୍ଦପୁର ସମିତିସଭ୍ୟ କୈଳାସ ଚନ୍ଦ୍ର ମାଝୀ, ଉପେନ୍ଦ୍ର ବାରିକ, ଦିଲ୍ଲୀପ ନାୟକ, ଗୋରାବାବୁ ସାହା, ଉତ୍କଳ ମହାନ୍ତି, ଗଣେଶ ପ୍ରସାଦ ପରିଡ଼ା, ସୀତାଂଶୁ ନାୟକ, ସୁଶାନ୍ତ ସ୍ୱାଇଁ, ବଟକୃଷ୍ଣ ନାୟକ, ସନ୍ୟାସୀ ବାରିକ, ପୃଥ୍ୱୀରାଜ ନାୟକ, ଦୀପକ ଭୋଇ, ଶରତ ଧଳ, ଶଶିକାନ୍ତ ପ୍ରଧାନ, ଦିଲ୍ଲୀପ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ବନ୍ୟା ଧୋଇନେଲା; ଗାଁ ରାସ୍ତା ଫାଟି ଆଁ

## ଆରଡ଼ି ଅଞ୍ଚଳର ଗ୍ରାମ୍ୟ ରାସ୍ତାଗୁଡ଼ିକର ଅବସ୍ଥା ଶୋଚନୀୟ

ଆରଡ଼ି,୬।୮ (ସମିସ): ବୈତରଣୀ ଓ ସାଳନ୍ଦୀ ନଦୀରେ ଚଳିତ ଥର ଆସିଥିବା ବନ୍ୟା ଫଳରେ ଆରଡ଼ି ଅଞ୍ଚଳରେ ଥିବା ୪ଟି ପଞ୍ଚାୟତର ୨୪ଟି ଗ୍ରାମର ଗ୍ରାମ୍ୟ ରାସ୍ତା ସହିତ ଗାଁଗୁଡ଼ିକୁ ସଂଯୋଗ କରୁଥିବା ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ, ଆରଡ଼ି ରାସ୍ତା, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଭଳି ରାସ୍ତାଗୁଡ଼ିକ ନଷ୍ଟ ହୋଇଯାଇଛି । ବିଶେଷକରି ସୁନ୍ଦରପୁର ପଞ୍ଚାୟତର ସୁନ୍ଦରପୁରଠାରୁ ଖଟୁଆପାଟଣା ରାସ୍ତା, କୁଳେଇପଦାଠାରୁ ଚମ୍ପାସାହି ପାରିଡିହା ରାସ୍ତା, ଆରଡ଼ିଠାରୁ ମୁଆଁ ସନ୍ତରା ରାସ୍ତା, ଆରଡ଼ିଠାରୁ ବାଙ୍କମୁହାଣ ରାସ୍ତା ଭାୟା ନାନ୍ଦପୁର, ଆରଡ଼ିଠାରୁ ଧାନଖଣିଆ ଆରଡ଼ି ରାସ୍ତା, ଆରଡ଼ିଠାରୁ ଭାୟା ଶୀତଳପୁର ଦେଇ ଯାଇଥିବା ପାଲଟପୁର ରାସ୍ତା, ଆରଡ଼ି ତିନତର ରାସ୍ତାରୁ ସାନପଙ୍କ ଗ୍ରାମକୁ ସଂଯୋଗ ହୋଇଥିବା ଗ୍ରାମ୍ୟ ରାସ୍ତା, ବାତୋଲ ଗ୍ରାମ୍ୟ ରାସ୍ତା, ସିଙ୍ଗିପୁର ଗ୍ରାମ୍ୟ ରାସ୍ତା, ଭଦ୍ରକ ଆରଡ଼ି ରାସ୍ତାରୁ ପହଣା ଗ୍ରାମକୁ ସଂଯୋଗ ହୋଇଥିବା ଉଭୟ ପାର୍ଶ୍ୱ ରାସ୍ତା, କୋଇଲେଖା ଗ୍ରାମ୍ୟ ରାସ୍ତା, ନାନ୍ଦପୁର ଗ୍ରାମ୍ୟ ରାସ୍ତା, ବାଙ୍କମୁହାଣ ଗ୍ରାମ୍ୟ ରାସ୍ତା, ବଡ଼ତଳ ଗ୍ରାମ୍ୟ ରାସ୍ତା, ବୋଡ଼କ ଗ୍ରାମ୍ୟ ରାସ୍ତା, ଦୋହରା ଗ୍ରାମ୍ୟ ରାସ୍ତା ଓ ଷାଠିବାଙ୍କୁଡ଼ା ଗ୍ରାମ୍ୟ ରାସ୍ତାଗୁଡ଼ିକରେ ବନ୍ୟା ପାଣି ପ୍ରାୟତଃ ଗୋଟିଏ ସପ୍ତାହ ଧରି ରହିବାରୁ ଓ ପାଣିର ସୁଅ ଚାଲୁଥିବାରୁ ରାସ୍ତାଗୁଡ଼ିକ ନଷ୍ଟ ହୋଇଯାଇଛି । ସ୍ଥାନେ ସ୍ଥାନେ ବଡ଼ ବଡ଼ ଗାତଗୁଡ଼ିକ ହୋଇଯାଇଛି । ରାସ୍ତାରେ ପାଣି ରହିବାରୁ କଂକ୍ରିଟ ରାସ୍ତାଗୁଡ଼ିକରେ ତଳୁ ବାଲି ବାହାରିଯିବାରୁ ଉପର ଢଳେଇ ଫାଟି ଆଁ କରିଛି । ଏତେ ବଡ଼ ବଡ଼ ଖାଲ ହେଇଛି ଯେ ବାଇକ୍ ଓ ସାଇକଲର ଚକ ମଧ୍ୟ ଗଳିପଡୁଛି । ଛୋଟ ପିଲା ବିଦ୍ୟାଳୟ ଆସିବାବେଳେ ସେମାନଙ୍କର ଗୋଡ଼ ବି ଗଳି ପଡୁଛି । ଯେଉଁ ରାସ୍ତାଗୁଡ଼ିକ ପିଚୁ ହୋଇଥିଲା ବନ୍ୟାରେ ପିଚୁ ବାହାରିଯିବାରୁ ମେଣ୍ଟାଲ ଓ ଚିପ୍ସଗୁଡ଼ିକ ଉପରକୁ ଉଠି ପଡ଼ିଛି । ଯାତାୟାତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ବିଶେଷକରି ମତୋ-ଆରଡ଼ି ରାସ୍ତାରେ ବୋଲବମ୍ ଭକ୍ତମାନେ ଖାଲି ପାଦରେ ଚାଲିକି ଆସୁଥିବାରୁ ସେମାନଙ୍କ ଗୋଡ଼ ଫୁଟିଯାଉଛି । ଆଗକୁ ଶ୍ରାବଣର ୪ର୍ଥ ସୋମବାର ଥିବାରୁ ସେ ରାସ୍ତାରେ ଡଷ୍ଟ ପକାଇଦେବା ନିହାତି ଆବଶ୍ୟକ । ସରକାର ଓ ପ୍ରଶାସନିକ ଅଧିକାରୀମାନେ ଏ ସମସ୍ତ ରାସ୍ତାର ସରଜମିନ ଯାଞ୍ଚ କରି ଏହାର ଦୁରବସ୍ଥା ଉପଲବ୍ଧି କରି ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି ।



# ବନ୍ୟା କ୍ଷୟକ୍ଷତି ପରଖିଲେ ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବ

ଧୂଷୁରୀ,୬।୮ (ସମିସ): ଧାମନଗର ବନ୍ୟାରେ କ୍ଷତିଗ୍ରସ୍ତ ଗ୍ରାମ୍ୟ ରାସ୍ତା ଓ ଭିତ୍ତିଭୂମିର ସ୍ଥିତି ଅନୁଧ୍ୟାନ କରିବା ପାଇଁ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବ ଯାମିନୀ ଷଡ଼ଙ୍ଗୀ ଗୁରୁବାର ଧାମନଗର ବ୍ଲକ୍ ଅନ୍ତର୍ଗତ ଅସୁରାଳି ଜୋନ୍‌ର ବିଭିନ୍ନ ଅଞ୍ଚଳ ଗସ୍ତ କରିଥିଲେ । ଗସ୍ତ ଅବସରରେ ପ୍ରଥମେ ମଙ୍ଗଳପୁର-ଝାଟିଆସାହି ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ବନ୍ୟାଜନିତ କ୍ଷୟକ୍ଷତିର ସମୀକ୍ଷା କରାଯାଇଥିଲା । ପରେ ସେ ଅସୁରାଳିସ୍ଥିତ ଦେଶବନ୍ଧୁ ନୋଡାଲ ବିଦ୍ୟାଳୟ ପରିଦର୍ଶନ କରି ଶ୍ରେଣୀଗୃହରେ ପାଠପଢ଼ା, ମଧ୍ୟାହ୍ନଭୋଜନ, ବିଦ୍ୟାଳୟର ପରିବେଶ ଓ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ । ଏହାପରେ ଅସୁରାଳି ପଞ୍ଚାୟତର ମଦନ ନଗର ଅଙ୍ଗନବାଡ଼ି କେନ୍ଦ୍ରରେ ପହଞ୍ଚି ଶିଶୁମାନଙ୍କୁ ମିଳୁଥିବା ପୁଷ୍ଟିକର ଖାଦ୍ୟ, ପ୍ରାକ୍ ଶିକ୍ଷା ଓ କେନ୍ଦ୍ରର କାର୍ଯ୍ୟକଳାପ ସମୀକ୍ଷା କରିଥିଲେ । ଏହାପରେ ଫତେପୁରରୁ ପତ୍ରିସାହି ଏବଂ ଧୂଷୁରୀରୁ ପଛାଳ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ରାସ୍ତାଗୁଡ଼ିକର ବନ୍ୟାଜନିତ କ୍ଷୟକ୍ଷତି ସ୍ଥଳ ପରିଦର୍ଶନ କରିଥିଲେ । ପରିଦର୍ଶନ ସମୟରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ ଦତ୍ତ, ଧାମନଗର ବ୍ଲକ୍ ଉପ ଅଧିକାରିଣୀ ଶର୍ମିଷ୍ଠା ମଲ୍ଲିକ, ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ହିମାଦ୍ରି ତନ୍ମୟ ସାମଲ, ଉପଖଣ୍ଡ ଯନ୍ତ୍ରୀ କୃତିବାସ ମହାପାତ୍ର, ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ରୂପକ କୁମାର ମୁଣ୍ଡା, ପୂର୍ବତନ ଗୋବିନ୍ଦପୁର ପଞ୍ଚାୟତ ସମିତି ସଦସ୍ୟ ଶ୍ରୀକାନ୍ତ ନାୟକ, ଅସୁରାଳିର ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ସାହୁ ଏବଂ ବର୍ତ୍ତମାନର ସରପଞ୍ଚ ମିନତୀ ସାହୁ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରକଳ୍ପ, ବନ୍ୟାଜନିତ କ୍ଷୟକ୍ଷତି ଓ ସମ୍ପର୍କରେ ସଚିବଙ୍କୁ ଅବଗତ କରାଇଥିଲେ ।



## ଧୂଷୁରୀ ଆଞ୍ଚଳିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା

# ସିଏଚ୍‌ସିକୁ ଉନ୍ନୀତ ହେବ ଧୂଷୁରୀ ପିଏଚ୍‌ସି !

ଧୂଷୁରୀ/ବେତାଳିଗାଁ,୬।୮ (ସମିସ)

ବନ୍ୟା ବେଳେ ଧୂଷୁରୀ ଅଞ୍ଚଳରେ ସ୍ୱାସ୍ଥ୍ୟସେବାର ସ୍ଥିତି ପରଖିବା ସହ ରୋଗୀମାନଙ୍କ ସମସ୍ୟା ବୁଝିବା ପାଇଁ ଗୁରୁବାର ଧାମନଗର ବ୍ଲକ୍ ଧୂଷୁରୀସ୍ଥିତ ଆଞ୍ଚଳିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ । ବନ୍ୟା ସମୟରେ ଚାଲିଥିବା ସ୍ୱାସ୍ଥ୍ୟସେବାର ସମୀକ୍ଷା କରିବା ସହ ଉପସ୍ଥିତ ଲୋକଙ୍କଠାରୁ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ଧୂଷୁରୀ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ ପାଇଁ ପୂର୍ବରୁ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଅନୁଦାନ ଦିଆଯାଇଥିବା ନେଇ ମଧ୍ୟ ମନ୍ତ୍ରୀ ସମୀକ୍ଷା କରିଥିଲେ । ଅନୁଦାନରେ ହେଉଥିବା କାର୍ଯ୍ୟ କେତେଦୂର ଆଗେଇଛି, କାମର ବର୍ତ୍ତମାନ ସ୍ଥିତି କ'ଣ ରହିଛି ଏବଂ ଏହାର ଅଗ୍ରଗତି ସମ୍ପର୍କରେ ସେ ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ । ବିଶେଷକରି ଗର୍ଭବତୀ ମହିଳାଙ୍କୁ ଆବଶ୍ୟକ ସମୟରେ ଉନ୍ନତମାନର ଚିକିତ୍ସାସେବା ଯୋଗାଇବା, ସାପ କାମୁଡ଼ା ରୋଗୀଙ୍କ ପାଇଁ ଆବଶ୍ୟକ ଇଞ୍ଜେକ୍ସନ ସହ ତୁରନ୍ତ ଓ ଉନ୍ନତ ଚିକିତ୍ସାସେବା ଉପଲବ୍ଧ କରାଇବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଆଗାମୀ ଦିନରେ ଧୂଷୁରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନେ ଯେପରି ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରିବେ, ସେଥିପାଇଁ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ଏଥିସହ ଧୂଷୁରୀ ପିଏଚ୍‌ସିକୁ ଆଗାମୀ ଦିନରେ ସିଏଚ୍‌ସି ଭାବେ ଉନ୍ନୀତ କରିବା ନେଇ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି । ଏହା ଦ୍ୱାରା ଧୂଷୁରୀ ସମେତ ଆଖପାଖ ଅଞ୍ଚଳର ଲୋକେ ଅଧିକ ସୁବିଧା ଓ ଉନ୍ନତ ଚିକିତ୍ସାସେବା ପାଇପାରିବେ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି । ମନ୍ତ୍ରୀଙ୍କ ଏହି ଗସ୍ତ ବେଳେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଭଦ୍ରକ ସାଂସଦ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ମହେଶମୋହନ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ ପ୍ରହରାଜ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଧାମନଗର ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସକ, ଭଦ୍ରକ ଉପଜିଲ୍ଲାପାଳଙ୍କ ସମେତ ଚତୁର୍ଭୁଜ ନାୟକ, ସ୍ଥାନୀୟ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ରାମଚନ୍ଦ୍ର ମିଶ୍ର, ଅନିରୁଦ୍ଧ ସାହୁ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ଓ ବିଭିନ୍ନ ନେତୃବୃନ୍ଦ ଉପସ୍ଥିତ ଥିଲେ ।



## ପ୍ରସ୍ତାବିତ ମଦ ଦୋକାନକୁ ବିରୋଧ

# ୫ ଦିନ ହେଲା ରାଜରାସ୍ତାରେ ମହିଳା



ଅସୁରାଳି,୬।୮ (ସମିସ): ଧାମନଗର ବ୍ଲକ୍ ଧୂଷୁରୀ ଗ୍ରାମ ପଞ୍ଚାୟତ ମାହାରାକୂଳ ଗ୍ରାମର ମୁଖ୍ୟ ରାସ୍ତାକଡ଼ରେ ପ୍ରସ୍ତାବିତ ଦେଶୀ ମଦ ଦୋକାନ ଖୋଲିବାକୁ ନେଇ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ମଦ ଦୋକାନ ଉଚ୍ଛେଦ ଓ ପ୍ରତିଷ୍ଠାକୁ ରୋକିବା ଦାବିରେ ଗ୍ରାମର ମହିଳାମାନେ ଗତ ୫ ଦିନ ହେଲା ଦିନରାତି ଉଜାଗର ରହି ପ୍ରସ୍ତାବିତ ସ୍ଥାନ ନିକଟରେ ବିକ୍ଷୋଭ ଜାରି ରଖିଛନ୍ତି। ଅଞ୍ଚଳର ମହିଳା ନେତ୍ରୀ ଉର୍ବଶୀ ମହାଳିକ, ରାଣିଆ ମହାଳିକ, ମମତା ମାଝୀ, ଶାନ୍ତିଲତା ମହାଳିକ, ଦୀପ୍ତିରାଣୀ ଜେନା, ରଶ୍ମିତା ମହାଳିକ, ବ୍ୟତାରାଣୀ ମହାଳିକ, ଯଶୋଦା ମହାଳିକ, ରେହନା ବିବି ଓ କାମିନୀ ମହାଳିକ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ମହିଳା ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ ଚଲାଇଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଆଶ୍ରମପାଟଣା ମୁଖ୍ୟ ରାସ୍ତାରୁ ମାହାରାକୂଳ ଗ୍ରାମକୁ ସଂଯୋଗ କରୁଥିବା ଏହି ରାସ୍ତା ଦେଇ ସ୍କୁଲ-କଲେଜର ଛାତ୍ରଛାତ୍ରୀ, ମହିଳା ଓ ଝିଅ-ବୋହୂମାନେ ନିୟମିତ ଯାତାୟାତ କରନ୍ତି। ଏପରି ଏକ ଜନଗହଳିପୂର୍ଣ୍ଣ ତଥା ନିତ୍ୟବ୍ୟବହୃତ ରାସ୍ତାକଡ଼ରେ ମଦ ଦୋକାନ ଖୋଲିଲେ ସନ୍ଧ୍ୟା ପରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ସହ ମହିଳା ଓ ଛାତ୍ରୀମାନଙ୍କ ସୁରକ୍ଷା ବିପନ୍ନ ହେବାର ଆଶଙ୍କା ରହିଛି। ଏହାଛଡ଼ା ମଦ୍ୟପଙ୍କ ଦ୍ୱାରା ଫିଙ୍ଗାଯାଉଥିବା ଭଙ୍ଗା

### ପ୍ରଶାସନର ନିରବତାକୁ ନେଇ ଅସନ୍ତୋଷ

କାଚ ଓ ବର୍ଜ୍ୟବସ୍ତୁ ଯୋଗୁଁ ନିକଟସ୍ଥ ଚାଷଜମି ନଷ୍ଟ ହେବା ସହ କୃଷକମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେବେ। ଅନୁସୂଚିତ ଜାତି ସମ୍ପ୍ରଦାୟ ବହୁଳ ଏହି ଗ୍ରାମର ଶାନ୍ତିପୂର୍ଣ୍ଣ ସାମାଜିକ ପରିବେଶ ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ପ୍ରଶାସନ ତୁରନ୍ତ ଏହି ପ୍ରସ୍ତାବିତ ମଦ ଦୋକାନକୁ ବାତିଲ୍ କରିବାକୁ ଦାବି ହୋଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଆହୁରି ଜୋର୍‌ଦାର୍ ହେବ ବୋଲି ଆନ୍ଦୋଳନକାରୀ ମହିଳାମାନେ ଚେତାବନୀ ଦେଇଛନ୍ତି।

## ■ ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ମହାକୁଡ଼ଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

# ୧ ହଜାରରୁ ଉର୍ଦ୍ଧ୍ୱ ଚାରା ବଣ୍ଟନ

ଅସୁରାଳି,୬।୮ (ସମିସ): ଧାମନଗର ବ୍ଲକ୍ ଗୋବିନ୍ଦପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ମହାକୁଡ଼ଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ



ବିଭିନ୍ନ କ୍ଷେତ୍ରରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଜନପ୍ରତିନିଧି ଓ ସ୍ଥାନୀୟ ଜନସାଧାରଣ ଯୋଗଦେଇ ସ୍ୱର୍ଗତ ମହାକୁଡ଼ଙ୍କ ପବିତ୍ର ସ୍ମୃତି ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୁବାସ ବାବୁ ଜଣେ ଦରଦୀ, ସରଳ, ମିଷ୍ଟଭାଷୀ ଓ କର୍ତ୍ତବ୍ୟନିଷ୍ଠ ଜନପ୍ରତିନିଧି ଭାବେ ନିଜକୁ ସଦାସର୍ବଦା ଲୋକସେବାରେ ସମର୍ପିତ କରିଥିଲେ। ଲୋକଙ୍କ ସୁଖଦୁଃଖର ସାଥୀ ଭାବେ ତାଙ୍କର ସେବା, ସରଳତା ଓ ମାନବିକତା ଚିରଦିନ ପାଇଁ ଅଞ୍ଚଳବାସୀଙ୍କ ହୃଦୟରେ ଅମ୍ଳାନ ହୋଇରହିବ। ତାଙ୍କର ଅକାଳ ବିୟୋଗରେ ସୃଷ୍ଟି ହୋଇଥିବା ଶୂନ୍ୟତା କେବେ ବି ପୂରଣ ହେବ ନାହିଁ। ଶ୍ରାଦ୍ଧବାର୍ଷିକୀ ଅବସରରେ ଉପସ୍ଥିତ ଅତିଥିମାନେ ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାକ୍ଷାତ୍ କରି ଗଭୀର ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏହି ସ୍ମୃତି ସଭାକୁ ପରିବେଶ ଅନୁକୂଳ ଓ ସ୍ମରଣୀୟ କରିବା ପାଇଁ ଶ୍ରାଦ୍ଧବାର୍ଷିକୀ ଅବସରରେ ୧ ହଜାରରୁ ଉର୍ଦ୍ଧ୍ୱ ବୃକ୍ଷ ଚାରା ବଣ୍ଟନ କରାଯାଇଥିଲା, ଯାହା ସ୍ଥାନୀୟ ଅଞ୍ଚଳରେ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛି।

ଏହି ସମାରୋହରେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜେଡି ଉପସଭାପତି ପ୍ରଣବ ପ୍ରକାଶ ଦାସ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ, ଡ. ସଞ୍ଜୟ ଦାସ, ଧୂଷୁରୀ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ବ୍ଲକ୍ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ବ୍ଲକ୍ ବିଜେଡି ସଭାପତି ପ୍ରତାପ ସାମଲ, ଉମେଶ ମହାନ୍ତି, ଶ୍ରୀକାନ୍ତ ନାୟକ, ଅସୁରାଳି ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ଶାରଦାପ୍ରସନ୍ନ ସାହୁ, ସରପଞ୍ଚ ନରେନ୍ଦ୍ର ନାୟକ, ସରପଞ୍ଚ ଅଜୟ ମଲ୍ଲିକ, ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ପତି, ରାକେଶ ପତି, ଆଇନଜୀବୀ ଅମରେନ୍ଦ୍ର ମହାନ୍ତି, ଲକ୍ଷ୍ମୀଧର ରାଉତ, ପଣ୍ଡିତ ଦୟାନିଧି ମିଶ୍ର, ସାମ୍ବାଦିକ ସନ୍ତୋଷ ଦାସ, ସାମ୍ବାଦିକ ରତିକାନ୍ତ ନାୟକ, ସାମ୍ବାଦିକ କିଷାନ ରାଉତ, କାଳନ୍ଦୀ ମଲ୍ଲିକ, ସୁବାସ ମଲ୍ଲିକ, ତ୍ରିଲୋଚନ ଦାସ, ଅଞ୍ଜନା ମହାକୁଡ଼, ସୁଶାନ୍ତ ନାୟକ, ମାଧବାନନ୍ଦ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ୩୫ ଲିଟର ଚୋରା ମଦ ଜବତ; ଜଣେ ଗିରଫ



ବନ୍ତ/ଆଗରପଡ଼ା,୬।୮ (ସମିସ): ବେଆଇନ ମଦ କାରବାର ବିରୋଧରେ ବନ୍ତ ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ପୁଲିସ ରଘୁନାଥପୁର ଛକ ନିକଟରୁ ୩୫ ଲିଟର ଚୋରା ଦେଶୀ ମଦ ଜବତ କରିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି।

ପୁଲିସର ଏକ ଟିମ୍ ନିୟମିତ ଯାଞ୍ଚ ସମୟରେ ଏକ ମୋଟର ସାଇକଲ୍ (ଓଡି-୨୨ଇ-୧୩୭୨)କୁ ରଘୁନାଥପୁର ଛକ ନିକଟରେ ଅଟକାଇଥିଲା। ଯାଞ୍ଚ ବେଳେ ବାଇକ୍‌ରେ ପଲିଥିନ୍ ବ୍ୟାଗ୍‌ରେ ରଖାଯାଇଥିବା ୩୫ ଲିଟର ଚୋରା ମଦ ପୁଲିସ ଉଦ୍ଧାର କରିଥିଲା। ଏହି ଘଟଣାରେ ବାଇକ୍ ଚାଳକଙ୍କୁ ପୁଲିସ କାବୁ କରିଥିଲା। ଗିରଫ ଅଭିଯୁକ୍ତ ଜଣକ ହେଲେ ବନ୍ତ ଥାନା ଅନ୍ତର୍ଗତ ରଘୁନାଥପୁର ଗ୍ରାମର ସ୍ୱର୍ଗତ ଡମ୍ବରୁଧର ସାହୁଙ୍କ ପୁଅ ମାନସ ସାହୁ (୫୧) ବୋଲି ଜଣାପଡ଼ିଛି। ଏହି ଘଟଣାରେ ପୁଲିସ ମଦ ସହ ସମ୍ପୃକ୍ତ ମୋଟର ସାଇକଲ୍‌କୁ ଜବତ କରିଛି। ଏନେଇ ଥାନା କେସ୍ ନଂ ୨୩୫/୨୬ ମୂଳେ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ବେଆଇନ ମଦ ଚାଲାଣ ଏବଂ ବିକ୍ରି ବିରୋଧରେ ବନ୍ତ ପୁଲିସ ଏହି ଅଭିଯାନ ଜାରି ରଖିବ ବୋଲି ସୂଚନା ଦେଇଛି। ଏଥିସହ ଅଞ୍ଚଳରେ ଏଭଳି କୌଣସି ବେଆଇନ କାର୍ଯ୍ୟକଳାପ ନଜରକୁ ଆସିଲେ ତୁରନ୍ତ ପୁଲିସକୁ ଖବର ଦେଇ ସହଯୋଗ କରିବାକୁ ଥାନା ଅଧିକାରୀ ସୁପ୍ରକାଶ ମହାନ୍ତି ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

## ବିକାଶମୂଳକ କାର୍ଯ୍ୟ ସମୀକ୍ଷାକଲେ ଗ୍ରାମ୍ୟ ଉନ୍ନୟନ ସଚିବ



ଭଦ୍ରକ,୬।୮ (ସମିସ): ଗ୍ରାମ୍ୟ ଉନ୍ନୟନ ବିଭାଗର କମିସନର ତଥା ସଚିବ ଯାମିନୀ ଷଡ଼ଙ୍ଗୀ, ଆଜି ଭଦ୍ରକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇ ବିଭିନ୍ନ ବିକାଶମୂଳକ ଯୋଜନାର ଅଗ୍ରଗତିର ସମୀକ୍ଷା କରିଥିଲେ। ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲଙ୍କ ସମେତ ନିଯୁକ୍ତି ବିଭାଗ, କୃଷି ଉଦ୍ୟାନ, ପ୍ରାଣୀ ସମ୍ପଦ ବିଭାଗ, ପୂର୍ତ୍ତ ବିଭାଗ, କୃଷି, ମୃତ୍ତିକା ସଂରକ୍ଷଣ, ସମବାୟ, ଶିକ୍ଷା, ଶ୍ରମ ବିଭାଗ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ, ଜିଲ୍ଲା ସମାଜ ମଙ୍ଗଳ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜ ବିଭାଗର କାର୍ଯ୍ୟ ପ୍ରଗତି ଉପସ୍ଥାପନ କରିଥିଲେ। କମିସନର ତଥା ସଚିବ ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ, ଜିଲ୍ଲାର ସାମଗ୍ରିକ ବିକାଶ, ଭିତ୍ତିଭୂମି ସୁଦୃଢ଼ୀକରଣ, କୃଷି ଓ ଜୀବିକା ବିକାଶ, ଶିକ୍ଷା, ସାମାଜିକ ସୁରକ୍ଷା ଏବଂ ନଗର ଉନ୍ନୟନ ଆଦି ବିଷୟରେ ବିସ୍ତୃତ ସମୀକ୍ଷା କରିଥିଲେ। କାର୍ଯ୍ୟାନ୍ୱୟନରେ ଥିବା ସମସ୍ୟା ଓ ଚ୍ୟାଲେଞ୍ଜର ସମାଧାନ ପାଇଁ ସେ ଆବଶ୍ୟକ ପରାମର୍ଶ ଓ ଦିଗ ନିର୍ଦ୍ଦେଶ ପ୍ରଦାନ କରିବା ସହ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନାଗୁଡ଼ିକର ଗୁଣାତ୍ମକ ଓ ସମୟବଦ୍ଧ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଗସ୍ତ ସମୟରେ ସେ ଧାମନଗର ବ୍ଲକ୍ ଅନ୍ତର୍ଗତ ଅର୍ଣ୍ଣପାଳ-ରାଜମୁକୁନ୍ଦପୁର ରାସ୍ତାର ୩.୮ କି.ମି. ସ୍ଥିତ ବ୍ରିଜ୍ ସ୍ଥାନ ପରିଦର୍ଶନ କରି ବନ୍ୟା କ୍ଷୟକ୍ଷତି ଏବଂ ମରାମତି କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ପରେ ଅସୁରାଳୀ ଅଙ୍ଗନବାଡ଼ି କେନ୍ଦ୍ର ଏବଂ ଦେଶବନ୍ଧୁ ନୋଡାଲ ୟୁପି ସ୍କୁଲ ପରିଦର୍ଶନ କରି ସେଠାରେ ପ୍ରଦାନ କରାଯାଉଥିବା ସେବା ଓ ଭିତ୍ତିଭୂମି ସୁବିଧା ସମ୍ପର୍କରେ ସମୀକ୍ଷା କରିଥିଲେ।

## ଝାଡ଼ଖଣ୍ଡ ଡକାୟତି ମାମଲା; ଧାମନଗରରୁ ଜଣେ ଗିରଫ



ଦୋବଲ,୬।୮ (ସମିସ): ଝାଡ଼ଖଣ୍ଡର ଏକ ବହୁଚର୍ଚ୍ଚିତ ସଶସ୍ତ୍ର ଡକାୟତି ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଝାଡ଼ଖଣ୍ଡ ପୁଲିସ ଗୁରୁବାର ଧାମନଗର ଥାନା ଅନ୍ତର୍ଗତ ମୁସ୍ତଫାପୁର ପଞ୍ଚାୟତର ଗୌଡ଼ବିଶ ନୂଆପଡ଼ା (ମୁଣ୍ଡାସାହି) ଗ୍ରାମର ଜଗନ୍ନାଥ କବାଡ଼ିଙ୍କ ପୁଅ ଅକ୍ଷୟ କବାଡ଼ି (୩୦)ଙ୍କୁ ଗିରଫ କରିଛି। ଧାମନଗର ପୁଲିସର ସହଯୋଗରେ ଅଭିଯୁକ୍ତଙ୍କ ଘରେ ଚଢ଼ଉ କରାଯାଇ ତାଙ୍କୁ ଗିରଫ କରାଯିବା ପରେ ଅଧିକ ତଦନ୍ତ ପାଇଁ ଝାଡ଼ଖଣ୍ଡକୁ ନିଆଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଗତ ଜୁଲାଇ ୮ ତାରିଖରେ ଝାଡ଼ଖଣ୍ଡର ପାଲକୋଟ ଥାନା ଅଞ୍ଚଳରେ ଘଟିଥିବା ଏକ ସଶସ୍ତ୍ର ଡକାୟତିରେ ଦୁର୍ବୃତ୍ତମାନେ ବନ୍ଧୁକ ଓ ଭୁଜାଲି ଦେଖାଇ ଏକ ପରିବାରକୁ ବନ୍ଧକ ରଖି ପ୍ରାୟ ୨୫୦ ଗ୍ରାମ୍ ସୁନା ଓ ୧୦ କିଲୋରୁ ଅଧିକ ରୁପା ଲୁଟି ନେଇଥିଲେ। ଏହି ଘଟଣାକୁ ନେଇ ସେଠାକାର ଥାନାରେ ମାମଲା ରୁଜୁ ହେବା ପରେ ପୁଲିସ ବିଭିନ୍ନ ସ୍ଥାନର ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲା। ପ୍ରାଥମିକ ତଦନ୍ତରୁ ଘଟଣାରେ ୫ରୁ ଅଧିକ ଦୁର୍ବୃତ୍ତ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ତଦନ୍ତ ସମୟରେ ଝାଡ଼ଖଣ୍ଡର ଏକ ବଜାରର ସିସିଟିଭି ଫୁଟେଜ୍‌ରେ ଜଣେ ସନ୍ଦିଗ୍ଧଙ୍କ ଚିତ୍ର କଏଦ ହୋଇଥିଲା। ପରେ ଘଟଣାସ୍ଥଳର ସିସିଟିଭି ଫୁଟେଜ୍ ସହ ଏହାର ମେଳ କରାଯିବା ସହ ବାୟୋମେଟ୍ରିକ୍ ଯାଞ୍ଚ ଆଧାରରେ ସନ୍ଦିଗ୍ଧଙ୍କ ଠିକଣା ଧାମନଗର ବୋଲି ପୁଲିସ ଜାଣିବାକୁ ପାଇଥିଲା। ଏହାପରେ ବୁଧବାର ରାତିରେ ଝାଡ଼ଖଣ୍ଡ ପୁଲିସ ଧାମନଗରରେ ପହଞ୍ଚି ସ୍ଥାନୀୟ ପୁଲିସର ସହଯୋଗରେ ଗୁରୁବାର ସକାଳେ ଚଢ଼ଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ଗିରଫ ପରେ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଥିବାବେଳେ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଝାଡ଼ଖଣ୍ଡ ପୁଲିସର ତଦନ୍ତ ଜାରି ରହିଛି।

## ବନ୍ୟାଞ୍ଚଳ ବୁଲି ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ



ଧାମନଗର,୬।୮ (ସମିସ): ଧାମନଗରରୁ ବନ୍ୟା ପାଣି ଛାଡ଼ିବା ପରେ ସମ୍ଭାବ୍ୟ ଜଳବାହିତ ରୋଗର ମୁକାବିଲା, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଏବଂ ସ୍ୱାସ୍ଥ୍ୟ ସେବାର ବାସ୍ତବ ସ୍ଥିତିର ସମୀକ୍ଷା ପାଇଁ ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଧାମନଗର ବ୍ଲକ୍ ଏବଂ ଏନ୍‌ଏସିର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରିଛନ୍ତି। ଧାମନଗର ବଡ଼ବଜାରରେ ପହଞ୍ଚିବା ପରେ ସ୍ଥାନୀୟ ଜନପ୍ରତିନିଧି ଓ କର୍ମୀମାନେ ମନ୍ତ୍ରୀଙ୍କୁ ବିପୁଳ ସ୍ୱାଗତ କରିଥିଲେ। ଏନ୍‌ଏସି ଅଧୀନ ୧୦ ନମ୍ବର ୱାର୍ଡ ସମେତ ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଟ୍ୟୁବ୍‌ୱେଲ୍ ହ୍ୟାଣ୍ଡେଲ୍ ଚଳାଇ ନିଜେ ପାଣି ପିଇ ପାଣିର ନମୁନା ପରଖିଥିଲେ। ପରେ ସେ ଲୋକଙ୍କ ସହ ସିଧାସଳଖ କଥା ହୋଇ ସେମାନଙ୍କ ସମସ୍ୟା ବୁଝିଥିଲେ। ବନ୍ୟା ପାଣି ଛାଡ଼ିବା ପରେ ପାନୀୟ ଜଳର ଗୁଣବତ୍ତା, ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ଏବଂ ସଂକ୍ରାମକ ରୋଗ ନିୟନ୍ତ୍ରଣର ବାସ୍ତବ ସ୍ଥିତି ସମ୍ପର୍କରେ ଅଧିକାରୀଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ।

ପରେ ମନ୍ତ୍ରୀ ଧାମନଗର ସିଏଚ୍‌ସିରେ ପହଞ୍ଚିଥିଲେ। ସେଠାରେ ମେଡିକାଲ ଅଫିସର ଡା. ମନ୍ମୟ ସିଂହାର ମନ୍ତ୍ରୀଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନପୂର୍ବକ ସ୍ୱାଗତ କରିଥିଲେ। ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ସେବାର ସମୀକ୍ଷା ବୈଠକ କରିଥିଲେ। ସ୍ୱାସ୍ଥ୍ୟ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ଜଳବାହିତ ରୋଗ ରୋକିବା ଜରୁରୀକାଳୀନ ଚିକିତ୍ସା ପାଇଁ ଆବଶ୍ୟକ ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ସେ ସ୍ୱାସ୍ଥ୍ୟ ବିଭାଗକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀ କହିଥିଲେ ଯେ, ବନ୍ୟା ସମୟରେ ସରକାରଙ୍କ ସମନ୍ୱିତ ପଦକ୍ଷେପ ଯୋଗୁଁ କୌଣସି ଜନହାନୀ ଘଟିନାହିଁ। ବିଶେଷକରି ଅପହଞ୍ଚ ଅଞ୍ଚଳରେ ଉଦ୍ଧାର ଓ ଚିକିତ୍ସା ସେବା ପହଞ୍ଚାଇବାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି ସେ କହିଥିଲେ। ସେହିପରି ବନ୍ୟା ସମୟରେ ଆଶାକର୍ମୀ, ଏଏନ୍‌ଏମ୍, ଡାକ୍ତର ଏବଂ ମେଡିକାଲ ଟିମ୍‌ର ନିଷ୍ଠାପର ସେବାକୁ ଭୂୟସୀ ପ୍ରଶଂସା କରିଥିଲେ। ବନ୍ୟା ପରେ ଦୂଷିତ ପାଣି ଯୋଗୁଁ କୌଣସି ସଂକ୍ରାମକ ରୋଗ ନ ବ୍ୟାପିବା ପାଇଁ ସମସ୍ତ ନଳକୂଅ ଓ ଟ୍ୟୁବ୍‌ୱେଲ୍‌ରେ ବିଶୋଧନକାରୀ ଔଷଧ ପ୍ରୟୋଗ, ନିୟମିତ ପାଣି ପରୀକ୍ଷା ଏବଂ ସଚେତନତା କାର୍ଯ୍ୟକ୍ରମକୁ ଜୋର୍‌ଦାର୍ କରିବାକୁ ସେ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଗସ୍ତରେ ସ୍ୱାସ୍ଥ୍ୟ ବିଭାଗର ଡାଇରେକ୍ଟର ଡା. ନୀଳକଣ୍ଠ ମିଶ୍ର, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରମୋଦ ପ୍ରହରାଜ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ତହସିଲ୍‌ଦାର ଜ୍ଞାନରଞ୍ଜନ ସାହୁ, ବିଡିଓ ବନବିହାରୀ ଦିନ୍ଦା, ଡା. ମାଝି ମାଝୀ, ସୁବ୍ରତ ବରାଳ, ହିମାଂଶୁ ନାଥ, ରାକେଶ ଦାସ, ଦିବ୍ୟଜ୍ଞାନ ନାୟକ, ଆୟୁଷ ଡାକ୍ତର ଶ୍ରୀମାଧବ ସେଠୀଙ୍କ ସହ ସମସ୍ତ ଷ୍ଟାଫନର୍ସ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ରାଷ୍ଟ୍ର ପାଇଁ ମଧ୍ୟସ୍ଥତା ୩.୦ | ବିଚାରାଧୀନ ମାମଲାଗୁଡ଼ିକର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ

ଭଦ୍ରକ,୬।୮ (ସମିସ): ଆସନ୍ତା ଅକ୍ଟୋବର ମାସରୁ ମଧ୍ୟସ୍ଥତା ମାଧ୍ୟମରେ ଉପଯୁକ୍ତ ବିଚାରାଧୀନ ମାମଲାଗୁଡ଼ିକର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନକୁ ସହଜ କରିବା ପାଇଁ ସ୍ୱତନ୍ତ୍ର ମଧ୍ୟସ୍ଥତା ଅଭିଯାନ ୩.୦ ସମଗ୍ର ଭାରତବର୍ଷରେ ଆରମ୍ଭ ହେବାକୁ ଯାଉଛି। ଏହି ମଧ୍ୟସ୍ଥତା ଅଭିଯାନର ଉଦ୍ଦେଶ୍ୟ ହେଉଛି ସହମତି ଆଧାରିତ ସମାଧାନ ବ୍ୟବସ୍ଥା ମାଧ୍ୟମରେ ମୋକଦ୍ଦମାକାରୀ ଏବଂ ଅଂଶୀଦାରମାନଙ୍କୁ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା ସହିତ ସହଯୋଗ କରିବା। ଦେଶ ପାଇଁ ମଧ୍ୟସ୍ଥତା ଅଭିଯାନ ହେଉଛି ଏକ ସମଗ୍ର ଭାରତ ୯୦ ଦିନିଆ ବିବାଦ ସମାଧାନ ଅଭିଯାନ, ଯାହା ୧ ଅକ୍ଟୋବରରୁ ଆରମ୍ଭ ହେବାକୁ ଯାଉଛି। ଏହାର ମୂଳ ଲକ୍ଷ୍ୟ ହେଉଛି ତାଲୁକ, ଜିଲ୍ଲା ଏବଂ ଉଚ୍ଚ ନ୍ୟାୟାଳୟଗୁଡ଼ିକରେ ପଡ଼ି ରହିଥିବା ଲକ୍ଷ ଲକ୍ଷ ବିଚାରାଧୀନ ମାମଲାକୁ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବରେ ସମାଧାନ କରି କୋର୍ଟରେ ଥିବା ବିଚାରାଧୀନ ମାମଲାଗୁଡ଼ିକୁ ହ୍ରାସ କରିବା। ଏହି ମଧ୍ୟସ୍ଥତା ଅଭିଯାନ ମାଧ୍ୟମରେ ଦୀର୍ଘଦିନ ଧରି ଚାଲିଥିବା ବିଚାରାଧୀନ ମାମଲାଗୁଡ଼ିକର ଆପୋଷ ସମାଧାନ କରାଯାଇପାରିବ, ଯେଉଁଥିରେ କୌଣସି ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିବନହିଁ। ତେଣୁ ଏହି ସୁଯୋଗର ସଦୁପଯୋଗ କରିବା ପାଇଁ ଭଦ୍ରକ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ପୁଣ୍ୟଶ୍ଲୋକ ରଥ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ସବିଶେଷ ବିବରଣୀ ତଥା ବିଚାରାଧୀନ ବିବାଦର ଆପୋଷ ସମାଧାନ ପାଇଁ ଜିଲ୍ଲା ନ୍ୟାୟାଳୟ ପରିସରରେ ଥିବା ଆଇନ ସେବା ପ୍ରାଧୀକରଣ ସମ୍ମୁଖ କାର୍ଯ୍ୟାଳୟରେ ଖୁବ୍‌ଶୀଘ୍ର ଯୋଗାଯୋଗ କରିବାକୁ ପ୍ରାଧିକରଣ ପକ୍ଷରୁ ଅନୁରୋଧ କରାଯାଇଛି।

## ଭଦ୍ରକ ଜିଲ୍ଲା ଦଳିତ ମହାସଂଘ ପକ୍ଷରୁ ରିଲିଫ୍ ବଣ୍ଟନ

ଭଦ୍ରକ,୬।୮ (ସମିସ): ଗୁରୁବାର ଭଦ୍ରକ ଜିଲ୍ଲା ଦଳିତ ମହାସଂଘ ପକ୍ଷରୁ ଧାମନଗର ନିର୍ବାଚନମଣ୍ଡଳୀ ଫତେପୁର ପଞ୍ଚାୟତରେ ରାଧାନଗର ଦଳିତ ବସ୍ତିରେ ଥିବା ୫୦ ପରିବାରକୁ ରିଲିଫ୍ ବଣ୍ଟନ କରାଯାଇଛି। ଜିଲ୍ଲା ଦଳିତ ମହାସଂଘ ସଭାପତି ତଥା ରାଜ୍ୟ କଂଗ୍ରେସ ଦଳିତ ନେତା ରାଜେନ୍ଦ୍ର ପ୍ରସାଦ ଜେନାଙ୍କ ନେତୃତ୍ୱରେ ଜିଲ୍ଲା ଦଳିତ ମହାସଂଘର ଏକ ୧୫ଜଣିଆ




ପ୍ରତିନିଧି ଦଳ ବନ୍ୟା ପ୍ରପୀଡ଼ିତ ରାଧାନଗର ଗ୍ରାମରେ ପହଞ୍ଚି ଘର ଘର ବୁଲି ଲୋକମାନଙ୍କୁ ଶୁଖିଲା ଖାଦ୍ୟ ପ୍ୟାକେଟ୍ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଧାମନଗର କଂଗ୍ରେସ ନେତା ଅଭିଷେକ ରାଉତଙ୍କ ସମେତ ବ୍ଲକ୍‌ର ଅନ୍ୟାନ୍ୟ ବରିଷ୍ଠ କଂଗ୍ରେସ ନେତୃମଣ୍ଡଳୀ ସହଯୋଗ କରିବା ସହ ଜିଲ୍ଲା ଦଳିତ ମହାସଂଘ ପକ୍ଷରୁ ଦିଆଯାଉଥିବା ରିଲିଫ୍ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ବନ୍ୟା ଯୋଗୁଁ ଧାମନଗର ବ୍ଲକ୍‌ରେ ହଜାର ହଜାର ଲୋକଙ୍କ ମାଟି କାନ୍ଥ ଘର ଭାଙ୍ଗି ମାଟିରେ ମିଶି ଯାଇଥିବାବେଳେ ହଜାର ହଜାର ଲୋକଙ୍କୁ ଅଦ୍ୟାବଧି ଆବଶ୍ୟକ ଅନୁପାତରେ ସରକାର ରିଲିଫ୍ ଯୋଗାଇ ପାରିନାହାନ୍ତି ବୋଲି ଦଳିତ ନେତା ଶ୍ରୀ ଜେନା ଅଭିଯୋଗ କରିଛନ୍ତି। ଅଦ୍ୟାବଧି ବନ୍ୟା ଘେରରେ ଥିବା ବିପନ୍ନଙ୍କ ପାଖରେ ନା ଜିଲ୍ଲା ପ୍ରଶାସନ ପହଞ୍ଚିଛି ନା ରାଜ୍ୟ ସରକାର ପହଞ୍ଚିଛନ୍ତି। ଏ ସରକାର ବନ୍ୟା ପରିସ୍ଥିତିକୁ ମୁକାବିଲା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଏହି ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମରେ ରଞ୍ଜନ ଜେନା, ମନୋଜ ମଲ୍ଲିକ, ସୁଦୀପ୍ତା ପଟ୍ଟନାୟକ, ଇନ୍ଦୁମତୀ ମଲ୍ଲିକ, ରୀନାରାଣୀ ଜେନା, ରବୀନ୍ଦ୍ର ଜେନା, ଧାମନଗର କଂଗ୍ରେସ ନେତା ଅଭିଷେକ ରାଉତ, ବ୍ଲକ୍ କଂଗ୍ରେସ ସଭାପତି ଅରବିନ୍ଦ ନାୟକ, ସୁଧାଂଶୁ ଶେଖର ଦାସ, ନିମାଇଁ ଜେନାଙ୍କ ସମେତ ଜିଲ୍ଲା ଦଳିତ ମହାସଂଘର ସଦସ୍ୟମାନେ ସାମିଲ୍ ଥିଲେ।

## ହାଇଦରାବାଦରୁ ଅପହର୍ତ୍ତା ଗିରଫ; ଅପହୃତା ଉଦ୍ଧାର


ବନ୍ତ/ଆଗରପଡ଼ା,୬।୮ (ସମିସ): ଏକ ଭିନ୍ନ ସମ୍ପ୍ରଦାୟର ତିନି ଛୁଆର ବାପା ଜନୈକା ନାବାଳିକାକୁ ନେଇ ଫେରାର୍ ହୋଇଯିବା ପରେ ଆଗରପଡ଼ା ଥାନାଧିକାରୀ ରାଜେଶ ସେଠୀ ବିଭିନ୍ନ ସନ୍ଦିଗ୍ଧ ସ୍ଥାନରେ ଅତର୍କିତ ଚଢ଼ଉ କରିଥିଲେ ସୁଦ୍ଧା ଅପହର୍ତ୍ତା ଜଣକ ନାବାଳିକାକୁ ନେଇ କୌଶଳକ୍ରମେ ଓଡ଼ିଶା ବାହାରକୁ ଫେରାର୍ ହୋଇଯାଇଥିଲା। ଅପହୃତାଙ୍କୁ ଉଦ୍ଧାର ପାଇଁ ଥାନାଧିକାରୀ ଉଦ୍ୟମ ଜାରି ରଖିଥିଲେ। କୌଣସି ସୂତ୍ରରୁ ଖବର ପାଇ ପୁଲିସ ଚଢ଼ଉ କରି ହାଇଦରାବାଦସ୍ଥିତ ଏକ ଭଡ଼ା ଘରୁ ଉଭୟ ଅପହର୍ତ୍ତା ଓ ଅପହୃତାଙ୍କୁ ଉଦ୍ଧାର କରି ଆଗରପଡ଼ା ଆଣିଥିଲା। ପରେ ଅପହର୍ତ୍ତାକୁ କୋର୍ଟ ଚାଲାଣ କରାଯିବା ସହ ଅପହୃତାଙ୍କୁ ଭଦ୍ରକସ୍ଥିତ ଆସିୟାନାକୁ ପଠାଯାଇଥିବାର ଥାନା ସୂତ୍ରରୁ ଜଣାପଡ଼ିଛି। ଥାନାଧିକାରୀଙ୍କ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି। ସୂଚନାନୁଯାୟୀ, ଅପହର୍ତ୍ତା ଜଣଙ୍କ ଘର ସୋର ଥାନା ମାଖନପୁର ଅଞ୍ଚଳରେ। ସେ କିଛି ବର୍ଷ ତଳେ ଆଗରପଡ଼ା ଥାନା ଅନ୍ତର୍ଗତ ବଡ଼ମହିଁଷଗୋଠ ପଞ୍ଚାୟତ ଘଣ୍ଟଗଡ଼ିଆ ଗ୍ରାମରେ ବିବାହ କରିଥିଲେ। ତେଣୁ ସେ ଶଶୁର ଘରକୁ ବାରମ୍ବାର ଯାତାୟାତ କରୁଥିଲେ। ଏହି ଯାତାୟାତ ଭିତରେ ଶଶୁର ଘର ନିକଟସ୍ଥ ଏକ ଗ୍ରାମର ଜନୈକା ନାବାଳିକାଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ପ୍ରେମ ଜାଲରେ ଫସାଇ ତାଙ୍କୁ ଅପହରଣ କରି ନେଇଥିଲା ବୋଲି ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଥାନା କେସ୍ ନଂ-୧୬୨/୨୬ରେ ମାମଲା ରୁଜୁ କରି ପୁଲିସ ଅଧିକ ତଦନ୍ତ ଜାରି ରଖିଥିଲା। ଅପହର୍ତ୍ତାଙ୍କର ତିନୋଟି ଛୋଟ ଝିଅ ଓ ସ୍ତ୍ରୀ ଥିବାର ଜଣାପଡ଼ିଛି।


## ଡୁମ ସମ୍ପ୍ରଦାୟକୁ ମିଳୁନି ସରକାରୀ ପ୍ରୋତ୍ସାହନ

# କୌଳିକ ବୃତ୍ତିରୁ ଦୂରେଇ ଯାଉଛନ୍ତି ବାଉଁଶ କାରିଗର

ବନ୍ତ/ଆଗରପଡ଼ା,୬।୮ (ସମିସ):

ରାଜ୍ୟରେ ବାଉଁଶ କାରିଗରୀ ଆସ୍ତେ ଆସ୍ତେ ଲୋପ୍ ପାଇବାକୁ ବସିଛି। ଫଳରେ କାରିଗରମାନଙ୍କର ସାମାଜିକ ଓ ଆର୍ଥିକ ଦୁରବସ୍ଥା ବଢ଼ିବାରେ ଲାଗିଛି। ତେବେ ସରକାରୀ ପ୍ରୋତ୍ସାହନର ସୁବିଧା ଥିଲେ ସୁଦ୍ଧା ବିଭାଗୀୟ ଉଦାସିନତା ଯୋଗୁଁ ବାଉଁଶ କାରିଗରମାନେ ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି। ବାଉଁଶ କାରିଗରୀ ଲାଗି ସରକାରଙ୍କ କେତେକ ଯୋଜନା ଥିଲେ ମଧ୍ୟ ତାହା କାରିଗରଙ୍କ ପାଖରେ ଅପହଞ୍ଚ। କିଛି ସ୍ୱେଚ୍ଛାସେବୀ ସଂଗଠନ ସେହି ସମ୍ପ୍ରଦାୟର କାରିଗରଙ୍କୁ ପ୍ରୋତ୍ସାହନ ଯୋଗାଇବା ଓ ସଚେତନ କରାଇବାର ଗୁରୁଦାୟିତ୍ୱ ନେଇଥିଲେ ସୁଦ୍ଧା ସେମାନଙ୍କ ମାନସିକତା ଅଭାବ ଓ ବିଭାଗୀୟ ଅଧିକାରୀଙ୍କ ଅଣଦେଖା ଯୋଗୁଁ ଏହା ହୋଇପାରୁ ନାହିଁ। ଯେତେ ନୂତନତ୍ୱକୁ ଆପଣେଇଲେ ମଧ୍ୟ ଏମିତି କିଛି ଅତ୍ୟାବଶ୍ୟକ ସାମଗ୍ରୀ ଅଛି ଯାହାର ପ୍ରତ୍ୟେକ କାର୍ଯ୍ୟରେ ନିତାନ୍ତ ଆବଶ୍ୟକ। ସେହି ସବୁ ସାମଗ୍ରୀ ବିନା କାର୍ଯ୍ୟ ଅସମ୍ଭବ। ଯେପରିକି ବାହାଘର, ବ୍ରତଘର, ପୂଜାପାର୍ବଣ ଆଦିରେ ସର୍ବ ପ୍ରଥମେ ବାଉଁଶ ଓ ବେତରେ ତିଆରି ସାମଗ୍ରୀ ଯଥା- କୁଲା, ନାଳିଆ, ଡାଲା, ସେର, ମାଣ ଆଦିର ନିତାନ୍ତ ଆବଶ୍ୟକତା ରହିଥାଏ। ଏହିସବୁ ସାମଗ୍ରୀ ବିନା ଉକ୍ତ କାର୍ଯ୍ୟ ସମ୍ପାଦନ କରିବା ଅସମ୍ଭବ ହୋଇ ପଡ଼ିଥାଏ। ଏପରି ସ୍ଥଳେ ଏହି ସବୁ ନିତ୍ୟ





ବ୍ୟବହାର୍ଯ୍ୟ ସାମଗ୍ରୀକୁ ସମ୍ପାଦନା କରୁଥିବା ସମ୍ପ୍ରଦାୟ ତଥା ଏହି କାରିଗରୀକୁ ବୃତ୍ତି କରି ଜୀବିକା ନିର୍ବାହ କରୁଥିବା ବୃତ୍ତିଧାରୀ ଆଜି ଅବହେଳିତ। ସେମାନଙ୍କୁ ସେମାନଙ୍କର କୌଳିକ ବୃତ୍ତିକୁ ପ୍ରୋତ୍ସାହନ ଦେବା ପାଇଁ କୌଣସି ସରକାରୀ ଅନୁଷ୍ଠାନର ଆଗ୍ରହ ନାହିଁ କିମ୍ବା କୌଣସି ବେସରକାରୀ ଅନୁଷ୍ଠାନର ସହଯୋଗ ନାହିଁ। ଯଦ୍ୱାରା ସେମାନେ ସେମାନଙ୍କର ବେଉସାରୁ ନିଜକୁ ଦୂରେଇ ଦେଇ ଅନ୍ୟ ପନ୍ଥା ଅବଲମ୍ବନ କରିବାକୁ ଶତଚେଷ୍ଟିତ ହେବାକୁ ବସିଲେଣି।

ଆଗରପଡ଼ା ଓ ଏହାର ଆଖପାଖ ଅଞ୍ଚଳ ଯଥା- ଆଡ଼ିଆ, ଚାରିଗାଁ, ଜଳଙ୍ଗା, ଗେଲଟୁଆ, କୁଆପଦା ଆଦି ଗ୍ରାମକୁ ଯଦି ଆକଳନରେ ନିଆଯାଏ, ତେବେ ପାଖାପାଖି ୩୦୦ରୁ ୪୦୦ ପରିବାର ଏହି ବୃତ୍ତିକୁ ପାଥେୟ କରି ଆଜିର ଆଧୁନିକ ଦୁନିଆରେ ନିଜର ପରିବାର ପ୍ରତିପୋଷଣ କରୁଛନ୍ତି। ଚାରିଗାଁ ଗ୍ରାମରେ ଅବସ୍ଥିତ ଏହି ସମ୍ପ୍ରଦାୟର କିଛି ପରିବାରକୁ ଯୋଗାଯୋଗ କରିବାରୁ ଜଣାପଡ଼େ ଯେ, ସେମାନେ ତାଙ୍କ ପୂର୍ବପୁରୁଷ କରିଆସୁଥିବା ଏହି ବେଉଷାକୁ ନିଜର ଜୀବିକା ରୂପେ ବାଛି ନେଇଛନ୍ତି। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯଥା- କୁଲା, ନାଳିଆ, ଡାଲା, ଦଣ୍ଡୁରି, ଫୁଲଡାଲା, ଶାଗଧୂଆ ପାଛିଆ, କୁକୁଡ଼ା ଝମ୍ପି, ଗଛ ମୁଡ଼ା, ଚଟେଇ, ବିଞ୍ଚଣା, ଖଟେଇ, ଚାଲୁଣି ଆଦି ତିଆରି କରିଥା'ନ୍ତି। ଏହିସବୁ ସାମଗ୍ରୀକୁ ସେମାନେ କଟକର ବାଲିଯାତ୍ରା, ଢେଙ୍କାନାଳର ଲକ୍ଷ୍ମୀ ପୂଜା, ଭଦ୍ରକର କାଳୀପୂଜା ଆଦି ସ୍ଥଳୀକୁ ବିକ୍ରି ପାଇଁ ନେଇଥା'ନ୍ତି। ହାଟବାରିରେ ଯେପରିକି ଆଗରପଡ଼ାର 'ସୁଭଦ୍ରା ମହତାବ ହାଟ'ରେ ମଧ୍ୟ ଏହି ସବୁ ଜିନିଷ ବିକ୍ରି ହୋଇଥାଏ। ଚାରିଗାଁ ଅଞ୍ଚଳର ଏହି ବେଉଷାକୁ ନିଜର ଜୀବିକା ରୂପେ ଗ୍ରହଣ କରିଥିବା କିଛି ପରିବାରର ସଦସ୍ୟଙ୍କ କହିବା ଅନୁସାରେ, ସେମାନେ ପ୍ରତିଦିନ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରି ଏକ ସପ୍ତାହ ମଧ୍ୟରେ ତିଆରି କରିଥିବା ସାମଗ୍ରୀକୁ ବିକ୍ରି କଲେ ସମୁଦାୟ ଖର୍ଚ୍ଚ ପରେ ୧୦୦୦ ଟଙ୍କା ପାଇବା ମଧ୍ୟ କଷ୍ଟକର ହୋଇପଡ଼ିଥାଏ। ଯାହା ପ୍ରତ୍ୟେକ ଦିନ ଖଟୁଥିବା ଦିନ ମଜୁରିଆଙ୍କଠାରୁ ବି କମ୍। ଆଧୁନିକ ଯୁଗରେ ଏହି ରୋଜଗାରରେ ସେମାନେ ତାଙ୍କ ପରିବାର ପ୍ରତିପୋଷଣ କରିବା ପାଇଁ କେତେ ଯେ କଷ୍ଟ ଅନୁଭବ କରୁଛନ୍ତି ସେମାନେ ହିଁ ଜାଣନ୍ତି।

ସେମାନଙ୍କ କହିବା ଅନୁସାରେ, ବୁଣିବା ପାଇଁ ଦରକାର କରୁଥିବା ସାମଗ୍ରୀ ଯଥା- କେରଟ, ବାଉଁଶ, ରଙ୍ଗ ଆଦି ସେମାନଙ୍କୁ କିଣିବାକୁ ପଡ଼ିଥାଏ। ତେଣୁ ଏଥିପାଇଁ ଯଦି ତାଙ୍କୁ ଆର୍ଥିକ ପ୍ରୋତ୍ସାହନ ମିଳିପାରନ୍ତା, ତେବେ ସେମାନେ ତାଙ୍କ ବୃତ୍ତିକୁ ସୂଚାରୁ ରୂପେ ପରିଚାଳନା କରିପାରନ୍ତେ ବୋଲି କହନ୍ତି। ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା କମ୍ ଥିବାରୁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସୁବିଧା ଓ ସୁଯୋଗ ସେମାନଙ୍କ ପାଖରେ ପହଞ୍ଚି ନ ପାରୁଥିବାର ସେମାନେ ଅଭିଯୋଗ କରନ୍ତି। ସରକାର ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଆତ୍ମନିର୍ଭରଶୀଳର ସୁଯୋଗ ସୃଷ୍ଟି କରିଥିବା ସ୍ଥଳେ ତାହା ଏହି ସମ୍ପ୍ରଦାୟ ପାଖରେ ଆଜି ବି ଅଜଣା। ତେଣୁ ସରକାର ଏହି ବାଉଁଶ କାରିଗରୀକୁ ଏକ କୁଟୀରଶିଳ୍ପ ଭାବେ ଗ୍ରହଣ କରି ଆବଶ୍ୟକ ସହାୟତା, ସହଯୋଗ ଓ ପ୍ରଶିକ୍ଷଣର ବ୍ୟବସ୍ଥା କଲେ ବାଉଁଶ ବେଉଷା ବଞ୍ଚିବା ସହ ଲୋକଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆସନ୍ତା ବୋଲି ବୁଦ୍ଧିଜୀବୀମାନେ ମତପୋଷଣ କରିଛନ୍ତି।

### ଆଜିଠୁ ରାଜ୍ୟସ୍ତରୀୟ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା

# ୨୬ଟି ଇଭେଣ୍ଟରେ ଭାଗନେବେ ୭୦୨ ପ୍ରତିଯୋଗୀ

ରାଇରଙ୍ଗପୁର, ୬।୮ (ସମିସ)

ଆସନ୍ତାକାଲିଠୁ ୭୨ତମତ ରାଜ୍ୟସ୍ତରୀୟ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା ସ୍ଥାନୀୟ ସ୍ପୋର୍ଟ୍ସ କମ୍ପେକ୍ସରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାର ୨୬ଟି ଇଭେଣ୍ଟରେ ୭୦୨ ଜଣ ପ୍ରତିଯୋଗୀ ଭାଗନେବେ ବୋଲି ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ରାଇରଙ୍ଗପୁର ଉପଜିଲ୍ଲାପାଳ ଉଗ୍ରେସନ ଓରାମ, ଓଡିଶା ଅଲମ୍ପିକ ଆସୋସିଏସନ ଓ ଓଡିଶା ଆଥଲେଟିକ ଆସୋସିଏସନର ଟେକ୍ନିକାଲ ମୁଖ୍ୟ ମି. ପ୍ରବଧ କୁମାର ମହାନ୍ତି, ଜିଲ୍ଲା କ୍ରୀଡ଼ା ଅଧିକାରୀ ଡ/ ସୁଭାଶିଷ ନାୟକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଡ. ଶୁଭାଶିଷ ନାୟକ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ସ୍ୱାଗତ କରିବା ସହ ଉକ୍ତ ପ୍ରତିଯୋଗିତା ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ।

ଏହି ରାଜ୍ୟସ୍ତରୀୟ କନିଷ୍ଠ ଦୌଡକୁଦ ପ୍ରତିଯୋଗିତା ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ, ଜିଲ୍ଲା ପ୍ରଶାସନ ଓ ମୟୂରଭଞ୍ଜ କ୍ରୀଡା ସଙ୍ଘର ମିଳିତ ସହଯୋଗରେ ଓଡିଶା କ୍ରୀଡା ସଙ୍ଘ ଦ୍ୱାରା ଆୟୋଜିତ ହେବାକୁ ଯାଉଛି। ଆସନ୍ତାକାଲି ଏହି ଚାମ୍ପିଅନସିପ ଆରମ୍ଭ ହୋଇ ୯ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ରାଇରଙ୍ଗପୁରସ୍ଥ ନବନିର୍ମିତ କ୍ରୀଡ଼ା କମ୍ପେ୍ଲକ୍ସରେ ଅନୁଷ୍ଠିତ ହେବ।

ପ୍ରତ୍ୟେକ ଦିନ ପ୍ରଥମ ପର୍ଯ୍ୟାୟ ସକାଳ ୭ରୁ ଆରମ୍ଭ ହୋଇ ଦିବା ୧୧.୩୦ ମିନିଟ୍ ପର୍ଯ୍ୟନ୍ତ ଓ




ଦ୍ୱିତୀୟ ପର୍ଯ୍ୟାୟ ଅପରାହ୍ନ ୨.୩୦ରୁ ସନ୍ଧ୍ୟା ୭.୩୦ ମିନିଟ ପର୍ଯ୍ୟନ୍ତ ବିଭିନ୍ନ ଖେଳକୁଦ ଇଭେଣ୍ଟ ଚାଲିବ। ଆସନ୍ତାକାଲି ଅପରାହ୍ନରେ ଉଦଘାଟନୀ ସମାରୋହ ଅନୁଷ୍ଠିତ ହେବ। ବୟସ ଆଧାରରେ ପ୍ରତିଯୋଗିତା ୪ଟି ବର୍ଗ ୧୪ ବର୍ଷରୁ କମ, ୧୬ ବର୍ଷରୁ କମ, ୧୮ ବର୍ଷରୁ କମ ଓ ୨୦ ବର୍ଷରୁ କମ ବୟସ ଉଭୟ ବାଳକ ଓ ବାଳିକା ଖେଳାଳିଙ୍କ ମଧ୍ୟରେ ଅନୁଷ୍ଠିତ ହେବ। ରାଜ୍ୟର ୩୦ଟି ଜିଲ୍ଲା ଓ ପ୍ରମୁଖ ସହର ଭୁବନେଶ୍ୱର, ରାଉରକେଲା, ପାରାଦୀପ ଓ କିଟ୍ ଅନୁଷ୍ଠାନକୁ ମିଶାଇ ମୋଟ ୩୪ଟି ସ୍ଥାନରୁ ୩୫୮ ଜଣ ବାଳକ ଓ ୨୪୪ ଜଣ ବାଳିକାଙ୍କୁ ମିଶାଇ ୭୦୨ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବେ। ଏଥିସହିତ ମହିଳା କ୍ରୀଡ଼ାବିତ୍, ପ୍ରଶିକ୍ଷକ, ଅଧିକାରୀ ଓ କ୍ରୀଡା ଜଗତର ଅନ୍ୟ ଅତିଥିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଏହାର ସୁପରିଚାଳନା ପାଇଁ ୮୦ ଜଣ ଟେକ୍ନିକାଲ ଅଫିସର ଓ ୧୨୦ ଜଣ ଅର୍ଗାନାଇଜର ନିୟୋଜିତ ହୋଇଛନ୍ତି। ଉଭୟ ବାଳକ ଓ ବାଳିକା ବର୍ଗରେ ଦୌଡ଼, ଲମ୍ଫ, ଥ୍ରୋ ଇତ୍ୟାଦି ସହ ଦୌଡ଼କୁଦ ଅନ୍ତର୍ଗତ ଅନ୍ୟାନ୍ୟ ଖେଳକୁ ମିଶାଇ ପାଖାପାଖି ୨୬ଟି ଇଭେଣ୍ଟ ଅନୁଷ୍ଠିତ ହେବ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର ପ୍ରତିଯୋଗିତାର ପ୍ରସ୍ତୁତି ଓ ବ୍ୟବସ୍ଥା ସମ୍ପର୍କରେ ସୂଚନା ପ୍ରଦାନ କରି କହିଥିଲେ, ରାଜ୍ୟର ଏକ ପ୍ରମୁଖ କ୍ରୀଡ଼ା ଆୟୋଜନ ଭାବେ ୭୨ତମ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତାକୁ ସୁଚାରୁ, ଶୃଙ୍ଖଳିତ ଓ ସଫଳ ଭାବେ ଆୟୋଜନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ପ୍ରସ୍ତୁତି କରାଯାଇଛି। ପ୍ରତିଯୋଗୀଙ୍କ ରହଣି, ଖାଦ୍ୟ, ପାନୀୟଜଳ, ଚିକିତ୍ସା, ଯାତାୟାତ ଓ ସୁରକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଇଛି। ପ୍ରତିଯୋଗିତା ସ୍ଥଳରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ସହ ଆମ୍ବୁଲାନ୍ସ, ମେଡିକାଲ୍ ଟିମ୍ ଓ ଅଗ୍ନିଶମ ସେବା ମୁତୟନ କରାଯିବ। ରାଇରଙ୍ଗପୁର ଉପଜିଲ୍ଲାପାଳ ଉଗ୍ରେସନ ଓରାମ କହିଥିଲେ, ପ୍ରତିଯୋଗିତା ସମୟରେ ଆଇନଶୃଙ୍ଖଳା ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପର୍ଯ୍ୟାପ୍ତ ପୁଲିସ ମୁତୟନ କରାଯିବ। କ୍ରୀଡ଼ାବିତ୍, ଅତିଥି ଓ ଦର୍ଶକଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦିଆଯିବ। ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମର ସହଯୋଗ ଓ ସକ୍ରିୟ ପ୍ରଚାର ମାଧ୍ୟମରେ ଏହି ରାଜ୍ୟସ୍ତରୀୟ କ୍ରୀଡ଼ା ଆୟୋଜନକୁ ସଫଳ କରିବା ପାଇଁ ସମସ୍ତ ସାମ୍ବାଦିକ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗ କାମନା କରାଯାଇଥିଲା। ଅଲିମ୍ପିକ ଆସୋସିଏସ ମୁଖ୍ୟ ପ୍ରବୋଧ ମହାନ୍ତି ପ୍ରତିଯୋଗିତା ପାଇଁ ହୋଇଥିବା ସମସ୍ତ ପ୍ରକାର ଉତ୍ତମ ବ୍ୟବସ୍ଥା ସମ୍ପର୍କରେ ସନ୍ତୋଷ ବ୍ୟକ୍ତ କରିବା ସହ କହିଥିଲେ, ୧୦ ଲେନ ବିଶିଷ୍ଟ ରାଇରଙ୍ଗପୁରର ଏହି ଷ୍ଟାଡିୟମ ଓଡିଶାରେ ପ୍ରଥମ ଓ ସାରା ଭାରତରେ ଦ୍ୱିତୀୟ ଷ୍ଟାଡିୟମ। ଯେଉଁଠାରେ ପ୍ରଥମ କରି ଏହି ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଆୟୋଜନ କରାଯାଉଛି। ରାଇରଙ୍ଗପୁରରେ ଏଭଳି ଏକ ବୃହତ୍ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ଅଞ୍ଚଳର କ୍ରୀଡ଼ା ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ସହ ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଆଗ୍ରହ ବୃଦ୍ଧି କରିବ ବୋଲି ଆଶା ପ୍ରକାଶ କରିଥିଲେ।

## ହାତୀ ଉପଦ୍ରବରେ ଅତିଷ୍ଠ ଗ୍ରାମବାସୀଙ୍କ ରାଜ୍ୟ ରାଜପଥ ଅବରୋଧ



ବାରିପଦା, ୬।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବନଖଣ୍ଡ ଅନ୍ତର୍ଗତ ଶିମିଳା ଓ ଆଖପାଖ ଅଞ୍ଚଳରେ ବିଗତ କିଛିମାସ ଧରି ୨୦ରୁ ଅଧିକ ହାତୀଙ୍କ ଉପଦ୍ରବରେ ସ୍ଥାନୀୟ ଲୋକ ଅସ୍ତବ୍ୟସ୍ତ ହୋଇପଡ଼ିଛନ୍ତି। ହାତୀ ଘର ଭାଙ୍ଗିବା ସହ ଧାନ ଫସଲ ନଷ୍ଟ କରୁଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ହାତୀ ଉପଦ୍ରବର ସ୍ଥାୟୀ ସମାଧାନ, ଯଥୋଚିତ କ୍ଷତିପୂରଣ ଓ ସୁରକ୍ଷା ବ୍ୟବସ୍ଥା ଦାବିରେ ଗୁରୁବାର ସ୍ଥାନୀୟ ଗ୍ରାମବାସୀ ବାଙ୍ଗିରିପୋଷି-କଳାବାଡ଼ିଆକୁ ସଂଯୋଗ କରୁଥିବା ଡାହିସାହି ନିକଟରେ ରାଜ୍ୟ ରାଜପଥ ନଂ ୫୦କୁ ଅବରୋଧ କରିଥିଲେ। ଫଳରେ ଉଭୟ ପାଶ୍ୱର୍ରେ ଶତାଧିକ ଯାନବାହନ ଅଟକି ରହିଥିବା ବେଳେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଖବର ପାଇ ବାଙ୍ଗିରିପୋଷି ରେଞ୍ଜର ମହେଶ୍ୱର ସିଂହ ଓ ବାଙ୍ଗିରିପୋଷି ଥାନା ଅଧିକାରୀ ପଞ୍ଚାନନ ମହାନ୍ତି ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ରାତିରେ ସ୍ୱତନ୍ତ୍ର ଟିମ୍ ଦ୍ୱାରା ହାତୀଙ୍କୁ ଜଙ୍ଗଲ ଆଡ଼କୁ ଦିଗ ଦେଖାଇବା ପାଇଁ ବିଶେଷ "ଡ୍ରାଇଭ୍' କରାଯିବ ଓ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ରାସ୍ତାରୋକରୁ ଓହରିଥିଲେ। ଏହା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

## କାନ୍ଥ ତଳେ ଚାପି ହୋଇ ବୃଦ୍ଧ ମୃତ



ମୋରଡ଼ା,୬।୮ (ସମିସ): ମୋରଡ଼ା ଥାନା ଅଞ୍ଚଳରେ ଲଗାଣ ବର୍ଷା ହେବା ଫଳରେ ମାଟି କାନ୍ଥ ତଳେ ଚାପି ଜଣେ ୫୫ ବର୍ଷୀୟ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଉକ୍ତ ଥାନା ଅଧୀନ ନୂହାଝାଲିଆ ଗ୍ରାମର ରୁହିୟା ହାଁସଦା। ଗତକାଲି ରାତିରେ ଶୋଇଥିବା ସମୟରେ ଲଗାଣ ବର୍ଷା ଯୋଗୁଁ ଘରର ମାଟି କାନ୍ଥ ଭୁଶୁଡି ପଡି ରୁହିୟାଙ୍କ ଉପରେ ପଡିଥିଲା ଓ ରୁହିୟା କାନ୍ଥ ତଳେ ଚାପି ହୋଇଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲକୁ ପଠାଇଛି।

## ହୋ' ଭାଷା ଶିକ୍ଷକ ଚୟନ ଶେଷ; ୨୪ ଜଣ ମନୋନୀତ

ଠାକୁରମୁଣ୍ଡା,୬।୮ (ସମିସ): ହୋ' ସମାଜର ଭାଷା, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ସହିତ "ୱାରାଙ୍ଗ ଚିତି' ଲିପିର ପ୍ରଚାର ଓ ପ୍ରସାରକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ "ତୁର୍ତୁଙ୍ଗ ପ୍ରୋଜେକ୍ଟ' ଅଧୀନରେ ଆୟୋଜିତ ତୁର୍ତୁଙ୍ଗ ଶିକ୍ଷକ ଯୋଗ୍ୟତା ପରୀକ୍ଷା ସଫଳତା ପୂର୍ବକ ସମାପ୍ତ ହୋଇଛି। ଏହି ଚୟନ ପ୍ରକ୍ରିୟା ମାଧ୍ୟମରେ ୨୪ ଜଣ ହୋ ଭାଷା ପ୍ରଶିକ୍ଷକଙ୍କୁ ଚୟନ କରାଯାଇଛି। ହୋ ଷ୍ଟୁଡେଣ୍ଟ ୟୁନିଅନ୍‌ର ସହଯୋଗୀ ସଂଗଠନ ବୀର ବିରସା ମୁଣ୍ଡା ଟ୍ରଷ୍ଟ ଓଡ଼ିଶା ପକ୍ଷରୁ ଏହି ନିଯୁକ୍ତି ପ୍ରକ୍ରିୟାର ଆୟୋଜନ କରାଯାଇଥିଲା। ଟ୍ରଷ୍ଟର ଆକାଂକ୍ଷୀ "ତୁର୍ତୁଙ୍ଗ ପ୍ରୋଜେକ୍ଟ' ଅଧୀନରେ ହୋ



ଭାଷା ଶିକ୍ଷାର ପ୍ରସାର ଓ ନୂତନ ପିଢ଼ିଙ୍କ ମଧ୍ୟରେ ମାତୃଭାଷା ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ୨୪ଟି ଭାଷା ପ୍ରଶିକ୍ଷକ ପଦ ପୂରଣ ପାଇଁ ଏହି ପରୀକ୍ଷା ଆୟୋଜନ କରାଯାଇଥିଲା। ଚୟନ ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟ ଭାବେ ଗତ ୨ ଅଗଷ୍ଟରେ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଥିବାବେଳେ ୬ ଅଗଷ୍ଟରେ ଠାକୁରମୁଣ୍ଡାରେ ମୌଖିକ ପରୀକ୍ଷା ସଫଳତାର ସହ ଆୟୋଜିତ ହୋଇଥିଲା। ଉଭୟ ପର୍ଯ୍ୟାୟରେ ପ୍ରାର୍ଥୀଙ୍କ ଭାଷା ଜ୍ଞାନ, ଶିକ୍ଷାଦାନ ଦକ୍ଷତା, ନେତୃତ୍ୱ କ୍ଷମତା ଓ ହୋ ଭାଷା ଓ "ୱାରାଙ୍ଗ ଚିତି' ଲିପି ପ୍ରତି ସେମାନଙ୍କର ଅବଦାନକୁ ଗୁରୁତ୍ୱ ଦେଇ ମୂଲ୍ୟାୟନ କରାଯାଇଥିଲା। ମୌଖିକ ପରୀକ୍ଷା ବୋର୍ଡରେ ମୁଖ୍ୟ ପରୀକ୍ଷକ ଭାବେ ଗୌରାଙ୍ଗ ବାନ୍ଦିଆ ଓ ହୋ ଷ୍ଟୁଡେଣ୍ଟ ୟୁନିଅନ୍‌ର ପ୍ରତିଷ୍ଠାତା ବାଗୁନ୍ ସିଂ ଜାରିକା ଉପସ୍ଥିତ ଥିଲେ।

ସେହିପରି ଭିବିଏମଟି ଓଡ଼ିଶାର ସଂଯୋଜକ ପୂଜା ଗୋସରାଙ୍କ ସହ ହୀରାମଣି ହେମ୍ବ୍ରମ, ରଜତ କୁମାର ସିଂ, ବଳରାମ ପୂର୍ତ୍ତି ଓ କୁନା କାଣ୍ଡେୟାଙ୍ଗ ପରୀକ୍ଷକ ପ୍ୟାନେଲ୍‌ର ସଦସ୍ୟ ଭାବେ ଦାୟିତ୍ୱ ତୁଲାଇଥିଲେ। ସମଗ୍ର ଚୟନ ପ୍ରକ୍ରିୟାକୁ ଭିବିଏମଟି ଓଡ଼ିଶାର ଏକଜିକ୍ୟୁଟିଭ୍ ଟ୍ରଷ୍ଟି କ୍ଷୀରୋଦ କୁମାର ହେମ୍ବ୍ରମ ଓ ଗଣେଶ୍ୱର ଗାଗରାଇଙ୍କ ନେତୃତ୍ୱରେ ସୁଚାରୁ ଭାବେ ପରିଚାଳନା କରାଯାଇଥିଲା। ପ୍ରାର୍ଥୀଙ୍କ ପାଇଁ ସ୍ୱଚ୍ଛ, ନିରପେକ୍ଷ ଓ ଯୋଗ୍ୟତାଭିତ୍ତିକ ଚୟନ ପ୍ରକ୍ରିୟା ଅନୁସରଣ କରାଯାଇଥିବା ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ଚୟନିତ ୨୪ ଜଣ ଭାଷା ପ୍ରଶିକ୍ଷକ ଆସନ୍ତା ୧୮ ଅଗଷ୍ଟରୁ ଜାମସେଦପୁରସ୍ଥ ଟ୍ରାଇବାଲ କଲଚର ସୋସାଇଟିରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଗ୍ରହଣ କରିବେ। ପ୍ରଶିକ୍ଷଣ ପରେ ସେମାନେ ବିଭିନ୍ନ ଅଞ୍ଚଳରେ ହୋ ଭାଷା ଶିକ୍ଷା ପ୍ରଦାନ ସହ "ୱାରାଙ୍ଗ ଚିତି' ଲିପିର ପ୍ରଚାର ଓ ସଂରକ୍ଷଣ କାର୍ଯ୍ୟରେ ସକ୍ରିୟ ଭାବେ ନିୟୋଜିତ ହେବେ। ଟ୍ରଷ୍ଟ ପକ୍ଷରୁ ସମସ୍ତ କୃତକାର୍ଯ୍ୟ ପ୍ରାର୍ଥୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ହୋ ସମାଜର ଶିକ୍ଷାଗତ, ସାଂସ୍କୃତିକ ଓ ସାମାଜିକ ବିକାଶରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ କରାଯାଇଛି। ଆୟୋଜକ କହିଛନ୍ତି ଯେ, ଏହି ପ୍ରୟାସ ମାଧ୍ୟମରେ ହୋ ଭାଷାର ସଂରକ୍ଷଣ ସହିତ ଆଗାମୀ ପିଢ଼ିଙ୍କ ମଧ୍ୟରେ ମାତୃଭାଷା ପ୍ରତି ଗର୍ବ ଓ ସଚେତନତା ବୃଦ୍ଧି ପାଇବ, "ତୁର୍ତୁଙ୍ଗ ପ୍ରୋଜେକ୍ଟ' ହୋ ସମାଜର ସାମଗ୍ରିକ ବିକାଶରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

## ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି

କୁଆମରା, ୬।୮ (ସମିସ): ଗୋପବନ୍ଧୁନଗର ବ୍ଲକ୍‌ସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଆଜି ବ୍ଲକ ସଭା ଗୃହରେ ବିଡିଓ ପୃଥ୍ୱିରାଜ ପରିଡାଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଏବିଡିଓ ବିଘ୍ନେଶ ବେହେରା, ଜଳ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ରବିନାରାୟଣ ମହାପାତ୍ର, ବ୍ଲକ ସହକାରୀ ଯନ୍ତ୍ରୀ ଅଭିଷେକ କାପୁଡିଆ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦେବାଶିଷ ବେହେରାଙ୍କ ସମେତ ଶିକ୍ଷା, କୃଷି, ସ୍ୱାସ୍ଥ୍ୟ, ଜଳ ପରିମଳ ବିଭାଗ, ସମାଜସେବୀ, ବିଭିନ୍ନ ସଂଗଠନର କର୍ମକର୍ତ୍ତା, ବିଭିନ୍ନ ପଦାଧିକାରୀଙ୍କ ସମେତ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ସ୍ୱାଧୀନତା ଦିବସ ପାଳନର କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ବ୍ଲକସ୍ତରୀୟ ଆୟୋଜିତ ଏହି କାର୍ଯ୍ୟକ୍ରମ ସକାଳ ୮.୩୦ରେ ଖୁଣ୍ଟା ମିନି ଷ୍ଟାଡିୟମରେ ଜାତୀୟ ପତାକା ଉତ୍ତୋଳନ ହେବ। ଏଥିପୂର୍ବରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ କନିଷ୍ଠ ଓ ବରିଷ୍ଠ ଦୁଇ ଭାଗରେ ବିଭକ୍ତ କରାଯାଇ ପ୍ରବନ୍ଧ, ସଂଗୀତ, ଚିତ୍ରାଙ୍କନ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ। ପ୍ରତିଯୋଗିତାକୁ ସଂପୂର୍ଣ୍ଣ ଭାବେ ଶିକ୍ଷା ବିଭାଗକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବିଭିନ୍ନ ବିଦ୍ୟାଳୟରୁ ୮ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେବାକୁ ବ୍ଲକ ପ୍ରଶାସନ ପକ୍ଷରୁ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ତତ୍‌ସହିତ ୧୦ରୁ ଅଧିକ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ୟାରେଡ୍ ଓ ନୃତ୍ୟରେ ଅଂଶଗ୍ରହଣ କରିବେ। ଉକ୍ତ କାର୍ଯ୍ୟକ୍ରମକୁ ବିଭିନ୍ନ ସଂଗଠନ ପରିଚାଳନା କରିବ।

## ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ମନ୍ତ୍ରୀ

ବୈଶିଙ୍ଗା,୬।୮ (ସମିସ): ମୟୂରଭଞ୍ଜ ଜିଲ୍ଲାର ବନ୍ୟା ପରିସ୍ଥିତିର ସମୀକ୍ଷା ପରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ବେତନଟୀ ଓ ବଡ଼ସାହି ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି କ୍ଷତିଗ୍ରସ୍ତଙ୍କ ସମସ୍ୟାର ଅନୁଧ୍ୟାନ କରିଛନ୍ତି। ଜଳବନ୍ଦୀ ଗ୍ରାମରେ ପହଞ୍ଚି ସେ ସ୍ଥାନୀୟ ଲୋକଙ୍କ ସହ ସିଧାସଳଖ ଆଲୋଚନା କରିବା ସହ ତୁରନ୍ତ ରିଲିଫ୍, ପୁନର୍ବାସ ଓ ସ୍ଥାୟୀ ସମାଧାନ ପାଇଁ ପ୍ରଶାସନକୁ ଆବଶ୍ୟକ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ କାଠପାଳ, ଭିମଦା ଓ ପାଟିସାରି ପଞ୍ଚାୟତର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ବନ୍ୟାରେ କ୍ଷତିଗ୍ରସ୍ତ ପରିବାରଙ୍କ ସହ ଭେଟିଥିଲେ।

ଘର, ଫସଲ ଓ ଜନଜୀବନରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ସେ ସ୍ଥାନୀୟ ଲୋକଙ୍କଠାରୁ ସୂଚନା ସଂଗ୍ରହ କରିଥିଲେ। ଗସ୍ତ ସମୟରେ ପାଟୁଳିପୁରା ପଞ୍ଚାୟତ ଅନ୍ତର୍ଗତ ବୁଢ଼ାବଳଙ୍ଗ ନଦୀ ଉପରେ ଥିବା ନାଖରା ସେତୁର ସ୍ଥିତି ପରଖି ଏହାର ବିକଳ୍ପ ସେତୁ ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ସେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବଡ଼ସାହି ବ୍ଲକର ଖଡିକାପଦା ରାସ୍ତାରେ ବାରମ୍ବାର ଜଳ ଜମି ଯାତାୟାତ ବାଧାପ୍ରାପ୍ତ ହେଉଥିବାରୁ ସ୍ଥାୟୀ ସମାଧାନ ପାଇଁ ମଧ୍ୟ ପଦକ୍ଷେପ ନେବାକୁ କହିଥିଲେ। ବନ୍ୟାରେ ଘର ହରାଇଥିବା ପରିବାରଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ବିଚ୍ଛିନ୍ନ ସଡ଼କ ଓ ଯୋଗାଯୋଗ ବ୍ୟବସ୍ଥା ସ୍ୱାଭାବିକ କରିବା, ପାନୀୟ ଜଳ, ବିଦ୍ୟୁତ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବାର ପୁନଃସ୍ଥାପନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ କ୍ଷୟକ୍ଷତିର ଆକଳନ ଶୀଘ୍ର ଶେଷ କରି ସରକାରୀ ନିୟମ ଅନୁଯାୟୀ ସହାୟତା ଓ କ୍ଷତିପୂରଣ ପ୍ରଦାନ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ପାଟଣା ନିର୍ବାଚନମଣ୍ଡଳୀର ସାପ୍ତାହିକ ଦାବି ଓ ଆପତ୍ତି ତାଲିକା ହସ୍ତାନ୍ତର

କେନ୍ଦୁଝର, ୬।୮ (ସମିସ): ଚାଲୁ ରହିଥିବା ସ୍ପେସାଲ ଇଣ୍ଟେନସିଭ୍ ରିଭିଜନ (ଏସଆଇଆର)-୨୦୨୬ ମତଦାତା ତାଲିକା ସଂଶୋଧନ ସମ୍ପର୍କରେ ଗୁରୁବାର ପୂର୍ବାହ୍ନରେ ୨୩-ପାଟଣା ବିଧାନସଭା ନିର୍ବାଚନମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକଙ୍କ ଅଧ୍ୟକ୍ଷତାରେ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଫର୍ମ ୯, ୧୦, ୧୧, ୧୧ଏ ଏବଂ ୧୧ବି ରେ ମିଳିଥିବା ସାପ୍ତାହିକ ଦାବି ଏବଂ ଆପତ୍ତି ତାଲିକା ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ବ୍ୟକ୍ତିଗତ ଭାବେ ହସ୍ତାନ୍ତର କରାଯାଇଥିଲା। ଏହାସହିତ ପ୍ରତିନିଧିମାନଙ୍କୁ ଚାଲୁ ରହିଥିବା ଏସଆଇଆର-୨୦୨୬ ପ୍ରକ୍ରିୟାର ସମୟସୀମା ବୃଦ୍ଧି ସମ୍ପର୍କରେ ଅବଗତ କରାଯାଇଥିଲା ଏବଂ ଏହି ସଂଶୋଧନ କାର୍ଯ୍ୟକୁ ସଫଳତାର ସହ ଶେଷ କରିବା ପାଇଁ ସହଯୋଗ କରିବାକୁ ଅନୁରୋଧ କରାଯାଇଥିଲା।

- ରାଜାବନ୍ଧ ପୋଲ ଉପରେ ୩ ଫୁଟର ବର୍ଷା ପାଣି

## ଯାତାୟାତ ବାଧାପ୍ରାପ୍ତ; ଉଚ୍ଚ ପୋଲ ନିର୍ମାଣ ଦାବି

ମୋରଡ଼ା,୬।୮ (ସମିସ): ଗୁରୁବାର ବାରିପଦା-ଚିତ୍ରଡା-ଅମର୍ଦା ୬୧ ନମ୍ବର ରାଜ୍ୟ ରାଜପଥର ଚିତ୍ରଡା ରାଜାବନ୍ଧ ପୋଲ ଉପରେ ଲଗାଣ ବର୍ଷା ହେବା ଫଳରେ ବର୍ଷା ଜଳ ପୋଲ ଉପରେ ତିନି ଫୁଟ ଉଚ୍ଚତାରେ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ଫଳରେ ଦୀର୍ଘ ସମୟ ଧରି ଉକ୍ତ ପୋଲ ଉପରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଉକ୍ତ ରାସ୍ତା ଦେଇ ପ୍ରତିଦିନ ରାଜନେତା ଓ ଅଧିକାରୀ ଯିବାଆସିବା କରୁଥିଲେ ମଧ୍ୟ ସୁଉଚ୍ଚ ପୋଲ ନିର୍ମାଣ ପାଇଁ କେହି ମନ ବଳାଉନାହାନ୍ତି, ଫଳରେ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେବେ ପୋଲ ଉପରେ ପାଣିର ସ୍ରୋତ ଅତ୍ୟଧିକ ଥିବାରୁ ଯାନବାହନ ଚଳାଚଳ ବନ୍ଦ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟ, କୃଷି ବିଭାଗ, ଲ୍ୟାମ୍ପସ, ଯୋଗାଣ ନିରୀକ୍ଷକ,



ତହସିଲ, ସବରେଜିଷ୍ଟ୍ରାର ଅଫିସ, ଡତ୍ତା, ବ୍ଲକ ସମ୍ପ୍ରସାରଣ ଅଧିକାରୀ, ଆଧାର କେନ୍ଦ୍ର, ମତ୍ସ୍ୟ ବିଭାଗ, ଶିଶୁ ସମନ୍ୱୟ ବିଭାଗ, ଉଦ୍ୟାନ ବିଭାଗ ଓଏଲଏମ, ମିଶନ ଶକ୍ତି କାର୍ଯ୍ୟାଳୟ, ଚିତ୍ରଡା ମହାବିଦ୍ୟାଳୟ ଓ ଦୈନନ୍ଦିନ କାର୍ଯ୍ୟରେ ବଜାରକୁ ଆସୁଥିବା ଲୋକେ, ଛାତ୍ରୀଛାତ୍ର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘଦିନ ଧରି ଅଳ୍ପ ବର୍ଷା ହେଲେ ବାଟୋଇ ତଥା ଅଞ୍ଚଳବାସୀ ହନ୍ତସନ୍ତ ହେଉଥିବାରୁ ସୁଉଚ୍ଚ ପୋଲ ନିର୍ମାଣ ପାଇଁ ଦାବି କରିଛନ୍ତି। ତେବେ ବର୍ଷା ଜାରି ରହିଲେ ପରିସ୍ଥିତି ଆହୁରି ଗୁରୁତର ହେବାର ସମ୍ଭାବନା ରହିଛି।

## ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

କୁଆମରା,୬।୮ (ସମିସ): ଗୋପବନ୍ଧୁନଗର ବ୍ଲକ କୁଶଳଦା ପଞ୍ଚାୟତ ଆମ୍ବଯୋଡା ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରୁଣ କୁମାର ସାତୁଆଙ୍କୁ ବିଦ୍ୟାଳୟ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସମ୍ବର୍ଦ୍ଧନା ଉତ୍ସବରେ ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋତି ହେମ୍ବ୍ରମ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ସରପଞ୍ଚ ଦିପାଲୀ ସିଂ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜାଗେନ ଟୁଡୁ, ପୂର୍ବତନ ପରିଚାଳନା କମିଟି ସଭାପତି ବୁଦ୍ଧାନ ମାରାଣ୍ଡି, ଆଲୁମିନି କମିଟି ସଭାପତି ଶଶୀଧର ସାହୁ, ସିଆରସିସି କରୁଣାକର ମଣ୍ଡଳ ପ୍ରମୁଖ ଯୋଗଦେଇ ଦାନ କରିଥିବା ସମ୍ପଦ ହିଁ ନିଜକୁ ଚିରକାଳ ସ୍ମରଣୀୟ ରଖିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ପ୍ରିୟବ୍ରତ ବେହେରା, ନବକିଶୋର ବିନ୍ଧାଣୀ, ରଞ୍ଜନ ବାରିକ ପ୍ରମୁଖ ଶ୍ରୀ ସାତୁଆଙ୍କ ବିଗତ ଦିନର ଅଭୁଲା ସ୍ମୃତିଚାରଣ କରିଥିଲେ। ଏ ଅବସରରେ ବିଦ୍ୟାଳୟ ପକ୍ଷରୁ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇଥିଲା।

## ଝାଡ଼େଶ୍ୱର ବୋଲବମ୍ ଭକ୍ତଙ୍କ ନେପାଳ ଯାତ୍ରା



ଆନନ୍ଦପୁର, ୬।୮ (ସମିସ): ଶ୍ରୀ ଝାଡ଼େଶ୍ୱର ବୋଲବମ୍ ସଂଘର ସଦସ୍ୟମାନେ ନେପାଳର ଶ୍ରୀ ମୁକ୍ତେଶ୍ୱର ପୀଠରେ ପାଣି ଢାଳିବାକୁ ଆଜି ଯାତ୍ରା କରିଛନ୍ତି। ଶ୍ରୀ ଝାଡେଶ୍ୱର ମହେଶଙ୍କ ପୀଠରେ ପୂଜାର୍ଚ୍ଚନା କରି ଯାତ୍ରା ଆରମ୍ଭ କରିଛନ୍ତି। ପୀଠର ପୂଜାପଣ୍ଡା କୃଷ୍ଣଚନ୍ଦ୍ର ଶତପଥୀ ସଂଘ ସଦସ୍ୟ ଇଂ କିଶୋର କୁମାର ରଥ ଭାଗୀରଥି ସାହୁ ପଞ୍ଚାନନ ବେହେରା ରଘୁନାଥ ପାଢ଼ୀ ଚକ୍ରଧର ସାହୁ ଭାବଗ୍ରାହୀ ସାହୁ ନାରାୟଣ ସାହୁ ବିଟୁ ଧଳଙ୍କ ସମେତ ବହୁ ଭକ୍ତ ସାମିଲ ହୋଇଛନ୍ତି।

## ମଛାଲୋ ଆବାସ ଯୋଜନା ତାଲିକାର ପୁନଃ ସର୍ଭେ ଦାବି

ଆନନ୍ଦପୁର, ୬।୮ (ସମିସ): ଘଷିପୁରା ବ୍ଲକ ଅନ୍ତର୍ଗତ ମଛାଲୋ ଗ୍ରାମପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା



ପାଇଁ ପ୍ରକାଶିତ ଯୋଗ୍ୟ ଓ ଅଯୋଗ୍ୟ ହିତାଧିକାରୀଙ୍କ ତାଲିକାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ତାଲିକାରେ ଅନେକ ପ୍ରକୃତ ଗୃହହୀନ, କଚ୍ଚା ଘରେ ବସବାସ କରୁଥିବା ଏବଂ ଆର୍ଥିକ ଭାବେ ଦୁର୍ବଳ ପରିବାରଙ୍କ ନାମ ବାଦ ପଡ଼ିଥିବା ବେଳେ କେତେକ ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ସାମିଲ ହୋଇଛି। କେତେକ ଗ୍ରାମବାସୀ ଏହା ମଧ୍ୟ ଅଭିଯୋଗ କରିଛନ୍ତି ଯେ ସର୍ଭେ ପ୍ରକ୍ରିୟାରେ ନିରପେକ୍ଷତା ରହି ନଥିଲା। ଦଳୀୟ ପ୍ରଭାବରେ କିଛି ଯୋଗ୍ୟ ପରିବାରଙ୍କ ନାମ ବାଦ ପଡ଼ିଥିବା ବେଳେ କେତେକ ସ୍ୱଚ୍ଛଳ ପରିବାରଙ୍କୁ ତାଲିକାରେ ସାମିଲ କରାଯାଇଛି। ଏହି ଅଭିଯୋଗ ସମ୍ପର୍କରେ ସମ୍ପୃକ୍ତ ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଏହି ପ୍ରସଙ୍ଗରେ ମଛାଲୋ ଗ୍ରାମବାସୀ ଘଷିପୁରା ବିଡ଼ିଓଙ୍କ ନିକଟରେ ଏକ ଦାବିପତ୍ର ପ୍ରଦାନ କରି ପ୍ରକାଶିତ ଯୋଗ୍ୟ ଓ ଅଯୋଗ୍ୟ ତାଲିକାର ନିରପେକ୍ଷ ଏବଂ ସ୍ୱଚ୍ଛ ପୁନଃ ସର୍ଭେ କରିବାକୁ ଦାବି କରିଛନ୍ତି। ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରେ ସାମିଲ କରିବା ସହ ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ବାଦ ଦେବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଅନୁରୋଧ କରିଛନ୍ତି। ଏହି ସମ୍ବନ୍ଧରେ ବିଜେପି ଦେଓଗାଁ ମଣ୍ଡଳ ସଭାପତି ବାଇଧର ଚିନ୍ଦ୍ରା ଏବଂ ମଛାଲୋ ସରପଞ୍ଚ ପ୍ରତିନିଧି ଦୀପ୍ତିରଞ୍ଜନ ମହାନ୍ତି ବିଡ଼ିଓଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ପରେ ବିଡ଼ିଓ ଅଭିଯୋଗଗୁଡ଼ିକର ପୁନଃ ଯାଞ୍ଚ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

### ଖବର ପ୍ରକାଶର ୧୫ ଘଣ୍ଟା ମଧ୍ୟରେ ଆଶଙ୍କା ସତ ହେଲା

# ରାସ୍ତା ମଝିରେ ଥିବା ଖୁଣ୍ଟରେ କାର୍ ଧକ୍କା; ବର୍ତ୍ତିଲେ ଚାଳକ

ବାରିପଦା, ୬।୮ (ସମିସ): ବାରିପଦା ସହର ସହ ତକତପୁରକୁ ସଂଯୋଗ କରୁଥିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତୁଳସୀଚୌରା ମୁଖ୍ୟ ରାସ୍ତାରେ ଥିବା ବିଦ୍ୟୁତ୍ ଖୁଣ୍ଟ ସମ୍ବନ୍ଧରେ ବୁଧବାର 'ସକାଳ'ରେ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଥିବାବେଳେ ସେହି ରାତିରେ ଆଶଙ୍କା ସତ ହୋଇଛି। ଏକ କାର ଉକ୍ତ ରାସ୍ତା ଦେଇ ଯିବା ସମୟରେ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେବାରୁ ଖୁଣ୍ଟ ସହ କାରର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଚୁରମାର ହୋଇଯାଇଛି। ତେବେ ନୂତନ କାର୍ ହେତୁ ସମ୍ମୁଖର ଉଭୟ ସୁରକ୍ଷାକାରୀ ବେଲୁନ ବାହାରି ପଡିବାରୁ ଚାଳକ ବର୍ତ୍ତିଯାଇଛନ୍ତି। ଚାଳକ ଜଣକ ହେଲେ ସ୍ଥାନୀୟ ଅଞ୍ଚଳର



ବ୍ୟବସାୟୀ ଏମଡି ନିୟାଜୁଦ୍ଦିନ। ଦୁର୍ଘଟଣା ପରେ ସମ୍ପୃକ୍ତ ସ୍ଥାନ ରେଳବାଇ ବା ଟାଉନ ଥାନା ତଦନ୍ତ କରିବ, ସେ ନେଇ ୨୦ ଘଣ୍ଟା ଧରି ରାସ୍ତାରେ ଦୁର୍ଘଟଣାଗ୍ରସ୍ତ କାର ଛିଡା ହୋଇ ରହିଥିଲା। ଉପାୟ ଶୂନ୍ୟ ହୋଇ କାର୍ ମାଲିକ ବୀମା କମ୍ପାନୀ ସହ ଯୋଗାଯୋଗ କରି ଗୁରୁବାର ସନ୍ଧ୍ୟାରେ କାର୍‌କୁ ଉଦ୍ଧାର କରି ସୋ'ରୁମକୁ ନେଇଛନ୍ତି। ପୂର୍ବରୁ ଏହି ଅଞ୍ଚଳର ଲୋକମାନେ ରେଳ ଧାରଣା ଡେଇଁ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଥିଲେ। ରେଳ ବିଭାଗ ପକ୍ଷରୁ ଏକ ଅଣ୍ଡରପାସକୁ ଯୋଗାଯୋଗ ପାଇଁ ବିକଳ୍ପ ରାସ୍ତା ନିର୍ମାଣ ହେବା ପରେ ଫାଟକ ସମସ୍ୟା ଓ ରେଳ ଦୁର୍ଘଟଣାରୁ ଲୋକଙ୍କୁ ମୁକ୍ତି ମିଳିଥିଲା ସତ, କିନ୍ତୁ ରାସ୍ତା ମଝିରେ ରହିଯାଇଥିବା ଏହି ବିଦ୍ୟୁତ୍ ଖୁଣ୍ଟ ସାକ୍ଷାତ୍ 'ମୃତ୍ୟୁ ଯନ୍ତା' ପାଲଟିଥିଲା। ରାସ୍ତା ନିର୍ମାଣ ଡିପିଆର ପ୍ରସ୍ତୁତି ସମୟରେ ଏସବୁ ଆନୁସଙ୍ଗିକ କାର୍ଯ୍ୟ ସମ୍ପାଦନ ପରେ ରାସ୍ତା ନିର୍ମାଣ ହୋଇଥାଏ। ପରନ୍ତୁ ରେଳ ବିଭାଗ ବିଦ୍ୟୁତ ବିଭାଗକୁ ଅଟକଳ ମୁତାବକ ଟଙ୍କା ଦେବାରେ ବିଳମ୍ବ କରିଥିଲେ। ସମନ୍ୱୟ ଅଭାବରୁ ଖୁଣ୍ଟଟି ଅନ୍ୟତ୍ର ସ୍ଥାନାନ୍ତର ପୂର୍ବରୁ ରେଳ ବିଭାଗ ରେଳକ୍ରସିଂ ରାସ୍ତାକୁ ସ୍ଥାୟୀ ବନ୍ଦ କରି ନୂତନ ରାସ୍ତା ଖୋଲିଦେଇଥିଲେ। ଦୁର୍ଘଟଣା ପରେ ସମ୍ପୃକ୍ତ ଅଞ୍ଚଳରେ ଭୟଙ୍କର ବିଦ୍ୟୁତ ସର୍ଟ୍‌ସର୍କିଟ ହୋଇ ନିଆଁ ଜଳିବା ସହ ବିଦ୍ୟୁତ ସେବା ବିଚ୍ଛିନ୍ନ ରହିଥିଲା। ଗୁରୁବାର ସେବା ସ୍ୱାଭାବିକ ହୋଇଥିବାବେଳେ ଶୁକ୍ରବାର ଖୁଣ୍ଟ ସ୍ଥାନାନ୍ତରିତ ହୋଇଯିବ ବୋଲି ଟିପିଏନଓଡିଏଲ ଏସଡିଓ ଦେବିଦତ୍ତ ପଣ୍ଡା 'ସକାଳ'କୁ କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ଆୟ ଓ ବ୍ୟୟ ସମାନ ରହିପାରେ। ମାନ ସମ୍ମାନ ବୃଦ୍ଧି ପାଇବ। ଅଫିସ୍ କାର୍ଯ୍ୟ ପ୍ରଭାବିତ ହୋଇପାରେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିପାରେ। ପରିବାର ଲୋକଙ୍କ ସହ ହସଖୁସିର ସମୟ ବିତାଇବେ। ବ୍ୟବସାୟରେ ଲାଭ ମିଳିପାରେ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା କରିପାରନ୍ତି। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। କୌଣସି କଥାକୁ ନେଇ ମନ ବିଚଳିତ ରହିପାରେ।

**କର୍କଟ:** ପୁରୁଣା ନିବେଶରୁ ଲାଭ ମିଳିପାରେ। ଯୋଜନା ମୁତାବକ କାମ କରିବେ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିବେ।

**ସିଂହ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**କନ୍ୟା:** ବ୍ୟବସାୟରୁ ଲାଭ ମିଳିପାରେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିପାରନ୍ତି। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କାର୍ଯ୍ୟରେ ବାଧା ଆସିପାରେ। ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଆୟ ଓ ବ୍ୟୟ ସମାନ ରହିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ମାନ ସମ୍ମାନ ବୃଦ୍ଧି ପାଇବ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। ଧୈର୍ଯ୍ୟ ରଖି କାମ କରନ୍ତୁ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**କୁମ୍ଭ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଧାର କରଜରୁ ଦୂରେଇ ରହିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ବ୍ୟବସାୟ ପାଇଁ ନୂଆ ଯୋଜନା କରିପାରନ୍ତି। ନିଜ ଲୋକ ଶତ୍ରୁ ସାଜିପାରନ୍ତି।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଆଶା ପୂରଣ ହେବ। ଧନଲାଭ ଯୋଗ ଅଛି। ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ। ଯୋଜନା ମୁତାବକ କାମ କରିବେ।

## ଆଜିର ଇତିହାସ

- ୧୭୫୩- ବ୍ରିଟେନ୍ ମ୍ୟୁଜିୟମ୍‌ର ସ୍ଥାପନା।
- ୧୯୦୫- ଭାରତୀୟ ଜାତୀୟ କଂଗ୍ରେସ ବ୍ରିଟିଶ ପଦାର୍ଥକୁ ବର୍ଜନ କଲା।
- ୧୯୪୧- ବିଶ୍ୱଗୁରୁ ରବୀନ୍ଦ୍ର ନାଥ ଟାଗୋରଙ୍କ ନିଧନ।
- ୧୯୯୪- ଇସ୍ରାଏଲ ଓ ଜୋର୍ଡାନ ମଧ୍ୟରେ ଟେଲିଫୋନ୍ ସେବା ଆରମ୍ଭ ହେଲା।
- ୨୦୦୩- ବାଗଦାଦ୍‌ରେ ଜୋର୍ଡାନ ଦୂତାବାସ ଆଗରେ ହୋଇଥିବା ବୋମା ବିସ୍ଫୋରଣରେ ୧୩ ଲୋକଙ୍କ ପ୍ରାଣହାନି।

## ବୁଣାକାରଙ୍କ ସମ୍ମାନ ପାଇଁ ଦିନଟିଏ



ଦେଶର ବୁଣାକାରମାନଙ୍କୁ ସମ୍ମାନ ଦେବା ଏବଂ ହସ୍ତତନ୍ତ ଶିଳ୍ପକୁ ବଞ୍ଚାଇ ରଖିବା ପାଇଁ ପ୍ରତିବର୍ଷ ଅଗଷ୍ଟ ୭ ତାରିଖକୁ ଜାତୀୟ ହସ୍ତତନ୍ତ ଦିବସ ଭାବେ ପାଳନ କରାଯାଇଥାଏ। ବୁଣାକାରମାନଙ୍କର ଅକ୍ଲାନ୍ତ ପରିଶ୍ରମ, ନିପୁଣ କଳାକାରିତା ଏବଂ ଭାରତୀୟ ସଂସ୍କୃତିକୁ ସେମାନଙ୍କର ଅବଦାନକୁ ସମ୍ମାନ ଜଣାଇବା ପାଇଁ ଏହି ଦିବସ ପାଳିତ ହୋଇଥାଏ। ଏହାବାଦ୍ ଦେଶର ଆର୍ଥିକ ଓ ସାମାଜିକ ବିକାଶରେ ବୁଣାକାରଙ୍କ ଅବଦାନ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ଜାତୀୟ ହସ୍ତତନ୍ତ ଦିବସ ଭାରତୀୟ ବସ୍ତ୍ରର ଉତ୍କର୍ଷତାକୁ ସୂଚିତ କରେ। ସମୟ ବଦଳିବା ସହ ହାତବୁଣା ପୋଷାକର ଚାହିଦା ଦିନକୁ ଦିନ ବେଶ୍ ବୃଦ୍ଧି ପାଇଛି। ଫ୍ୟାସନ୍ ବ୍ରାଣ୍ଡଗୁଡ଼ିକ ମଧ୍ୟ ହ୍ୟାଣ୍ଡଲୁମ୍‌କୁ ପ୍ରାଧାନ୍ୟ ଦେଉଥିବା ଦେଖିବାକୁ ମିଳୁଛି। ଯୁବପିଢ଼ିମାନେ ମଧ୍ୟ ହସ୍ତତନ୍ତ ପ୍ରତି ଅଧିକ ଆକର୍ଷିତ ହେଉଛନ୍ତି। ୧୯୦୫ ମସିହା ଅଗଷ୍ଟ ୭ ତାରିଖରେ ସ୍ୱଦେଶୀ ଆନ୍ଦୋଳନ ଡାକରା ଦିଆଯାଇଥିଲା। ଏହି ଆନ୍ଦୋଳନର ଉଦ୍ଦେଶ୍ୟ ଥିଲା ବିଦେଶୀ ଜିନିଷ ବର୍ଜନ କରିବା। ସ୍ୱଦେଶୀ ଆନ୍ଦୋଳନ ଯୋଗୁଁ ବ୍ରିଟିଶ ଶାସନର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଥିଲା। ଏହାର ଏକ ଶତାବ୍ଦୀ ପରେ ଦେଶର ସାମାଜିକ ଅର୍ଥନୈତିକ ବିକାଶରେ ହସ୍ତତନ୍ତ ଶିଳ୍ପର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଜୁଲାଇ ୨୦୧୫ରେ ଅଗଷ୍ଟ ୭ ତାରିଖକୁ ଜାତୀୟ ହସ୍ତତନ୍ତ ଦିବସ ଭାବରେ ଘୋଷଣା କରିଥିଲେ। ହସ୍ତତନ୍ତ ଶିଳ୍ପ ସହ ଜଡ଼ିତ ବୁଣାକାରମାନଙ୍କ ଆୟ ବୃଦ୍ଧି କରିବା, ଗ୍ରାମାଞ୍ଚଳରେ ମହିଳା ଓ ବୁଣାକାରମାନଙ୍କୁ ସ୍ୱାବଲମ୍ବୀ କରିବା, ପାରମ୍ପରିକ ବୁଣାକଳା ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଓଡ଼ିଶାର ସଂସ୍କୃତି ଏବଂ ପରମ୍ପରାର ମୁଖ୍ୟ ଅଙ୍ଗ ହେଉଛି ହସ୍ତତନ୍ତ ଶିଳ୍ପ। ଆମ ରାଜ୍ୟର ବାନ୍ଧକଳା ବିଶ୍ୱ ପ୍ରସିଦ୍ଧ। ବ୍ରହ୍ମପୁର ପାଟ ଶାଢ଼ି ଓ ଯୋଡ଼, ବୋମକେଇ ଶାଢ଼ି, ଧଳାପଥର ଶାଢ଼ି, କୋଟପାଡ଼ ଶାଢ଼ି ସମେତ ସମ୍ବଲପୁରୀ ପାଟ ବସ୍ତ୍ର ଆଜି କେବଳ ଦେଶ ମଧ୍ୟରେ ନୁହେଁ ବିଦେଶରେ ମଧ୍ୟ ବେଶ୍ ଜନାଦୃତ। ଏହିଦିନ ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଏବଂ ବୁଣାକାର ସମାବେଶ କରାଯାଏ। ରାଜ୍ୟର ବିଭିନ୍ନ ସହରରେ ସ୍ୱତନ୍ତ୍ର ହସ୍ତତନ୍ତ ମେଳା ଆୟୋଜନ କରାଯାଇ ଗ୍ରାହକମାନଙ୍କୁ ଆକର୍ଷଣୀୟ ଅଫର୍ ପ୍ରଦାନ କରାଯାଏ। ସମ୍ବଲପୁରୀ, ଖଣ୍ଡୁଆ, ବମକେଇ, ମାଣିଆବନ୍ଧ ଓ କୋଟପାଡ଼ ଭଳି ବିଶ୍ୱପ୍ରସିଦ୍ଧ ବୁଣାକଳାକୁ ବଞ୍ଚାଇ ରଖିଥିବା ଓଡ଼ିଶାର ବୁଣାକାରମାନଙ୍କୁ ରାଜ୍ୟ ସ୍ତରରେ ପୁରସ୍କୃତ ମଧ୍ୟ କରାଯାଏ।

## ସବୁଠୁ ବିଷାକ୍ତ ଗଛ



ପୃଥିବୀ ପୃଷ୍ଠରେ ଏମିତି ଏକ ଗଛ ରହିଛି ଯାହାର ଛାଇ ମଧ୍ୟ ମଣିଷ ପାଇଁ ମୃତ୍ୟୁର କାରଣ ହୋଇପାରେ। ମାଞ୍ଚିନିଲ ଗଛକୁ ବିଶ୍ୱର ସବୁଠାରୁ ବିଷାକ୍ତ ଗଛ ଭାବେ ଜଣାଯାଏ। ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସ୍‌ରେ ଏହା ବିଶ୍ୱର ସବୁଠାରୁ ବିପଜ୍ଜନକ ଗଛ ଭାବେ ସ୍ଥାନ ପାଇଛି। ଏହାର ପ୍ରତ୍ୟେକ ଅଂଶ ବିଷାକ୍ତ ଅଟେ। ଏହା ମୁଖ୍ୟତଃ କାରିବିଆନ୍ କ୍ଷେତ୍ର, ଫ୍ଲୋରିଡା, ବାହାମାସ, ମେକ୍ସିକୋ ଏବଂ ଦକ୍ଷିଣ ଆମେରିକାର ମାଟିରେ ଦେଖିବାକୁ ମିଳେ। ଏହି ଗଛରୁ ବାହାରୁଥିବା ଧଳା ରଙ୍ଗର କ୍ଷୀର ବା ରସ ଚର୍ମରେ ଲାଗିଲେ ପ୍ରବଳ ପୋଡ଼ାଜଳା ହୁଏ ଏବଂ ଫୋଟକା ସୃଷ୍ଟି ହୁଏ। ଏହା ଆଖିରେ ବାଜିବା କ୍ଷଣି ଜଣକର ଦୃଷ୍ଟିଶକ୍ତି ଚାଲିଯିବା ଆଶଙ୍କା ଥାଏ। ଏହି ଗଛକୁ ପୋଡ଼ିଲେ ଯେଉଁ ଧୂଆଁ ବାହାରେ, ତାହା ଆଖି ଏବଂ ଶ୍ୱାସକ୍ରିୟା ପାଇଁ ଅତ୍ୟନ୍ତ କ୍ଷତିକାରକ। ଧୂଆଁ ସଂସ୍ପର୍ଶରେ ଆସିଲେ ଆଖି ନଷ୍ଟ ହୋଇଯିବାର ଭୟ ରହିଥାଏ। ବର୍ଷା ସମୟରେ ଏହି ଗଛ ତଳେ ଆଶ୍ରୟ ନେଲେ, ଗଛର ପତ୍ର ଓ କାଣ୍ଡରୁ ପଡୁଥିବା ଜଳ ବୁନ୍ଦା ଶରୀରର ଗଭୀର କ୍ଷତି ଘଟାଏ। ଏହା ସାଧାରଣତଃ ସମୁଦ୍ର କୂଳିଆ ଅଞ୍ଚଳ ଏବଂ ଲୁଣା ଜଙ୍ଗଲରେ ବଢ଼ିଥାଏ। ଏହି ଗଛଗୁଡ଼ିକ ଯେଉଁଠାରେ ଥାଏ, ସେଠାକାର ସରକାର ଲୋକମାନଙ୍କୁ ସଚେତନ କରିବା ପାଇଁ ଗଛ କାଣ୍ଡରେ ଲାଲ୍ ରଙ୍ଗର କ୍ରସ୍ ଚିହ୍ନ କିମ୍ବା ସାବଧାନତା ବୋର୍ଡ ଲଗାଇଥାନ୍ତି। ପର୍ଯ୍ୟଟକମାନଙ୍କୁ ଏହି ଗଛଠାରୁ ଦୂରରେ ରହିବାକୁ ଏବଂ ଏହାର ଫଳକୁ ନ ଛୁଇଁବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଥାଏ। ବିଶେଷଜ୍ଞଙ୍କ କହିବାନୁସାରେ, ଏହି ଗଛର ଫଳ କିମ୍ବା ରସ ପରି ଏହାର କାଠ ମଧ୍ୟ ବିଷାକ୍ତ। ଏହାର କାଠକୁ ଜାଳିବା ଦ୍ୱାରା ଏଥିରୁ ବାହାରୁଥିବା ଧୂଆଁ ଆଖି ଏବଂ ଶ୍ୱସନତନ୍ତ୍ରରେ ଜଳାପୋଡ଼ା ସୃଷ୍ଟି କରିପାରେ। ସେଥିପାଇଁ ଏହାର କାଠକୁ କାଟିବା କିମ୍ବା ଜଳାଇବା କାମ ମଧ୍ୟ ଅତ୍ୟନ୍ତ ସତର୍କତାର ସହ କରାଯାଏ।

## 'SVC63'ରେ ଜବରଦସ୍ତ ଆକ୍ସନ୍
# ରାହୁଲଙ୍କୁ ଟକ୍କର ଦେବେ ସଲମାନ୍



ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍ ଖୁବ୍ ଶୀଘ୍ର 'SVC63' ଫିଲ୍ମର ସୁଟିଂ ମୁମ୍ବାଇରୁ ଆରମ୍ଭ କରିବେ। ଏଥିପାଇଁ ମୁମ୍ବାଇର ଗୋରେଗାଁଓରେ ଏକ ବିଶାଳକାୟ ସେଟ୍ ପ୍ରସ୍ତୁତ କରାଯାଇଛି। ଏହି ସେଡ୍ୟୁଲର ସୁଟିଂ ପାଖାପାଖି ଛଅ ସପ୍ତାହ ଧରି ଚାଲିବ। ନିର୍ଦ୍ଦେଶକ ବାମଶୀ ପେଡିପଲ୍ଲୀ ଏହି ସେଡ୍ୟୁଲ ପାଇଁ ବଡ଼ ବଡ଼ ଆକ୍ସନ୍ ସିନ୍‌ର ଯୋଜନା କରିଛନ୍ତି। ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଏଥିରେ ଶହ ଶହ ଜୁନିଅର ଆର୍ଟିଷ୍ଟ ସାମିଲ ହେବେ। ସଲମାନ୍ ଏହି ଫିଲ୍ମ ପାଇଁ ତାଙ୍କ ଓଜନ ହ୍ରାସ କରିବା ସହ ଲୁକ୍‌ରେ ମଧ୍ୟ ପରିବର୍ତ୍ତନ ଆଣିଛନ୍ତି। ଏହି ଫିଲ୍ମଟି ଏଥିପାଇଁ ମଧ୍ୟ ଖାସ୍ ହେବାକୁ ଯାଉଛି କାରଣ ଏଥିରେ ସଲମାନ୍ ପ୍ରଥମ ଥର ପାଇଁ ନୟନତାରାଙ୍କ ସହ କାମ କରୁଛନ୍ତି। ନୟନତାରା ଖୁବ୍ ଶୀଘ୍ର ସୁଟିଂ ସେଟ୍‌ରେ ସାମିଲ ହେବେ। ରାହୁଲ ଦେବ ଏଥିରେ ଖଳନାୟକ ଭାବେ ଦେଖାଯିବେ। ଏଥିରେ ରାହୁଲ ଓ ସଲମାନ୍‌ଙ୍କ ମଧ୍ୟରେ ଜବରଦସ୍ତ ଫାଇଟ୍ ସିନ୍ ରହିଛି। ସବୁଠୁ ବଡ଼ କଥା ହେଉଛି ସଲମାନ୍ ଏହି ଫିଲ୍ମ ପାଇଁ ତାଙ୍କ ପାରିଶ୍ରମିକ ହ୍ରାସ କରିଛନ୍ତି। ସଲମାନ୍ ପ୍ରତ୍ୟେକ ଫିଲ୍ମ ପାଇଁ ୧୨୦ କୋଟି ନେଉଥିବାବେଳେ ଏହି ଫିଲ୍ମ ପାଇଁ ସେ ୭୦ କୋଟି ନେଇଥିବା ଚର୍ଚ୍ଚା ହେଉଛି। ଏହା ୨୦୨୭ ଇଦ୍ ଅବସରରେ ସିନେମାହଲ୍‌କୁ ଆସିବ। ସଲମାନ୍ ଏବେ ତାଙ୍କ ଫିଲ୍ମ 'ମାତୃଭୂମି'କୁ ନେଇ ବ୍ୟସ୍ତ ଅଛନ୍ତି ଏବଂ ସେପ୍ଟେମ୍ବରରେ ସେ 'ବିଗ୍ ବସ୍ ୨୦'ର ସୁଟିଂ ମଧ୍ୟ ଆରମ୍ଭ କରିବେ।

## 'ସକାଳ'ର ସ୍ୱାସ୍ଥ୍ୟ
# ଚାନ୍ଦିପୁରା ଭାଇରାସ୍

**ଚାନ୍ଦିପୁରା ଭୂତାଣୁ ଏକ ବିପଜ୍ଜନକ ଭୂତାଣୁ। ଏହା ମୁଖ୍ୟତଃ ବାଲି ମାଛି, ମଶା ଏବଂ ଅନ୍ୟାନ୍ୟ କୀଟପତଙ୍ଗ କାମୁଡ଼ିବା ଦ୍ୱାରା ମଣିଷ ଶରୀରକୁ ବ୍ୟାପିଥାଏ। ନିକଟରେ ଗୁଜୁରାଟରେ ଏହି ଭୂତାଣୁର ଭୟାବହତା ଦେଖିବାକୁ ମିଳିଛି। ଏହି ଭୂତାଣୁ ଶିଶୁଙ୍କ ପାଇଁ ଅଧିକ ମାରାତ୍ମକ। ତେଣୁ ଜ୍ୱର ଓ ବାନ୍ତିକୁ ଅଣଦେଖା ନ କରି ଡାକ୍ତରଙ୍କ ପରାମର୍ଶରେ ତୁରନ୍ତ ଚିକିତ୍ସା କରିବା ଆବଶ୍ୟକ।**



ଏହି ଭୂତାଣୁ ଶରୀରରେ ପ୍ରବେଶ କରିବାର ୨ରୁ ୭ ଦିନ ମଧ୍ୟରେ ଲକ୍ଷଣ ଦେଖାଯାଏ। ହଠାତ୍ ପ୍ରବଳ ଜ୍ୱର ହେବା, ଥକ୍କାପଣ, ମାଂସପେଶୀ ଯନ୍ତ୍ରଣା, ମୁଣ୍ଡବିନ୍ଧା ଏବଂ ବାନ୍ତି ଲାଗିବା, ମୁଣ୍ଡ ବୁଲାଇବା ଚେତା ହରାଇବା ଆଦି ଲକ୍ଷଣ ଦେଖାଯାଏ। ସଂକ୍ରମଣ ବୃଦ୍ଧି ପାଇ ଗମ୍ଭୀର ମାମଲାରେ ନିମୋନିଆ, ତୀବ୍ର ଶ୍ୱାସକ୍ରିୟା ସଙ୍କଟ ସିଣ୍ଡ୍ରୋମ, ମସ୍ତିଷ୍କକୁ ଆକ୍ରାନ୍ତ କରି ମସ୍ତିଷ୍କ ପ୍ରଦାହ ସୃଷ୍ଟି କରିଥାଏ। ତେଣୁ ଜ୍ୱର ଓ ଶ୍ୱସନସମ୍ବନ୍ଧୀୟ ଲକ୍ଷଣ ଦେଖିଲେ ବିଳମ୍ବ ନକରି ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ଡାକ୍ତର ଲକ୍ଷଣ ଅନୁଯାୟୀ ସହାୟକ ଚିକିତ୍ସା ଯୋଗାଇଥାନ୍ତି।

**ଚିକିତ୍ସା ପଦ୍ଧତି:** ଏହି ଭୂତାଣୁ ପାଇଁ କୌଣସି ନିର୍ଦ୍ଦିଷ୍ଟ ଔଷଧ କିମ୍ବା ଟିକା ନାହିଁ। ତେଣୁ ଶିଶୁଙ୍କଠାରେ ଉପରୋକ୍ତ ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଇ ଆଇସିୟୁ କିମ୍ବା ଭେଣ୍ଟିଲେଟର ସହାୟତାରେ ଜରୁରି ଚିକିତ୍ସା ଯୋଗାଇବା ଆବଶ୍ୟକ। ଏଥିସହିତ ସ୍ୱଚ୍ଛତାକୁ ଗୁରୁତ୍ୱ ଦେବା, ନିୟମିତ ସାବୁନରେ ହାତ ଧୋଇବା, ଘର ଚତୁଃପାର୍ଶ୍ୱରେ ପାଣି ଜମିବାକୁ ନ ଦେବା, ଶରୀରକୁ ଢାଙ୍କିବା ପରି ପୋଷାକ ପିନ୍ଧିବା, ଶୋଇବା ସମୟରେ ମଶାରୀ ବ୍ୟବହାର, କୀଟନାଶକ ସ୍ପ୍ରେ ବ୍ୟବହାର କରିବା ଏକାନ୍ତ ଆବଶ୍ୟକ।

## ଘର ବଇଦ
# କୋଷ୍ଠବଦ୍ଧର ଉପଚାର

- ବିଡ଼ଙ୍ଗ ଓ ଜୁଆଣୀ ସମଭାଗ ଚୂର୍ଣ୍ଣ କରି ରଖିବେ। ପ୍ରତିଦିନ ସକାଳେ ସୁକି ଓଜନ ଚୂର୍ଣ୍ଣ ଖାଇ ଟିକିଏ ପାଣି ପିଇବେ। ଏହିପରି କିଛି ଦିନ ଖାଇଲେ ଯେଉଁମାନଙ୍କର କଷ୍ଟରେ ମଳତ୍ୟାଗ ହୁଏ, ସେମାନଙ୍କର ସୁଖରେ ମଳତ୍ୟାଗ ହେବ।
- ଗୁଆଘିଅରେ ସୈନ୍ଧବ ଲବଣ ମିଶାଇ ଖାଇଲେ ସୁଖରେ ମଳତ୍ୟାଗ ହୁଏ।
- କଞ୍ଚାବେଲକୁ ପୋଡ଼ି କିଛି ଦିନ ଅଭ୍ୟାସ କରି ଖାଇଲେ ଝାଡ଼ା ସଫା ହୁଏ ଓ ପରିପାକ ଶକ୍ତି ବୃଦ୍ଧି ହୁଏ।
- କାକୁଡ଼ିମଞ୍ଜି ଓ କବାବଚିନି ପ୍ରତ୍ୟେକରୁ ଏକ ତୋଳା, ସୋରା ଦୁଇ ତୋଳା ଏକତ୍ର ମୁଡ଼ି ପାଣିରେ ଅଭାବେ ଖାଲି ପାଣିରେ ବାଟି ତଳି ପେଟରେ ଲେପ ଦେଲେ ଯେତେ ଦିନର ବଦ୍ଧମଳ ସଫା ହୁଏ।
- ଅଧପା ଛଡ଼ା ଗୋମୂତ୍ର କନାରେ ଛାଣି ପିଇଲେ ଝାଡ଼ା ସଫା ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)



## ସଞ୍ଜୀବନୀ
# ବର୍ଷାଦିନେ ମୂତ୍ର ସଂକ୍ରମଣ

**ବର୍ଷାଦିନେ ଆର୍ଦ୍ରତା ବୃଦ୍ଧି ପାଏ। ପରିବେଶ ସନ୍ତସନ୍ତିଆ ଥିବା ଯୋଗୁଁ ଜୀବାଣୁ ଏବଂ କବକ ବଂଶବୃଦ୍ଧି ପାଇଁ ଏହା ଅନୁକୂଳ ପରିବେଶ। ଏହି ଦିନେ କମ୍ ପାଣି ପିଇବା, ଦୀର୍ଘ ସମୟ ଧରି ଓଦା ପୋଷାକ ପିନ୍ଧିବା ଓ ପରିସ୍ରାକୁ ଚାପି ରଖିବା ଆଦି ଦ୍ୱାରା ମୂତ୍ର ସଂକ୍ରମଣ ଆଶଙ୍କା ବଢ଼ିଯାଏ।**




ବର୍ଷାଦିନେ ଅଧିକାଂଶ ଲୋକ କମ୍ ପାଣି ପିଅନ୍ତି। ଏହାଦ୍ୱାରା କମ୍ ପରିସ୍ରା ହେବା ଯୋଗୁଁ ସଂକ୍ରମଣ ବୃଦ୍ଧି ହୋଇଥାଏ। ଦୀର୍ଘ ସମୟ ପରିସ୍ରା ଚାପି ରଖିବା ତଥା ବର୍ଷାଦିନେ ସର୍ବସାଧାରଣ ଶୌଚାଳୟ ବ୍ୟବହାର କରିବା ଦ୍ୱାରା ମୂତ୍ର ସଂକ୍ରମଣ ଆଶଙ୍କା ଅଧିକ ବୃଦ୍ଧି ପାଏ। ମୂତ୍ର ସଂକ୍ରମଣର ମୁଖ୍ୟ କାରଣ ହେଉଛି ଇ-କୋଲାଇ। ବିଶେଷକରି ଗର୍ଭବତୀ ମହିଳା, ବୟସ୍କ ବ୍ୟକ୍ତି, ମଧୁମେହ ରୋଗୀ, ଦୁର୍ବଳ ରୋଗପ୍ରତିରୋଧକ ଶକ୍ତି ଥିବା ବ୍ୟକ୍ତି, ମହିଳାଙ୍କଠାରେ ୟୁଟିଆଇ ବା ମୂତ୍ର ସଂକ୍ରମଣ ଆଶଙ୍କା ଅଧିକ ଥାଏ। ମୂତ୍ରମାର୍ଗ ସଂକ୍ରମଣ ହେଲେ ପରିସ୍ରା କରିବା ସମୟରେ ଜଳାପୋଡ଼ା, ଦୁର୍ଗନ୍ଧଯୁକ୍ତ ପରିସ୍ରା, ତଳିପେଟରେ ଯନ୍ତ୍ରଣା, କିଛି ମାମଲାରେ ଜ୍ୱର ଆଦି ହୋଇଥାଏ। ତେଣୁ ଆରମ୍ଭରୁ ଏହି ଲକ୍ଷଣକୁ ଚିହ୍ନଟ କରି ଚିକିତ୍ସା କରିବା ସହ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବା ଜରୁରି। ଦିନକୁ ଅତି କମ୍‌ରେ ୩ଲିଟର ପାଣି ପିଇବା ଆବଶ୍ୟକ। ଦୀର୍ଘ ସମୟ ପରିସ୍ରା ଚାପି ରଖିବା ଅନୁଚିତ। ବର୍ଷାରେ ଭିଜିବା ପରେ ତୁରନ୍ତ ଓଦା ପୋଷାକକୁ ବଦଳାଇ ଶୁଖିଲା ପୋଷାକ ବ୍ୟବହାର କରିବା ଆବଶ୍ୟକ।

## ରୁଟ୍ କେନାଲ ପରେ ଦାନ୍ତର ଯତ୍ନ

**ଅଧିକାଂଶ ଲୋକଙ୍କର ଦାନ୍ତ ପୋକ ଖାଇବା ସହ ଦାନ୍ତ ସେନ୍‌ସିଟିଭ ବଢ଼ିବା, ଖାଇବାରେ କଷ୍ଟ, ମାଢ଼ି ଫୁଲା ଓ ଦରଜ ହୋଇଥାଏ। ପୋକ ଦାନ୍ତକୁ ପୂରଣ ସହ ଦାନ୍ତ ବିନ୍ଧା ଦୂର କରିବାକୁ ରୁଟ୍ କେନାଲ କିମ୍ବା ଫିଲିଙ୍ଗ କରାଯାଏ। ତେବେ ରୁଟ୍ କେନାଲ ପରେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଦାନ୍ତର ଯତ୍ନ ନେବା ଆବଶ୍ୟକ।**

ଦାନ୍ତ ପୋକ ଲାଗି ମାଢ଼ି ସଂକ୍ରମଣ ହୋଇଥିଲେ ରୁଟ୍‌କେନାଲ ଏହାର ପ୍ରଭାବୀ ଚିକିତ୍ସା। ଏଥିପାଇଁ ରୋଗୀଙ୍କୁ ବଧିରା ଇଞ୍ଜେକସନ୍ ଦିଆଯାଇ ଦାନ୍ତ ଭିତର କ୍ଷତିଗ୍ରସ୍ତ ଟିସୁକୁ ସଫା କରାଯାଏ। ପୋକଖିଆ ଦାନ୍ତ ଭିତରେ ଆଣ୍ଟିବାୟୋଟିକ୍ ଭର୍ତ୍ତି କରି ଫିଲିଙ୍ଗ କରାଯାଉଥିବାରୁ ସଂକ୍ରମଣ ଭୟ କମ୍ ରୁହେ। ରୁଟ୍ କେନାଲ ପରେ ଦାନ୍ତକୁ ସୁରକ୍ଷା ଦେବାକୁ କ୍ରାଉନ ଲଗାଯାଏ। ସେହିପରି ରୁଟ୍ କେନାଲ ପରେ ସନ୍ତୁଳିତ ଖାଦ୍ୟ ଗ୍ରହଣ ସହ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ଖାଇବା ଜରୁରି। ରୁଟ୍ କେନାଲ ଚିକିତ୍ସିତ ଦାନ୍ତ ଉପରେ ସବୁପ୍ରକାର ଖାଦ୍ୟ ଖାଇହୁଏ। ସେହିପରି ରୁଟ୍ କେନାଲ୍ ପରେ ଦାନ୍ତର ସ୍ୱଚ୍ଛତାକୁ ଅଧିକ ଧ୍ୟାନ ଦେବା ଜରୁରି। ଜିଭ କିମ୍ବା ହାତରେ ବାରମ୍ବାର ରୁଟ୍ କେନାଲ ସ୍ଥାନକୁ ଛୁଇଁବା ଅନୁଚିତ। ଦିନକୁ ଦୁଇଥର ଫ୍ଲୋରାଇଡରିଚ୍ ଟୁଥପେଷ୍ଟରେ ବ୍ରଶ୍ କରିପାରିବେ। ଖାଇବା ପରେ କୁଳି କରିବା, ମାଉଥୱାଶ ଉପଯୋଗ କରିବା, ପାଟିକୁ ସର୍ବଦା ସଫା ରଖିବା ଦ୍ୱାରା ସଂକ୍ରମଣର ଆଶଙ୍କା କମ୍ ରୁହେ। ସେହିପରି ସପ୍ତାହକୁ ଥରେ ଫ୍ଲସ୍ ବ୍ୟବହାର କରି ପାରିବେ।



## ଭାଇରାଲ ଜ୍ୱର ପାଇଁ ଡାଏଟ୍

**ବର୍ଷାଦିନେ ଭାଇରାଲ ଜ୍ୱର ଏକ ପ୍ରମୁଖ ସମସ୍ୟା। ଜ୍ୱର ହେଲେ ଶରୀର ଦୁର୍ବଳ ହେବା ସହ ପ୍ଲେଟ୍‌ଲେଟ୍ କମିଯାଏ। ଏଥିପାଇଁ ଡାକ୍ତର ଭିଟାମିନ୍, ଜିଙ୍କ୍, ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଇବାକୁ ପରାମର୍ଶ ଦିଅନ୍ତି। ତେଣୁ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବାକୁ ଖାଦ୍ୟପେୟରେ ସତର୍କତା ଅବଲମ୍ବନ କରିବା ଜରୁରି।**

- ହାଲୁକା ଖାଦ୍ୟ ଯଥା- ଖିଚିଡ଼ି, ଓଟ୍‌ସ, ଦଳିଆ, ସିଝା ଅଣ୍ଡା ଖାଇବା ଆବଶ୍ୟକ। ଶରୀରର ଜଳୀୟଅଂଶ ବଜାୟ ରଖିବାକୁ ପଇଡ଼ ପାଣି, ଲେମ୍ବୁ ପାଣି ପିଇପାରିବେ। ଡାଏଟ୍‌ରେ ବାଦାମ, କଳାରଙ୍ଗର କିସ୍‌ମିସ୍, କାଜୁ, ଅଖରୋଟ୍, ବୁଟ ସତୁ ସାମିଲ କରିବା ଉଚିତ।
- ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ପାଳଙ୍ଗ, କୋବି, ମଟର, ବଥୁଆ ଶାଗ, ମେଥିଶାଗ, ଗାଜର ଜୁସ୍ ଆଦି ସାମିଲ କରିବା ଜରୁରି। ଭାଇରାଲ ଜ୍ୱରକୁ ପ୍ରତିହତ କରିବାକୁ ନିୟମିତ ସକାଳୁ ତୁଳସୀ, ଗିଲୋୟ ଏବଂ ଅଦାର କାଢ଼ା ସେବନ ଜରୁରି। ମଧ୍ୟାହ୍ନରେ ଚିକେନ୍ ସିଝା କିମ୍ବା ସୁପ୍ ପିଇପାରିବେ। ନିୟମିତ ସେଓ, ଡାଳିମ୍ବ, ଅମୃତଭଣ୍ଡା, କମଳା ସେବନ କରିପାରିବେ।

## ସୁସ୍ୱାସ୍ଥ୍ୟ ପାଇଁ କେଶର

**ଭାରତୀୟ ମସଲାରେ କେଶର ସବୁଠାରୁ ଦାମୀ ମସଲା ଭାବେ ପରିଚିତ। ସ୍ୱାଦ ସହିତ ସ୍ୱାସ୍ଥ୍ୟ ପାଇଁ ଏହା ହିତକର। ତେଣୁ ଆୟୁର୍ବେଦରେ କେଶର ଔଷଧୀୟ ଗୁଣଯୁକ୍ତ ଦ୍ରବ୍ୟ ଭାବେ ବିବେଚନା କରାଯାଏ।**

- କେଶର ରକ୍ତକୁ ଶୁଦ୍ଧ କରିବା ସହ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ। ହୃଦ୍‌ସ୍ୱାସ୍ଥ୍ୟ ପାଇଁ ଏହା ଭଲ।
- ଶିଶୁଙ୍କୁ ଶର୍ଦ୍ଦି ଓ ଜ୍ୱର ହେଲେ କେଶର ଏକ ପାଖୁଡ଼ା ପାଣିରେ ଗୋଳାଇ, ତାର ଲେପକୁ ଛାତି, ପିଠି ଓ ଗଳାରେ ହାଲୁକା ମାଲିସ୍ କଲେ ଆରାମ ମିଳିଥାଏ। ସେହିପରି କେଶର ଖାଇବା ଦ୍ୱାରା ଚିନ୍ତା ଓ ଅବସାଦ ଦୂର କରିଥାଏ। ଆୟୁର୍ବେଦ ଅନୁଯାୟୀ, କେଶର ହଜମଶକ୍ତି ବୃଦ୍ଧି କରି ପେଟ ସମ୍ବନ୍ଧୀୟ ସମସ୍ୟା ଦୂର କରେ।
- ଚନ୍ଦନକୁ କେଶର ସହିତ ମିଶାଇ ମଥା ବା କପାଳରେ ଲଗାଇବା ଦ୍ୱାରା ଗରମଜନିତ ମୁଣ୍ଡବିନ୍ଧା ଦୂର ହୁଏ। ନାକରୁ ରକ୍ତ ପଡ଼ିବା ବନ୍ଦ ହୁଏ। ତେବେ କେଶର ବ୍ୟବହାର କରିବା ପୂର୍ବରୁ ସର୍ବଦା ଚିକିତ୍ସକଙ୍କ ପରାମର୍ଶ ନେବା ଉଚିତ।

# ଭାରତ-ଶ୍ରୀଲଙ୍କା ଏକାଦଶ ଅଭ୍ୟାସ ମ୍ୟାଚ୍ ଆଜିଠାରୁ

କଲମ୍ବୋ,୬।୮ (ଏଜେନ୍ସି)

ଶ୍ରୀଲଙ୍କା ସହ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାକୁ ଭାରତୀୟ କ୍ରିକେଟ ଦଳ କଲମ୍ବୋରେ ଆସି ପହଞ୍ଚିଛି। ଦୁଇ ଦେଶ ମଧ୍ୟରେ ସିରିଜ୍‌ର ପ୍ରଥମ ଟେଷ୍ଟ ଗଲ୍‌ରେ ଅଗଷ୍ଟ ୧୫ରୁ ଓ ଦ୍ୱିତୀୟ ଟେଷ୍ଟ କଲମ୍ବୋର ସିଂହଲୀଜ୍ ସ୍ପୋର୍ଟ୍ସ କ୍ଲବ୍ ଗ୍ରାଉଣ୍ଡରେ ଅଗଷ୍ଟ ୨୩ରୁ ଆରମ୍ଭ ହେବ। ଏହି ସିରିଜ୍ ପୂର୍ବରୁ ଶ୍ରୀଲଙ୍କାର ପିଚ୍ ଓ ପରିବେଶ ସହ ଖାପ୍ ଖୁଆଇବା ଲାଗି ଭାରତୀୟ କ୍ରିକେଟ ଦଳ ଶୁକ୍ରବାରଠାରୁ ସୋନାଲ ଦିନୁଶାଙ୍କ ନେତୃତ୍ୱରେ ଗଠିତ ଏକ ମିଳିତ ଏକାଦଶ ସହ ଖେଳିବ। ଏହି ମ୍ୟାଚ୍‌ଟି କଲମ୍ବୋରେ ଏନ୍‌ସିସି ଗ୍ରାଉଣ୍ଡରେ ୩ ଦିନ ଧରି ଖେଳାଯିବ। ମ୍ୟାଚ୍ ପରେ ଭାରତୀୟ ଦଳ ପ୍ରଥମ ଟେଷ୍ଟ ଖେଳିବାକୁ ଗଲ୍ ଅଭିମୁଖେ ଯାତ୍ରା କରିବ।





ଅଭ୍ୟାସ ମ୍ୟାଚ୍‌ରେ ଶ୍ରୀଲଙ୍କାର ସ୍ପିନ୍ ବୋଲରଙ୍କୁ କିପରି ମୁକାବିଲା କରିବ ତାହା ଉପରେ ଗୁରୁତ୍ୱ ଦେବ। ଗୌତମ ଗମ୍ଭୀର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ନେବାପରଠାରୁ ଭାରତ ୧୮ଟି ଟେଷ୍ଟ ଖେଳି ୧୦ଟିରେ ପରାଜିତ ହୋଇଛି। ଏଥିରେ ସର୍ବାଧିକ ଥର ପ୍ରତିପକ୍ଷ ସ୍ପିନରଙ୍କୁ ମୁକାବିଲା କରି ନ ପାରି ଭାରତୀୟ ବ୍ୟାଟରମାନେ ମ୍ୟାଚ୍ ହାରିଛନ୍ତି। ଗୁଣାତ୍ମକ ସ୍ପିନରଙ୍କୁ ମୁକାବିଲା କରିବା ଏବେ ଭାରତୀୟ ଟିମ୍ ଲାଗି ଚିନ୍ତାର କାରଣ ପଲଟିଛି। ଭାରତ ଛାଡିବା ପୂର୍ବରୁ ଖେଳାଳିମାନଙ୍କ ଉଦ୍ଦେଶ୍ୟରେ କୋଚ୍ ଗମ୍ଭୀର ଏକ ଦୀକ୍ଷାନ୍ତ ଭାଷଣ ଦେଇଥିଲେ। ଆମେ ଏଠାରେ କାହିଁକି ଏକାଠି ହୋଇଛେ, ଆମର ଭୂମିକା କ'ଣ ତାହା ସମସ୍ତେ ଜାଣିଛନ୍ତି। କିନ୍ତୁ ତାହାକୁ ସୂଚାରୁରୂପେ କିପରି ପାଳନ କରିବା ତାହା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏଭଳି ସମୟରେ କାହାକୁ କ୍ରିକେଟ ଶିକ୍ଷା ଦେବା ସମ୍ଭବ ନୁହେଁ। କେବଳ ତ୍ରୁଟି ସୁଧାରିବା, ପ୍ରତିପକ୍ଷ ଦଳର ଖେଳାଳିଙ୍କୁ କିପରି ମୁକାବିଲା କରିବା ସେ ସମ୍ପର୍କରେ ରଣନୀତି କରିବା ଆମର ଲକ୍ଷ୍ୟ ହେବା ଉଚିତ ବୋଲି ଗମ୍ଭୀର କହିଥିଲେ। ଏହି ସିରିଜ୍‌ରେ ଗମ୍ଭୀରଙ୍କ ଦକ୍ଷତା ଉପରେ ବା କିପରି ସେ ଖେଳାଳିମାନଙ୍କୁ ଏକତ୍ର କରାଇ ଖେଳାଉଛନ୍ତି ତାହା ଉପରେ ନଜର ରହିବ। ନଚେତ ଗମ୍ଭୀରଙ୍କ ସମୟରେ ଭାରତ ଯେପରି ଟେଷ୍ଟରେ ପ୍ରଦର୍ଶନ କରିଛି, ସେଥିରେ ଶ୍ରୀଲଙ୍କା ନିକଟରୁ ଟେଷ୍ଟ ସିରିଜ୍ ହାରିଗଲେ ତାଙ୍କ ପଦ ଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଏଣୁ ସେ ଏହି ସିରିଜ୍‌କୁ ସବୁଠାରୁ ବେଶି ଗୁରୁତ୍ୱ ଦେବେ ନିଶ୍ଚୟ।

ଆସନ୍ତାକାଲିର ମୁକାବିଲାରେ କିଏ ଖେଳିବେ ବା ନଖେଳିବେ ତାହାକୁ ନେଇ ଚିନ୍ତା ନାହିଁ। କାରଣ ଏହି ମୁକାବିଲାରେ ମନୋନୀତ ସମସ୍ତ ୧୫ ଜଣ ଖେଳାଳି ବ୍ୟାଟିଂ କିମ୍ବା ବୋଲିଂ କରିପାରିବେ। କିନ୍ତୁ ୧୧ ଜଣ ବ୍ୟାଟିଂ ଓ ୧୧ ଜଣ ବୋଲିଂ କରିବାରେ ସୀମିତ ରହିବେ। ସାଇ ସୁଦର୍ଶନଙ୍କୁ ଏହି ମ୍ୟାଚ୍‌ରେ ସାମିଲ କରିବାକୁ ଗମ୍ଭୀର ଇଚ୍ଛା ପ୍ରକାଶ କରିଛନ୍ତି। ତେବେ ଫିଟ୍‌ନେସ ଉପରେ ସବୁକିଛି ନିର୍ଭର କରିବ। ଯେ ଯାହା ହେଉ ପଛେ ଦଳର ସମସ୍ତ ଟପ୍ ଅର୍ଡର ଖେଳାଳି ବ୍ୟାଟର ହୁଅନ୍ତୁ କିମ୍ବା ବୋଲର ଏହି ମ୍ୟାଚ୍ ଖେଳିବାକୁ ସୁଯୋଗ ପାଇବେ। ଏହି ମ୍ୟାଚ୍‌ଟି ଭାରତୀୟ ସମୟ ପୂର୍ବାହ୍ଣ ୧୦ଟାରୁ ଆରମ୍ଭ ହେବ। ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କରେ ପ୍ରସାରିତ ହେବ ବୋଲି ଜଣାଯାଇଛି। ଅଗଷ୍ଟ ୧୫ରେ ଟେଷ୍ଟ ସିରିଜ୍ ଆରମ୍ଭ ପୂର୍ବରୁ ଦଳଗତଭାବେ ଖେଳିବାର ସୁଯୋଗକୁ ଭାରତ ନିଶ୍ଚିତଭାବେ କାର୍ଯ୍ୟକାରୀ କରିବ ବୋଲି ଆଶା କରାଯାଉଛି।

**ଭାରତୀୟ ଦଳ**

ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ସାଇ ସୁଦର୍ଶନ, ଶୁବମନ ଗିଲ୍ (ଅଧିନାୟକ), ଋଷଭ ପନ୍ତ ଓ ଧ୍ରୁବ ଜୁରେଲ (ଉଭୟ ୱିକେଟ ରକ୍ଷକ), ଦେବଦତ ପାଡିକଲ, ରବୀନ୍ଦ୍ର ଜାଡେଜା, ସାରାଂଶ ଜୈନ, ମାନବ ସୂତାର, କୁଲଦୀପ ଯାଦବ, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଗୁରନୁର ବ୍ରାର ଓ ଆକ୍ବିବ ଜାଭେଦ୍।

**ଶ୍ରୀଲଙ୍କା ମିଳିତ ଏକାଦଶ**

ନିଶାନ ମଦୁସ୍କା, ରବିନ୍ଦୁ ରାଶନ୍ତା, ପାସିନ୍ଦୁ ସୂର୍ଯ୍ୟବନ୍ଦରା, ପୱନ ରତନାୟକେ, ଆହାନ ବିକ୍ରମସିଂଘେ, ସୋନାଲ ଦିନୁଶା (ଅଧିନାୟକ), ଅଞ୍ଜଳା ବାନ୍ଦରା (ୱିକେଟରକ୍ଷକ), ନିପୁନ ଧନଞ୍ଜୟ, ଲାହିରୁ କୁମାରା, ବିଶ୍ୱ ଫର୍ଣ୍ଣାଣ୍ଡୋ, ଅଶାଙ୍କ ମନୋଜ, ଇଶିଥା ୱିଜେସୁନ୍ଦରା, ରମେଶ ମେଣ୍ଡିସ୍, କେଶରା ନୁୱାନ୍ଥା ଓ ଦୀଲୁମ ସୁଦୀରା।

# ଭାଙ୍ଗିଗଲା ଓସିଏର ଦମ୍ଭ

ଭୁବନେଶ୍ୱର,୬।୮ (ସମିସ): ଆମର କ୍ରିକେଟ ପ୍ରତିଭା ଜୋର ଅଛନ୍ତି। ଆମେ ଆମ ରାଜ୍ୟକୁ ଏକ ଶ୍ରେଷ୍ଠ କ୍ରିକେଟ ରାଜ୍ୟରେ ପରିଣତ କରିବୁ। ଏଥିଲାଗି ଯୋଜନା ପରେ ଯୋଜନା ହେଲା। କିନ୍ତୁ କିଛି ଫଳ ମିଳିଲାନି। ଗତ ୧୦ ବର୍ଷରେ ଓଡ଼ିଶା ଥରେ ହେଲେ ସେମିଫାଇନାଲ ଖେଳିପାରିଲା ନାହିଁ। ରାଜ୍ୟର ଜଣେ ହେଲେ ଖେଳାଳି ଆଇପିଏଲ୍ କିମ୍ବା ଯେ କୌଣସି ଭାରତୀୟ ଦଳ ଲାଗି ଖେଳିବା ତ ଦୂରର କଥା, ମନୋନୀତ୍ ମଧ ହେଲେ ନାହିଁ।

**ଏଥର ଓଡ଼ିଶାରୁ ଖେଳିବେ ପେସାଦାର**

ଏଭଳି ସମୟରେ ଓଡ଼ିଶାରୁ ଏଥର ଦୁଇଜଣ ପେସାଦାର ଖେଳାଳି ଖେଳିବେ ବୋଲି ଆଜି ବିସିସିଆଇ ପକ୍ଷରୁ ନୋ ଅବଜେକ୍ସନ ସାର୍ଟିଫିକେଟ ପାଇବା ପରେ ଏହା ସ୍ପଷ୍ଟ ହୋଇଛି। ନିଜ ରାଜ୍ୟରୁ ଖେଳିବେ ନାହିଁ ବୋଲି ବିଦର୍ଭ ପକ୍ଷରୁ ଖେଳୁଥିବା ଦିଲ୍ଲୀର ଲଳିତ ଯାଦବ ଓ ବରୋଦାରୁ ପ୍ରତିନିଧିତ୍ୱ କରୁଥିବା ନିନାଦ ରାଥୱା ଚଳିତ ସିଜନରେ ଓଡ଼ିଶା ପକ୍ଷରୁ ଖେଳିବେ ବୋଲି ସ୍ପଷ୍ଟ କରିଛନ୍ତି। ସେହିପରି ବରୋଦାର ଧର୍ମେନ୍ଦ୍ର ସିଂ ଜାଡେଜା ଛତିଶଗଡ ପକ୍ଷରୁ, ରଜନୀଶ ଗୁରବାନି ବିଦର୍ଭ ପକ୍ଷରୁ ଓ ଶଶାଙ୍କ ସିଂ ପୁଡୁଚେରୀରୁ ଖେଳିବେ ବୋଲି ଆଜିର ଖେଳାଳି ବଦଳ ଲାଗି ଅନୁମତି ମିଳିବା ପରେ ଏହା ସ୍ପଷ୍ଟ ହୋଇଛି। ଓଡ଼ିଶା ଲାଗି ଖେଳିବାକୁ ଯାଉଥିବା ଲଳିତ ଯାଦବ ଜଣେ ବ୍ୟାଟିଂ ଅଲରାଉଣ୍ଡର ଓ ନିନାଦ ରାଥୱା ସ୍ପିନ ଅଲରାଉଣ୍ଡର।

# କୋରିଆ ମାଷ୍ଟର୍ସ କ୍ୱାର୍ଟରରେ ତନ୍ୱି



ଅସନ, ୬।୮ (ଏଜେନ୍ସି): ଭାରତର ଉଦୀୟମାନ ଖେଳାଳି ତନ୍ୱି ଶର୍ମା ୨୧-୧୬, ୧୭-୨୧, ୨୧-୧୩ ଗେମରେ ନିଜ ଦେଶର ଶ୍ରୀୟାଂଶୀ ଭାଲିସେଟ୍ଟିଙ୍କୁ ପରାସ୍ତ କରି ଏଠାରେ ଚାଲିଥିବା କୋରିଆ ଓପନ ମାଷ୍ଟର୍ସ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟର ଫାଇନାଲରେ ସେ ନିଜ ଦେଶର ଅନ୍ୟତମ ଖେଳାଳି ରକ୍ଷିତା ଶ୍ରୀ ରାମରାଜଙ୍କୁ ଭେଟିବେ। ରକ୍ଷିତା ଦ୍ୱିତୀୟ ରାଉଣ୍ଡରେ ଜାପାନର ମାନାମି ସୁଇଜୁଙ୍କୁ ୨-୦ ସେଟ୍‌ରେ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ ରଖିଥିଲେ। ନିକଟରେ ତାଇପେଇ ଓପନ ସୁପର-୩୦୦ ଜିତି ରେକର୍ଡ ସୃଷ୍ଟି କରିଥିବା ୧୭ ବର୍ଷୀୟା ତନ୍ୱି କିନ୍ତୁ ଶ୍ରୀୟାଂଶୀଙ୍କୁ ହରାଇବାକୁ କଷ୍ଟ ସ୍ୱୀକାର କରିଥିଲେ।

# ସେପ୍ଟେମ୍ବର ୫ରେ ଭାରତ-ପାକ୍ ମୁକାବିଲା

**ଏସିଆ କପ୍ ମହିଳା କ୍ରିକେଟ**

ଦୁବାଇ,୬।୮ (ଏଜେନ୍ସି): ଏସିଆ କପ୍ ମହିଳା କ୍ରିକେଟର ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ହାଇ ଭୋଲ୍ଟେଜ୍ ମୁକାବିଲା ସେପ୍ଟେମ୍ବର ୫ରେ ଖେଳାଯିବ। ୮ଟି ଦଳକୁ ନେଇ ଅଗଷ୍ଟ ୨୮ ରୁ ସେପ୍ଟେମ୍ବର ୧୩ ଯାଏ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ଦୁବାଇରେ ଅନୁଷ୍ଠିତ ହେବ। ୮ଟି ଦଳକୁ ୨ଟି ଗ୍ରୁପ୍‌ରେ ଭାଗ କରାଯାଇଥିଲାବେଳେ ଭାରତ, ପାକିସ୍ତାନ, ଥାଇଲାଣ୍ଡ ଓ ହଂକଂ ଗ୍ରୁପ୍-ଏ'ରେ, ଶ୍ରୀଲଙ୍କା, ବାଂଲାଦେଶ, ୟୁଏଇ ଓ ଇଣ୍ଡୋନେସିଆ ଗ୍ରୁପ୍-ବି'ରେ ସ୍ଥାନ ପାଇଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ଗୋଟିଏ ଦଳ ଅନ୍ୟ ସହ ଥରେ ଲେଖାଏଁ ଖେଳିବେ। ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ସେପ୍ଟେମ୍ବର ୧୩ରେ ଫାଇନାଲ ଖେଳାଯିବ।

# ଦକ୍ଷିଣ ଆଫ୍ରିକାରେ ଅଧିକ ଟି-୨୦ ଖେଳିବ ଭାରତ

କଲମ୍ବୋ,୬।୮ (ଏଜେନ୍ସି): ଦକ୍ଷିଣ ଆଫ୍ରିକାକୁ ଏକ ପୂର୍ଣ୍ଣାଙ୍ଗ ସିରିଜ୍ ଖେଳିବାକୁ ଭାରତୀୟ ମହିଳା କ୍ରିକେଟ୍ ଦଳ ଗସ୍ତ କରିବ। ଏହି ସିରିଜ୍ ପୂର୍ବରୁ ସ୍ଥିର ହୋଇଥିଲାବେଳେ ଏଥିରେ ଏକମାତ୍ର ଐତିହାସିକ ଟେଷ୍ଟ, ୩ଟି ଦିନିକିଆ ସାମିଲ ଥିଲା। ଏବେ ଏଥିରେ ଆଉ ୩ଟି ଟି-୨୦ ମ୍ୟାଚ୍ ଖେଳିବାକୁ ଉଭୟ ଦଳ ରାଜି ହୋଇଛନ୍ତି। ଖେଳସୂଚୀ ଅନୁଯାୟୀ ଡିସେମ୍ବର ୯ରୁ ୧୨ ତାରିଖ ଯାଏ ସେଣ୍ଟ ଜର୍ଜ ପାର୍କରେ ଦକ୍ଷିଣ ଆଫ୍ରିକା ମହିଳା ଦଳ ଓ ଭାରତ ମଧ୍ୟରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ଖେଳାଯିବ। ଏହାପରେ ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍ ପାର୍ଲରେ ଡିସେମ୍ବର ୧୬, ଦ୍ୱିତୀୟ ମ୍ୟାଚ୍ କେପଟାଉନ୍‌ରେ ଡିସେମ୍ବର ୧୯ ଓ ତୃତୀୟ ମ୍ୟାଚ୍ ଡିସେମ୍ବର ୨୨ରେ ଖେଳାଯିବ। ନୂଆକରି ସାମିଲ ହୋଇଥିବା ୩ଟି ଟି-୨୦ ମ୍ୟାଚ୍‌ଗୁଡ଼ିକ ଯଥାକ୍ରମେ ବେନୋନିରେ ଡିସେମ୍ବର ୨୬, ପୋଶ୍ଚେଫଷ୍ଟ୍ରୁମ୍‌ରେ ଡିସେମ୍ବର ୨୯ ଓ ୩୦ରେ ଖେଳାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି।

**ଜାତୀୟ ଜୁନିଅର ଜଳକ୍ରୀଡ଼ା ଚାମ୍ପିଅନସିପ୍**

# ଓଡ଼ିଶାର ସୌରଭ ପୁଟେଲଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର,୬।୮ (ସମିସ): ଓଡ଼ିଶାର ସୌରଭ ପୁଟେଲ ୨୦୨୬ ଜାତୀୟ ଜୁନିଅର ଜଳକ୍ରୀଡ଼ା ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ରାଜସ୍ଥାନର ଜୟପୁରଠାରେ ଗୁରୁବାର ଅନୁଷ୍ଠିତ ୧୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ସୌରଭ ୧ ମିନିଟ୍ ୮.୬୦ ସେକେଣ୍ଡରେ ଏହାକୁ ଅତିକ୍ରମ କରି ପ୍ରଥମସ୍ଥାନ ଅଧିକାର କରିଥିଲେ। ଓଡ଼ିଶାରୁ ଅଂଶଗ୍ରହଣ କରିଥିବା ଆଉଜଣେ ସନ୍ତରଣକାରୀ ସହିତା ଘୋଷ ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲେ। ମହିଳା ୧୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ସେ ୫ମ ସ୍ଥାନ ଅଧିକାର କରିଥିଲେ।

# ପର୍ବତାରୋହଣରେ ଓଡ଼ିଶାର ପ୍ରଥମ ମହିଳା ଅଭିଯାତ୍ରୀ ଦଳ

ଭୁବନେଶ୍ୱର,୬।୮ (ସିମସ)




ଆମ ଲାଗି ମାଉଣ୍ଟ ୟୁନମ ଏକ ପର୍ବତ ଶିଖର ନୁହେଁ ବରଂ ଓଡ଼ିଶାର ଆତ୍ମବିଶ୍ୱାସକୁ ହିମାଳୟ ଉଚ୍ଚତାରେ ପହଞ୍ଚାଇବା ଲାଗି ସୃଷ୍ଟି ହୋଇଛି ଏକ ସୁଯୋଗ। ଏହାକୁ ଆମେ ସଫଳତାର ସହ ସମ୍ପାଦାନ କରିବୁ ବୋଲି ପ୍ରଥମଥର ମହିଳାମାନଙ୍କୁ ନେଇ ଏଭ ପର୍ବତାରୋହୀ ଦଳର ନେତୃତ୍ୱ ନେଉଥିବା ଅନିତା ସ୍ୱାଇଁ ଏହା କହିଛନ୍ତି। ଏହି ଦଳରେ ୧୧ ଜଣ ପର୍ବତାରୋହୀ ରହିଛନ୍ତି। ଏମାନେ ହିମାଚଳ ପ୍ରଦେଶ ପ୍ରଦେଶରୁ ୨୧,୦୦୦ ଫୁଟ ଉଚ୍ଚତା ବିଶିଷ୍ଟ ୟୁନମ ପର୍ବତାରୋହଣ କରିବେ। ଶୁକ୍ରବାରଠାରୁ ଏହି ଯାତ୍ରା ଆରମ୍ଭ ହେବ। ଆସାର ସଭାପତି ତଥା ଓଡ଼ିଶାର ପ୍ରଥମ ପୁରୁଷ ଏଭରେଷ୍ଟ ଆରୋହଣକାରୀ ଗଣେଶ ଜେନା ଓ ଉପସଭାପତି ହରେଶ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସଙ୍କେତ କମ୍ୟୁନିକେସନର ଏମ୍‌ଡି ଶୁଭାଶିଷ ତ୍ରିପାଠୀର ସମସ୍ତ ପ୍ରକାର ସହଯୋଗରେ ଏହି ଯାତ୍ରା ସ୍ଥିର ହୋଇଛି। ଅଗଷ୍ଟ ୧୫ରେ ଦେଶ ୮୦ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛି। ଏହି ଦିନ ମାଉଣ୍ଟ ୟୁନମରେ ଏହି ଅଭିଯାତ୍ରୀ ଦଳ ୮୦ ଫୁଟର ଜାତୀୟ ପତାକା ଉତ୍ତୋଳନ କରିବାର ଲକ୍ଷ୍ୟ ରଖିଛନ୍ତି। ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଏହି ଅଭିଯାତ୍ରୀ ଦଳକୁ ଗୁରୁବାର ତାଙ୍କ ବାସଭବନରେ ଜାତୀୟ ପତାକା ହସ୍ତାନ୍ତର କରି ଶୁଭେଚ୍ଛା ଜଣାଇଛନ୍ତି। ଏଥିଲାଗି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆସାର ସଭାପତି ଗଣେଶ ଜେନାଙ୍କ ସହ ଶୁଭାଶିଷ ତ୍ରିପାଠୀ, ଆସାର ଉପସାଭପତି ହରେଶ ମିଶ୍ର, ଓଡ଼ିଶା ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ଶାସନ ସଚିବ ସୁଧାକର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଅଂଶଗ୍ରହଣକାରୀମାନେ ହେଲେ ଭୁବନେଶ୍ୱରର ଅନିତା ସ୍ୱାଇଁ ଓ ଶ୍ରୀୟାଶ୍ରୁତି ପାତ୍ର, ଢ଼େଙ୍କାନାଳର ପ୍ରଭାସିନୀ ବେହେରା, ସମ୍ବଲପୁରର ପ୍ରୀତି ପୋଢ଼, ଗଜପତିର ଆରାଧ୍ୟା ଜେନା, ଯାଜପୁରର ସଙ୍ଘମିତ୍ରା ଦଳାଇ, କଳାହାଣ୍ଡିର ଲିଲି ସାହୁ ଓ ଶ୍ରାବଣୀ ପ୍ରିୟଦର୍ଶିନୀ ଦାଶ, ଦେବଗଡର ପ୍ରଜ୍ଞାପାରମିତା ନାୟକ, ମୟୁରଭଞ୍ଜର ପିନାକିନୀ ସାହୁ ଓ ସୁବର୍ଣ୍ଣପୁରର ସୋନାଲି ଭୋଇ।

# ଇଂଲଣ୍ଡ ଟେଷ୍ଟ ଦଳକୁ ଫେରିଲେ କୁକ୍, ପୋପ୍

ଲଣ୍ଡନ,୬।୮ (ଏଜେନ୍ସି): ପାକିସ୍ତାନ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ଦୁଇଟି ମ୍ୟାଚ୍ ଲାଗି ଇଂଲଣ୍ଡ ଦଳ ଘୋଷଣା କରାଯାଇଛି। ଏହି ଦଳକୁ ସାମ୍ କୁକ୍, ଓଲି ପୋପ୍, ଡାନ ଲରେନ୍ସ ଓ ଜୋର୍ଡାନ କକ୍ସଙ୍କୁ ଫେରାଇ ଅଣାଯାଇଛି। ଜୋ ରୁଟ୍ ଦଳର ନେତୃତ୍ୱ ନେବେ ଓ ମାର୍କସ ଟ୍ରେସ୍କୋଥିକ କାମଚଳା କୋଚ୍ ରହିବେ। ବ୍ରେଣ୍ଡାନ ମ୍ୟାକକୁଲାମ ଓ ବେନ୍ ଷ୍ଟୋକ୍ସଙ୍କ ଯୋଡି ପରେ ପ୍ରଥମଥର ଇଂଲଣ୍ଡ ଟେଷ୍ଟ ସିରିଜ୍ ଖେଳିବାକୁ ଯାଉଛି। ହେଡିଂଲେରେ ସିରିଜ୍‌ର ପ୍ରଥମ ମ୍ୟାଚ୍ ଅଗଷ୍ଟ ୧୯ ରୁ ଖେଳାଯିବ।

**ଇଂଲଣ୍ଡ ଦଳ:** ଜୋ ରୁଟ୍ (ଅଧିନାୟକ), ଜୋଫ୍ରା ଆର୍ଚର, ଗସ୍ ଆଟକିନସନ, ଶୋଏବ ବସିର, ହ୍ୟାରୀ ବ୍ରୁକ୍, ବ୍ରାଇଡନ କାର୍ସ, ସାମ କୁକ୍, ଜୋର୍ଡାନ କକ୍ସ, ବେନ୍ ଡକେଟ, ମାଥ୍ୟୁ ଫିଶର, ଏମିଲିଓ ଗେ', ଡାନ୍ ଲରେନ୍ସ, ଓଲି ପୋପ୍, ଜାମି ସ୍ମିଥ, ଜୋଶ ଟଙ୍ଗ୍।

# ପଦକ ବିଜୟିନୀ ଆନିକାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୬।୮ (ସମିସ): ଜର୍ଜିଆରେ ଆୟୋଜିତ ବତୁମି ଓପନ ଅନ୍ତର୍ଜାତୀୟ ଉଷୁ ପ୍ରତିଯୋଗିତାରେ ଓଡ଼ିଆ ଝିଅ ଆନିକା ପଟ୍ଟନାୟକ ରୌପ୍ୟ ଓ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଆନିକା ଉପ କନିଷ୍ଠ ବାଳିକା ୱିପୋନରେ ରୌପ୍ୟ ଓ ୱିଙ୍ଗ ଚୁନ୍ ବର୍ଗରେ କାଂସ୍ୟ ପଦକ ଜିତିଥିଲେ। ଆନିକା ଏକମାତ୍ର ଓଡ଼ିଆ ଭାବେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରି ଏହି କୃତିତ୍ୱ ହାସଲ କରିଥିଲେ। ଅନ୍ତର୍ଜାତୀୟସ୍ତରରେ ଏହି ସଫଳତା ଲାଗି ଆନିକାଙ୍କୁ ଗୁରୁବାର ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କଳିଙ୍ଗ ଷ୍ଟାଡ଼ିୟମରେ କ୍ରୀଡ଼ା ସଚିବ ଭୂପେନ୍ଦ୍ର ସିଂହ ପୁନିଆ ସଫଳତା ଲାଗି ଆନିକାଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବିଜୟ ସ୍ୱାଇଁ , ଓଡ଼ିଶା ଉଷୁ ସଂଘ ସଭାପତି ଡ. ବିଷ୍ଣୁ ମୋହନ ମହାନ୍ତି,ସାଧାରଣ ସମ୍ପାଦକ ଇଂ ଯୁବରାଜ ହରିଚନ୍ଦନ, ଉପ ସଭାପତି ବିକାଶ ଚନ୍ଦ୍ର ପଟ୍ଟନାୟକ , ପ୍ରଦ୍ୟୁମ୍ନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




**● ୮ରୁ ଜୟନ୍ତ ମେମୋରିଆଲ୍ ଆନ୍ତଃସ୍କୁଲ ଫୁଟ୍‌ବଲ**


# ଚାମ୍ପିଅନ ଦଳକୁ ମିଳିବ ଏକ ଲକ୍ଷ ଟଙ୍କା

ଭୁବନେଶ୍ୱର, ୬।୮ (ସମିସ): ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ ୟୁନିଟ-୬ ଆଥଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ଜୟନ୍ତ ମେମୋରିଆଲ ଆନ୍ତଃସ୍କୁଲ ଫୁଟବଲ ପ୍ରତିଯୋଗିତାର ୩୫ତମ ସଂସ୍କରଣ ଚଳିତ ମାସ ୮ରୁ ଆରମ୍ଭ ହେବ। ୟୁନିଟ-୧ ଫୁଟବଲ ଏକାଡେମୀ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଏଥର ମୋଟ୍ ୧୬ଟି ଦଳ ଅଂଶଗ୍ରହଣ କରିବେ। ମଦର୍ସ ପବ୍ଲିକ ସ୍କୁଲ ଓ ବିକାଶ ରେସିଡେନ୍ସିଆଲ ସ୍କୁଲ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ଅନ୍ୟ ଅଂଶଗ୍ରହଣକାରୀ ଦଳଗୁଡ଼ିକ ହେଲା ୟୁନିଟ-୩ ସରକାରୀ ଉଚ୍ଚ ବିଦ୍ୟାଳୟ, ୟୁନିଟ-୧ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ସାଇ ଇଣ୍ଟରନାସନାଲ, କିଟ, କିସ୍, ଓଡିଏମ ପବ୍ଲିକ ସ୍କୁଲ, ଓଡିଏମ ଗ୍ଲୋବାଲ, ବିଜେଇଏମ, ବିକାଶ ଗ୍ଲୋବାଲ ସ୍କୁଲ, ତପୋବନ ହାଇସ୍କୁଲ, ଲୟଲା ଓଡିଆ ମାଧ୍ୟମ ବିଦ୍ୟାଳୟ, ଡିଏଭି ପୋଖରୀପୁଟ, ପଳାଶୁଣି ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ। ନାରାୟଣ ଆବାସିକ ବିଦ୍ୟାଳୟ ଚଳିତ ବର୍ଷ ନୂତନ ଦଳ ଭାବେ ଅଂଶଗ୍ରହଣ କରିବ। ସେହିଭଳି ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ଦଳକୁ ଟ୍ରଫି ସହ ଏକ ଲକ୍ଷ ଟଙ୍କା ଏବଂ ରନର୍ସଅପ୍ ଦଳକୁ ୫୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ସମ୍ପାଦକ ଦିଲୀପ କୁମାର ଦାସ ସୂଚନା ଦେଇଛନ୍ତି।

# ପାରା କ୍ରୀଡ଼ାବିତ୍ ଗୌତମ ସାଜିଛନ୍ତି ସ୍ୱାବଲମ୍ବନର ଉଦାହରଣ

ଭୁବନେଶ୍ୱର, ୬।୮ (ସମିସ)

୧୫ ବର୍ଷ ବୟସରେ ସ୍କୁଲ କ୍ରିକେଟ୍ ମ୍ୟାଚ୍ ଖେଳୁଥିବାବେଳେ ୨୦୧୪ରେ ଅପ୍ରତ୍ୟାଶିତ ଭାବରେ ଜୀବନ ବଦଳି ଯାଇଥିଲା। ମେରୁଦଣ୍ଡରେ ଆଘାତ ଲାଗିବାରୁ ଆଂଶିକ ଭାବେ ପାରାଲାଇଜ ହୋଇଯାଇଥିଲେ। କିନ୍ତୁ ଏହି ଆଘାତରେ ଭାଙ୍ଗି ଯାଇ ନ ଥିଲେ। ଦୃଢ଼ ଇଚ୍ଛାଶକ୍ତି ବଳରେ ତାଙ୍କର କ୍ରୀଡ଼ା ଯାତ୍ରାକୁ ଆଗକୁ ବଢ଼ାଇ ଆଜି ଗୋଟିଏ ପରେ ଗୋଟିଏ ଏକାଧିକ ସଫଳତାର ପାହାଚ ଚଢ଼ି ଆଗକୁ ବଢ଼ିଛନ୍ତି। ସେ ହେଉଛନ୍ତି ପାରା କ୍ରୀଡ଼ାବିତ୍ ଗୌତମ ସିଂ। ୨୦୨୪ରେ ପାରା ହ୍ୱିଲ ଚେୟାର ରଗବୀରେ ସ୍ୱର୍ଣ୍ଣ ବିଜୟୀ ଓଡ଼ିଶା ଦଳରେ ଗୌତମ ପ୍ରମୁଖ ସଦସ୍ୟ ରହିଥିଲେ। ଫଳରେ ତାଙ୍କୁ ଜାତୀୟ କ୍ୟାମ୍ପରେ ସୁଯୋଗ ମିଳିଥିଲା। ସେହିଭଳି ଗତବର୍ଷ ଖେଲୋ ଇଣ୍ଡିଆ ପାରା



କ୍ରୀଡ଼ାରେ ଗୌତମ ଟେବୁଲ ଟେନିସରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଏହି ସଫଳତା ପାଇବାରେ ସେ ରାଜ୍ୟର ପ୍ରଥମ ପାରା କ୍ରୀଡ଼ାବିତ୍ ହୋଇଥିଲେ। ଏକାଧିକ ସଫଳତା ସତ୍ତ୍ୱେ ଗୌତମ ନିଜେ ସ୍ୱାଧୀନ ଭାବରେ ରୋଜଗାର କରି ଆଜି ସ୍ୱାବଲମ୍ବନର ଉଦାହରଣ ସାଜିଛନ୍ତି। ଗତ କିଛି ବର୍ଷ ଧରି ସେ ଜୋମାଟୋ ଡେଲିଭରୀ ପାର୍ଟନର ଭାବେ କାମ କରି ରୋଜଗାର କରୁଛନ୍ତି। ପ୍ରତିଦିନ ସନ୍ଧ୍ୟା ୫ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଗୌତମ ଡେଲିଭରୀ କାମ କରୁଛନ୍ତି। ଏଥିରୁ ରୋଜଗାର ହେଉଥିବା ଅର୍ଥରେ ପରିବାରର ଦୈନନ୍ଦିନ ଖର୍ଚ୍ଚ ଉଠାଇବା ସହିତ ତାଲିମ ଲାଗି ମଧ୍ୟ ବିନିଯୋଗ କରୁଛନ୍ତି। ଜୀବନ ଯାତ୍ରାରେ କ୍ରୀଡ଼ା ସହ ସ୍ୱାବଲମ୍ବନ ଲାଗି ଗୌତମଙ୍କ ଏହି ଅନନ୍ୟ ସଂଘର୍ଷ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି।

# ମେସିଙ୍କ ଡବଲ୍ ଗୋଲ୍‌ରେ ଜିତିଲା ଇଣ୍ଟର ମିଆମି

ମିଆମି,୬।୮ (ଏଜେନ୍ସି): ଏଠାରେ ଚାଲିଥିବା ଲିଗ୍ କପ୍‌ରେ ସୁପରଷ୍ଟାର ଲିଓନେଲ ମେସିଙ୍କ ଟିମ୍ ଇଣ୍ଟର ମିଆମି ୪-୨ ଗୋଲରେ ଆଟଲେଟିକୋ ସାନ ଲୁଇସକୁ ପରାସ୍ତ କରିଛି। ବିଶ୍ୱକପ୍ ପରେ ମେସି ଫୁଟବଲ ଖେଳିଥିଲେ ମଧ ଏହି ମ୍ୟାଚ୍‌ରେ ପ୍ରଥମଥର ଗୋଲ ସ୍କୋର କରିଥିଲେ। ସେ ଖେଳର ୧୪ତମ ଓ ୪୪ତମ ମିନିଟ୍‌ରେ ୨ଟି ଗୋଲ ଦେବାରେ ସଫଳ ହୋଇଥିଲେ। ଫଳରେ ୧୨ଟି ଲିଗ୍ କପ୍ ମ୍ୟାଚରେ ଏହା ତାଙ୍କର ୧୪ତମ ଗୋଲ୍ ଥିଲା। ଗତ ୪ ବର୍ଷରେ ଏହା ସର୍ବାଧିକ। ତାଙ୍କ ପଛକୁ ଲସ୍ ଏଞ୍ଜେଲ୍ସ ଏଫ୍‌ସିର ଡେନିସ ବୌଙ୍ଗା ୧୩ଟି ଗୋଲ ସ୍କୋର କରିଥିଲେ। ଉଲ୍ଲେଖଯୋଗ୍ୟ, ନିକଟରେ ଶେଷ ହୋଇଥିବା ଫିଫା ବିଶ୍ୱକପ୍ ଫାଇନାଲରେ ସ୍ପେନ ନିକଟରୁ ହାରି ମେସିଙ୍କ ଦଳ ଆର୍ଜେଣ୍ଟିନା ରନର୍ସଅପ୍ ହୋଇଥିଲା।



**ଜାତୀୟ ଜୁନିଅର ପୁରୁଷ ହକି**

# ପଞ୍ଜାବକୁ ହରାଇ ଫାଇନାଲରେ ଓଡ଼ିଶା



ଭୁବନେଶ୍ୱର, ୬।୮ (ସମିସ)

ତାମିଲନାଡୁର କୋଏମ୍ବାଟୁରରେ ଚାଲିଥିବା ଜାତୀୟ ଜୁନିଅର ପୁରୁଷ ହକି ଚାମ୍ପିଅନସିପ୍‌ର ୧୬ତମ ସଂସ୍କରଣରେ ଓଡ଼ିଶା ଦଳ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ହାଇସ୍କୋରିଂ ସେମିଫାଇନାଲ ମୁକାବିଲାରେ ଓଡ଼ିଶା ୬-୪ ଗୋଲ୍‌ରେ ଟାଇଟଲ୍ ଦାବିଦାର ପଞ୍ଜାବକୁ ହରାଇଦେଇଛି। ବିଜୟୀ ଓଡ଼ିଶା ପକ୍ଷରୁ ବିଲ୍‌କାନ ଓରାମ ଚମତ୍କାର ପ୍ରଦର୍ଶନ କରି ହ୍ୟାଟ୍ରିକ ଗୋଲ୍‌ସ୍କୋର କରିଥିଲେ। ସେ ମ୍ୟାଚର ୨୮ତମ, ୪୧ତମ ଓ ୫୨ତମ ମିନିଟରେ ଏହି ୩ଟି ଗୋଲ୍ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲୋକ କୁଜୁର (୧୧ତମ ମିନିଟ୍), ଦୀପକ ପ୍ରଧାନ (୩୭ତମ) ଓ ଅମିତ କିରୋ (୫୯ତମ)ଙ୍କ ଷ୍ଟିକ୍ସରୁ ଗୋଟିଏ ଲେଖାଏ ଗୋଲ୍ ବାହାରିଥିଲା। ଅପରପକ୍ଷରେ ପ୍ରଥମ ୮ ମିନିଟରେ ଦୁଇଟି ଗୋଲ୍ ଦେଇ ଅଗ୍ରଣୀ ରହିଥିବା ପଞ୍ଜାବକୁ ଶେଷରେ ପରାଜୟବରଣ କରିବାକୁ ପଡ଼ିଥିଲା। ଶୁକ୍ରବାର ଟାଇଟଲ୍ ମୁକାବିଲାରରେ ମଧ୍ୟପ୍ରଦେଶକୁ ଭେଟିବ ଓଡ଼ିଶା। ଅନ୍ୟ ସେମିଫାଇନାଲରେ ମଧ୍ୟପ୍ରଦେଶ ଦଳ ୨-୦ ଗୋଲ୍‌ରେ ଝାଡ଼ଖଣ୍ଡକୁ ହରାଇ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛି। ଏହି ମ୍ୟାଚର ଶେଷ ୪ ମିନିଟରେ ଦୁଇଟି ଗୋଲ୍ ଦେଇ ମଧ୍ୟପ୍ରଦେଶ ମ୍ୟାଚକୁ ହାତେଇ ନେଇଥିଲା। ଅପରପକ୍ଷରେ ସେମିଫାଇନାଲରେ ଦୁଇ ପରାଜିତ ଦଳ ପଞ୍ଜାବ ଓ ଝାଡ଼ଖଣ୍ଡ ମଧ୍ୟରେ ମଧ୍ୟ ଶୁକ୍ରବାର କାଂସ୍ୟ ପଦକ ଲାଗି ଲଢ଼େଇ ହେବ।

**■ ଏସିଆ କପ୍ କନିଷ୍ଠ ମହିଳା ହକି**

# ଭାରତୀୟ ଦଳରେ ୪ ଓଡ଼ିଆ

କଲମ୍ବୋ,୬।୮ (ଏଜେନ୍ସି): ଚୀନ୍‌ର ମୋକିଠାରେ ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୧୩ ତାରିଖଯାଏ ଏସିଆ କପ୍ କନିଷ୍ଠ ମହିଳା ହକି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଲାଗି କାଇଦେମ ଏସ୍ ଚାନୁଙ୍କ ନେତୃତ୍ୱରେ ଗୁରୁବାର ୧୮ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ୪ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଗୋଲରକ୍ଷକ ଆଞ୍ଜେଲ ହର୍ଷାରାଣୀ ମିଞ୍ଜ୍, ଡିଫେଣ୍ଡର ପୂଜା ସାହୁ, ସୁପ୍ରିୟା ଓ ମିଡ୍‌ଫିଲ୍ଡର ତନୁଜା ଟପ୍ପୋ। ଟିମ୍ ହ୍ୱାଇଟ୍‌ଙ୍କ ପ୍ରଶିକ୍ଷଣରେ ଦଳ ଉନ୍ନତ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି। ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଦଳ ୟୁରୋପ ଗସ୍ତରେ ଯାଇ ଇଂଲଣ୍ଡ, ସ୍କଟଲାଣ୍ଡ, ବେଲଜିୟମ୍ ଓ ଆମେରିକା ସହ ୭ଟି ଅଭ୍ୟାସ ମ୍ୟାଚ୍ ଖେଳି ବେଶ ଅଭିଜ୍ଞତା ହାସଲ କରିଛି।

**ଚେସ୍ ଅଲିମ୍ପିଆଡ୍ ସେପ୍ଟେମ୍ବର ୧୫ରୁ**

# ଭାରତ ମହିଳା ଟପ୍, ପୁରୁଷ ଦ୍ୱିତୀୟ ସିଡ୍

ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ଚେସ୍ ଖେଳର ଅନ୍ୟତମ ଶ୍ରେଷ୍ଠ ପ୍ରତିଯୋଗିତା ଚେସ୍ ଅଲିମ୍ପିଆଡ ଚଳିତବର୍ଷ ସମରକନ୍ଦରେ ସେପ୍ଟେମ୍ବର ୧୫ରୁ ୨୮ ଯାଏ ଖେଳାଯିବ। ଏହି ପ୍ରତିଯୋଗିତାର ଉଭୟ ବିଭାଗରେ ଭାରତ ଡିଫେଣ୍ଡିଂ ଚାମ୍ପିଅନ ରହିଛି। ଏଥର ଅଂଶଗ୍ରହଣ କରିଥିବା ଖେଳାଳିଙ୍କୁ ନେଇ ପୁରୁଷ ବିଭାଗରେ ଆମେରିକା ଟପ୍ ଓ ଭାରତ ଦ୍ୱିତୀୟ ସିଡ୍‌ର ମାନ୍ୟତା ପାଇଛି। କିନ୍ତୁ ମହିଳା ଦଳକୁ ଟପ୍ ସିଡ୍ ମିଳିଛି। ମହିଳା ଦଳରେ କୋନେରୁ ହମ୍ପି, ଦିବ୍ୟା ଦେଶମୁଖ, ଆର୍ ବୈଶାଳୀ, ଭଂଟିକା ଅଗରୱାଲଓ ବି. ସବିତା ଶ୍ରୀ ଖେଳିବେ। ମହିଳାମାନେ ଖେଳିପାରୁଥିବା ଓପନ (ପୁରୁଷ) ବିଭାଗରେ ଡି ଗୁକେଶ, ଆର୍ ପ୍ରଜ୍ଞାନନ୍ଦ, ଅର୍ଜୁନ ଏରିଗାଏସି, ନିହାଲ ସରିନ୍ ଓ ବିଦିଥ ଗୁଜରାଟୀ ଟାଇଟଲ ବଜାୟ ରଖିବାକୁ ଚେଷ୍ଟା କରିବେ। ଗତଥର ଖେଳିଥିବା ଡି ହାରିକା, ତାନିଆ ସଚଦେବା ଓ ପୁରୁଷ ବିଭାଗରେ ପି ହରିକ୍ରିଷ୍ଣାଙ୍କୁ ଏଥର ସ୍ଥାନ ମିଳିନାହିଁ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS